# ଧରିତ୍ରୀ DHARITRI

ଭୁବନେଶ୍ୱର, ବୁଧବାର, ଫେବୃଆରୀ ୨୮/୨୦୨୪ (୨୦ ପୃଷ୍ଠା) Bhubaneswar, Wednesday, February 28/2024 Page 20 ₹ 7.00

୫୦ଶ ଭାଗ ୯୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 96 ମୂଲ୍ୟ ₹୭/-





ଧରିତ୍ରୀ
DHARITRI
ଧରିତ୍ରୀ 50 Years
ଭୁବନେଶ୍ୱର, ବୁଧବାର, ଫେବୃଆରୀ ୨୮/୨୦୨୪
Bhubaneswar, Wednesday, February 28/2024

# ପାଠ୍ୟକ୍ରମ ବାହାରୁ ପ୍ରଶ୍ନ: ତ୍ରୁଟି ମାନିଲା ପରିଷଦ

# ପିଲାଙ୍କୁ ମିଳିବ ଗ୍ରେସ୍ ମାର୍କ



ଭୁବନେଶ୍ୱର, ୨୭।୨
(ଅସମାପିକା ସାହୁ)

ସମ୍ପ୍ରତି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍ଏସ୍ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ ପରୀକ୍ଷା ଚାଲିଛି। ଏଥିରେ ବିଜ୍ଞାନ ବିଭାଗର ଫିଜିକ୍ସ (ପଦାର୍ଥ ବିଜ୍ଞାନ) ପରୀକ୍ଷା ପ୍ରଶ୍ନପତ୍ରରେ ତ୍ରୁଟି ରହିଥିବା ଅଭିଯୋଗ ଆସିଥିଲା। ସିଲାବସ୍ ବାହାରୁ ପ୍ରଶ୍ନ ଆସିଥିବା ଛାତ୍ରୀଛାତ୍ର ଅଭିଯୋଗ କରିଥିଲେ। କିନ୍ତୁ ସିଲାବସ୍ ବାହାରୁ ନୁହେଁ, ଚଏସ୍ ଡେଫିସିଟ୍ ଥିଲା ବୋଲି କର୍ତ୍ତୃପକ୍ଷ କହିଛନ୍ତି। ଏହି ଅଭିଯୋଗକୁ ନେଇ ପରିଷଦ ମଙ୍ଗଳବାର ସ୍ପଷ୍ଟୀକରଣ ଦେଇଛି। ଯେଉଁମାନେ ସେସବୁ ପ୍ରଶ୍ନ ଆଟେମ୍ପ୍ଟ କରିଥିବେ ସେମାନଙ୍କୁ ଗ୍ରେସ୍ ମାର୍କ ମିଳିବ ବୋଲି ପରିଷଦ କହିଛି।

ଏ ସମ୍ପର୍କରେ ପରୀକ୍ଷା ନିୟନ୍ତ୍ରକ ଆଶୋକ ନାୟକ କହିଛନ୍ତି, ଆଉଟ ଅଫ୍ ସିଲାବସ୍ ନୁହେଁ, ଚଏସ୍ ଡେଫିସିଟ୍ ରହିଥିଲା। ରେଗୁଲାର ଓ ଏକ୍ସ ରେଗୁଲାର ସିଲାବସ୍‌କୁ ନେଇ ପ୍ରଶ୍ନ ପ୍ରସ୍ତୁତ ହୋଇଥିଲା। କେବଳ ରେଗୁଲାର ପିଲାଙ୍କ ପ୍ରଶ୍ନରେ ମୋଟ ୧୯ ନମ୍ବର ଚଏସ୍ ଡେଫିସିଟ୍ ରହିଛି। ଯେଉଁ ପିଲା ଏସବୁ ପ୍ରଶ୍ନ ଆଟେମ୍ପଟ ନେଇଥିବେ ସେମାନେ ଗ୍ରେସ୍ ମାର୍କ ପାଇବେ। ପ୍ରଶ୍ନ ଆଟେମ୍ପଟ ନେଇ ନ ଥିଲେ ପିଲାଙ୍କୁ ଗ୍ରେସ୍ ମାର୍କ ମିଳିବ ନାହିଁ। ଯେତିକି ଚଏସ୍ ଡେଫିସିଟ ପ୍ରଶ୍ନ ଆଟେମ୍ପଟ ନେଇଥିବେ ତାହାର ପୂରା ମାର୍କ ପାଇବେ। ତେଣୁ ସବୁ ପିଲାଙ୍କୁ ସମାନ ଗ୍ରେସ୍ ମାର୍କ ମିଳିବ ନାହିଁ। ସେ ଆହୁରି ମଧ୍ୟ କହିଛନ୍ତି, କେବଳ ଗୋଟିଏ ପ୍ରଶ୍ନ ରେଗୁଲାର ପିଲାଙ୍କ ସିଲାବସ୍‌କୁ କଭର କରିନାହିଁ। ସେହି ଏକ ମାର୍କ ପିଲା ନିଶ୍ଚିତ ପାଇବେ। କେଉଁଠି ତ୍ରୁଟି ରହିଲା, ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ। ଖୁବ୍ ଶୀଘ୍ର ଏକ୍ସପର୍ଟ କମିଟି ବସି ନିଷ୍ପତ୍ତି ନେବ ବୋଲି ପରୀକ୍ଷା ନିୟନ୍ତ୍ରକ ସୂଚନା ଦେଇଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ, ଯୁକ୍ତ୨ ପରୀକ୍ଷା ଚାଲୁଥିବାବେଳେ ☞ପୃଷ୍ଠା-୧୧

## ମେ' ୧୫ ଭିତରେ ଯୁକ୍ତ୨ ପରୀକ୍ଷାଫଳ

ଭୁବନେଶ୍ୱର, ୨୭।୨
(ଅସମାପିକା ସାହୁ)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍ଏସ୍ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ ପରୀକ୍ଷା ଫଳ ମେ' ୧୫ ତାରିଖ ଭିତରେ ପ୍ରକାଶ ପାଇପାରେ। ଚଳିତ ବର୍ଷ ଗୋଟିଏ ଦିନରେ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ରେଜଲ୍ଟ ପ୍ରକାଶ ପାଇବ। ଏ ନେଇ ମଙ୍ଗଳବାର ସିଏଚ୍ଏସ୍ଇ ପରୀକ୍ଷା ନିୟନ୍ତ୍ରକ ଅଶୋକ ନାୟକ ସୂଚନା ଦେଇଛନ୍ତି। ନିର୍ବାଚନକୁ ଦୃଷ୍ଟିରେ ରଖି ମେ' ୧୫ ତାରିଖ ଭିତରେ ରେଜଲ୍ଟ ବାହାର କରାଯିବ ବୋଲି ପରୀକ୍ଷା ନିୟନ୍ତ୍ରକ କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ମାର୍ଚ୍ଚ ୨୦ ତାରିଖରେ ଯୁକ୍ତ୨ ଛାତ୍ରୀଛାତ୍ରଙ୍କ ପରୀକ୍ଷା ଶେଷ ହେବ। ପରୀକ୍ଷା ସରିବାର ଦୁଇଦିନ ପରେ ଅର୍ଥାତ୍ ମାର୍ଚ୍ଚ ୨୨ ତାରିଖରୁ ଖାତା ଦେଖା ଆରମ୍ଭ ହେବ। ଦୁଇଟି ପର୍ଯ୍ୟାୟରେ ଖାତା ଦେଖା ହେବ। ମାର୍ଚ୍ଚ ୨୨ରୁ ଏପ୍ରିଲ ୨ ତାରିଖ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ମୂଲ୍ୟାୟନ କରାଯିବ। ସେହିପରି ଏପ୍ରିଲ ୪ରୁ ୧୫ ତାରିଖ ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟ ମୂଲ୍ୟାୟନ ହେବ। ସବୁବର୍ଷ ପରି ଚଳିତବର୍ଷ ମଧ୍ୟ ଅନ୍‌ଲାଇନ ଓ ଅଫ୍‌ଲାଇନରେ ଖାତାଦେଖା ହେବ। କଳା, ବିଜ୍ଞାନ ଓ ବାଣିଜ୍ୟ ଖାତାଦେଖା ଅନ୍‌ଲାଇନରେ ହେବ। ଧନ୍ଦାମୂଳକ ଶିକ୍ଷାର ମୂଲ୍ୟାୟନ ଅଫ୍‌ଲାଇନରେ କରାଯିବ। ଚଳିତ ବର୍ଷ ଖାତା ଦେଖାରେ ପ୍ରାୟ ୧୫ ହଜାର ଅଧ୍ୟାପିକା ଅଧ୍ୟାପକ ସାମିଲ ହେବେ ବୋଲି ସିଏଚ୍ଏସ୍ଇ ପରୀକ୍ଷା ନିୟନ୍ତ୍ରକ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଗତ ୧୬ ତାରିଖରୁ ଯୁକ୍ତ୨ ପରୀକ୍ଷା ଆରମ୍ଭ ହୋଇଛି। ଚଳିତ ବର୍ଷ ୩ ଲକ୍ଷ ୮୬ହଜାର ୨୫୦ ଛାତ୍ରୀଛାତ୍ର ପରୀକ୍ଷା ଦେଉଛନ୍ତି।

# ହିମାଚଳ: କଂଗ୍ରେସକୁ କ୍ରସ୍ ଭୋଟିଂ କାଳ

ନୂଆଦିଲ୍ଲୀ,୨୭।୨



ହର୍ଷ ମହାଜନ



ଅଭିଷେକ ମନୁ ସିଂଘଭି

### ରାଜ୍ୟ ସଭା ନିର୍ବାଚନ

- ୧୫ରୁ ୧୦ରେ ଭାଜପା
- ୟୁପିରେ ଏସ୍‌ପିକୁ ୨ ଆସନ
- କର୍ଣ୍ଣାଟକରେ କଂଗ୍ରେସ ୩

ଉତ୍ତରପ୍ରଦେଶ, କର୍ଣ୍ଣାଟକ ଏବଂ ହିମାଚଳପ୍ରଦେଶରୁ ମୋଟ ୧୫ ଆସନ ପାଇଁ ନିର୍ବାଚନ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଉତ୍ତରପ୍ରଦେଶର ୧୦ଟି ଆସନରୁ ଭାଜପା ୮ଟିରେ ବିଜୟୀ ହୋଇଥିବାବେଳେ ସମାଜବାଦୀ ପାର୍ଟିକୁ ୨ଟି ଆସନ ମିଳିଛି। ସେହିପରି କର୍ଣ୍ଣାଟକରେ କଂଗ୍ରେସ ୩ଟି ଆସନରେ ବିଜୟୀ ହୋଇଥିବାବେଳେ ଭାଜପା ଗୋଟିଏ ଆସନ ଜିତିଛି। ଅନ୍ୟପକ୍ଷରେ ହିମାଚଳପ୍ରଦେଶରେ ସଂଖ୍ୟାଗରିଷ୍ଠତା ସତ୍ତ୍ୱେ କଂଗ୍ରେସ ପ୍ରାର୍ଥୀ ହାରିଯାଇଛନ୍ତି। ସେଠାରେ କଂଗ୍ରେସ ବିଧାୟକଙ୍କ କ୍ରସ୍ ଭୋଟିଂ ଯୋଗୁ ଭାଜପା ପ୍ରାର୍ଥୀ ହର୍ଷ ମହାଜନ ବିଜୟୀ ହୋଇଛନ୍ତି।

କର୍ଣ୍ଣାଟକରେ ୪ ରାଜ୍ୟ ସଭା ଆସନ ପାଇଁ ହୋଇଥିବା ନିର୍ବାଚନରେ ଶାସକ କଂଗ୍ରେସ ୩ ଆସନରେ ଜିତିଥିବାବେଳେ ଭାଜପାକୁ ଗୋଟିଏ ଆସନ ମିଳିଛି। କଂଗ୍ରେସରୁ ଅଜୟ ମାକେନ, ଜି.ସି. ଚନ୍ଦ୍ରଶେଖର ଏବଂ ସୟେଦ ନସୀର ହୁସେନ୍ ଉଚ୍ଚ ସଦନକୁ ନିର୍ବାଚିତ ହୋଇଥିବାବେଳେ ଭାଜପାରୁ ନାରାୟଣ କେ. ଭନ୍ଦାଗେ ଜିତିଛନ୍ତି। ୪ ଆସନ ପାଇଁ ପ୍ରତିଦ୍ୱନ୍ଦ୍ୱିତାରେ ୫ ପ୍ରାର୍ଥୀ ରହିଥିଲେ। ଜେଡିଏସ୍‌ରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଡି. କୁପେନ୍ଦ୍ର ରେଡ୍ଡୀ ହାରିଯାଇଛନ୍ତି। ମାକେନ୍‌ଙ୍କୁ ୪୭ ଭୋଟ ମିଳିଥିବାବେଳେ ଚନ୍ଦ୍ରଶେଖର ଏବଂ ହୁସେନ୍‌ଙ୍କୁ ୪୬ଟି ଲେଖାଏ ଭୋଟ ମିଳିଥିଲା। ନିର୍ବାଚନରେ କ୍ରସ ଭୋଟିଂ ହୋଇଥିବା ଜଣାପଡ଼ିଛି। ଭାଜପା ବିଧାୟକ ଏସ୍.ଟି. ସୋମଶେଖର କଂଗ୍ରେସ ପ୍ରାର୍ଥୀ ମାକେନ୍‌ଙ୍କୁ ଭୋଟ ଦେଇଥିଲେ। ଅନ୍ୟତମ ଭାଜପା ବିଧାୟକ ଏ. ଶିବରାମ ହେବ୍ବର ଭୋଟ ବେଳେ ଅନୁପସ୍ଥିତ ରହିଥିଲେ। ଦକ୍ଷିଣ ଭାରତୀୟ ରାଜ୍ୟରେ ଦଳୀୟ ବିଧାୟକଙ୍କ କ୍ରସ୍ ଭୋଟିଂ ଭାଜପା ପାଇଁ ଶକ୍ତ ଧକ୍କା ହୋଇଛି। କର୍ଣ୍ଣାଟକରେ ରାଜ୍ୟ ସଭା ପାଇଁ ଅନୁଷ୍ଠିତ ନିର୍ବାଚନରେ କଂଗ୍ରେସର ବିଜୟ ନୀତି, ଆଦର୍ଶ, ଗଣତନ୍ତ୍ର ଓ ନୈତିକତାର ବିଜୟ ବୋଲି ଦଳର ସାଧାରଣ ସମ୍ପାଦକ ☞ପୃଷ୍ଠା-୧୧

**ଆଜିର ସମ୍ପାଦକୀୟ**

## ଫାଇଟର ପରେ ଆର୍ଟିକଲ୍ ୩୭୦

DSPL-738

ଓଡ଼ିଶା ସରକାର
ଆମ ଓଡ଼ିଶା ନବୀନ ଓଡ଼ିଶା

ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ
ଦ୍ୱାରା
ଜିଲ୍ଲା ବିଜ୍ଞାନ କେନ୍ଦ୍ର ଓ ପ୍ଲାନେଟାରିୟମ୍‌ର

ଲୋକାର୍ପଣ
- ଜିଲ୍ଲା ବିଜ୍ଞାନ କେନ୍ଦ୍ର, ଜୟପୁର, କୋରାପୁଟ
- ପ୍ଲାନେଟାରିୟମ, ରାୟଗଡ
- ଜିଲ୍ଲା ବିଜ୍ଞାନ କେନ୍ଦ୍ର ଓ ପ୍ଲାନେଟାରିୟମ, ଘଟଗାଁ, କେନ୍ଦୁଝର
- ଜିଲ୍ଲା ବିଜ୍ଞାନ କେନ୍ଦ୍ର ଓ ପ୍ଲାନେଟାରିୟମ, ବାରିପଦା, ମୟୂରଭଞ୍ଜ

ଏବଂ

ଭିତ୍ତିପ୍ରସ୍ତର ସ୍ଥାପନ
- ଜିଲ୍ଲା ବିଜ୍ଞାନ କେନ୍ଦ୍ର - କଳାହାଣ୍ଡି
- ଜିଲ୍ଲା ବିଜ୍ଞାନ କେନ୍ଦ୍ର - ବୌଦ୍ଧ
- ଜିଲ୍ଲା ବିଜ୍ଞାନ କେନ୍ଦ୍ର - କେନ୍ଦ୍ରାପଡା
- ଜିଲ୍ଲା ବିଜ୍ଞାନ କେନ୍ଦ୍ର - ଝାରସୁଗୁଡା
- ଜିଲ୍ଲା ବିଜ୍ଞାନ କେନ୍ଦ୍ର - ଗଜପତି
- ଜିଲ୍ଲା ବିଜ୍ଞାନ କେନ୍ଦ୍ର - ନୂଆପଡା
- ଜିଲ୍ଲା ବିଜ୍ଞାନ କେନ୍ଦ୍ର - ଜଗତସିଂହପୁର

୨୮ ଫେବୃୟାରୀ ୨୦୨୪




ବିଜ୍ଞାନ ଦୃଶ୍ୟପଟ୍ଟର ପରିବର୍ତ୍ତନ | ବୈଜ୍ଞାନିକ ଚିନ୍ତାଧାରାର ସୁଦୃଢ଼ୀକରଣ
ବିଜ୍ଞାନ ଓ ବୈଷୟିକ ବିଭାଗ, ଓଡ଼ିଶା ସରକାର
OIPR-28001/13/0010/2324

# ଧରିତ୍ରୀ DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ବୁଧବାର, ଫେବୃଆରୀ ୨୮/୨୦୨୪ Bhubaneswar, Wednesday, February 28/2024


# ବିନା ସୁଧରେ ୧୦ ଲକ୍ଷ ଋଣ



ଭୁବନେଶ୍ୱର,୨୭।୨(ଅନିଲ ଦାସ)

## ଆହୁରି ସଶକ୍ତ ହେବ ମିଶନ ଶକ୍ତି

- ୫ ବର୍ଷରେ ୭୫ ହଜାର କୋଟି ଋଣ ଯୋଗାଇ ଦିଆଯିବ
- ୫ ହଜାର ମିଶନ ଶକ୍ତି ବଜାର, ରିଟେଲ ଆଉଟଲେଟ ଖୋଲିବ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଓଡ଼ିଶାର ୭୦ ଲକ୍ଷ ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍ଏଚ୍ଜି) ସଦସ୍ୟାଙ୍କ ପାଇଁ ବିନା ସୁଧରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମିଶନ ଶକ୍ତି ଋଣ ବ୍ୟବସ୍ଥାର ଶୁଭାରମ୍ଭ କରିଛନ୍ତି। ଏଥିସହିତ ମିଶନ ଶକ୍ତିକୁ ଆହୁରି ସଶକ୍ତ କରିବା ଉଦ୍ଦେଶ୍ୟରେ ସଦସ୍ୟାଙ୍କ ପାଇଁ ୟୁନିଫର୍ମ ଓ ବ୍ଲେଜର ସହାୟତା ଏବଂ ୧୪୫ କୋଟି ଟଙ୍କାର ସୁଧ ଫେରସ୍ତ ବ୍ୟବସ୍ଥାର ମଧ୍ୟ ଶୁଭାରମ୍ଭ କରିଛନ୍ତି।

ଲୋକସେବା ଭବନ କନ୍ଭେନଶନ ସେଣ୍ଟରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ମିଶନ ଶକ୍ତି ମୋର ସବୁଠାରୁ ପ୍ରିୟ କାର୍ଯ୍ୟକ୍ରମ। ମା'ମାନଙ୍କ ସମ୍ମାନ ଓ ଉନ୍ନତି ପାଇଁ ରାଜ୍ୟ ସରକାର ନିରନ୍ତର ଭାବେ କାମ କରିଚାଲିଛନ୍ତି। ଏକ ସ୍ୱତନ୍ତ୍ର ଜୀବିକା ଅର୍ଜନ ପଦକ୍ଷେପ ମାଧ୍ୟମରେ ମିଶନ ଶକ୍ତି ସଦସ୍ୟମାନଙ୍କୁ ୮ ହଜାର କୋଟି ଟଙ୍କାର ସରକାରୀ ବିଜ୍ନେସ ସହାୟତା ଯୋଗାଇ ଦିଆଯାଇଛି। ସେମାନେ ଏବେ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶୀଦାର ହୋଇଛନ୍ତି। ନୂଆ ଓଡ଼ିଶା ଗଠନରେ ସାମିଲ ହୋଇଛନ୍ତି। ମିଶନ ଶକ୍ତିର ଭଲ କାମ ଦେଶ ବିଦେଶରେ ପହଞ୍ଚି ପାରିଛି। ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ଦୁବାଇ ଓ ସିଙ୍ଗାପୁରକୁ ଏକ୍ସପୋଜର ଭିଜିଟରେ ଯାଉଥିବାରୁ ମୁଖ୍ୟମନ୍ତ୍ରୀ ଖୁସିବ୍ୟକ୍ତ କରିଛନ୍ତି। ଆଗକୁ ଅଧିକରୁ ଅଧିକ ମା' ମାନେ ବିଦେଶ ଯିବେ। ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ଏଚ୍ଏଚ୍ଜିରୁ ଏସ୍ଏମ୍ଇ ଆଡ଼କୁ ଆଗଉଛନ୍ତି। ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ କର୍ପୋରେଟ ଜଗତ ସହ ଯୋଡ଼ି ହୋଇଛନ୍ତି। ବିଜ୍ନେସ କରିବା ପାଇଁ ଆଗଉଛନ୍ତି। ରାଜ୍ୟର ୭୦ ଲକ୍ଷ ସ୍ୱୟଂ ସହାୟକ ☞ପୃଷ୍ଠା-୧୧










**ଆଜିର ମନ୍ତବ୍ୟ**

"ଗଣତନ୍ତ୍ରରେ ଯୋଗାଯୋଗ ଗୁରୁତ୍ୱପୂର୍ଣ୍ଣ। ଇଭିଏମ୍‌କୁ ନେଇ ରହିଥିବା ଉଦ୍‌ବେଗର ସମାଧାନ ପାଇଁ ନିର୍ବାଚନ କମିଶନ ସର୍ବଦଳୀୟ ବୈଠକ ଡାକିବା ଉଚିତ। **–ଏସ୍‌.ୱାଇ. କୁରେଶୀ, ପୂର୍ବତନ ମୁଖ୍ୟ ନିର୍ବାଚନ କମିଶନର**"

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଉତ୍କଳ ସମ୍ମିଳନୀ ଓ ଭିଏସ୍‌ଏସ୍ ନଗର ଉନ୍ନୟନ ପରିଷଦ ପକ୍ଷରୁ ବୀର ସୁରେନ୍ଦ୍ର ସାଏଙ୍କ ଶ୍ରାଦ୍ଧ ଦିବସରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ବୀର ସୁରେନ୍ଦ୍ର ସାଏ ନଗର, ସମୟ: ସକାଳ ୯ଟା।
- ଆଶୋଚାମ୍ ମ୍ୟାନୁଫ୍ୟାକ୍ଚରିଂ କନକ୍ଲେଭ୍, ସ୍ଥାନ: ସ୍ୱସ୍ତି ପ୍ରିମିୟମ୍, ସମୟ: ପୂର୍ବାହ୍ନ ୧୦ଟା।
- ନାଶନାଲ ସାଇନ୍ସ ଡେ' ପାଳନ, ସ୍ଥାନ: ରିଜିଓନାଲ ସାଇନ୍ସ ସେଣ୍ଟର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବହୁଜନ ଅଧିକାର ସମାବେଶ, ସ୍ଥାନ: ଲୋୟର ପିଏମ୍‌ଜି, ସମୟ: ପୂର୍ବାହ୍ନ ୧୧ଟା।
- କଞ୍ଜ୍ୟୁମର ଆୱେରନେସ୍ ମିଟ୍, ସ୍ଥାନ: ଓଭିଏଚ୍‌ଏ ସମ୍ମିଳନୀ କକ୍ଷ, ଲକ୍ଷ୍ମୀସାଗର, ସମୟ: ଅପରାହ୍ନ ୨ଟା।
- ବିଜନେସ୍ କନକ୍ଲେଭ ଆଣ୍ଡ ଓଡ଼ିଶା ମିରର ବିଜନେସ୍ ଲିଡରଶିପ ଆୱାର୍ଡ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ଅପରାହ୍ନ ୫ଟା।
- କୃତି କଫିର ଉଦ୍‌ଘାଟନ, ସ୍ଥାନ: ଆଦର୍ଶ ବିହାର, ଫେଜ୍–୨, ସମୟ: ଅପରାହ୍ନ ୫ଟା ୩୦।
- ଆଲୋଚନା ଗ୍ରନ୍ଥ 'ତିନି ଦଶନ୍ଧିର ଓଡ଼ିଶା' ଉନ୍ମୋଚନ ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।
- ୨୪ତମ ଓଡ଼ିଶୀ ସଙ୍ଗୀତ ମହୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ରାଜ୍ୟସ୍ତରୀୟ ଥିଏଟର ଫେଷ୍ଟିଭାଲ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ସଞ୍ଚାରି ଟ୍ରଷ୍ଟ ପକ୍ଷରୁ ନୃତ୍ୟ ଓ ସଙ୍ଗୀତ କାର୍ଯ୍ୟକ୍ରମ, ସ୍ଥାନ: ଉତ୍କଳ ରଙ୍ଗମଞ୍ଚ, ଗୁରୁ କେଲୁଚରଣ ମହାପାତ୍ର ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା ୩୦।

## ପୁରୀ
- ଜାତୀୟ ବିଜ୍ଞାନ ଦିବସ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ହରଚଣ୍ଡୀ ସାହି, ସମୟ: ସକାଳ ୮ଟା।
- ଜାତୀୟ ବିଜ୍ଞାନ ଦିବସ ପାଳିତ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ମଧୁବନ, ପୂର୍ବାହ୍ନ ୧୧ଟା।
- ଭାରୀୟ ଜନତା ପାର୍ଟି ମହିଳା ମୋର୍ଚ୍ଚା ପକ୍ଷରୁ ଜିଲାପାଳ କାର୍ଯ୍ୟାଳୟ ଘେରାଉ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଅନୁଷ୍ଠାନ 'ଆମର' ପକ୍ଷରୁ ୧୬ତମ ରାଜ୍ୟସ୍ତରୀୟ ପ୍ରତିଯୋଗିତା ଉଦ୍‌ଯାପନ, ସ୍ଥାନ: ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ପୁରୀ, ସମୟ: ସନ୍ଧ୍ୟା ୭ଟା।

## କଟକ
- ଶ୍ରୀ ଶ୍ରୀସିଂହନାଥ ଦେବ ବିଜେ ଗୋପୀନାଥପୁରଙ୍କ ଜାଗର ଯାତ୍ରା ପ୍ରସ୍ତୁତି ବୈଠକ, ସ୍ଥାନ: ସିଂହନାଥ ପୀଠ ପରିସର, ବଡମ୍ବା, ସମୟ: ପୂର୍ବାହ୍ନ ୧୧ଟା।
- ନବନିର୍ମିତ ମାତୃ ଓ ଶିଶୁ ବିଭାଗ ଚିକିତ୍ସାଳୟ ଲୋକାର୍ପଣ ଉତ୍ସବ, ସ୍ଥାନ: ନିଜିଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ତିଗିରିଆ, ସମୟ: ଅପରାହ୍ନ ୨ ଟା।
- କଂଗ୍ରେସ ପକ୍ଷରୁ ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କ ସମ୍ମିଳନୀ, ସ୍ଥାନ: ଭଦ୍ରେଶ୍ୱରର ମସଜିଦ୍ ପାଖ ପଡିଆ, ମାହାଙ୍ଗା, ସମୟ: ଅପରାହ୍ନ ୩ଟା।

## ଖୋର୍ଦ୍ଧା
- ସର୍ବଭାରତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: କୁଶପଲ୍ଲା ମିନି ଷ୍ଟାଡିୟମ, ବେଗୁନିଆ, ସମୟ: ଅପରାହ୍ନ ୩ଟା।
- ଦିଲୀପ–ସଞ୍ଜୀବ ସ୍ମାରକୀ ଜିଲାସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: ଶାଗୁଆନ ପଡ଼ିଆ ବଡ଼ପାରୀ, ଟାଙ୍ଗୀ, ସମୟ: ଅପରାହ୍ନ ୩ଟା।

## ବାଲେଶ୍ୱର
- ଏନଏସି ଘୋଷଣାରୁ ଖଇରା ବାଦ୍ ପଡିବା ପ୍ରତିବାଦରେ ଭାଜପା ଓ ଖଇରା ସ୍ୱାଭିମାନ ମଞ୍ଚର ଖଇରା ବନ୍ଦ ଡାକରା, ସ୍ଥାନ: ଖଇରା, ସମୟ: ସକାଳ ୯ଟାରୁ ଅପରାହ୍ନ ୩ଟା।
- ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆଭାସୀ ମାଧ୍ୟମରେ ଖ୍ୟାତନାମା ଐତିହାସିକ ଡ. ମନ୍ମଥନାଥ ଦାସ ଓ ତାଙ୍କ ଅନୁଜ ବିଶ୍ୱ ସୃଜନଶୀଳ ସାରସ୍ୱତ ସାଧକ ଡ. ମନୋଜ ଦାସଙ୍କ ସ୍ମାରକୀ ଲୋକାର୍ପଣ ଉତ୍ସବ, ସ୍ଥାନ: ଶଙ୍ଖାରୀ ଗ୍ରାମ, ଭୋଗରାଇ, ସମୟ: ପୂର୍ବାହ୍ନ ୧୦ଟା ୪୫।
- ଜାତୀୟ ବିଜ୍ଞାନ ଦିବସ ଏବଂ ବିଜ୍ଞାନ ସୋସାଇଟିର ବାର୍ଷିକ ଉତ୍ସବ, ସ୍ଥାନ: ନୀଳମଣି ମହାବିଦ୍ୟାଳୟ, ରୂପସା, ସମୟ: ପୂର୍ବାହ୍ନ ୧୧ଟା।
- ସମରବଲ୍ଲଭ ଭୋଇଙ୍କ ଗ୍ରନ୍ଥ ଉନ୍ମୋଚନ, ସ୍ଥାନ: ଶାନ୍ତିକାନନ, ମଲ୍ଲିକାଶପୁର, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ମୟୂରଭଞ୍ଜ
- ଜାତୀୟ ବିଜ୍ଞାନ ଦିବସରେ ବିଜ୍ଞାନ ଭିତ୍ତିକ ପ୍ରକଳ୍ପର ପ୍ରଦର୍ଶନୀ, ସ୍ଥାନ: ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା ୩୦।
- ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ସିଂହାସନ ଖାଲି କର କାର୍ଯ୍ୟକ୍ରମ, ସ୍ଥାନ: ବୈଶିଙ୍ଗା ମହୁରୀ ପଡ଼ିଆ,ସମୟ: ପୂର୍ବାହ୍ନ ୧୧ଟା।
- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ କିଚକେଶ୍ୱରୀ ମନ୍ଦିର ପରିଦର୍ଶନ, ସ୍ଥାନ: ଖିଚିଂ, ସମୟ: ଅପରାହ୍ନ ୨ଟା୪୫।
- ଜିଲାସ୍ତରୀୟ ଆଶା କର୍ମୀ, ଗାଁ କଲ୍ୟାଣ ସମିତି ଓ ଜନ ସମ୍ମିଳନୀ, ସ୍ଥାନ: ଶହୀଦ ସ୍ମୃତି ଭବନ, ସମୟ: ଅପରାହ୍ନ ୩ଟା।
- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା ଆଭାସୀ ମାଧ୍ୟମରେ ରାଇରଙ୍ଗପୁର ସ୍ପୋର୍ଟ୍ସ କମ୍ପ୍ଲେକ୍ସ,ଏନ୍‌ଏଚ୍‌୨୨୦ରେ ବାଇପାସ୍ ରାସ୍ତା ଓ ବଡ଼ସାହି ବ୍ଲକର ଏକଲବ୍ୟ ବିଦ୍ୟାଳୟର ଶୁଭ ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: ରାଇରଙ୍ଗପୁର,ସମୟ: ଅପରାହ୍ନ ୫ଟା।

## ଭଦ୍ରକ
- ରକ୍ତଦାନ ଶିବିର, ସ୍ଥାନ: ନୀଳମଣି ଟାଉନହଲ୍, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦୁଝର
- ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ତୁରୁମୁଙ୍ଗା, ପାଟଣା, ସମୟ: ପୂର୍ବାହ୍ନ ୧୧ଟା।

## ବ୍ରହ୍ମପୁର
- ଅବସରପ୍ରାପ୍ତ କର୍ମଚାରୀ ଓ ଶିକ୍ଷକ ସଂଘ ପକ୍ଷରୁ ଆର୍‌ଡିସିଙ୍କୁ ସ୍ମାରକ ପତ୍ର, ସ୍ଥାନ:ଆର୍‌ଡିସି କାର୍ଯ୍ୟାଳୟ,ସମୟ:ପୂର୍ବାହ୍ନ ୧୦ଟା।

## ଗଞ୍ଜାମ
- କ୍ରିକେଟ ମ୍ୟାଚ, ସ୍ଥାନ: ଭଞ୍ଜନଗର ବ୍ଲକ ମଲାସପଦର ଶିକ୍ଷାଞ୍ଚଳ ପଡ଼ିଆ,ସମୟ: ସକାଳ ୯ଟା।
- ବିଦ୍ୟା ପବ୍ଲିକ ସ୍କୁଲ ବିଦ୍ୟାର୍ଥୀଙ୍କୁ ପୁରସ୍କାର ବଣ୍ଟନ କାର୍ଯ୍ୟକ୍ରମ ସ୍ଥାନ:ରଘୁନାଥ ସାହି, ଗଞ୍ଜାମ, ସମୟ:ପୂର୍ବାହ୍ନ ୧୦ ଟା।
- ବଡ଼ନଦୀ ସେତୁ ଉଦ୍‌ଘାଟନ, ସ୍ଥାନ: ଭଞ୍ଜନଗର ବ୍ଲକ କମଳାବାରି ତୋଟା, ସମୟ: ପୂର୍ବାହ୍ନ ୧୧ଟା।
- ଆମ ସଂସ୍କୃତି ଆମ ଖେଳନା କାର୍ଯ୍ୟକ୍ରମ, ସ୍ଥାନ: ବୁଗୁଡା ବ୍ଲକ ଅନ୍ତରପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,ସମୟ: ପୂର୍ବାହ୍ନ ୧୧ଟା୩୦।
- ପାନୀୟ ଜଳ ପ୍ରକଳ୍ପ ଶିଳାନ୍ୟାସ, ସ୍ଥାନ: ବାରୁଡ଼ା ଛକ, ସମୟ: ପୂର୍ବାହ୍ନ ୧୧ଟା୩୦।
- ଭଞ୍ଜନଗର–ଦଶପଲ୍ଲା ରାସ୍ତାର ଶିଳାନ୍ୟାସ, ସ୍ଥାନ: ବାରୁଡା ଛକ, ସମୟ: ମଧ୍ୟାହ୍ନ ୧୨ ଟା। ଏଥିସହିତ ଉକ୍ତ କାର୍ଯ୍ୟକ୍ରମ ଲାଗି ସାଧାରଣ ସଭା, ସ୍ଥାନ: ଭଞ୍ଜନଗର ବ୍ଲକ ପହଣ୍ଡା ଛକ, ସମୟ: ଅପରାହ୍ନ ୧ଟା।
- ନାଗରିକ ମଞ୍ଚର ବିକ୍ଷୋଭ,ସ୍ଥାନ: ଭଞ୍ଜନଗର ଉପଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୧ଟା୩୦।
- ଆଦିବାସୀ ଭାରତ ମହାସଭାର ଦିବାରାତ୍ର ଧାରଣା, ସ୍ଥାନ: ଭଞ୍ଜନଗର ଉପଜିଲାପାଳଙ୍କ କାର୍ଯ୍ୟାଳୟ।
- ବାଣିଜ୍ୟ ମେଳା, ସ୍ଥାନ: ଭଞ୍ଜନଗର ଜେଲ ପଡିଆ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀମଦ୍ ଭାଗବତ କଥା ଓ ପ୍ରବଚନ, ସ୍ଥାନ: ଭଞ୍ଜନଗର ଘୁମୁସର ବୈଶ୍ୟ ଧର୍ମଶାଳା, ସମୟ: ସନ୍ଧ୍ୟା ୭ଟା।

## ରାୟଗଡ଼ା
- ବିଭିନ୍ନ ଦାବିରେ ବ୍ଲକ ଅଧକ୍ଷା ଓ ଅନ୍ୟମାନଙ୍କ ଶାନ୍ତିପୂର୍ଣ୍ଣ ଗଣଧାରଣା, ସ୍ଥାନ: ବ୍ଲକ୍ ଅଫିସ, ଗୁଡ଼ାରି, ସମୟ: ପୂର୍ବାହ୍ନ ୧୦ଟା।
- ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଜିଲା ବିଜ୍ଞାନ କେନ୍ଦ୍ର ଓ ପ୍ଲାନେଟୋରିୟମ ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: ରାୟଗଡ଼ା ବ୍ଲକ୍ କାଦମ୍ବରିଗୁଡ଼ା, ଭାକୁରଗୁଡ଼ା, ସମୟ: ଅପରାହ୍ନ ୪ଟା ୩୦।

## କୋରାପୁଟ
- ଜାଗା ମିଶନ ନେଇ ୪ ଜିଲାର ପୌର ଅଧିକାରୀମାନଙ୍କ ତାଲିମ ଶିବିର, ସ୍ଥାନ: ଗାନ୍ଧୀନଗର କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ୧୧ଟା।
- ଜୟପୁର ସାଇନ୍ସ ପାର୍କ ଉଦ୍‌ଘାଟନ ଉତ୍ସବ, ସ୍ଥାନ: ଜିଲ୍ଲା ମେଡିକାଲ ପାଖ, ସମୟ: ଅପରାହ୍ନ ୪ଟା ୩୦।

## ନବରଙ୍ଗପୁର
- ଚନ୍ଦ୍ର ଘଣ୍ଟେଶ୍ୱର ଶିବ ମନ୍ଦିର ରତ୍ନମୁଦ ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ନବରଙ୍ଗପୁର ପୋଲିସ ରିଜର୍ଭ ପଡ଼ିଆ, ସମୟ: ସକାଳ ୭ଟା ୩୦।

## ମାଲକାନଗିରି
- କାଙ୍ଗୁରକୋଣ୍ଡା ଆଦର୍ଶ ବିଦ୍ୟାଳୟର ବାର୍ଷିକୋତ୍ସବ, ସ୍ଥାନ:କାଙ୍ଗୁରକୋଣ୍ଡା,ସମୟ: ଅପରାହ୍ନ ୪ଟା ।

## ସମ୍ବଲପୁର
- ଭିସୁଟ୍‌ରେ ଜାତୀୟ ସମ୍ମିଳନୀ, ସ୍ଥାନ: ଭିସୁଟ୍ ସଭାଗୃହ, ସମୟ: ପୂର୍ବାହ୍ନ ୯ଟା ୩୦।
- ଗାଁ ସାଥୀ ସମାବେଶ, ସ୍ଥାନ: ପିଏଚ୍‌ଡି ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା ୪୫।
- ଜାତୀୟ ଜନଜାତି ଉତ୍ସବ, ସ୍ଥାନ: ବିର୍ସା ମଇଦାନ, ସମୟ: ସନ୍ଧ୍ୟା ୫ଟା।

## ବଲାଙ୍ଗୀର
- ଆଗଲପୁର ବ୍ଲକ କୃଷକ ସଂଘର୍ଷ ସମିତି ପକ୍ଷରୁ ରାସ୍ତାରୋକୋ, ସ୍ଥାନ: ରୁଗୁଡ଼ିଖାଲ, ସମୟ: ସକାଳ ୭ଟାରୁ।
- ଜୈବିକ ଉତ୍ପାଦ ବିକ୍ରୟ କେନ୍ଦ୍ର ଉଦ୍‌ଘାଟନ, ସ୍ଥାନ: ଖପ୍ରାଖୋଲ ବ୍ଲକ ତେଲେନପାଲି, ସମୟ: ସକାଳ ୯ଟା।
- ଯାଦବ ସମାଜର ସମାବେଶ, ସ୍ଥାନ: ଟିଟିଲାଗଡ଼ ବ୍ଲକ ପିପଲପଦର, ସମୟ: ପୂର୍ବାହ୍ନ୧୧ଟା।
- ଟିଟିଲାଗଡ଼ ସାହୁ ସମାଜ ନୂତନ ଗୃହ ନିର୍ମାଣ ପାଇଁ ଶିଳାନ୍ୟାସ, ସ୍ଥାନ: ମା' ଓ ଶିଶୁ ହସ୍ପିଟାଲ ପାର୍ଶ୍ୱ, ସମୟ: ମଧ୍ୟାହ୍ନ ୧୨ଟା।
- ଦେବୋତ୍ତର କମିଟି ବୈଠକ, ସ୍ଥାନ: ପାଟଣାଗଡ଼ ଉପଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୪ଟା।
- ରାଜ୍ୟ ହୋଟେଲ ପରିଚାଳନା ସଂସ୍ଥାର ୨୦ତମ ବାର୍ଷିକ ଉତ୍ସବ, ସ୍ଥାନ: ଏସ୍‌ଆଇଏଚ୍‌ଏମ୍ ପରିସର, ଟିଟିଲାଗଡ ରୋଡ଼, ବଲାଙ୍ଗୀର, ସମୟ: ସନ୍ଧ୍ୟା ୬ ଟା ୩୦।

## ସୁବର୍ଣ୍ଣପୁର
- ଶୁଖା–ଦୁଡୁକା ରାସ୍ତାର ଅଙ୍ଗନଦୀ ଉପରେ ସେତୁ ନିର୍ମାଣ ପାଇଁ ଶିଳାନ୍ୟାସ ଉତ୍ସବ, ସ୍ଥାନ: ଡୁଙ୍ଗୁରିପାଲି ବ୍ଲକର ଶୁଖା ଅଙ୍ଗନଦୀ ପଡିଆ, ସମୟ: ପୂର୍ବାହ୍ନ ୧୧ଟା।
- ମହାନଦୀରେ ମାଛ ବଂଶ ବୃଦ୍ଧି ପାଇଁ ସଚେତନତା ଶିବିର, ସ୍ଥାନ: ସୋନପୁର ତେନ୍ତୁଳିଘାଟ, ସମୟ: ପୂର୍ବାହ୍ନ ୧୧ଟା।

## ବରଗଡ଼
- ଯୁବ ସଂସଦ କାର୍ଯ୍ୟକ୍ରମ, ସ୍ଥାନ: ବିଜୁ ପଟ୍ଟନାୟକ ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ମାଲିପାଲି(ଗାଇସୀମା), ସମୟ: ପୂର୍ବାହ୍ନ ୧୦ଟା।
- ଟିକିକଲ କର୍ମଚାରୀଙ୍କ ଧାରଣା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- କୃଷକଙ୍କ ବିକ୍ଷୋଭ ସମାବେଶ, ସ୍ଥାନ: ଅତାବିରା ତହସିଲ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।

## ସୁନ୍ଦରଗଡ଼
- ବ୍ଲକସ୍ତରୀୟ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଓ ଖାଦ୍ୟ ସୁରକ୍ଷା ସାମାଜିକ ସମୀକ୍ଷାର ଜନଶୁଣାଣି, ସ୍ଥାନ: ବଡ଼ଗାଁ ବ୍ଲକ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ରାଉରକେଲା
- ବାଲାଜୀ ମନ୍ଦିର ଉତ୍ସବ, ସ୍ଥାନ: ଛେଣ୍ଡ, ସମୟ: ସକାଳ ୬ଟା।
- ଜାତୀୟ ବିଜ୍ଞାନ ଦିବସ କାର୍ଯ୍ୟକ୍ରମ, ସ୍ଥାନ: ଓଏସ୍‌ଏପି ସ୍କୁଲ, ସମୟ: ପୂର୍ବାହ୍ନ ୧୧ଟା।
- ସାମାଜିକ କର୍ମୀ କଲ୍ୟାଣୀ ରାୟଙ୍କ ଶ୍ରାଦ୍ଧ ଦିବସ, ସ୍ଥାନ: ହକି ଭିଲେଜ, ସମୟ: ମଧ୍ୟାହ୍ନ ୧୨ଟା।
- ବ୍ରହ୍ମାକୁମାରୀ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ବାସନ୍ତୀ କଲୋନୀ, ସମୟ: ମଧ୍ୟାହ୍ନ ୧୨ଟା।

## ଦେବଗଡ଼
- ଜିଲା କଂଗ୍ରେସ ପକ୍ଷରୁ କର୍ମୀ ସମ୍ମିଳନୀ, ସ୍ଥାନ: ତିଲେଇବଣି ବ୍ଲକର ନୂଆଡି ଗ୍ରାମ, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ବଜରଙ୍ଗ କ୍ରିକେଟ କପ୍ ପଞ୍ଚମ ଦିବସ, ସ୍ଥାନ: ମହୁଲିଡିପା ସାହି, ନାଳପଡିଆ, ଦେବଗଡ, ସମୟ: ପୂର୍ବାହ୍ନ ୧୧ଟା।
- କୃଷି ବୈଷୟିକ ପରିଚାଳନା ସଂସ୍ଥା ଆନୁକୂଲ୍ୟରେ କୃଷକ ତାଲିମ ଶିବିର, ସ୍ଥାନ: ରିଆମାଳ ବ୍ଲକର ବୁଡ଼ିଦୋ ପଞ୍ଚାୟତ ଘମମୁଣ୍ଡା ଗ୍ରାମ, ସମୟ: ପୂର୍ବାହ୍ନ ୧୧ଟା।

## କଳାହାଣ୍ଡି
- ବ୍ଲକସ୍ତରୀୟ ଭୀମ ଭୋଇ ସାମର୍ଥ୍ୟ ଶିବିର, ସ୍ଥାନ: କର୍ଲାମୁଣ୍ଡା ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ସ୍ଥାୟୀ ପଟ୍ଟା ଓ ପକ୍କା ଘର ପ୍ରଦାନ ଦାବିରେ ସାଧାରଣ ସଭା, ସ୍ଥାନ: ଜୁନାଗଡ଼, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା
- ଜିଲା ବିଜ୍ଞାନ କେନ୍ଦ୍ର ଶିଳାନ୍ୟାସ, ସ୍ଥାନ: ନୂଆପଡ଼ା ଓସ୍ୱାନ କେନ୍ଦ୍ର, ସମୟ: ଅପରାହ୍ନ ୪ଟା ୩୦।

## ବୌଦ୍ଧ
- କଣ୍ଡାମାଳ ରେଞ୍ଜର ଘଣ୍ଟାପଡା ସେକ୍ସନ ଖୁଣ୍ଟିଗୋରା ପଞ୍ଚାୟତର ବନ୍ଧଗୋରାରେ ବିଏସଏସ ଗୃହ ଉଦ୍‌ଘାଟନ, ସ୍ଥାନ: ବନ୍ଧଗୋରା, ସମୟ: ସକାଳ ୯ଟା।
- ବୌଦ୍ଧ ସହର ମର୍ଯ୍ୟାକୁଦଠାରେ ଜିଲା ବିଜ୍ଞାନ କେନ୍ଦ୍ରର ଶିଳାନ୍ୟାସ, ସ୍ଥାନ: ଓସମାନ ହଲ୍,ବୌଦ୍ଧ , ସମୟ: ଅପରାହ୍ନ ୪ଟା ୩୦।

## ଢେଙ୍କାନାଳ
- ପିଏମ୍ ବିଶ୍ୱକର୍ମା ସ୍କିମ୍ ସମ୍ପର୍କିତ କର୍ମଶାଳା, ସ୍ଥାନ: ଢେଙ୍କାନାଳ ଗୋପବନ୍ଧୁ ଟାଉନହଲ୍, ସମୟ: ସକାଳ ୯ଟା।

## ଅନୁଗୋଳ
- ଆଇସିଡିଏସ୍ ସମୀକ୍ଷା ବୈଠକ, ସ୍ଥାନ: ଜିଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ସ୍ୱୟଂସହାୟକ ଗୋଷ୍ଠୀ ସମୀକ୍ଷା ବୈଠକ, ସ୍ଥାନ: ଜିଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ମଧ୍ୟାହ୍ନ ୧୨ଟା।
- କ୍ରୀଡ଼ା ସଂସ୍କୃତି ଓ ପର୍ଯ୍ୟଟନ ସମୀକ୍ଷା ବୈଠକ, ସ୍ଥାନ: ଜିଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୫ଟା।

## ଜଗତ୍‌ସିଂହପୁର
- ଜିଲାସ୍ତରୀୟ ପଡୋଶୀ ଯୁବ ସଂସଦ କାର୍ଯ୍ୟକ୍ରମ, ସ୍ଥାନ: ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ, ନାଉଗାଁ ବ୍ଲକ, ସମୟ: ପୂର୍ବାହ୍ନ୧୦ଟା।
- ଜିଲାସ୍ତରୀୟ ଆଶା, ଜିକେଏସ୍, ଜେଏଏସ୍ ଏବଂ ଏମ୍‌ଏଏସ୍ ସମ୍ମିଳନୀ, ସ୍ଥାନ: ଆଦିକବି ସାରଳା ଦାସ ସଂସ୍କୃତି ଭବନ, ଜଗତ୍‌ସିଂହପୁର, ସମୟ: ପୂର୍ବାହ୍ନ ୧୦ଟା୩୦।
- ଜିଲା ବିଜ୍ଞାନ କେନ୍ଦ୍ର ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ନୂଆଷଣ୍ଢକୁଦ, ପାରାଦୀପ, ସମୟ: ଅପରାହ୍ନ ୪ଟା ୩୦।

## ନୟାଗଡ଼
- ବର ଅଶ୍ୱସ୍ତ ବିବାହ ଉତ୍ସବ,ସ୍ଥାନ: ଦଶପଲ୍ଲା ବ୍ଲକ କୁଆଁରିଆ ନର୍ସରୀ ପଛପାଖ, ସମୟ: ସକାଳ ୮ଟା ।
- ପୋଲିସ ପ୍ରତିଷ୍ଠାନ ନୟାଗଡ଼ର କନ୍‌ଷ୍ଟେବଲ ପ୍ରଶିକ୍ଷାର୍ଥୀମାନଙ୍କ ୫୪ତମ ଦୀକ୍ଷାନ୍ତ ସମାରୋହ,ସ୍ଥାନ: ପୋଲିସ ଟ୍ରେନିଂ ସ୍କୁଲ(ପିଟିଏସ୍), ସମୟ: ସକାଳ ୮ଟା୩୦ ।
- ମ୍ୟୁନିସିପାଲିଟି କାଉନସିଲ ବୈଠକ, ସ୍ଥାନ: ନୟାଗଡ଼ ମ୍ୟୁନିସିପାଲଟି କାର୍ଯ୍ୟାଳୟ, ସମୟ: ଅପରାହ୍ନ ୩ଟା।

## କେନ୍ଦ୍ରାପଡ଼ା
- ଗୋବରୀ ନଦୀ ହାଇଲେବୁଲ ବ୍ରିଜ୍ ଉଦ୍‌ଘାଟନ, ସ୍ଥାନ:ମିଲନମୋଡ ଛକ, ମହାକାଳପଡା, ସମୟ: ପୂର୍ବାହ୍ନ ୧୧ଟା।
- ବର୍ଦ୍ଧିତ ଭତ୍ତା ଓ ସ୍ୱୟଂ ସହାୟିକା ଗୋଷ୍ଠିଙ୍କୁ ସହାୟତା କାର୍ଯ୍ୟକ୍ରମ, ସ୍ଥାନ: ଅଟାଳ ପଞ୍ଚାୟତ ସମ୍ମୁଖ ପଡ଼ିଆ, ଆଳି, ସମୟ: ପୂର୍ବାହ୍ନ ୧୦ଟା।
- ବର୍ଦ୍ଧିତ ଭତ୍ତା ଓ ସ୍ୱୟଂ ସହାୟିକା ଗୋଷ୍ଠିଙ୍କୁ ସହାୟତା କାର୍ଯ୍ୟକ୍ରମ, ସ୍ଥାନ: ନିଆଳ ଖେଳ ପଡ଼ିଆ, ଆଳି, ସମୟ: ପୂର୍ବାହ୍ନ ୧୧ଟା।

## ଯାଜପୁର
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ଯାଜପୁର ବ୍ଲକ୍‌ର ଖଇରାବାଦ ପଞ୍ଚାୟତ ଅଫିସ ପଡ଼ିଆ ଓ ସାନସୁଆର ପଞ୍ଚାୟତର କପାସି ଜାଗୁଲାଇ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ଏସ୍‌ଏଚ୍‌ଜି ମହିଳାଙ୍କୁ ଋଣ ପ୍ରଦାନ ମେଳା, ସ୍ଥାନ: ରସୁଲପୁର ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ପାରିବାରିକ ଓ କର୍ମକ୍ଷେତ୍ରରେ ବିଭିନ୍ନ ସମସ୍ୟାକୁ ପ୍ରତିହତ କରିବାରେ ସମର୍ଥ ହେବେ। ଭୁଲ୍ ବୁଝାମଣା ହେତୁ ନିଜ ଲୋକଙ୍କୁ ସନ୍ଦେହ କରିବାର ପରିସ୍ଥିତି ସୃଷ୍ଟିହେବ। ସାମାନ୍ୟ ସମସ୍ୟା ସହ ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବ। କୃତ୍ତିକା ନକ୍ଷତ୍ରର ସ୍ୱାସ୍ଥ୍ୟ ମନକୁ ଅସମ୍ଭବ ଭାବେ ଅସ୍ଥିର କରିବାର ଆଶଙ୍କା ରହିଛି।

**ବୃଷ**
ମାନସିକ ଅସ୍ଥିରତା ଲାଗି ରହିବା କାରଣରୁ ପ୍ରତ୍ୟେକ କାର୍ଯ୍ୟାବଳୀର ଠିକ୍ ସମୀକ୍ଷା କରିବାରେ ପଛେଇଯିବେ। ବାଣିଜ୍ୟ, ଯାତ୍ରା, ପ୍ରତିଦ୍ୱନ୍ଦ୍ୱିତା ପ୍ରଭୃତି କ୍ଷେତ୍ରରୁ ଆଶ୍ୱସ୍ତି ମିଳିବ। ବହୁତ ଦିନରୁ ଘରକୁ ଆଣିପାରି ନ ଥିବା ଜିନିଷଟି ଆଜି ଆଣିବେ। ରୋହିଣୀ ନକ୍ଷତ୍ର ଅନ୍ୟମାନଙ୍କ କଥାରେ ସହକର୍ମୀଟିର ମନୋଭାବ ବଦଳିଯିବ।

**ମିଥୁନ**
ଆଜି ଘର କାମ ସାଙ୍ଗକୁ ବନ୍ଧୁଙ୍କ କାମ କରିବାକୁ ଚେଷ୍ଟିତ ହେବେ। ବ୍ୟବସାୟରେ ଲାଭବାନ୍ ହେବେ। ଯେତେ ଭଲ କଥା କହିଲେ ମଧ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିପାରନ୍ତି। ମୃଗଶିରା ନକ୍ଷତ୍ରର ଆର୍ଥିକ ସ୍ଥିତି, ପାରିବାରିକ ପରିସ୍ଥିତି, କାର୍ଯ୍ୟରେ ସଫଳତା ସକାଶେ ଉଦ୍ୟମ ବିଫଳ ହେବନାହିଁ।

**କର୍କଟ**
ଆଜିର ଗ୍ରହସ୍ଥିତି ମାନସିକ, ଶାରୀରିକ ଓ ଆର୍ଥିକ ସ୍ଥିତିକୁ ମଜଭୁତ କରିବ। ଅବଶ୍ୟ କର୍ମକ୍ଷେତ୍ରରେ ଫାଇଲ କାମ, ଯାନ୍ତ୍ରିକ ତ୍ରୁଟି, ମିଟିଂ ପ୍ରଭୃତିରେ ବ୍ୟସ୍ତ ରହିପାରନ୍ତି। ଅଶ୍ଳେଷା ନକ୍ଷତ୍ରର ଜଞ୍ଜାଳ ବଢ଼ିବା କାରଣରୁ ପରିବାର ପ୍ରତି ବିମୁଖ କିମ୍ବା ଉଦାସୀନତା ପରିଲକ୍ଷିତ ହୋଇପାରେ। ବାଣିଜ୍ୟ, ପରିବହନର ସ୍ଥିତି ପୂର୍ବପରି ରହିବ।

**ସିଂହ**
ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତାରେ ସମସ୍ୟାର ସମାଧାନ, ନୈରାଶ୍ୟଜନକ ସ୍ଥିତିରେ ଆଶାର ସଞ୍ଚାର ପରିଲକ୍ଷିତ ହେବ। ପୂର୍ବା ଫାଲ୍‌ଗୁନୀ ନକ୍ଷତ୍ର ପାଇଁ ଅନ୍ୟମାନେ ପଛରେ ବିଭିନ୍ନ ସମାଲୋଚନାତ୍ମକ ମନ୍ତବ୍ୟ ପ୍ରଦାନ କରିପାରନ୍ତି। ସାଙ୍ଗସାଥୀମାନେ ହିଁ ଆପଣଙ୍କ ପାଇଁ ପରୋକ୍ଷ କ୍ଷତି ସାଧନରେ ଲିପ୍ତ ରହିପାରନ୍ତି।

**କନ୍ୟା**
ପ୍ରତ୍ୟେକ କ୍ଷେତ୍ରରେ ସତର୍କରେ ନ ଚଳିଲେ ମରୀଚିକା ପଛରେ ଗୋଡ଼ାଇବା ସାର ହେବ। ମିଠାକଥା କହି ବନ୍ଧୁଙ୍କ ଦ୍ୱାରା କାମ ହାସଲରେ ସଫଳ ହେବେ। ହସ୍ତା ନକ୍ଷତ୍ର କାମଟିକୁ ଶେଷ କରିପାରିବା କ୍ଷେତ୍ରରେ ବିଭିନ୍ନ ସମସ୍ୟାର ସାମ୍ନା କରିବାକୁ ପଡ଼ିବ। ଯେଉଁ ବ୍ୟକ୍ତି ବିଷୟରେ ଭାବିବେ ତାଙ୍କୁ ହଠାତ୍ ଅତି ନିକଟରେ ଦେଖିପାରନ୍ତି।

**ତୁଳା**
କୌଣସି ଘଟଣାକୁ ନେଇ ଘର ଲୋକଙ୍କ ବ୍ୟସ୍ତତାକୁ ଲକ୍ଷ୍ୟକରି ମନ ଅଶାନ୍ତ ରହିପାରେ। ସ୍ୱାତୀ ନକ୍ଷତ୍ର ସାଧାରଣ କଥାକୁ କେନ୍ଦ୍ରକରି ଅଧସ୍ତନ କର୍ମଚାରୀଙ୍କ ସମସ୍ୟାକୁ ବୃଦ୍ଧି କରିପାରନ୍ତି। କୌଣସି ବନ୍ଧୁଙ୍କ ପ୍ରତି ଅତିରିକ୍ତ ଆନ୍ତରିକତା ନିଜଆଡ଼କୁ ଅଙ୍ଗୁଳି ଦେଖାଇବ। ସଭାସମିତି, ଆନୁଷ୍ଠାନିକ କାମରେ ପ୍ରତିଯୋଗିତା ମନୋଭାବ ଉପୁଜିବ।

**ବିଛା**
ସାଧାରଣ କଥାକୁ କେନ୍ଦ୍ରକରି କର୍ମକ୍ଷେତ୍ରରେ ଭୁଲ୍ ବୁଝାମଣା ଯୋଗୁ ଆଶା ପୂରଣ ହୋଇପାରିବ ନାହିଁ। ଅତୀତ ଘଟଣା ମନକୁ ଆଲୋଡ଼ିତ କରିପାରେ। ଅଭାବ ନ ଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତି ଯୋଗୁ କେତେକ ସୁଯୋଗ ହରାଇ ଦୁଃଖିତ ହେବେ। ବନ୍ଧୁମାନଙ୍କ ସହାୟତାରେ ସମସ୍ୟାର ସରଳ ସମାଧାନ କରିପାରିବେ।

**ଧନୁ**
ମୂଳା ନକ୍ଷତ୍ର କର୍ମକ୍ଷେତ୍ରରେ ହେଉ କିମ୍ବା ନିଜ ପରିସରରେ ପ୍ରତିଷ୍ଠିତ ହେବେ। ମାଙ୍ଗଳିକ କିମ୍ବା ଆନୁଷ୍ଠାନିକ କାର୍ଯ୍ୟ ସକାଶେ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି। ଜମିଜମା, ବ୍ୟବସାୟ, ପରିବହନ, ଆଲୋଚନା ତଥା ମାଲିମକଦ୍ଦମାରେ ସଫଳତା ପାଇବେ। ଜିଦ୍‌ରେ ଅଟଳ ରହି ଅଶାନ୍ତ ବାତାବରଣକୁ ନିମନ୍ତ୍ରଣ କରିପାରନ୍ତି।

**ମକର**
କର୍ମକ୍ଷେତ୍ରରେ ସମସ୍ୟା ଲାଗିରହିବା କାରଣରୁ ପ୍ରତ୍ୟେକ କ୍ଷେତ୍ରରେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। ଶ୍ରବଣା ନକ୍ଷତ୍ର ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିପାରନ୍ତି। ଆର୍ଥିକ ସ୍ଥିତି ପୂର୍ବପରି ରହିବ ମାତ୍ର ସନ୍ତୋଷଜନକ ହେବନାହିଁ। ସଭାସମିତି, ବିବାଦୀୟ ପରିସ୍ଥିତି ଓ ମାଲିମକଦ୍ଦମାରେ ସଫଳତା ହାସଲ କରିବେ।

**କୁମ୍ଭ**
ଶତଭିଷା ନକ୍ଷତ୍ର ଅଧୈର୍ଯ୍ୟ ନ ହୋଇ ସ୍ଥିରଭାବେ କାମ କଲେ ପରିସ୍ଥିତିର ମୁକାବିଲା କରିବାରେ ସମର୍ଥ ହେବେ। ଶିଳ୍ପ, ବାଣିଜ୍ୟ, ଶେୟାର ବଜାର କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ବନ୍ଧୁଙ୍କୁ ଖବର ଦେବାରେ ହେଳା ଲାଗି କିଛିଟା ବ୍ୟତିକ୍ରମ ପରିଲକ୍ଷିତ ହେବ। ନିଜ ନିଜ ଭିତରେ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ।

**ମୀନ**
ଆଜି ବନ୍ଧୁମାନଙ୍କ ସହାୟତା ଲାଭକରି ସମସ୍ୟା ଗୁଡ଼ିକ ଆପଣାଛାଏଁ ସୁଧୁରିଯିବ। ସ୍ୱାସ୍ଥ୍ୟରେ ସାମାନ୍ୟ ବ୍ୟତିକ୍ରମ ପରିଲକ୍ଷିତ ହେବାର ଆଶଙ୍କା ଦେଖାଦେବ। ଉତ୍ତର ଭାଦ୍ରବ ନକ୍ଷତ୍ରର କଠିନ ଶ୍ରମଜନିତ ପୁରାତନ ରୋଗର ପୀଡ଼ା ବୃଦ୍ଧି ପାଇପାରେ। ପାରିଶ୍ରମିକ ମନଲାଖି ନ ହେବା କାରଣରୁ ବିଷାଦଗ୍ରସ୍ତ ହୋଇପାରନ୍ତି।

ଆଜି ଫେବୃଆରୀ ୨୮ ତାରିଖ, ରାଷ୍ଟ୍ରୀୟ ବିଜ୍ଞାନ ଦିବସ, ଡକ୍ଟର ରାଜେନ୍ଦ୍ର ପ୍ରସାଦ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ତିରୋଧାନ ଦିବସ, ଫାଲ୍‌ଗୁନ କୃଷ୍ଣ ଚତୁର୍ଥୀ, ବୁଧବାର, ରାଶି ନକ୍ଷତ୍ର–ଚିତ୍ରା/କନ୍ୟା, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୧୧ମି. ଗତେ ଘ.୦୭।୪୪ମି. ମଧ୍ୟେ, ଘ.୧୦।୩୨ମି. ଗତେ ଘ.୧୧।୩୬ମି. ମଧ୍ୟେ ଶୁଦ୍ଧ ଶୁଭବେଳା ॥ ଦିବା ଘ.୧୧।୫୯ମି. ଗତେ ଘ.୦୧।୨୬ମି. ମଧ୍ୟେ ରାହୁକାଳ ॥

# ଶିମିଳିପାଳରେ ଛଡ଼ାଯିବ ବାହାର ବାଘୁଣୀ

**ଭୁବନେଶ୍ୱର, ୨୭।୨(ଅସମାପିକା ସାହୁ)**

ଶିମିଳିପାଳରେ ଏବେ କଳା ବାଘ ବଂଶ ବୃଦ୍ଧି ପାଉଛି। ଯଦିଓ ଏହିଭଳି କଳାବାଘ କେବଳ ଶିମିଳିପାଳରେ ଦେଖାଯାଉଥିବାରୁ ବନ ବିଭାଗ ଖୁସି ହେଉଛି, ତଥାପି ଏହାର ସଂଖ୍ୟା ବଢ଼ୁଥିବାରୁ ଚିନ୍ତା ମଧ ଘାରୁଛି। ତେଣୁ ଏହାର ସମାଧାନ ପାଇଁ ବାହାରୁ ବାଘୁଣୀ ଆଣି ଶିମିଳିପାଳରେ ଛାଡ଼ିବା ପାଇଁ ବନ ବିଭାଗ ଚିନ୍ତା କରିଛି। ଶିମିଳିପାଳରେ ଏବେ ୧୩ଟି କଳା ବାଘ ରହିଛନ୍ତି। ଇନ୍ ବ୍ରିଡିଂ ଯୋଗୁ କଳା ବାଘଙ୍କ ସଂଖ୍ୟା ବଢ଼ୁଥିବା ପିସିସିଏଫ୍ (ବନ୍ୟପ୍ରାଣୀ) ସୁଶାନ୍ତ ନନ୍ଦ କହିଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ ଅନ୍ୟ ସ୍ଥାନରୁ ବାଘୁଣୀ ଆଣି ଶିମିଳିପାଳରେ ଛାଡ଼ିବାକୁ ଯୋଜନା ହୋଇଛି। ଏଥିପାଇଁ ଏନ୍‌ଟିସିଏ ଏବଂ ୱାଇଲ୍ଡ ଲାଇଫ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଣ୍ଡିଆ ସହ ଯୋଗାଯୋଗ କରାଯାଇଛି ବୋଲି ସେ ପ୍ରକାଶ କରିଛନ୍ତି। ସେହିଭଳି ଓଡ଼ିଶାରେ ପ୍ରତିବର୍ଷ ବାଘ ଗଣନା ହେବ। କ୍ୟାମେରା ଟ୍ରାପ୍ ଜରିଆରେ ବର୍ଷ ସାରା ମହାବଳ ବାଘଙ୍କ ସ୍ଥିତି ଉପରେ ନଜର ରହିବ ବୋଲି ମଙ୍ଗଳବାର ପିସିସିଏଫ୍ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ନନ୍ଦ ଏହି ସୂଚନା ଦେଇଛନ୍ତି। ସେପଟେ ସାତକୋଶିଆରେ ଗୋଟିଏ ବି ମହାବଳ ବାଘ ନାହାନ୍ତି। ଅଭୟାରଣ୍ୟ ଭିତରେ ଥିବା ଜନବସତିକୁ ସମ୍ପୂର୍ଣ୍ଣ ବିସ୍ଥାପିତ କରିବା ପରେ ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପରେ ବାଘ ଛଡ଼ାଯିବା ନେଇ ଯୋଜନା କରାଯିବ। ଶିମିଳିପାଳରେ ବାଘ ସଂଖ୍ୟା ବଢ଼ିବା ପରେ ମହାବଳ ନୂଆ ଟେରିଟୋରି ସନ୍ଧାନରେ ଅଛନ୍ତି। ତେଣୁ କେନ୍ଦୁଝର, ହଦଗଡ଼ ଓ କୁଲଡ଼ିହାକୁ ମିଶାଇ ଗ୍ରେଟର ଶିମିଳିପାଳ ଲ୍ୟାଣ୍ଡସ୍କେପ ବିକାଶ କରାଯାଉଛି ବୋଲି ପିସିସିଏଫ୍ କହିଛନ୍ତି।

# ମିଶନ ଶକ୍ତି ବଜାର ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱରରେ ମିଶନ ଶକ୍ତି ବଜାରକୁ ଉଦ୍‌ଘାଟନ କରିବା ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ୫–ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଏବଂ ଅନ୍ୟମାନେ।

**ଭୁବନେଶ୍ୱର,୨୭।୨(ଅନିଲ ଦାସ)**

- **ମହିଳା ଉଦ୍ୟୋଗୀ ଉତ୍ପାଦ ସାମଗ୍ରୀ ପାଇଁ ସୃଷ୍ଟି କରିବ ବଜାର ସୁବିଧା**
- **କେଏମ୍‌ଏଫ୍‌ପି ଦ୍ୱାରା ପରିଚାଳିତ ହେବ ଦୀର୍ଘମିଆଦୀ ମହିଳା ଜୀବିକା ସହାୟତା ପାଇଁ ହେବ ବଡ଼ ପ୍ଲାଟ୍‌ଫର୍ମ: ମୁଖ୍ୟମନ୍ତ୍ରୀ**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଭୁବନେଶ୍ୱରରେ ମିଶନ ଶକ୍ତି ବଜାରକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ରାଜ୍ୟର ଗ୍ରାମାଞ୍ଚଳ ଏବଂ ଅର୍ଦ୍ଧ ସହରାଞ୍ଚଳରେ ବାସ କରୁଥିବା ମହିଳାମାନଙ୍କ ପାଇଁ ଦୀର୍ଘମିଆଦୀ ଜୀବିକାର୍ଜନ ଲାଗି ମିଶନ ଶକ୍ତି ବଜାର ବଡ଼ ପ୍ଲାଟ୍‌ଫର୍ମ ଭାବେ କାର୍ଯ୍ୟ କରିବ। ମହିଳା ଉଦ୍ୟୋଗୀ ସୃଷ୍ଟି ଦିଗରେ ୫–ଟି କ୍ରମରେ ଏହାର ବିକାଶ କରାଯାଇଛି। ମିଶନ ଶକ୍ତି ବଜାର ଉଦ୍‌ଘାଟନ ହେବା ପୂର୍ବରୁ ୫–ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଫେବୃୟାରୀ ୧୯ ତାରିଖରେ ପରିଦର୍ଶନ କରି ଏହାର ଚୂଡ଼ାନ୍ତ ପ୍ରସ୍ତୁତିର ସମୀକ୍ଷା କରିଥିଲେ।

ଏହାଦ୍ୱାରା ଏଣିକି ଘରେ ଘରେ ପହଞ୍ଚିବ ମିଶନ ଶକ୍ତି ମହିଳାଙ୍କ ଉତ୍ପାଦ। ଗ୍ରାହକଙ୍କୁ ଉଭୟ ଅନ୍‌ଲାଇନ ଓ ଅଫ୍‌ଲାଇନ କିଣିବା ସୁବିଧା ମିଳିପାରିବ। ଏଥିରେ ସମଗ୍ର ରାଜ୍ୟର ମିଶନ ଶକ୍ତି ଗ୍ରୁପ୍‌ର ଉତ୍ପାଦଗୁଡ଼ିକ ବିକ୍ରି ପାଇଁ ପ୍ରଦର୍ଶନ କରାଯିବ। ଏହା ଖୋର୍ଦ୍ଧା ମାତୃଶକ୍ତି ଫାର୍ମର୍ସ ପ୍ରଡ୍ୟୁସର (କେଏମ୍‌ଏଫ୍‌ପି) କମ୍ପାନୀ ଦ୍ୱାରା ପରିଚାଳିତ ହେବ। ଏଥିରେ ୨୦୦ରୁ ଊର୍ଦ୍ଧ୍ୱ ଏସ୍‌ଏଚ୍‌ଜି ଅଂଶୀଦାର ଭାବେ ରହିଛନ୍ତି। ରାଜ୍ୟର ଲକ୍ଷ ଲକ୍ଷ ମହିଳା ଏଥିରେ ସାମିଲ ହୋଇ ସେମାନଙ୍କ ଉତ୍ପାଦ ବିକ୍ରି କରିପାରିବ। ରାଜ୍ୟରେ ମହିଳାମାନଙ୍କ ଦ୍ୱାରା ଉତ୍ପାଦିତ ସାମଗ୍ରୀକୁ ପ୍ରୋତ୍ସାହିତ ଓ ବିକ୍ରି କରିବା ପାଇଁ କେଏମ୍‌ଏଫ୍‌ପି ଓ ମିଶନ ଶକ୍ତି ବିଭାଗର ମୂଳ ଲକ୍ଷ୍ୟ। ପ୍ରଡ୍ୟୁସର କମ୍ପାନୀଗୁଡ଼ିକ ବୈଷୟିକ ସେବା ଏଜେନ୍ସି ଭାବେ କାର୍ଯ୍ୟ କରିବ। ଏହି ବଜାରରେ ଲୋକେ ଝାଡୁଠାରୁ ପାଟଶାଢ଼ି, ବେତ ସୋଫା, ଘରକରଣା ଜିନିଷ, ମିଲେଟ୍ସ ଉତ୍ପାଦ, ପଟ୍ଟଚିତ୍ର, ପେଣ୍ଟିଂ, କନ୍ଧମାଳ ହଳଦୀ ସମେତ ପ୍ରାୟ ୧ ହଜାର ପ୍ରକାର ଉତ୍ପାଦ କିଣିବାର ସୁବିଧା ପାଇବେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ଫେବୃଆରୀ ୨୮/୨୦୨୪ | Bhubaneswar, Wednesday, February 28/2024 | ପୃଷ୍ଠା-୧




# କ୍ରିକେଟ ପାଇଁ ବୃହତ୍ ପ୍ରକଳ୍ପର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

- ବିଶ୍ୱସ୍ତରୀୟ ସ୍ପୋର୍ଟସ କମ୍ପ୍ଲେକ୍ସ ହେବ ବାରବାଟୀ ଷ୍ଟାଡିୟମ
- ସମ୍ବଲପୁର ଭିଏସ୍ଏସ୍ କ୍ରିକେଟ ଷ୍ଟାଡିୟମର ହେବ ପୁନର୍ବିନ୍ୟାସ
- ପୁରୀ, ବ୍ରହ୍ମପୁର, ଯାଜପୁର, ଝାରସୁଗୁଡ଼ାର ୪୧ କ୍ରିକେଟ ଏକାଡେମୀ ଉଦ୍‌ଘାଟିତ
- ଦେଶର ସର୍ବବୃହତ୍ ଭାରୋତ୍ତୋଳନ ଏକାଡେମୀ ଲୋକାର୍ପିତ



ଭୁବନେଶ୍ୱର,୨୭।୨(ଅନିଲ ଦାସ)

ଓଡ଼ିଶା କ୍ରିକେଟ ଖେଳ ଇତିହାସରେ ଏକ ନୂଆ ଫର୍ଦ୍ଦ ଯୋଡ଼ିହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଐତିହାସିକ ବାରବାଟୀ ଷ୍ଟାଡିୟମର ପୁନଃନିର୍ମାଣ ଘୋଷଣା କରିବା ସହ ସମ୍ବଲପୁରର ବୀର ସୁରେନ୍ଦ୍ର ସାଏ କ୍ରିକେଟ ଷ୍ଟାଡିୟମର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏଥିସହିତ ରାଜ୍ୟର ବିଭିନ୍ନ ସ୍ଥାନରେ ୪୧ କ୍ରିକେଟ ଏକାଡେମୀ ଉଦ୍‌ଘାଟନ କରିବା ସହ ଅନେକ କ୍ରୀଡ଼ା ପ୍ରକଳ୍ପର ଭିତ୍ତି ସ୍ଥାପନ କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ବିସିସିଆଇ, ଓସିଏ ଏବଂ କର୍ପୋରେଟ ସଂସ୍ଥାଗୁଡ଼ିକର ମିଳିତ ସହଯୋଗରେ ଅତ୍ୟାଧୁନିକ ସୁବିଧା ସହ ବାରବାଟୀ ଷ୍ଟାଡିୟମକୁ ବିଶ୍ୱସ୍ତରୀୟ ସ୍ପୋର୍ଟସ କମ୍ପ୍ଲେକ୍ସ ଭାବେ ପୁନର୍ବିକାଶ କରାଯିବ। ତେବେ ଆଇକନିକ କ୍ଲକ୍ ଟାୱାରକୁ ଐତିହ୍ୟ ସ୍ମାରକୀ ଭାବେ ସଂରକ୍ଷଣ କରାଯିବ। ସମ୍ବଲପୁରରେ ଥିବା ଭିଏସ୍ଏସ୍

☞ପୃଷ୍ଠା-୧୧

# ୨୦୪୦ ସୁଦ୍ଧା ଚନ୍ଦ୍ରକୁ ମାନବ ପ୍ରେରଣ ଲକ୍ଷ୍ୟ

## ୪ ଗଗନୟାନ ମହାକାଶଚାରୀଙ୍କ ନାଁ ପ୍ରକାଶ କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୨୭।୨

ମହାକାଶକୁ ଭାରତର ପ୍ରଥମ ମାନବ ମିଶନ ଗଗନୟାନରେ ଭାଗନେବାକୁ ଥିବା ୪ ମହାକାଶଚାରୀଙ୍କ ନାଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ପ୍ରକାଶ କରିଛନ୍ତି। ଥିରୁଭାନନ୍ତପୁରମ୍‌ସ୍ଥିତ ବିକ୍ରମ ସରାଭାଇ ସ୍ପେସ୍ ସେଣ୍ଟରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗଗନୟାନରେ ଯିବା ପାଇଁ ଚୟନ ହୋଇଥିବା ୪ ଜଣଙ୍କୁ ମହାକାଶଚାରୀର ପରିଚୟ ଦେଇଛନ୍ତି। ସେମାନେ ହେଲେ ଗ୍ରୁପ୍ କ୍ୟାପ୍‌ଟେନ ପ୍ରଶାନ୍ତ ବାଲାକ୍ରିଷ୍ଣନ ନାୟାର, ଗ୍ରୁପ୍ କ୍ୟାପ୍‌ଟେନ୍ ଅଜିତ କ୍ରିଷ୍ଣନ, ଗ୍ରୁପ୍ କ୍ୟାପ୍‌ଟେନ ଅଙ୍ଗଦ ପ୍ରତାପ ଏବଂ ୱିଙ୍ଗ୍ କମାଣ୍ଡର ଶୁଭାଂଶୁ ଶୁକ୍ଳା।

ଏହି ମାନବ ମିଶନରେ କ୍ରିଉ ସଦସ୍ୟମାନଙ୍କୁ ୪୦୦ କିଲୋମିଟର ଦୂରରେ ଥିବା ପୃଥିବୀର ନିମ୍ନ କକ୍ଷକୁ ନେବା ସହ ୩ ଦିନ ପରେ ସେମାନଙ୍କୁ ଫେରାଇ ଆଣିବାକୁ ଲକ୍ଷ୍ୟ ରଖାଯାଇଛି। ସେମାନଙ୍କ ନିରାପତ୍ତା ପାଇଁ ଗଗନୟାନକୁ ଭାରତୀୟ ସମୁଦ୍ରରେ ଅବତରଣ କରାଯିବ। ଚୟନ ହୋଇଥିବା ମହାକାଶଚାରୀମାନେ ମିଶନ ସମୟରେ ଯେପରି ସୁସ୍ଥ ରହିବେ ସେଥିପାଇଁ ସେମାନଙ୍କୁ ବୈଷୟିକ ଜ୍ଞାନ ଏବଂ ଶାରୀରିକ ଫିଟ୍‌ନେସ୍ ତାଲିମ ଦିଆଯାଇଛି। ଗଗନୟାନର ୪ ଯାତ୍ରୀ କେବଳ ୪ଟି ନାଁ କିମ୍ବା ୪ ଜଣ ନୁହନ୍ତି, ସେମାନେ ୧୪୦ କୋଟି ଭାରତୀୟଙ୍କ ଆଶା ଆକାଂକ୍ଷାକୁ ମହାକାଶକୁ ନେଇଯିବେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଦୀର୍ଘ ୪୦ ବର୍ଷ ପରେ ଭାରତୀୟମାନେ ମହାକାଶରେ ପହଞ୍ଚିବାକୁ ଯାଉଛନ୍ତି। ତେବେ ଏଥରର ସମୟ, ଅବଗଣନା, ରକେଟ ସବୁକିଛି ଆମର ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ସୂଚନାଯୋଗ୍ୟ, ୧୯୮୪ରେ ସୋଭିଏଟ୍ ରୁଷ୍ ମିଶନରେ ଭାରତର ୱିଙ୍ଗ୍ କମାଣ୍ଡର ରାକେଶ ଶର୍ମା ମହାକାଶ ଯାଇଥିଲେ।

ପ୍ରଧାନମନ୍ତ୍ରୀ ମହାକାଶଚାରୀମାନଙ୍କ ନାଁ ଘୋଷଣା କଲାବେଳେ ଉକ୍ତ କାର୍ଯ୍ୟକ୍ରମରେ କେରଳ ରାଜ୍ୟପାଳ ଅରିଫ୍ ମହମ୍ମଦ ଖାନ, ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ, ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ଭି. ମୁରଲୀଧରନ ଏବଂ ଇସ୍ରୋ ଅଧ୍ୟକ୍ଷ ଏସ୍. ସୋମନାଥ ପ୍ରମୁଖ ଉପସ୍ଥିତ ଥିଲେ। ଗଗନୟାନ ମିଶନର

☞ପୃଷ୍ଠା-୧୧



ବାମରୁ ପ୍ରଶାନ୍ତ ବାଲାକ୍ରିଷ୍ଣନ ନାୟାର, ଅଙ୍ଗଦ ପ୍ରତାପ, ଅଜିତ କ୍ରିଷ୍ଣନ ଓ ଶୁଭାଂଶୁ ଶୁକ୍ଳା।



ତୁମେ ଯାହା ଜାଣିଛ- ତାହା ହିଁ ଯେ ଏକମାତ୍ର ସତ୍ୟ- ଏବଂ ତୁମର ବିଶ୍ୱାସ ଯେ ଏକମାତ୍ର ସତ୍ୟ ଏବଂ ଅନ୍ୟମାନଙ୍କ ଜ୍ଞାନ ଓ ବିଶ୍ୱାସ ସତ୍ୟ ନୁହେଁ- ତୁମେ ଯଦି ଏହିପରି ଭାବୁଥାଅ- ତା'ହେଲେ ତୁମେ ଜାଣ ଯେ, ଅତୀତରେ ବିଭିନ୍ନ ଧର୍ମ ଓ ସଂପ୍ରଦାୟର ଲୋକମାନେ ଯାହା କରୁଥିଲେ- ତୁମେ ତାହା ହିଁ କରୁଛ। -ଶ୍ରୀମା



# ଫାଇଟର ପରେ ଆର୍ଟିକଲ ୩୭୦

ଫେବୃଆରୀ ୨୩ରେ ଆଦିତ୍ୟ ସୁହାସ ଜମ୍ଭାଲେଙ୍କ ନିର୍ଦ୍ଦେଶିତ ତଥା ୟାମୀ ଗୌତମଙ୍କ ଅଭିନୀତ ଆର୍ଟିକଲ ୩୭୦ ସିନେମା ରିଲିଜ ହୋଇଯାଇଛି। ଭାରତରେ ସାଧାରଣ ନିର୍ବାଚନ ପୂର୍ବରୁ ଏଭଳି ସିନେମାରେ ରାଜନୈତିକ ଉଦ୍ଦେଶ୍ୟ ଥିବା କୁହାଯାଉଛି। ଏହି ଚଳଚ୍ଚିତ୍ର ଭାରତରେ ଭଲ ବ୍ୟବସାୟ କରୁଥିବାବେଳେ କେତେକ ମଧ୍ୟପ୍ରାଚ୍ୟ ଦେଶ ଏହାକୁ ରିଲିଜ କରିବାକୁ ନ ଦେଇ ସାର୍ଟିଫିକେଶନ ଅପେକ୍ଷାରେ ରହିଛନ୍ତି। ଆଶ୍ଚର୍ଯ୍ୟକର ବିଷୟ ହେଉଛି, ଗତ ସପ୍ତାହରେ ହୃତିକ ରୋଶନ ଓ ଦୀପିକା ପାଦୁକୋନଙ୍କ ଅଭିନୀତ ଫାଇଟର ସିନେମାକୁ ୟୁଏଇକୁ ଛାଡ଼ି ଅନ୍ୟ ସବୁ ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକରେ ନିଷେଧ କରାଯିବା ପରେ ଏବେ ଆର୍ଟିକଲ ୩୭୦ ଉପରେ ପ୍ରଶ୍ନ ଉଠିଛି। ଭାରତ-ପାକିସ୍ତାନ ସୀମା ସଂଘର୍ଷ, ବିଶେଷକରି ୨୦୧୯ର ପୁଲଓ୍ୱାମା ଉଗ୍ରବାଦୀ ଆକ୍ରମଣ ଓ ବାଲାକୋଟ ଏୟାରଷ୍ଟ୍ରାଇକ ଫାଇଟର ସିନେମାର ମୂଳ କାହାଣୀ। ଉଲ୍ଲେଖଯୋଗ୍ୟ ଯେ, କେନ୍ଦ୍ର ସରକାର ୫ ଅଗଷ୍ଟ ୨୦୧୯ରେ ଜମ୍ମୁ କଶ୍ମୀରରୁ ଧାରା ୩୭୦ ଉଚ୍ଛେଦ କରିବା ସହ ସେହି ରାଜ୍ୟକୁ ବିଭାଜନ କରି ଜମ୍ମୁକଶ୍ମୀର ଓ ଲଦାଖ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳ କରିଥିଲେ। ତେବେ ସରକାରଙ୍କ ଏହି ନିଷ୍ପତ୍ତି ବିରୋଧରେ ସୁପ୍ରିମକୋର୍ଟରେ ଦାଖଲ ହୋଇଥିବା ପିଟିଶନଗୁଡ଼ିକର ଶୁଣାଣି କରି ଗତବର୍ଷ କୋର୍ଟ କେନ୍ଦ୍ର ସରକାରଙ୍କ ପଦକ୍ଷେପକୁ ବୈଧ ଘୋଷଣା କରିବା ସହ ଜମ୍ମୁକଶ୍ମୀର ରାଜ୍ୟ ମାନ୍ୟତା ପୁନଃ ସ୍ଥାପିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଆର୍ଟିକଲ ୩୭୦ ଚଳଚ୍ଚିତ୍ରର କାହାଣୀ ସପକ୍ଷରେ ଶାସକ ନେତାମାନେ ଯୁକ୍ତି କରୁଥିବାବେଳେ ଆଉ ଏକ ଗୋଷ୍ଠୀ ଏହାକୁ ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ କରାଯାଇଛି ବୋଲି ଅଭିଯୋଗ କରିଛନ୍ତି। ଦେଖିବାକୁ ଗଲେ ବିଦେଶରେ ଏଭଳି ଭାରତୀୟ ସିନେମାକୁ ବିରୋଧ କରାଯିବା ଘଟଣା ନୂଆ ନୁହେଁ। ନବେ ଦଶକର କଶ୍ମୀର ପଣ୍ଡିତଙ୍କ ନିର୍ଯାତନା ଓ ସେମାନଙ୍କ ସଂଘର୍ଷକୁ ନେଇ ୩ ଦଶନ୍ଧି ପରେ ଏହା ଉପରେ ବିବେକ ଅଗ୍ନିହୋତ୍ରୀଙ୍କ ନିର୍ଦ୍ଦେଶିତ ଦି କଶ୍ମୀର ଫାଇଲ୍ସ ଚଳଚ୍ଚିତ୍ରକୁ ବିରୋଧ କରାଯାଇଥିଲା ଓ ସଂଖ୍ୟାଲଘୁଙ୍କ ପ୍ରତି ବିଦ୍ୱେଷ ଭାବ ସୃଷ୍ଟି କରାଯାଇଛି ବୋଲି ଅଭିଯୋଗ ଉଠିଥିଲା। ସିଙ୍ଗାପୁରରେ ଏହାକୁ ନିଷେଧ କରାଯାଇଥିଲା । ଏପରିକି ୨୦୨୨ରେ ଆୟୋଜିତ ଗୋଆ ଅନ୍ତଃରାଷ୍ଟ୍ରୀୟ ଚଳଚ୍ଚିତ୍ର ମହୋତ୍ସବର ଜୁରି ଚେୟାରମ୍ୟାନ ତଥା ଇସ୍ରାଏଲୀ ଚଳଚ୍ଚିତ୍ର ନିର୍ମାତା ନାଦାଭ ଲାପିଡ ଏହାକୁ ଅଶ୍ଳୀଳ ଓ ପ୍ରଚାରଧର୍ମୀ ଚଳଚ୍ଚିତ୍ର ବୋଲି କହିଥିଲେ। ଏଥିରେ ଅନ୍ୟ ଜୁରି ସଦସ୍ୟମାନେ ଏକମତ ହୋଇଥିବାବେଳେ କେବଳ ଜୁରିରେ ଏକ ମାତ୍ର ଭାରତୀୟ ସଦସ୍ୟ ଚଳଚ୍ଚିତ୍ର ନିର୍ମାତା ସୁଦୀପ୍ତୋ ସେନ ତାହା ନାଭାଦଙ୍କ ବ୍ୟକ୍ତିଗତ ମତ ବୋଲି ପ୍ରକାଶ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ ପରବର୍ତ୍ତୀ ସମୟରେ ସୁଦୀପ୍ତୋ ସେନ୍‌ଙ୍କ ନିର୍ଦ୍ଦେଶନାରେ ଓ ବିପୁଲ ଅମୃତଲାଲ ଶାହାଙ୍କ ଦ୍ୱାରା ଦି କେରଲା ଷ୍ଟୋରି ସିନେମା ନିର୍ମାଣ କରାଯାଇଥିଲା। କିନ୍ତୁ ଏହାର ଟ୍ରେଲର ରିଲିଜ ପୂର୍ବରୁ ଦେଶରେ ଝଡ଼ ଉଠିଥିଲା। କଂଗ୍ରେସ, ସିପିଏମ୍ ଓ ଅନ୍ୟ କେତେକ ଆଞ୍ଚଳିକ ଦଳ ଏହା ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ। ଏହା ଉପରେ ନିଷେଧାଦେଶ ଜାରି କରିବା ପାଇଁ ସୁପ୍ରିମକୋର୍ଟରେ ଆବେଦନଗୁଡ଼ିକ ଦାଖଲ ହୋଇଥିଲା ଏବଂ କୋର୍ଟ ଏହାର ବିଚାର କରି ପ୍ରତିବନ୍ଧକ ଲଗାଇବାକୁ ମନା କରିଦେଇଥିଲେ। ଏହି ସିନେମାରେ କେରଳରୁ ୩୨,୦୦୦ ଝିଅ ନିଖୋଜ ହୋଇଯିବା ଏବଂ ସେମାନେ ପରେ ଆଇଏସ୍‌ଆଇଏସ୍‌ରେ ଯୋଗଦେବା ବିଷୟ ଦର୍ଶାଯାଇଥିଲା। କିନ୍ତୁ ସେହି ତଥ୍ୟ ପରବର୍ତ୍ତୀ ସମୟରେ ଅସତ୍ୟ ବୋଲି ପ୍ରମାଣିତ ହୋଇଥିଲା।

ଦି କଶ୍ମୀର ଫାଇଲ୍ସ, ଦି କେରଲା ଷ୍ଟୋରି ସିନେମାଗୁଡ଼ିକରେ ସଂଖ୍ୟାଲଘୁଙ୍କ ପ୍ରତି କିଛି ବିରୋଧାତ୍ମକ ବିଷୟ ରହିଥିବାର ଅଭିଯୋଗ ଉଠିଥିଲା। ଏବେ ଫାଇଟର ଓ ଆର୍ଟିକଲ ୩୭୦ ସିନେମାରେ ସମାନ ପ୍ରକାର ଅଭିଯୋଗ କରାଯାଇଛି। ବିଗତ ବର୍ଷଗୁଡ଼ିକରେ ରିଲିଜ ହୋଇଥିବା ଏହିସବୁ ଚଳଚ୍ଚିତ୍ର ପ୍ରଚାରଧର୍ମୀ ବୋଲି ଅଭିଯୋଗ ହୋଇ ଆସିଛି। ହିନ୍ଦୀ ସିନେମା କେବଳ ମଧ୍ୟପ୍ରାଚ୍ୟ ନୁହେଁ ଉତ୍ତର ଆଫ୍ରିକା, ଇଣ୍ଡୋନେସିଆ, ମାଲେସିଆ ଏବଂ କେନ୍ଦ୍ରୀୟ ଏସିଆରେ ବହୁଳ ଭାବେ ଲୋକପ୍ରିୟତା ହାସଲ କରିପାରିଛି। ଦେଖିବାକୁ ଗଲେ ହିନ୍ଦୀ ସିନେମା ହେଉଛି ଭାରତୀୟ କାଳ୍ପନିକ ସମାଜର ବାର୍ତ୍ତାବାହକ ବା ଦୂତ ବା ଆମ୍ବାସାଡର। ସେଭଳି ଏକ ଉଚ୍ଚସ୍ଥାନରୁ ବମ୍ବେ ସିନେମାକୁ ଦେଶ ଭିତରେ ନ୍ୟୁନ କରି ଦେଖାଇଲେ ତାହା ଏହି ଦେଶର ଏକ ଗୁରୁତ୍ୱପୂର୍ଣ୍ଣ ସାଂସ୍କୃତିକ ଅଙ୍ଗକୁ କ୍ଷତି ପହଞ୍ଚାଉଛି।

**ଦେଖିବାକୁ ଗଲେ ହିନ୍ଦୀ ସିନେମା ହେଉଛି ଭାରତୀୟ କାଳ୍ପନିକ ସମାଜର ବାର୍ତ୍ତାବାହକ ବା ଦୂତ ବା ଆମ୍ବାସାଡର। ସେଭଳି ଏକ ଉଚ୍ଚସ୍ଥାନରୁ ବମ୍ବେ ସିନେମାକୁ ଦେଶ ଭିତରେ ନ୍ୟୁନ କରି ଦେଖାଇଲେ ତାହା ଏହି ଦେଶର ଏକ ଗୁରୁତ୍ୱପୂର୍ଣ୍ଣ ସାଂସ୍କୃତିକ ଅଙ୍ଗକୁ କ୍ଷତି ପହଞ୍ଚାଉଛି।**

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 8 | | 2 | | 7 |
| 2 | | | | | 3 | | | |
| 7 | 8 | | 9 | | | | | 3 |
| | | | | | 4 | 6 | | |
| | | | | 3 | 9 | | 4 | 2 |
| 1 | | 7 | | | | | | |
| | 5 | | | | | 7 | | 8 |
| 9 | | | | | | | | |
| | | | | 2 | | 5 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 3 | 7 | 8 | 2 | 1 | 5 | 4 | 6 |
| 8 | 5 | 2 | 9 | 4 | 6 | 1 | 3 | 7 |
| 1 | 4 | 6 | 7 | 5 | 3 | 9 | 8 | 2 |
| 7 | 6 | 5 | 4 | 3 | 8 | 2 | 9 | 1 |
| 4 | 1 | 3 | 2 | 6 | 9 | 7 | 5 | 8 |
| 2 | 8 | 9 | 5 | 1 | 7 | 4 | 6 | 3 |
| 5 | 9 | 8 | 3 | 7 | 2 | 6 | 1 | 4 |
| 3 | 2 | 1 | 6 | 9 | 4 | 8 | 7 | 5 |
| 6 | 7 | 4 | 1 | 8 | 5 | 3 | 2 | 9 |

ଗତକାଲିର ଉତ୍ତର

# ଅମୃତରେ ଅପମିଶ୍ରଣ



ଶୁଭନାରାୟଣ ଶତପଥୀ

କଥାରେ ଅଛି-ଦୁଗ୍ଧ ଖାଇବାକୁ ମନ କରିଥିଲେ ଘରେ ରଖିଥିବ ଗାଈ, କଳି କରିବାକୁ ବାହାରକୁ ଗଲେ ସାଙ୍ଗରେ ଥିବଟି ଭାଇ। ଏ ଲୋକକଥାର ଯଥାର୍ଥତା ଆଜିବି ମନେହୁଏ। ଗାଈର ଦୁଗ୍ଧ ବା କ୍ଷୀର ଅମୃତତୁଲ୍ୟ। ପିଲାଠାରୁ ବୟସ୍କ ଯାଏଁ ସଭିଙ୍କ ଖାଦ୍ୟର ଆବଶ୍ୟକତା ଏହି କ୍ଷୀର। ଡାକ୍ତରଙ୍କ ପରାମର୍ଶର ପ୍ରମୁଖ ଅଂଶ କ୍ଷୀର। ଆଦିମ କାଳରୁ ଯୋଗୀ ଋଷିଙ୍କଠାରୁ ବୈଜ୍ଞାନିକମାନଙ୍କ ଖାଦ୍ୟ ତଥା ଦକ୍ଷତା, ଶାରୀରିକ ଅଭିବୃଦ୍ଧିର ବିଶେଷ ଆବଶ୍ୟକତା ଭାବରେ କ୍ଷୀରର ସ୍ଥାନ ସ୍ୱତନ୍ତ୍ର। ତେବେ ଏହାକୁ କିଛି ଲୋକ ବ୍ୟବସାୟ କରି ଚଳୁଥିବା ବେଳେ ବର୍ତ୍ତମାନ ଅନେକ ସଂସ୍ଥା କ୍ଷୀର ବିକ୍ରିବଟା କରୁଛନ୍ତି। ତେବେ କ୍ଷୀରରେ ପାଣି ମିଶାଇ ବିକ୍ରି କରିବା ବା ପିଇବା ଅଭ୍ୟାସଟା ଏବର ନୁହେଁ ବରଂ ପ୍ରାଚୀନ କହିଲେ ଅତ୍ୟୁକ୍ତି ହେବନାହିଁ। ଯଦିଓ ପାଣି ମିଶିବା ପରେ କ୍ଷୀରର ନିଜସ୍ୱ ମାନଦଣ୍ଡ ଦୁର୍ବଳ ହୁଏ ତଥାପି ଏହା ଶରୀର ପାଇଁ ଆବଶ୍ୟକ ପୁଷ୍ଟିଠାରୁ କମ୍ ହେଲେ ମଧ୍ୟ ଶରୀରକୁ କ୍ଷତି ପହଞ୍ଚାଇ ନ ଥାଏ। କୌଣସି ପ୍ରକାର ଅପମିଶ୍ରିତ କ୍ଷୀର ସେବନ ସ୍ୱାସ୍ଥ୍ୟ ଅହିତକାରୀ। ସଂପ୍ରତି କ୍ଷୀରରେ ଅପମିଶ୍ରଣ କରି ରୋଜଗାର କରିବା ଧୀରେ ଧୀରେ ବଢ଼ିବାକୁ ଲାଗିଲାଣି। ତେବେ ଏହି ଅମୃତତୁଲ୍ୟ ଖାଦ୍ୟରେ ଅପମିଶ୍ରଣ ଶୁଣିଲେ ମନ ଆନ୍ଦୋଳିତ ହୋଇଯାଏ। ପ୍ରାକୃତିକ ଉପାୟରେ ମିଳୁଥିବା ଏହି କ୍ଷୀରରେ ରାସାୟନିକ ଦ୍ରବ୍ୟର ବ୍ୟବହାର ବର୍ତ୍ତମାନ ଜନଜୀବନ ପାଇଁ ଆହ୍ୱାନ ପାଲଟିଲାଣି।

ଏଇ କିଛିଦିନ ତଳର ଘଟଣା। ଏକ ଗାଁରେ ଦୁଇଜଣ ବ୍ୟକ୍ତିଙ୍କ ମଧ୍ୟରେ ପାଟିତୁଣ୍ଡ ଲାଗିଥାଏ। ବୁଝିଲାବେଳକୁ ଜଣାପଡ଼ିଲା ଜଣେ କ୍ଷୀର ବିକ୍ରେତା ଓ ଆର ଜଣକ ଗ୍ରାହକ। କ୍ଷୀର ବିକୁଥିବା ବ୍ୟକ୍ତିଟିର ଘରେ ଗାଈ ନାହାନ୍ତି। ସେ ବଜାରରୁ କିଛି କ୍ଷୀର ପ୍ୟାକେଟ୍ ଆଣି ଆଉ କିଛି ଶସ୍ତା କ୍ଷୀରଗୁଣ୍ଡ ବା ରାସାୟନିକ ପାଉଡରକୁ ବ୍ୟବହାର କରି ଅଧିକ ଓ ବହଳିଆ କ୍ଷୀର ପ୍ରସ୍ତୁତ କରି ବିକ୍ରି କରୁଥିଲେ। ଏପରି କରୁଥିବା ଜାଣିବା ପରେ ଗ୍ରାହକ ଜଣକ ଖପ୍ପା। ଅଭିଯୋଗ ପରେ ଉକ୍ତ ବ୍ୟକ୍ତି କ୍ଷୀର ବେପାର ବନ୍ଦ କରିଥିବା ଜଣାପଡ଼ିଛି। ଶସ୍ତା ଓ ହାନିକାରକ ଜିନିଷର ବ୍ୟବହାର କରି କ୍ଷୀର ପ୍ରସ୍ତୁତ କରିବା, ବିକ୍ରି କରିବା ଓ ତାକୁ ଖାଦ୍ୟରୂପେ ଗ୍ରହଣ କରିବା ଦ୍ୱାରା ମଣିଷ ସ୍ୱାସ୍ଥ୍ୟଗତ ବିପତ୍ତି ଆଡ଼କୁ ଟାଣି ହୋଇଯାଏ। ଏପଟେ ଅର୍ଥଦେଇ ଅପମିଶ୍ରିତ କ୍ଷୀର ଓ ସେପଟେ ରୋଗକୁ ବରଣ କରିବା ସାର। ଦୁଇ ପାଖରୁ କ୍ଷତି। ତେବେ ବର୍ତ୍ତମାନ



ଗାଁର ଚିତ୍ରକୁ ବିଶ୍ଳେଷଣ କଲେ ଦେଖାଯାଏ ଗାଁର ଗାଈଗୋଠ, ଗୋ-ପାଳନ ଏକ ଇତିହାସ ହେବାକୁ ବସିଲାଣି। ଯେତେବେଳେ ପ୍ରତି ଘରେ ଗାଈ ଥିଲେ ଓ ଗୋଠ ଥିଲା ସେତେବେଳେ ବି କ୍ଷୀରର ନିଅଣ୍ଟ ପରିଲକ୍ଷିତ ହେଉଥିଲା। ଆଉ ଏବେ ଯଦିଓ ଗାଈ ସମସ୍ତଙ୍କ ଘରେ ନାହାନ୍ତି ତଥାପି ବ୍ୟବସାୟଭିତ୍ତିରେ ଗୋପାଳନ ପ୍ରତି ସେତେ ଆଗ୍ରହ ଦେଖାଯାଉନାହିଁ। ଆଶ୍ଚର୍ଯ୍ୟ ହେଉଛି କ୍ଷୀର, ପନିର, ଛେନା, ଦହି, ଘିଅର ଅଭାବ ନାହିଁ। ଏହା ବୈଚିତ୍ର୍ୟମୟ ନୁହେଁ କି?

କେବଳ ସ୍ଥାନୀୟ ନୁହେଁ, ପ୍ୟାକେଟ୍ ହୋଇ ବିକ୍ରି ହେଉଥିବା ଅମୃତତୁଲ୍ୟ କ୍ଷୀର ମଧ୍ୟ କେତେକ ସ୍ଥାନରେ ଅପମିଶ୍ରିତ ହେଉଥିବାର ଉଦାହରଣ ରହିଛି। ୪ ମାର୍ଚ୍ଚ, ୨୦୨୦ ମସିହାରେ ପ୍ରକାଶିତ ଗ୍ରାହକ ପରାମର୍ଶ ସମାଜ ରିପୋର୍ଟ ଅନୁସାରେ, ବଜାରରେ ମିଳୁଥିବା ୭୯ ଶତକଡା ବ୍ରାଣ୍ଡେଡ୍, ଖୋଲା କ୍ଷୀର ଅପମିଶ୍ରିତ। ଗତ ଜାନୁଆରୀ ମାସରେ ଥିରୁଭାନନ୍ତପୁରମ୍‌ରେ ଜବତ ହୋଇଥିବା ୧୫,୩୦୦ ଲିଟର କ୍ଷୀରରେ ହାଇଡ୍ରୋଜେନ୍ ପେରକ୍ସାଇଡ୍‌ର ଉପସ୍ଥିତିକୁ ସେଠାକାର ଗୋପାଳନ ବିଭାଗ ନିଶ୍ଚିତ କରିଛି। ଗାଈ ରଖି ନ ଥିବା ଜଣେ ବ୍ୟକ୍ତି ଚେନ୍ନାଇର ଏକ ସମବାୟ ସମିତିକୁ ଲହୁଣି ଓ କ୍ଷୀରଗୁଣ୍ଡ ମିଶାଇ ବିକ୍ରି କରୁଥିବା ଖବର ନଜରକୁ ଆସିଛି। ଉକ୍ତ ବ୍ୟକ୍ତି ମହଙ୍ଗା ହୋଇଥିବା ଗୁଣ୍ଡ କ୍ଷୀର ଓ ଲହୁଣିକୁ ଚୋରିକରି ସେଥିରେ ପାଣି ମିଶାଇ ବିକ୍ରି କରୁଥିବା ବେଳେ ଧରାପଡ଼ିଥିଲା। ସେଠାରୁ ପାଖାପାଖି ୧୪୦ କେଜି ଲହୁଣି, ୧୭୫ କେଜି କ୍ଷୀରଗୁଣ୍ଡ, ଗୋଟିଏ କ୍ରିମ୍ ପୃଥକୀକରଣ, ମିଶ୍ରଣ ଯନ୍ତ୍ରପାତି ମିଳିଥିଲା। ଅନ୍ୟ ଏକ ରିପୋର୍ଟରୁ ଜଣାଯାଏ ଯେ, ଛତ୍ରପତି ଶିବାଜୀ ନଗରରେ ଖାଦ୍ୟ ଓ ଔଷଧ ପ୍ରଶାସନ ୨୫ ହଜାର ଲିଟର ବିକ୍ରି କ୍ଷୀରରୁ ୧୩ରୁ ୧୪ ହଜାର ଲିଟର ଅପମିଶ୍ରିତ ବୋଲି ଧରିଥିଲା ଓ ତିନିଜଣଙ୍କୁ ଗିରଫ କରିଥିଲା, ଯେଉଁଥିରେ ୧୩୨ ବ୍ୟାଗ୍ ମହଙ୍ଗାଯାଇଥିବା କ୍ଷୀରଗୁଣ୍ଡ, ୨୨୦ ପ୍ୟାକେଟ୍ ପାମ୍‌ତେଲ, ଲୁଗାଧୁଆ କଷ୍ଟିକ୍ ସୋଡ଼ା ମିଳିଥିଲା। ତେବେ ଭାରତୀୟ ପ୍ରାଣୀ କଲ୍ୟାଣ ବୋର୍ଡ ସଦସ୍ୟ ମୋହନ ସିଂ ଆହଲୁୱାଲିଆ କହିଛନ୍ତି ଯେ ପ୍ରାୟ ୬୮.୭ ଶତକଡା ଦୁଗ୍ଧ ଓ ଦୁଗ୍ଧଜାତୀୟ ଦ୍ରବ୍ୟ ଭାରତୀୟ ଖାଦ୍ୟ ନିରାପତ୍ତା ଓ ମାନକ ପ୍ରାଧିକାରୀଙ୍କ ଦ୍ୱାରା ସ୍ଥିରୀକୃତ ମାନକଯୋଗ୍ୟ ନୁହେଁ। ଅପମିଶ୍ରଣ କାରକଗୁଡ଼ିକ ମଧ୍ୟରେ ସାଧାରଣତଃ କଷ୍ଟିକ୍ ସୋଡ଼ା, ଗ୍ଲୁକୋଜ୍, ଧଳାରଙ୍ଗ, ରିଫାଇନ୍ ତେଲ ଇତ୍ୟାଦି ରହିଛି। ସେ କହିଛନ୍ତି, ୩୧ ମାର୍ଚ୍ଚ ୨୦୧୮ ସୁଦ୍ଧା ଦେଶର ପ୍ରତିଦିନ ଦୁଗ୍ଧ ଉତ୍ପାଦନ ୧୪.୬୮ କୋଟି ଲିଟର ଥିବାବେଳେ ମୁଣ୍ଡପିଛା ପ୍ରାୟ ୪୮୦ ଗ୍ରାମ୍ ଖର୍ଚ୍ଚ ହୋଇଛି।

ପ୍ରତି ଘରର ଆହାର ହେଉଛି କ୍ଷୀର। କିନ୍ତୁ କ୍ଷୀର ଅପମିଶ୍ରଣ କୋମଳମତି ଶିଶୁ ଓ ଅସହାୟ ବୟୋଜ୍ୟେଷ୍ଠଙ୍କ ଜୀବନ ପ୍ରତି ଆହ୍ୱାନ। ଏପରି ଅପମିଶ୍ରଣକୁ ଘରେ ପରୀକ୍ଷା କରିବାକୁ ଚାହିଁଲେ ମଣ୍ଡ କ୍ଷୀରରେ ଆୟୋଡିନ୍ ମିଶାଇଲେ ତାହା ନୀଳ ହୋଇଯିବ। ପାଣିମିଶ୍ରିତ କ୍ଷୀର ଚଟାଣରେ ପଡ଼ିଲେ ତାହା ବୋହିଯିବ। ଯଦି କ୍ଷୀରରେ ୟୁରିଆ ମିଶିଥିବ ତେବେ ସୋୟାବିନ୍ ପାଉଡର ମିଶାଇ ଫେଣ୍ଟିଲାପରେ ଲିଟିମସ୍ ପେପର ବୁଡ଼ାଇଲେ ତାହା ନୀଳ ପଡ଼ିଯିବ। ୧୦ ମିଲି କ୍ଷୀରରେ ୧୦ ମିଲି ପାଣି ମିଶାଇ ଫେଣ୍ଟିଲେ ଯଦି ଫେଣ ହୁଏ ତେବେ ସେଥିରେ ଡିଟରଜେଣ୍ଟ ମିଶିଥିବାର ସମ୍ଭାବନା ରହିଛି। ସିନ୍ଥେଟିକ୍ କ୍ଷୀରକୁ ପିଇବା ପରେ ତାହା ପାଟିକୁ ଖରାପ ଲାଗେ। ଏହି ଅପମିଶ୍ରିତ କ୍ଷୀର ପାନ କଲେ କିଡ୍‌ନୀ, ପାଚନତନ୍ତ୍ର, ଆଖି, ହାର୍ଟ ଆଦି ଶରୀରର ପ୍ରମୁଖ ଅଙ୍ଗ ଗୁଡ଼ିକୁ ପ୍ରଭାବିତ କରି ରୋଗ ସୃଷ୍ଟି କରାଏ। ତେବେ ସରକାରଙ୍କ ତରଫରୁ ଦୁଗ୍ଧ ଓ ଦୁଗ୍ଧଜାତୀୟ ସାମଗ୍ରୀ, ଯାହା ସ୍ଥାନୀୟ ଓ ବଜାରରେ ବିକ୍ରି ହେଉଛି ସେଗୁଡ଼ିକ ନିୟମିତ ବ୍ୟବଧାନରେ ପରୀକ୍ଷା ହେବା ଜରୁରୀ। ଏହି କ୍ଷୀର ଅପମିଶ୍ରଣର କାରକଗୁଡ଼ିକର ଲୁଚାଛପା ବିକ୍ରିରେ ରୋକ୍ ଲଗାଯାଇପାରେ। ଭାରତୀୟମାନେ ନିଜର ସାମଗ୍ରିକ ଅଭିବୃଦ୍ଧି ପାଇଁ ବେଶ୍ ଆଶା ଓ ଭରସା ରଖି ଗାଈକ୍ଷୀର ପାନ କରିଥାନ୍ତି ଓ ଈଶ୍ୱରଙ୍କୁ ମଧ୍ୟ ସମର୍ପଣ କରିଥାନ୍ତି। ଏଥିରେ ଅପମିଶ୍ରଣ ସେହି ଆଶାକୁ ବିପରୀତାଭିମୁଖୀ କରାଏ। ଗୋଟିଏ ବଡ଼ ବିପର୍ଯ୍ୟୟକୁ ଅପେକ୍ଷା ନ କରି ସବୁସ୍ତରରେ ବେଳହୁଁ ସାବଧାନ ହେଲେ ଏ ସମସ୍ୟାର ସମାଧାନ ସହଜ ହେବ।

ବିଜିପୁର, ବ୍ରହ୍ମଗିରି, ପୁରୀ
ମୋ:୯୪୩୮୪୩୨୦୨୩

# ମୁଁ ବୁଢ଼ାବଳଙ୍ଗ



ଅଧ୍ୟାପକ ଗୋପବନ୍ଧୁ

ମୁଁ ବୁଢ଼ାବଳଙ୍ଗ କହୁଛି। ମୁଁ ମୟୂରଭଞ୍ଜ ଜିଲାର ସବୁଠାରୁ ବଡ଼ ନଦୀ। ମୟୂରଭଞ୍ଜବାସୀଙ୍କ ନଜରରେ ମୁଁ ହିଁ ଜିଲାର ଗଙ୍ଗା ଓ ଯମୁନା ଏବଂ ମହାନଦୀ। ଦେଶର ଅନ୍ୟ ନଦୀକୁ ଲୋକମାନେ ମାଁ ବୋଲି ସମ୍ବୋଧନ କରନ୍ତି। କିନ୍ତୁ ମୋ ନାମ ପୂର୍ବରୁ ବୁଢ଼ା ଶବ୍ଦ ଲଗାଇ ଜିଲାବାସୀମାନେ ମୋତେ ମୁରବିର ଆସନରେ ବସାନ୍ତି। କାହିଁ କୋଉ କାଳରୁ ମୁଁ ଜିଲାବାସୀଙ୍କ ସୁଖଦୁଃଖର ସାଥୀ ହୋଇ ଆସିଛି। କେତେବେଳେ ମୋ ତଟରେ ସାଥୀ ଲଳନାମାନଙ୍କ ହାସ୍ୟରୋଳ ଯୋଗୁଁ ମୋ ମନ ଆନନ୍ଦରେ ଭରି ଉଠିଛି ତ କେତେବେଳେ ପରିଜନଙ୍କ ଶବସତ୍କାର ସମୟର କରୁଣ କ୍ରନ୍ଦନ ମୋତେ ଶୋକାଭିଭୂତ କରିଛି। ମୋ ନଦୀଘାଟରେ ଶଙ୍ଖା ସିନ୍ଦୂରରେ ସଜ୍ଜିତ ନବବଧୂର ଲାଜୁଆ ହସ ଦେଖିଛି ତ ପୁଣି ସେହି ଘାଟରେ ଶଙ୍ଖା ସିନ୍ଦୂର ଉତାରିବାର ହୃଦୟ ବିଦାରକ ଦୃଶ୍ୟ ମଧ ଦେଖିଛି। ମୋ ଦେହରେ ଟୁସୁ ଭସାଣି ହୁଏ, ଅସ୍ଥି ବିସର୍ଜନ ବି ହୁଏ। ମୋ ତଟର ବିଭିନ୍ନ ସ୍ଥାନରେ ମେଳା ମହୋତ୍ସବ ହୁଏ। ମୋ ନାମକୁ ନେଇ ବଳାଙ୍ଗି ମହୋତ୍ସବ ବି ହୁଏ।

ମୋ ଉଭୟ ପାର୍ଶ୍ୱରେ ଅନେକ ଜନବସତି ଗଢ଼ି ଉଠିଛି। ପୂର୍ବେ ଏଗୁଡ଼ିକର ସଂଖ୍ୟାଧିକ ଲୋକ ମୋ ଉପରେ ନିର୍ଭର କରୁଥିଲେ। ଏବେବି ଅନେକ ଲୋକ ଗାଧୁଆପାଧୁଆ ପାଇଁ ମୋ ଉପରେ ନିର୍ଭର କରନ୍ତି। ବାରିପଦା ସହର ସମେତ ଅନେକ ଅଞ୍ଚଳ ନିର୍ମାଣ କାର୍ଯ୍ୟ ପାଇଁ ମୋ ଶଯ୍ୟାର ବାଲି ଉପରେ ନିର୍ଭର କରନ୍ତି। ବଦଳରେ ସହରର ନାଳ ନର୍ଦ୍ଦମାକୁ ମୋ ଜଳକୁ ଛାଡ଼ି ଦିଅନ୍ତି। ସେବା ଦେବାରେ ମୁଁ ହେଳା କରିନାହିଁ। ମୋର ସମସ୍ତ ସ୍ନେହ ମମତା ଅଞ୍ଚଳବାସୀଙ୍କୁ ଦେଇଆସିଛି। ତଟବର୍ତ୍ତୀ ଅଞ୍ଚଳବାସୀଙ୍କୁ ବଢ଼ି ଯୋଗୁ ହଇରାଣ ହରକତ କରିନାହିଁ। ବେଳେବେଳେ ବାରିପଦା ସହରର ତଳି ଅଞ୍ଚଳର ଲୋକମାନେ ବଢ଼ି ଯୋଗୁ ହଇରାଣ ହୁଅନ୍ତି ତାଙ୍କ ନିଜ ଭୁଲ୍ ପାଇଁ। ମୋ ଶଯ୍ୟାକୁ ଦଖଲ କରି ତା' ଉପରେ ଘର କରି ପକାଇଛନ୍ତି। ଜଳ ନିଷ୍କାସନର ମାର୍ଗଗୁଡ଼ିକୁ ସଙ୍କୁଚିତ କରି ଦେଇଛନ୍ତି। ମୋ ଦେହରେ ପଡୁଥିବା ବିଭିନ୍ନ ଶାଖା ନଦୀର ଜଳ ବାହାରି ନ ପାରିବା ଯୋଗୁ ଏପରି ହୁଏ। ଏଥିରେ ମୋର ଦୋଷ ନାହିଁ। ସେମାନେ ନିଜ କୁକର୍ମର କୁଫଳ ନିଜେ ଭୋଗ କରନ୍ତି।

ସେବା ହିଁ ମୋର ପରମ ଧର୍ମ। ଜିଲାର ସମୃଦ୍ଧିରେ ମୋର ଯୋଗଦାନ ଯେତେ ଅଧିକ ହେବ, ମୋର ଆତ୍ମସନ୍ତୋଷ ସେତେ ଅଧିକ ହେବ। ମୋ ତଟବର୍ତ୍ତୀ ଅଞ୍ଚଳ ପ୍ରଚୁର ଉର୍ବର। କେତେକ କୃଷକ ମୋ ଦେହରୁ ପାଣି ନେଇ ବିଭିନ୍ନ ପ୍ରକାର ଚାଷ କରନ୍ତି ଓ କିଛି ରୋଜଗାର କରି ପରିବାର ପୋଷଣ କରନ୍ତି। ଯେଉଁ ପାଣି ଚାଷ ପାଇଁ ବ୍ୟବହାର ହୁଏ ତାହା ଖୁବ୍ କମ। ସବୁତକ ଜଳ ଜିଲାବାସୀଙ୍କ ସେବାରେ ବ୍ୟବହାର ନ ହୋଇ ବହିଯାଇ ବଙ୍ଗୋପସାଗରରେ ମିଶେ। ଏହା ମୋ ପାଇଁ ଅତ୍ୟନ୍ତ ଦୁଃଖର ବିଷୟ। ମୋତେ ଭାରି ଈର୍ଷା ହୁଏ ଯେତେବେଳେ ମୁଁ ଶୁଣେ ବିଭିନ୍ନ ନଦୀ ଉପରେ ବନ୍ଧ ହେଉଛି, ବ୍ୟାରେଜ ହେଉଛି ଓ ବିଭିନ୍ନ ପ୍ରକାର ପ୍ରକଳ୍ପ ହେଉଛି। ଅଥଚ ମୁଁ ଜିଲାର ସବୁଠାରୁ ବଡ଼ନଦୀ ହୋଇଥିଲେ ହେଁ ମୋ ଉପରେ କିଛି ନାହିଁ। ମୋ ଜଳ ତୁଚ୍ଛାରେ ବହିଯାଉଛି। ଆଜିର ଦିନରେ ମୋ ପାଇଁ ଏହା ଲଜ୍ଜାର ବିଷୟ। ନିଃସନ୍ତାନ ମାଁ ପରି ମୋ ଅବସ୍ଥା। ବେଳେବେଳେ ରାଗ ଲାଗେ ଜିଲାର ଅଯୋଗ୍ୟ ପିଲାମାନଙ୍କୁ ଦେଖି। ଶୁଣୁଛି,



ନେତାମାନେ ସବୁ କରିପାରିବେ। କାହିଁ କୋଉ ନେତା ମୋ ପାଇଁ ମୁହଁ ଖୋଲୁନାହାନ୍ତି। ପିଲେ ଏମିତି ନେତା ବାଛୁଛ କାହିଁକି ଯିଏ କୌଣସି କାମକୁ ନୁହନ୍ତି!

ମୋ ଉପରେ କୌଣସି ନଦୀବନ୍ଧ କିମ୍ବା ବ୍ୟାରେଜ୍ ଯୋଜନାର ଚୂଡ଼ାନ୍ତ ରୂପରେଖ ନାହିଁ। ଏହା ମୋ ପାଇଁ ଅତ୍ୟନ୍ତ ଦୁଃଖର ବିଷୟ। ବେଳେବେଳେ ଏ ସମ୍ବନ୍ଧରେ କିଛି ଉଡ଼ା ଖବର ମୋ କାନରେ ବାଜେ ଓ ମନରେ ଆଶା ସଂଚାର କରେ। ହେଲେ ସବୁକିଛି ଆଶାରେ ରହିଯାଏ। ଏପରି ଯୋଜନା କାର୍ଯ୍ୟକାରୀ ହେଲେ ଜିଲାର ବହୁ ଚାଷଜମି ଜଳସେଚିତ ହୋଇପାରନ୍ତା। କୃଷିର ବିକାଶ ହୁଅନ୍ତା। ବିଭିନ୍ନ ପ୍ରକାର ଚାଷକରି ମୋ ଲୋକମାନଙ୍କ ଆର୍ଥିକ ଅବସ୍ଥାରେ ଉନ୍ନତି ଆସନ୍ତା। ତାଙ୍କ ଅଭାବ ଅସୁବିଧା ଦୂର ହୁଅନ୍ତା। କେବଳ ମୟୂରଭଞ୍ଜ ନୁହେଁ, ପଡ଼ୋଶୀ ବାଲେଶ୍ୱର ଜିଲାରେ ମଧ ପର୍ଯ୍ୟାପ୍ତ ଜଳସେଚନର ସୁବିଧା ଉପଲବ୍ଧ ହୋଇପାରନ୍ତା। ମୟୂରଭଞ୍ଜରେ ମୋ ଉପରେ ଏକ ନଦୀବନ୍ଧ ଯୋଜନା କାର୍ଯ୍ୟକାରୀ ହେବା ଜରୁରୀ। ଏହା ସହିତ ବାଙ୍ଗିରିପୋଷି, କୁଳିଅଣା, ବାରିପଦା, ମାଣତ୍ରୀ ପ୍ରଭୃତି ଜାଗାରେ ବ୍ୟାରେଜ୍ ତିଆରି କରାଯାଇ ପାରିବ। ବାଲେଶ୍ୱର ଜିଲାରେ ବି ହୋଇପାରିବ। ଏଗୁଡ଼ିକ ଜଳସେଚନ ସହିତ ମତ୍ସ୍ୟଚାଷ, ପାନୀୟଜଳ ଯୋଗାଣ, ନୌକାବିହାର ଜନିତ ପର୍ଯ୍ୟଟନ ପାଇଁ ଖୋରାକ ଯୋଗାଇବ।

ବଣଭୋଜି ପାଇଁ ଅନେକ ଲୋକ ମୋ ପାଖକୁ ଧାଇଁ ଆସନ୍ତି। ଅନେକ ଚଳଚ୍ଚିତ୍ର ଓ ଆଲ୍‌ବମ୍ ମୋ ପାଖରେ ମୋ ସୌନ୍ଦର୍ଯ୍ୟ ସହିତ ସୁଟିଂ ହୋଇଛି। ଶୁଣୁଛି ଶିକ୍ଷାନୁଷ୍ଠାନ, ଡାକ୍ତରଖାନା, ମନ୍ଦିର, ଐତିହ୍ୟ ସ୍ଥଳ ପ୍ରଭୃତିର ରୂପାନ୍ତର ହେଉଛି। ମୋର ଉଭୟ ପାର୍ଶ୍ୱରେ ଥିବା ସୌନ୍ଦର୍ଯ୍ୟମୟ ପ୍ରାକୃତିକ ପରିବେଶର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ରୂପାନ୍ତର ହୋଇପାରିଲେ ଦେଶ ବିଦେଶରୁ ବହୁ ପର୍ଯ୍ୟଟକ ଆସନ୍ତେ। ମୋ ପିତା ଶିମିଳିପାଳ ତ ଅସରନ୍ତି ସୌନ୍ଦର୍ଯ୍ୟର ଗନ୍ତାଘର। ମୁଁ ଶିମିଳିପାଳର ଉତ୍ତରଘାଟରୁ ଜନ୍ମ ନେଇଛି। ଜନ୍ମ ହେବାମାତ୍ରେ ମୁଁ ଲମ୍ଫ ଦେଇଛି ୨୧୭ ମିଟର ତଳକୁ। ମୋର ଏ ଲମ୍ଫ ବରେହିପାଣି ଜଳପ୍ରପାତ ଭାବେ ଖ୍ୟାତ। ଏହା ଭାରତର ଦ୍ୱିତୀୟ ଉଚ୍ଚତମ ଜଳପ୍ରପାତ। ନିକଟରେ ଯୋରନ୍ଦା ଜଳପ୍ରପାତ ମଧ ରହିଛି। ଏହା ସହିତ ଅନେକ ଆକର୍ଷଣୀୟ କୁଣ୍ଡ ରହିଛି।

ମୁଁ ଯେଉଁବାଟ ଦେଇ ଯାଇଛି ଓ ଜନବସତି ନିକଟରେ ପହଞ୍ଚିଛି, ସେ ସମସ୍ତ ଅଞ୍ଚଳର ସୌନ୍ଦର୍ଯ୍ୟରେ ପଟାନ୍ତର ନାହିଁ। ମୋତେ ଓ ମୋ ବାପାଙ୍କୁ ନେଇ ପର୍ଯ୍ୟଟନର ଭିତ୍ତିଭୂମିକୁ ବିକଶିତ କଲେ ଜିଲାର ଅର୍ଥନୀତି ସୁଦୃଢ଼ ହେବ। ବାରିପଦା ନିକଟରେ ମୋତେ ଲାଗି ଏକ ସୁରମ୍ୟ ଉଦ୍ୟାନ ନିର୍ମାଣ କଲେ ସହରର ଶୋଭା ବହୁଗୁଣିତ ହୁଅନ୍ତା। ସହର ତଳେ ଏହାକୁ ଲାଗି ବ୍ୟାରେଜ ନିର୍ମାଣ କଲେ ଜଳସେଚନ ସହିତ ସହରକୁ ଜଳଯୋଗାଣ ଓ ନୌବିହାର ପାଇଁ ସୁବିଧା ସୃଷ୍ଟି କରନ୍ତା। ପର୍ଯ୍ୟଟନର ବିକାଶ ଦ୍ୱାରା ବେକାରି ସମସ୍ୟା କିଛି ମାତ୍ରାରେ ଦୂର ହୋଇପାରିବ। ଯୁବତୀ ଯୁବକମାନେ ଦାଦନ ଖଟିବାକୁ ରାଜ୍ୟ ବାହାରକୁ ଯିବେ ନାହିଁ। ସହରର ଯେଉଁ ନାଳ ନର୍ଦ୍ଦମା ଜଳ ମୋ ଦେହକୁ ଛାଡ଼ି ଦିଆଯାଉଛି ତାହା ମୋ ପାଇଁ ବିରକ୍ତିକର। ଏହା ଦ୍ୱାରା ମୋର ପବିତ୍ରତା ନଷ୍ଟ ହେଉଛି। ମୋ ଶଯ୍ୟାର ତଳ ଲୋକମାନେ ଏ ଜଳକୁ ବ୍ୟବହାର କରି ପାରୁନାହାନ୍ତି। ଏହି ଦୂଷିତ ଜଳକୁ ବିଶୋଧନ ପ୍ଲାଣ୍ଟ ଜରିଆରେ ଶୋଧନ କରି ଛଡ଼ାଗଲେ ଭଲହୁଅନ୍ତା।

ରୋଜଗାର କରି ସମ୍ମାନର ସହିତ ବଞ୍ଚିବାର ସମସ୍ତ ବ୍ୟବସ୍ଥା ମୋ ନିକଟରେ ଅଛି। ମୋର ଦୀର୍ଘ ୧୭୫ କିଲୋମିଟର ଲମ୍ବା ଜଳାଧାର ମୋ ପିଲାମାନଙ୍କ କାମରେ ଲାଗୁନାହିଁ। ମୋ ପିଲାମାନେ ଅଯୋଗ୍ୟ। ଏହାର ସଦୁପଯୋଗ କିପରି କରାଯିବ, ତାହା ଜାଣିନାହାନ୍ତି। ଏହା ହିଁ ମୋ ପାଇଁ ଦୁଃଖର ବିଷୟ।

ଦର୍ଶନ ବିଭାଗ (ଅବସରପ୍ରାପ୍ତ)
ବାରିପଦା, ମୟୂରଭଞ୍ଜ
ମୋ: ୭୦୦୮୯୭୬୧୮୦

## ଏଇ ଭାରତରେ

ରୋଗଗ୍ରସ୍ତ, ବିକଳାଙ୍ଗ ଓ ପରିତ୍ୟକ୍ତ ଅବସ୍ଥାରେ ଥିବା କୁକୁରଙ୍କ ସାହାରା ପାଲଟିଛନ୍ତି ଚେନ୍ନାଇର ଶାରା ଆୟର। ସେ ରାସ୍ତାକଡ଼ରେ ପଡ଼ିରହୁଥିବା ଏଭଳି କୁକୁରଗୁଡ଼ିକୁ ଉଦ୍ଧାର କରି ସେମାନଙ୍କ ଚିକିତ୍ସା କରିବା ସହ ଆଶ୍ରୟ ଦେଉଛନ୍ତି। ଏହି କାର୍ଯ୍ୟ ପାଇଁ ସେ ତାଙ୍କ ସ୍ୱାମୀଙ୍କ ସହଯୋଗରେ ଗଠନ କରିଛନ୍ତି ମାଡ୍ରାସ ଆନିମଲ ରେସ୍କ୍ୟୁ ସୋସାଇଟି(ଏମ୍‌ଏଆର୍‌ଏସ୍)। ଏହା ୨୦୧୯ରୁ କାମ କରୁଛି ଓ ତାମିଲନାଡୁ ଆନିମଲ ୱେଲ୍‌ଫେୟାର ବୋର୍ଡ ସହ ଅନୁବନ୍ଧିତ ହୋଇଛି। ମହାବଳୀପୁରମ ନିକଟରେ ଥିବା କ୍ରିଷ୍ଣନ କରନାଇରେ କୁକୁରମାନଙ୍କ ପାଇଁ 'ଡାମନ' ନାମକ ଏକ ଆଶ୍ରୟସ୍ଥଳୀ ନିର୍ମାଣ କରିଛନ୍ତି। ସେଠାରେ ଏବେ ୩୮୦ରୁ ଊର୍ଦ୍ଧ୍ୱ କୁକୁର ଅଛନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି ୪୨ ବିକଳାଙ୍ଗ କୁକୁର ଛୁଆ, ୫୦ରୁ ଅଧିକ ଆଂଶିକ ଦୃଷ୍ଟିହୀନ ଓ ସ୍ନାୟୁଗତ ସମସ୍ୟାରେ ପୀଡ଼ିତ। ଏହାବ୍ୟତୀତ ୧୦୦ରୁ ଅଧିକ ବୟସ୍କ ବିକଳାଙ୍ଗ କୁକୁର ମଧ୍ୟ ରହିଛନ୍ତି। ରାସ୍ତାକଡ଼ରେ ଅସହାୟ ଅବସ୍ଥାରେ ପଡ଼ିରହିଥିବା କୁକୁରଙ୍କୁ ଉଦ୍ଧାର କରିବା ଲାଗି ଶାରା ଏକ ହ୍ୱାଟ୍ସଆପ୍ ଗ୍ରୁପ୍ କରିଛନ୍ତି ଓ ସେଥିରେ ୧୮୦ ଲୋକଙ୍କୁ ଯୋଡ଼ିଛନ୍ତି, ଯେଉଁମାନେ ସହରର ବିଭିନ୍ନ ସ୍ଥାନରେ ଉଦ୍ଧାର କାର୍ଯ୍ୟ ପରିଚାଳନା କରିବା ସହ ବନ୍ଧ୍ୟାକରଣ କାର୍ଯ୍ୟ କରୁଛନ୍ତି। ପ୍ରତି ମାସରେ କୁକୁରଙ୍କ ଖାଦ୍ୟ ଲାଗି ୩୦୦ କେଜି ଚିକେନ୍, ୧୭୦୦ କେଜି ରାଇସ୍, ୫୦୦ ଲିଟର କ୍ଷୀର, ୮୦୦ ଅଣ୍ଡା ଏବଂ କିଛି ପନିପରିବା ଆବଶ୍ୟକ ହେଉଛି।

## ୫୦ ବର୍ଷ ତଳର ଧରିତ୍ରୀ

୨୮ ଫେବୃଆରୀ ୧୯୭୫

- କଙ୍କଣିକୁ ଭାରତର ଏକ ସ୍ୱାଧୀନ ଭାଷା ରୂପେ ସ୍ୱୀକୃତି ଦେବା ନେଇ ସାହିତ୍ୟ ଏକାଡେମୀର ସାଧାରଣ ପରିଷଦରେ ନିଷ୍ପତ୍ତି ଗ୍ରହଣ।
- ପୁରୀ ସହରର ଚକ୍ରତୀର୍ଥ ଅଞ୍ଚଳ ନୋଳିଆ ବସ୍ତିଠାରେ ରାଜ୍ୟ ଗୃହ ନିର୍ମାଣ କର୍ପୋରେଶନ ପକ୍ଷରୁ ବାସଗୃହ ନିର୍ମାଣ ଯୋଜନା।
- ନାଗା ନେତା ଫିଜୋଙ୍କ ସହିତ ଆଲୋଚନା କରିବା ନିମନ୍ତେ ଏକ ପ୍ରସ୍ତାବକୁ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଅଗ୍ରାହ୍ୟ।
- ଶେଖ୍ ଅବ୍‌ଦୁଲ୍ଲା ଓ ଇନ୍ଦିରା ଗାନ୍ଧୀଙ୍କ ମଧ୍ୟରେ ହୋଇଥିବା କଶ୍ମୀର ରାଜିନାମା ବିରୁଦ୍ଧରେ ପାକିସ୍ତାନ ନିରାପତ୍ତା ପରିଷଦର ଦ୍ୱାରସ୍ଥ।

## ଚିରନ୍ତନୀ

ଆପଣା ବରାଦ ଆପେ
କରିବାକୁ ହେବ ଆଜି
ଗଲାଣି ସେ ବେଳକାଳ
କରିବାକୁ ହାଁ ଜୀ ହାଁ ଜୀ !
-(ଚାଷୀର ଭାଗ୍ୟ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ନୂଆ ଲେଖକ ଦୃଷ୍ଟି ଦିଅନ୍ତୁ

ମହାଶୟ,

ଓଡ଼ିଶାରେ ଆଜିକାଲି ଅଧିକରୁ ଅଧିକ ସଂଖ୍ୟକ ଶିରୋନାମାରେ ପୁସ୍ତକ ପ୍ରକାଶ ପାଉଛି ଓ ଏହା ଆନନ୍ଦର ବିଷୟ। ପ୍ରକାଶକମାନଙ୍କ ଦ୍ୱାରା କେତେଜଣ ବିଶିଷ୍ଟ ଲେଖକଙ୍କ ପୁସ୍ତକ ବି ପ୍ରକାଶ କରାଯାଉଛି। ସାଧାରଣ ଲେଖକ ତଥା ନୂତନ ଲେଖକମାନେ ନିଜ ନିଜର ପାଣ୍ଡୁଲିପିଗୁଡ଼ିକ ଅଳ୍ପସଂଖ୍ୟାରେ ମୁଦ୍ରଣ କରାଉଛନ୍ତି। ଏଗୁଡ଼ିକର ଉନ୍ମୋଚନ କରାଯାଇ କୌଣସିମତେ ଆତ୍ମତୃପ୍ତି ଲାଭ କରାଯାଉଛି। ଏ ସବୁ ପୁସ୍ତକର ବିକ୍ରି ହେବାର ପ୍ରଶ୍ନ ଉଠୁନାହିଁ। ପୁସ୍ତକ ପ୍ରକାଶ ପାଇଲେ ନିର୍ଦ୍ଦିଷ୍ଟ କେତେକ ପାଠାଗାରକୁ ଖଣ୍ଡିଏ ଲେଖାଏଁ ପଠାଯିବା ସକାଶେ ଭାରତ ସରକାର ନୀତି ନିର୍ଦ୍ଧାରଣ କରିଛନ୍ତି। ଏଥିପ୍ରତି ନବାଗତମାନେ ଦୃଷ୍ଟି ଦେବାକୁ ବିଶେଷ ଅନୁରୋଧ।

-ମନୋରଞ୍ଜନ ମହାରଣା, ରେମୁଣା, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




# ବିକଶିତ ସାମୁଦ୍ରିକ କ୍ଷେତ୍ର
# ମୋଦୀ ସରକାରଙ୍କ ଗ୍ୟାରେଣ୍ଟି

## ଭିଓସି ବନ୍ଦରର ଆଉଟର ହାର୍ବର କଣ୍ଟେନର ଟର୍ମିନାଲର

**ଶିଳାନ୍ୟାସ ଉତ୍ସବ**

**ଏବଂ**

## ବିଭିନ୍ନ ଅନ୍ୟାନ୍ୟ ବିକାଶ ପ୍ରକଳ୍ପଗୁଡ଼ିକର

**ଲୋକାର୍ପଣ, ଉଦ୍‌ଘାଟନ ଏବଂ ଶିଳାନ୍ୟାସ**

**₹୧୭,୦୦୦ କୋଟିରୁ ଅଧିକ ମୂଲ୍ୟର**

ମାନ୍ୟବର ପ୍ରଧାନମନ୍ତ୍ରୀ

## ନରେନ୍ଦ୍ର ମୋଦୀଙ୍କ

ଦ୍ୱାରା

**ବୁଧବାର, ୨୮ ଫେବୃଆରୀ, ୨୦୨୪, ପୂର୍ବାହ୍ନ ୯.୩୦ ଘଟିକା ପରଠାରୁ, ଭି.ଓ. ଚିଦାମ୍ବରନାର ବନ୍ଦର ପ୍ରାଧିକରଣ, ଟୁଟିକୋରିନ୍, ତାମିଲନାଡୁ**











## ୩୬ ପ୍ରକଳ୍ପ

| ୧୮ ଉଦ୍‌ଘାଟନ | ୧୫ ଶିଳାନ୍ୟାସ | ୩ ଲୋକାର୍ପଣ |
|---|---|---|
| ₹୫୩୫୦ କୋଟି | ₹୧୦୫୦୦ କୋଟି | ₹୧୫୫୦ କୋଟି |

**ଶୁଭାରମ୍ଭ**

**ଭାରତର ପ୍ରଥମ ଗ୍ରୀନ୍ ହାଇଡ୍ରୋଜେନ୍ ହବ୍ ବନ୍ଦର ଭାବେ ଭିଓସି ବନ୍ଦର**

**ଭାରତର ପ୍ରଥମ ସ୍ୱଦେଶୀ ହାଇଡ୍ରୋଜେନ୍ ଜାହାଜ**

### ଉଦ୍‌ଘାଟନ, ଶିଳାନ୍ୟାସ ଏବଂ ଲୋକାର୍ପଣ ହେବାକୁ ଥିବା ପ୍ରକଳ୍ପମାନ

ଭିଓସିପିଏଠାରେ ବର୍ଥର ଯାନ୍ତ୍ରିକୀକରଣ ଏବଂ ୫ ଏମ୍‌ଏଲ୍‌ଡି ଡିସାଲିନେସନ୍ ପ୍ଲାଣ୍ଟ । ସବୁଜ ହାଇଡ୍ରୋଜେନ୍ କିମ୍ବା ସେଥିରୁ ଉତ୍ପନ୍ନ ଇନ୍ଧନରେ ଚାଲିବା ପାଇଁ ବିଦ୍ୟାମନ ଏସ୍‌ସିଆଇ ଜାହାଜଗୁଡ଼ିକର ରେଟ୍ରୋଫିଟିଂ । ସାରା ଭାରତରେ ୭୫ ଗୋଟି ବତିଘରଠାରେ ପର୍ଯ୍ୟଟନ ସୁବିଧାର ବିକାଶ । ଏନ୍‌ଏମ୍‌ପିଏ ଏବଂ ଜେଏନ୍‌ପିଏଠାରେ ସଡ଼କ। ଭିପିଏଠାରେ ବର୍ଥର ନିର୍ମାଣ ଏବଂ ଜେଟୀର ଜୀର୍ଣ୍ଣୋଦ୍ଧାର । ଏନ୍‌ଏଚ୍-୮୪୪ର ଜିତ୍ତନଦାହାଲି – ଧର୍ମପୁରୀ ସେକ୍ସନର ଚାରି ଲେନିଂ । ଏନ୍‌ଏଚ୍-୮୧ର ମୀନସୁରୁଚି-ଚିଦାମ୍ବରମ୍ ସେକ୍ସନର ଦୁଇ ଲେନିଂ । ଏନ୍‌ଏଚ୍-୮୩ର ଓଡ୍ଡାନଚତ୍ରମ୍-ମଦଥୁକୁଲାମ ସେକ୍ସନର ଚାରି-ଲେନିଂ । ଏନ୍‌ଏଚ୍-୮୩ର ନାଗାପଟ୍ଟିନମ୍-ଥାଞ୍ଜାଭୁର ସେକ୍ସନର ଦୁଇ ଲେନିଂ । ଭାଞ୍ଚି ମଣିୟାଚ୍ଛି-ତିରୁନେଲଭେଲି ଏବଂ ମୋଲାପାଲୟମ୍‌ର ୮୬ କିମିର ଦୋହରୀକରଣ । ଆରାଲଭୟମୋଲି ରେଳ ସେକ୍ସନ । ଏମ୍‌ବିପିଏ ଏବଂ ଜେଏନ୍‌ପିଏଠାରେ ବର୍ଥଗୁଡ଼ିକର ଓ ଏବଂ ଏମ୍ । ଭିପିଏଠାରେ ପୂର୍ବ କ୍ୱେ'ର ଯାନ୍ତ୍ରିକୀକରଣ ଏବଂ ହସ୍ପିଟାଲକୁ ସୁପର୍ ସ୍ପେଶାଲିଟିରେ ଉନ୍ନତୀକରଣ । ଏନ୍‌ଏମ୍‌ପିଏଠାରେ ୧୫୦ ଶଯ୍ୟାବିଶିଷ୍ଟ ମଲ୍ଟି-ସ୍ପେଶାଲିଟି ହସ୍ପିଟାଲ ଏବଂ ଆବୃତ ଷ୍ଟୋରେଜ୍ । ଏମ୍‌ପିଏଠାରେ ଡ୍ରାଏ ଡକ୍ ଓ ଜାହାଜ ମରାମତି କାରଖାନାର ବିକାଶ ଏବଂ ୨ଟି ବର୍ଥର ଓ ଏବଂ ଏମ୍ । ଏସ୍‌ଏମ୍‌ପିଏଠାରେ ବର୍ଥଗୁଡ଼ିକର ପୁନଃ ନିର୍ମାଣ ଏବଂ ଯାନ୍ତ୍ରିକୀକରଣ । କୁଲସେକରପଟ୍ଟିନମ୍‌ଠାରେ ଇସ୍ରୋର ନୂଆ ଲଞ୍ଚ୍ କମ୍ପ୍ଲେକ୍ସ

### ରାଷ୍ଟ୍ର ପାଇଁ ଲାଭ

• କଣ୍ଟେନର ଟ୍ରାନ୍ସଶିପ୍‌ମେଣ୍ଟ ଖର୍ଚ୍ଚ ତଥା ଟର୍ନ ଆରାଉଣ୍ଡ ଟାଇମ୍ ହ୍ରାସ • ଭାରତର ପ୍ରଥମ ସବୁଜ ଏଚ୍୨ ହବ୍ ବନ୍ଦର ଓ ଜୈବପରିତନ୍ତ୍ର • ଜଳମାର୍ଗ ପାଇଁ ନିର୍ଗମନ ଓ କୋଳାହଳଶୂନ୍ୟ ଜାହାଜ • ଅଧିକ ଦକ୍ଷ, ସୁରକ୍ଷିତ ଓ ଦ୍ରୁତ କାର୍ଗୋ ଖଲାସି ଏବଂ ଲଜିଷ୍ଟିକ୍ସ • ଉତ୍ତମ ସଂଯୋଗୀକରଣ ପାଇଁ ଉନ୍ନତ ରେଳ ଓ ସଡ଼କ ଭିତ୍ତିଭୂମି • ଅଧିକ ବେଗ, ସହଜତା ଓ ଆରାମଦାୟକ ଯାତ୍ରା • ପର୍ଯ୍ୟଟନ ସମ୍ବନ୍ଧୀୟ ଅର୍ଥନୈତିକ ଗତିବିଧି ମାଧ୍ୟମରେ କର୍ମନିଯୁକ୍ତି ସୃଷ୍ଟି

### ଗରିମାମୟ ଉପସ୍ଥିତି

| ଆର୍.ଏନ୍. ରବି | ସର୍ବାନନ୍ଦ ସୋନୋୱାଲ | ଶ୍ରୀପଦ ଯେସ୍ସୋ ନାଏକ | ଶାନ୍ତନୁ ଠାକୁର | ଇ.ଭି. ଭେଲୁ | ପି. ଗୀତା ଜୀବନ | କାନିମୋଝି କରୁଣାନିଧି |
|---|---|---|---|---|---|---|
| ମାନ୍ୟବର ରାଜ୍ୟପାଳ, ତାମିଲନାଡୁ | ମାନ୍ୟବର ବନ୍ଦର, ଜାହାଜ ଚଳାଚଳ, ଜଳମାର୍ଗ ଏବଂ ଆୟୁଷ କେନ୍ଦ୍ରମନ୍ତ୍ରୀ ଭାରତ ସରକାର | ମାନ୍ୟବର କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ, ଜଳମାର୍ଗ ଏବଂ ପର୍ଯ୍ୟଟନ ରାଷ୍ଟ୍ରମନ୍ତ୍ରୀ | ମାନ୍ୟବର କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳମାର୍ଗ ରାଷ୍ଟ୍ରମନ୍ତ୍ରୀ | ମାନ୍ୟବର ପୂର୍ତ୍ତ, ରାଜମାର୍ଗ ଏବଂ ମାଇନର ବନ୍ଦର ମନ୍ତ୍ରୀ, ତାମିଲନାଡୁ | ମାନ୍ୟବର ସାମାଜିକ କଲ୍ୟାଣ ଏବଂ ମହିଳା ସଶକ୍ତୀକରଣ ମନ୍ତ୍ରୀ | ମାନ୍ୟବର ସାଂସଦ ଥୁଥୁକୁଡ଼ି |

ShipminIndia | Shipmin_India | Shipmin_India | Sagarmala Project | Sagarmala.gov.in / shipmin.gov.in

LIVE STREAM ଡିଡି ନ୍ୟୁଜ୍‌ରେ ସିଧା ପ୍ରସାରଣ ଦେଖନ୍ତୁ

cbc 37201/13/0023/2324

## ଛତିଶଗଡ଼ରେ ୪ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ସନ୍ଦେହ

ମାଲକାନଗିରି,୨୭।୨(ଦୁର୍ଯ୍ୟୋଧନ ପାତ୍ର): ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ଦାନ୍ତେୱାଡାର ବଇଲାଡିଲାଠାରେ ଥିବା ଏନ୍‌ଡିସି ଲୁହାପଥର ଖଣିରେ ଖନନ ସମୟରେ ପଥର ଅତଡ଼ା ଖସି ୪ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। ୨ଜଣଙ୍କ ମୃତଦେହ ଜବତ କରାଯାଇଛି। ପଥର ସ୍ଖଳନ ଯୋଗୁ ଏକ ପୋକ୍‌ଲେନ ମେସିନ ମଧ୍ୟ ଏହି ଅତଡ଼ା ମଧ୍ୟରେ ଦବିରହିଛି।




# ଛାତ୍ରୀଛାତ୍ରଙ୍କୁ ସଶକ୍ତ କରିବ ନୂଆ-ଓ ଛାତ୍ରବୃତ୍ତି

**ଖୋର୍ଦ୍ଧାରେ ନୂଆ-ଓ ଛାତ୍ରବୃତ୍ତି ବିତରଣ କାର୍ଯ୍ୟକ୍ରମ**

ଖୋର୍ଦ୍ଧା/ବେଗୁନିଆ,୨୭।୨ (ପ୍ରଭାତ ପାଣିଗ୍ରାହୀ/ହର ପ୍ରସନ୍ନ ପଣ୍ଡା)

ଖୋର୍ଦ୍ଧା ଜିଲାରେ ମଙ୍ଗଳବାର ନୂଆ-ଓ ଛାତ୍ରବୃତ୍ତି ବିତରଣ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଖୋର୍ଦ୍ଧା ଓ ବେଗୁନିଆରେ ଅନୁଷ୍ଠିତ ନୂଆ-ଓ ଛାତ୍ରବୃତ୍ତି ବିତରଣ କାର୍ଯ୍ୟକ୍ରମରେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଅନୁଦାନପତ୍ର ବଣ୍ଟନ କରିଛନ୍ତି। ୩୦ କଲେଜର ୧୬,୬୧୩ ଛାତ୍ରୀଛାତ୍ରଙ୍କୁ ୧୬.୧୩ କୋଟି ଟଙ୍କା ଛାତ୍ରବୃତ୍ତି ପ୍ରଦାନ କରାଯାଇଛି। ଖୋର୍ଦ୍ଧାର ହାବେଳି ପଡ଼ିଆ ଓ ବେଗୁନିଆର ମିନି ଷ୍ଟାଡ଼ିୟମରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପାଣ୍ଡିଆନ ଛାତ୍ରୀଛାତ୍ରଙ୍କ ସହିତ ଭାବବିନିମୟ କରିବା ସହ ୫-ଟି ବ୍ୟବସ୍ଥାରେ ଆରମ୍ଭ କରାଯାଇଥିବା ଏହି ଯୋଜନା ଉଚ୍ଚଶିକ୍ଷାର ବିକାଶ କରିବା ସହ ଯୁବଗୋଷ୍ଠୀଙ୍କୁ ନିଜର ସ୍ୱପ୍ନ ପୂରଣ କରିବା ଦିଗରେ ସହାୟତା କରିବ ବୋଲି ସୂଚନା ଦେଇଥିଲେ। ଏଥିସହିତ

**■ ୧୬,୬୧୩ ଛାତ୍ରୀଛାତ୍ରଙ୍କୁ ମିଳିଲା ୧୬.୧୩ କୋଟି ବୃତ୍ତିରାଶି**

ଛାତ୍ରୀଛାତ୍ରଙ୍କ ନିକଟରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ଜଣାଇ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଶୁଭେଚ୍ଛା ଜଣାଇଛନ୍ତି। ଏହି ଛାତ୍ରବୃତ୍ତି ସାଧାରଣ ବର୍ଗ ଏବଂ ଓବିସି ଛାତ୍ରୀଛାତ୍ରଙ୍କୁ ଯଥାକ୍ରମେ ୧୦ ହଜାର ଓ ୯ ହଜାର ଟଙ୍କା ମିଳିବାକୁ ଥିବାବେଳେ ଏସ୍‌ସି/ଏସ୍‌ଟି ଏବଂ ନିର୍ମାଣ ଶ୍ରମିକଙ୍କ ଛାତ୍ରୀଛାତ୍ରଙ୍କୁ ଯଥାକ୍ରମେ ୧୧ ହଜାର ଓ ୧୦ ହଜାର ଟଙ୍କା ପ୍ରଦାନ କରାଯିବ। ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ, ସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟରେ ପଢୁଥିବା ଛାତ୍ରୀଛାତ୍ର ଏହି ବୃତ୍ତିରାଶି ପାଇବେ। ସମସ୍ତ ଯୋଗ୍ୟ ଛାତ୍ରୀଛାତ୍ରଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ଏହି ଟଙ୍କା ପଠାଯିବ। ଆସନ୍ତା ମାର୍ଚ୍ଚ ୫ରେ ମ୍ୟାଜିକ୍ କାର୍ଡର ଶୁଭାରମ୍ଭ ହେବ ଓ ଅଗଷ୍ଟ ୧୫ରେ ବଣ୍ଟନ କରାଯିବ। ଏହି କାର୍ଡ ଉଭୟ ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରୀଛାତ୍ରଙ୍କ ପାଇଁ ଉଦ୍ଦିଷ୍ଟ। ଏଥିରେ ସେମାନେ ୱାଇଫାଇ ଆକ୍ସେସ୍, ପୁସ୍ତକ କ୍ରୟରେ ରିହାତି, ବସ୍ ଓ ଟ୍ରେନ୍ ଯାତ୍ରାରେ ରିହାତି, ଅନ୍‌ଲାଇନ କ୍ଲାସ୍, ଅନ୍‌ଲାଇନ କ୍ୟାରିୟର କାଉନ୍‌ସେଲିଂ, ଫୋନ୍ ରିଚାର୍ଜ କରିବା ଭଳି ସୁବିଧା ପାଇବେ। ଏହି ମ୍ୟାଜିକ୍ କାର୍ଡ ଆଧାରକାର୍ଡ ସଦୃଶ। ଯଦି କୌଣସି ଛାତ୍ରୀ ବା ଛାତ୍ର ଭଲ ପ୍ରଦର୍ଶନ କରିବେ ତା'ହେଲେ ସେମାନଙ୍କ କାର୍ଡକୁ ସିଲ୍‌ଭର କାର୍ଡରେ ଅପ୍‌ଗ୍ରେଡ୍ କରାଯିବ ଓ ପର୍ଯ୍ୟାୟକ୍ରମେ ଏହାକୁ ଗୋଲ୍ଡେନ୍ ଓ ପ୍ଲାଟିନମ୍ କାର୍ଡକୁ ଅପ୍‌ଗ୍ରେଡ୍ କରାଯିବ। ଏହା ମାଧ୍ୟମରେ ଛାତ୍ରୀଛାତ୍ର ସେମାନଙ୍କ ଅଧ୍ୟୟନ ଖର୍ଚ୍ଚକୁ ପରିଚାଳନା କରିପାରିବେ ବୋଲି ସେ ସୂଚନା ଦେଇଥିଲେ।


ନୂଆ-ଓ ଛାତ୍ରବୃତ୍ତି ବିତରଣ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ଗହଣରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ।

## ଆଜି ଓଡ଼ିଶା ଆସିବେ ରାଷ୍ଟ୍ରପତି

ଭୁବନେଶ୍ୱର, ୨୭।୨(ଅସମାପିକା ସାହୁ)


ଦ୍ରୌପଦୀ ମୁର୍ମୁ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବୁଧବାର ୪ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ସେ ବୁଧବାର ରାଇରଙ୍ଗପୁରରେ କେନ୍ଦ୍ରର ଅବକାଶ ନିବାସ ପାଇଁ ଶିଳାନ୍ୟାସ, ବିଭିନ୍ନ ସଡ଼କ ପ୍ରକଳ୍ପ ଓ କ୍ରୀଡ଼ା କମ୍ପ୍ଲେକ୍ସର ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ ବଡ଼ସାହି‌ସ୍ଥିତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଉଦ୍‌ଘାଟନ କରିବେ। ୨୯ରେ ରାଷ୍ଟ୍ରପତି କେନ୍ଦୁଝର ଜିଲା ଗୋନାସିକାସ୍ଥିତ କଦଳୀବାଡ଼ି ଗ୍ରାମର ପିଭିଟିଜି ସଦସ୍ୟଙ୍କ ସହ ଆଲୋଚନା କରିବେ। ଏହାପରେ ସେ 'କେନ୍ଦୁଝରର ଜନଜାତି: ଲୋକ, ସଂସ୍କୃତି ଓ ଐତିହ୍ୟ' ଶୀର୍ଷକ ଜାତୀୟ ଆଲୋଚନାଚକ୍ରକୁ ଉଦ୍‌ଘାଟନ କରିବା ସହ ଧରଣୀଧର ବିଶ୍ୱବିଦ୍ୟାଳୟର ଉତ୍ତର କ୍ୟାମ୍ପସ, ଗମ୍ଭରିଆ, କେନ୍ଦୁଝରଠାରେ ଧରଣୀଧର ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ସମ୍ବୋଧିତ କରିବେ। ସନ୍ଧ୍ୟାରେ ରାଷ୍ଟ୍ରପତି ଭୁବନେଶ୍ୱରସ୍ଥିତ ଉତ୍କଳ ବିଶ୍ୱବିଦ୍ୟାଳୟର ୫୩ତମ ସମାବର୍ତ୍ତନ ଉତ୍ସବରେ ଯୋଗଦେବେ। ଆସନ୍ତା ୧ ତାରିଖରେ ରାଷ୍ଟ୍ରପତି ଭଞ୍ଜବିହାରସ୍ଥିତ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ୨୫ତମ ସମାବର୍ତ୍ତନ ଉତ୍ସବରେ ଯୋଗଦେବେ। ପରେ ସେ କଟକରେ ବ୍ରହ୍ମାକୁମାରୀ ଓଡ଼ିଶାର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଯୋଗଦେବେ। ରାଷ୍ଟ୍ରପତି ଭୁବନେଶ୍ୱରସ୍ଥିତ ରାଜଭବନରେ ମାର୍ଚ୍ଚ ୨ରେ ରାଷ୍ଟ୍ରପତି ସମ୍ବଲପୁର ଜିଲାରେ ସନ୍ଥକବି ଭୀମ ଭୋଇଙ୍କ ସହ ଜଡ଼ିତ ବିଭିନ୍ନ ସ୍ଥାନ ପରିଦର୍ଶନ କରିବେ।

## ମାର୍ଚ୍ଚ ପ୍ରଥମ ସପ୍ତାହରେ ପୁଣି ଆସିବେ ମୋଦି

ଭୁବନେଶ୍ୱର,୨୭।୨ (ସୁନିତ୍ ମିଶ୍ର)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ମାର୍ଚ୍ଚ ପ୍ରଥମ ସପ୍ତାହରେ ଓଡ଼ିଶା ଗସ୍ତରେ ଆସିବେ। ଚଣ୍ଡିଖୋଲଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେବା ନେଇ ସେ ଓଡ଼ିଶା ଆସୁଥିବା ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ସୂଚନା ଦେଇଛନ୍ତି। ତେବେ ଚଣ୍ଡିଖୋଲଠାରେ ତାଙ୍କର ସରକାରୀ ନା ଦଳୀୟ କାର୍ଯ୍ୟକ୍ରମ ରହିଛି ସେନେଇ ମନମୋହନ କିଛି ସ୍ପଷ୍ଟ କରିନାହାନ୍ତି।

## ୪ ମାଓବାଦୀ ନିହତ

ମାଲକାନଗିରି,୨୭।୨ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ବିଜାପୁର ଜିଲାରେ ମଙ୍ଗଳବାର ଯବାନଙ୍କ ଗୁଳିରେ ୪ ମାଓବାଦୀ ନିହତ ହୋଇଛନ୍ତି। ବିଜାପୁର ଜିଲା ଜଙ୍ଗଲା ଥାନା ଅନ୍ତର୍ଗତ ଛୋଟେ ତୁଙ୍ଗଲି ଜଙ୍ଗଲରେ ମାଓବାଦୀମାନେ ଏକାଠି ହୋଇ ଆକ୍ରମଣ ଯୋଜନା କରୁଥିବା ଗୋଇନ୍ଦା ସୂଚନା ମିଳିଥିଲା। ପରେ ଡିଆର୍‌ଜି ବାହିନୀ ସହ ବସ୍ତର ଫାଇଟର ଏବଂ ସିଆର୍‌ପିଏଫ୍ ବାହିନୀର ଯବାନମାନେ ମିଳିତ ଭାବେ କୋମ୍ବିଂ ଅପରେଶନରେ ଯାଇଥିଲେ। ମାଓବାଦୀମାନେ ପ୍ରଥମେ ଗୁଳିଚାଳନା କରିବାରୁ ଯବାନମାନେ ପାଲଟା ଜବାବ ଦେଇଥିଲେ।

## ସର୍ବଶିକ୍ଷାର ସୁଯୋଗ ଦେବ ସ୍ୱୟମ୍ ପ୍ଲସ୍ : ଧର୍ମେନ୍ଦ୍ର

ଭୁବନେଶ୍ୱର,୨୭।୨(ସୁନିତ୍ ମିଶ୍ର)

ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଆରମ୍ଭ ହୋଇଥିବା ସ୍ୱୟମ୍ ପ୍ଲସ୍ ପ୍ଲାଟ୍‌ଫର୍ମ ସମସ୍ତଙ୍କୁ ଶିକ୍ଷା କ୍ଷେତ୍ରରେ ସୁଯୋଗ ଦେବ। ବିଶେଷ ଭାବେ ଡିଜିଟାଲ ବିପ୍ଳବରୁ ଉପକୃତ ହୋଇ ଜ୍ଞାନ ଅର୍ଥନୀତିରେ ପ୍ରବେଶ କରି ନ ଥିବା ଯୁବଶକ୍ତିଙ୍କୁ ସର୍ବବ୍ୟାପୀ ଓ ସର୍ବସ୍ପର୍ଶୀ ଶିକ୍ଷା ଉପଲବ୍ଧ କରାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ନୂଆଦିଲ୍ଲୀଠାରେ ସ୍ୱୟମ୍ ପ୍ଲସ୍ ପ୍ଲାଟ୍‌ଫର୍ମର ଶୁଭାରମ୍ଭ କରିବା ଅବସରରେ ଧର୍ମେନ୍ଦ୍ର କହିଛନ୍ତି, ଉଚ୍ଚଶିକ୍ଷା କ୍ଷେତ୍ରରେ ମୋଟ ନାମଲେଖା ଅନୁପାତ ୨୦୩୫ ସୁଦ୍ଧା ୫୦% ଏବଂ ୨୦୪୭ ସୁଦ୍ଧା ୬୫ % ହାସଲ କରିବାକୁ ଭାରତ ଲକ୍ଷ୍ୟ ରଖିଛି। ଅର୍ଥାତ୍ ବର୍ତ୍ତମାନର ଶିକ୍ଷା ବ୍ୟବସ୍ଥାରେ ଯଥାକ୍ରମେ ୩୭ ନିୟୁତ ଏବଂ ୬୬ ନିୟୁତ ଶିକ୍ଷାର୍ଥୀ ଉଚ୍ଚଶିକ୍ଷା କ୍ଷେତ୍ରରେ ଯୋଡ଼ିହେବାର ଆକଳନ କରାଯାଇଛି। ସମସ୍ତ ଶିକ୍ଷାର୍ଥୀଙ୍କୁ ସର୍ବୋତ୍ତମ ଶିକ୍ଷାର ଉପଲବ୍ଧି କରାଇବା ଦିଗରେ ଡିଜିଟାଲ ପଦ୍ଧତିର ବହୁଳ ବ୍ୟବହାର ପାଇଁ ସରକାର ପ୍ରାଥମିକତା ଦେଉଛନ୍ତି। ଏ ଦିଗରେ ସ୍ୱୟମ୍ ହେଉଛି ଶିକ୍ଷା ମନ୍ତ୍ରଣାଳୟର ଏକ ବୃହତ ଓପନ୍ ଅନ୍‌ଲାଇନ କୋର୍ସ(ଏମ୍‌ଓଓସି) ପ୍ଲାଟ୍‌ଫର୍ମ, ଯାହା ବହୁ ସଂଖ୍ୟକ ଶିକ୍ଷାର୍ଥୀଙ୍କୁ ଶିକ୍ଷା ସୁଯୋଗ ଦେଉଛି ବୋଲି ଧର୍ମେନ୍ଦ୍ର କହିଛନ୍ତି।



ନୂଆଦିଲ୍ଲୀଠାରେ ସ୍ୱୟମ୍ ପ୍ଲସ୍ ପ୍ଲାଟ୍‌ଫର୍ମର ଶୁଭାରମ୍ଭ କରିବା ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ଅନ୍ୟମାନେ।

## କୋର୍ଟରେ ପିଟିଶନ୍ ଫାଇଲ କଲେ ସୋମାଲିକା

ଜଗତ୍‌ସିଂହପୁର, ୨୭।୨ (ପ୍ରମୋଦ କୁମାର ନାୟକ)

ତିର୍ତ୍ତୋଲ ବିଧାୟକ ବିଜୟଶଙ୍କର ଦାସଙ୍କ ବିରୋଧରେ ତାଙ୍କ ପ୍ରେମିକା ସୋମାଲିକା ଦାଶ (୨୯) ଏକାଧିକ ସଙ୍ଗିନ ଅଭିଯୋଗ କରିଥିଲେ। ଜଗତ୍‌ସିଂହପୁର ଥାନାରେ ଅଭିଯୋଗ ସତ୍ତ୍ୱେ ପୋଲିସ ନୀରବ ରହିବାରୁ ସେ ହାଇକୋର୍ଟରେ ଆଶ୍ରୟ ନେଇଥିଲେ। କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ସୋମାଲିକା ପୁନଃ ଅଭିଯୋଗ କଲା ପରେ ମାମଲା ରୁଜୁ ସହ ତଦନ୍ତ ହୋଇଥିଲା। ଏପରି କି ପୋଲିସ ସୋମାଲିକାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତରୀ ମାଇନା କରିଥିଲା। ସେଠାରେ ତାଙ୍କ ଡିଏନ୍‌ଏ ପରୀକ୍ଷା ପାଇଁ ନମୁନା ସଂଗ୍ରହ କରାଯାଇଥିଲା। ଏଥିସହ ରକ୍ତ ଓ ଅନ୍ୟ ନମୁନା ସଂଗ୍ରହ କରାଯାଇଥିବା ପୋଲିସ ପକ୍ଷରୁ ସେତେବେଳେ କୁହାଯାଇଥିଲା କିନ୍ତୁ ପରବର୍ତ୍ତୀ ସମୟରେ ପୋଲିସ ବିନା ତଦନ୍ତରେ ମିଷ୍ଟେକ ଅଫ ଫ୍ୟାକ୍ଟ କରି ମାମଲାକୁ ମିଥ୍ୟା ପ୍ରମାଣିତ ପାଇଁ ଉଦ୍ୟମ କରିଛି। ଏଭଳି ଅଭିଯୋଗ କରି ସୋମାଲିକା ଜଗତ୍‌ସିଂହପୁର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ପ୍ରୋଟେଷ୍ଟ ପିଟିଶନ୍ ଫାଇଲ କରିଥିବା ତାଙ୍କ ଓକିଲ ଅମୀୟ କୁମାର ମହାପାତ୍ର କହିଛନ୍ତି।

## ୫-ଟି ଅଧ୍ୟକ୍ଷଙ୍କୁ ଭେଟିଲେ ୧୪ ଅନୁଷ୍ଠାନର କର୍ମକର୍ତ୍ତା

ଭୁବନେଶ୍ୱର,୨୭।୨(ଅନିଲ ଦାସ)

ରାଜ୍ୟର ୧୪ଟି ବିଭିନ୍ନ ଅନୁଷ୍ଠାନ ଓ ସଂଘର କର୍ମକର୍ତ୍ତାମାନେ ମଙ୍ଗଳବାର ନବୀନ ନିବାସଠାରେ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଭେଟି ଧନ୍ୟବାଦ ଅର୍ପଣ କରିଛନ୍ତି। ସମ୍ପୃକ୍ତ କର୍ମକର୍ତ୍ତାମାନେ ପୂର୍ବରୁ ପାଣ୍ଡିଆନଙ୍କୁ ଭେଟି ତାଙ୍କ ଅନୁଷ୍ଠାନ ଓ ସଂଘର ସମସ୍ୟା ବିଷୟରେ ଅବଗତ କରାଇଥିଲେ। ପାଣ୍ଡିଆନ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟିକୁ ଆଣି ଏହି ସବୁ ସମସ୍ୟାଗୁଡ଼ିକର ତୁରନ୍ତ ପ୍ରତିକାର କରିଥିଲେ। ଏଥିପାଇଁ କର୍ମକର୍ତ୍ତାମାନେ ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧ୍ୟକ୍ଷଙ୍କୁ କୃତଜ୍ଞତା ଜଣାଇବା ସହିତ ଧନ୍ୟବାଦ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ଏକ ନୂଆ ଓଡ଼ିଶା, ସଶକ୍ତ ଓଡ଼ିଶା ଗଠନ ପାଇଁ ଉଦ୍ୟମ କରୁଛନ୍ତି। ଆପଣମାନେ ସମସ୍ତେ ମୁଖ୍ୟମନ୍ତ୍ରୀଙ୍କ ଏହି ଆକାଂକ୍ଷିତ ଓଡ଼ିଶା ଗଠନ ଦିଗରେ ସହଭାଗୀ ହୋଇ କାମ କରନ୍ତୁ ବୋଲି ପାଣ୍ଡିଆନ କର୍ମକର୍ତ୍ତାମାନଙ୍କୁ ଅନୁରୋଧ କରିଛନ୍ତି। ସେମାନଙ୍କ ଅନୁରୋଧ ମୁତାବକ ଭୁବନେଶ୍ୱର ପୋଲିସ ଲାଇନ ମସ୍‌ଜିଦର ଲିଜ୍ ପ୍ରିମିୟମ ଛାଡ଼, କ୍ୟାପିଟାଲ ମସ୍କ କମିଟିର ବ୍ୟବସାୟିକ ଉଦ୍ଦେଶ୍ୟରେ ବ୍ୟବହୃତ ହେଉଥିବା ଜମିର ପ୍ରିମିୟମ ଛାଡ଼, ଭୁବନେଶ୍ୱର ଚନ୍ଦ୍ରଶେଖର ମୌଜାର ସ୍ୱଭାବ କବି ଗଙ୍ଗାଧର ମେହେର ଭବନର ଲିଜ୍ ପ୍ରିମିୟମ ଛାଡ଼, ଚନ୍ଦ୍ରଶେଖରପୁର ଅଞ୍ଚଳରେ ଓଡ଼ିଶା ଅଗ୍ରଗାମୀ ଅଘରିଆ ସମାଜ ଜମି ଉପରେ ଲିଜ୍ ପ୍ରିମିୟମ ଛାଡ଼, ଚନ୍ଦ୍ରଶେଖରପୁରଠାରେ ଗୋଣ୍ଡ ଭବନ ନିର୍ମାଣ ପାଇଁ ଲିଜ୍ ପ୍ରିମିୟମ ଛାଡ଼, ଭୁବନେଶ୍ୱର ଡୁମୁଡୁମା ଅଞ୍ଚଳର ସନ୍ଥ ଭୀମ ଭୋଇ ମହିମା ଅଲେଖ ଟ୍ରଷ୍ଟର ଲିଜ୍ ପ୍ରିମିୟମ ଛାଡ଼, ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ଏବଂ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ଓ ତୋଳାଳି ମହାସଂଘକୁ ଆର୍ଥିକ ସହାୟତା, କର୍ମଚାରୀଙ୍କ ଦରମା ବୃଦ୍ଧି, କେନ୍ଦୁପତ୍ର ବିଡ଼ା ମୂଲ୍ୟ ବୃଦ୍ଧି, ୫୦ ପ୍ରତିଶତ ବୋନସ ପ୍ରଦାନ ଏବଂ ସାମାଜିକ ସୁରକ୍ଷା ଯୋଜନାରେ ବୟସ ସୀମା ୨ ବର୍ଷ ବୃଦ୍ଧି, ନିଖିଳ ଓଡ଼ିଶା ଗ୍ରାମ ରୋଜଗାର ସେବକ ସଂଘକୁ ୫ ବର୍ଷ ପରେ ଚାକିରି ନିୟମିତ କରାଯାଇଛି। ସେହିପରି ଓଡ଼ିଶା ସବ୍‌ଅର୍ଡିନେଟ ଷ୍ଟାଫ୍ ସିଲେକ୍ସନ କମିଶନ ଦ୍ୱାରା ନିଯୁକ୍ତିରେ ୩୦ ପ୍ରତିଶତ ସ୍ଥାନ ସଂରକ୍ଷଣ, ଓଡ଼ିଶା ଶିଳ୍ପୀ ମହାସଂଘକୁ ମୁଖ୍ୟମନ୍ତ୍ରୀ ବରିଷ୍ଠ ବୁଣାକାର ଓ କାରିଗର ସହାୟକ ଯୋଜନାରେ ସହାୟତା ପ୍ରଦାନ, ଖଣ୍ଡଗିରିଠାରେ ରାଜ୍ୟ ହସ୍ତଗୃହ ଓ ହସ୍ତଶିଳ୍ପ ବିକାଶ ଉନ୍ନୟନ ପରିଷଦ ରାଜ୍ୟ କାର୍ଯ୍ୟାଳୟ ନିର୍ମାଣ ପାଇଁ ଜମି ପ୍ରଦାନ, କୁଲତା ସମାଜକୁ ପୁରୀ ତାଳବଣିଆଠାରେ ଜମି ପ୍ରଦାନ, ୧୦୮ ଆମ୍ବୁଲାନ୍ସ ଡ୍ରାଇଭର ଓ ଫାର୍ମାସିଷ୍ଟଙ୍କୁ ସ୍ୱତନ୍ତ୍ର ଭତ୍ତା ପ୍ରଦାନ, କେନ୍ଦ୍ରାପଡ଼ା ଶ୍ରୀବଳଦେବଜୀଉ ମନ୍ଦିରର ରୂପାନ୍ତର ପାଇଁ ଆର୍ଥିକ ଅନୁଦାନ ପ୍ରଦାନ କରାଯାଇଛି।

## ୧୮ ଟଙ୍କା ପାଇଁ ୩ ଲକ୍ଷ ଜରିମାନା

ସମ୍ବଲପୁର,୨୭।୨(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ରେଳଷ୍ଟେଶନରେ ଯାନବାହନ ପାର୍କିଂ ନାଁରେ ଯାତ୍ରୀଙ୍କଠାରୁ ଲୁଟ୍ ହେଉଥିବା ଅଭିଯୋଗ ପ୍ରମାଣିତ ହେବା ପରେ ମଙ୍ଗଳବାର ସମ୍ପୃକ୍ତ ଠିକାସଂସ୍ଥାକୁ ଖାଉଟି ଅଦାଲତ ଅର୍ଥଦଣ୍ଡରେ ଦଣ୍ଡିତ କରିଛନ୍ତି। ମାତ୍ର ୧୮ଟଙ୍କା ପାଇଁ ଅଦାଲତ ଉକ୍ତ ସଂସ୍ଥାକୁ ୩ଲକ୍ଷ ଟଙ୍କା ଜରିମାନା କରିଛନ୍ତି। ଗତବର୍ଷ ନଭେମ୍ବର ୧ରେ ପ୍ରଫୁଲ୍ଲ ଦାଶ ନାମକ ବ୍ୟକ୍ତି ଟ୍ରେନ୍ ଯୋଗେ ଭୁବନେଶ୍ୱର ଯିବା ପାଇଁ ବାଇକ୍‌ରେ କ୍ଷେତରାଜପୁର ରେଳ ଷ୍ଟେଶନରେ ପହଞ୍ଚିଥିଲେ। ସେଠାରେ ଥିବା ପାର୍କିଂରେ ସେ ନିଜ ବାଇକ୍ ରଖିଥିଲେ। ପାର୍କିଂ ଠିକା ନେଇଥିବା ସଂସ୍ଥାର ଜଣେ କର୍ମଚାରୀ ୧୨ଘଣ୍ଟା ପାଇଁ ଫି ବାବଦକୁ ୩୦ ଟଙ୍କା ମାଗିବା ସହ ଏଥିପାଇଁ ଏକ ଛାପା ରସିଦ ପ୍ରଦାନ କରିଥିଲେ। ପ୍ରଫୁଲ୍ଲ ୩୦ଟଙ୍କା ଦେଇ ରସିଦ ନେଇ ଟ୍ରେନ୍ ଧରିଥିଲେ। ଟ୍ରେନ୍‌ରେ ରସିଦ ଦେଖିବା ସମୟରେ ସେଥିରେ ୧୨ ଘଣ୍ଟା ପାଇଁ ୯ ଟଙ୍କା ଓ ୧୨ ଘଣ୍ଟାରୁ ଅଧିକ ସମୟ ପାଇଁ ୧୨ ଟଙ୍କା ପାର୍କିଂ ଫି ଉଲ୍ଲେଖ ରହିଥିବା ଦେଖିଥିଲେ। ଠିକାସଂସ୍ଥା ଲୁଟ୍ କରୁଥିବା ଜାଣିବା ପରେ ପ୍ରଫୁଲ୍ଲ ନଭେମ୍ବର ୬ରେ ଖାଉଟି ଅଦାଲତରେ ଅଭିଯୋଗ ଦାଖଲ କରିଥିଲେ।

## ୩ ବର୍ଷର ପୁଅକୁ ମାରି ବାପାଙ୍କ ଆତ୍ମହତ୍ୟା

କାଳିଆପାଣି,୨୭।୨(ଅସିତ ମହାନ୍ତ)

ପାରିବାରିକ କଳହକୁ ନେଇ ଯାଜପୁର ଜିଲା କାଳିଆପାଣି ଥାନା ଅନ୍ତର୍ଗତ ଟିକରପଡ଼ା ଗାଁରେ ଢେଙ୍କାନାଳ ଜିଲା ବିରାଶାଳ ଗାଁର ଶ୍ରୀରାମ ମୁଣ୍ଡା(୨୪) ତାଙ୍କ ୩ ବର୍ଷର ପୁଅକୁ ମାରି ଗଛରେ ଟଙ୍ଗାଇ ଦେବାପରେ ସେହି ଗଛରେ ନିଜେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଶ୍ରୀରାମ ଟିକରପଡ଼ା ଗାଁର ମୁକ୍ତା ମୁଣ୍ଡାଙ୍କୁ ପ୍ରେମ ବିବାହ କରିଥିଲେ। ୮ ଦିନ ପୂର୍ବେ ଦମ୍ପତି ପୁଅକୁ ନେଇ ଟିକରପଡ଼ା ଆସିଥିଲେ। ୨୬ ତାରିଖରେ ଶ୍ରୀରାମ ତାଙ୍କ ସ୍ତ୍ରୀଙ୍କୁ ବିରାଶାଳ ଗାଁକୁ ଯିବା ପାଇଁ କହିଥିଲେ। ହେଲେ ସ୍ତ୍ରୀ ମୁକ୍ତା ଯିବାକୁ ରାଜି ହୋଇ ନ ଥିଲେ। ତେଣୁ ପୁଅକୁ ନେଇ ଶ୍ରୀରାମ ଶଶୁର ଘରୁ ବାହାରି ଆସିଥିଲେ। ସନ୍ଧ୍ୟାରେ ସ୍ତ୍ରୀ ଶ୍ରୀରାମଙ୍କୁ ଯୋଗାଯୋଗ କରି ବିଫଳ ହେବା ପରେ ପରିବାର ଓ ବନ୍ଧୁ ଘରକୁ ଖବର ଦେଇଥିଲେ। ମଙ୍ଗଳବାର ଅପରାହ୍ନ ୩ଟାରେ ଏକ ଗଛରେ ବାପପୁଅ ଝୁଲୁଥିବା ଜାଣିବାକୁ ପାଇଥିଲେ।

## ଓଟିପି ପାଇଁ ୩୦ କି.ମି.

ଉଦଳା,୨୭।୨ (ସନ୍ତୋଷ କୁମାର ବାଛିନୀ)

ଦେଶରେ ୫-ଜି ଟେଲି ସେବା ଉପଲବ୍ଧ ହୋଇଥିବା ବେଳେ ନେଟ୍‌ୱର୍କ ନ ଥିବାରୁ ଝିଅର ଭବିଷ୍ୟତ ପାଇଁ ଜଣେ ବ୍ୟକ୍ତି ୩୦ କି.ମି. ଦୂରକୁ ଯାଇ ୱାନ୍ ଟାଇମ୍ ପାସ୍‌ୱାର୍ଡ (ଓଟିପି) ନମ୍ବର ଦେବା ଭାରତ ସଞ୍ଚାର ନିଗମ ଲିମିଟେଡ୍(ବିଏସ୍‌ଏନ୍‌ଏଲ୍)ର ବ୍ୟବସ୍ଥା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛି। ଏହି ଘଟଣା ଘଟିଛି ମୟୂରଭଞ୍ଜ ଜିଲା ଉଦଳା ଅଞ୍ଚଳରେ। ସୂଚନା ଅନୁଯାୟୀ, ଉଦଳା ଏନ୍‌ଏସି ୧୦ନଂ. ୱାର୍ଡର ଦୀପକ କୁମାର ପରିଡ଼ାଙ୍କ ଝିଅ ତାସା ବାଲେଶ୍ୱରରେ ରହି ପାଠ ପଢ଼ନ୍ତି। ମଙ୍ଗଳବାର ସେ ବାଲେଶ୍ୱରରେ ନିଟ୍ ପ୍ରବେଶିକା ପରୀକ୍ଷା-୨୦୨୪ ନିମନ୍ତେ ଆବେଦନ କରୁଥିଲେ। ତାଙ୍କ ଆଧାର କାର୍ଡରେ ବାପା ଦୀପକ ପରିଡାଙ୍କ ମୋବାଇଲ୍ ନମ୍ବର ଲିଙ୍କ୍ ଥିବାରୁ ଓଟିପି ଦୀପକଙ୍କ ନିକଟକୁ ଆସିଥିଲା। ଉଦଳା ଅଞ୍ଚଳରେ ୨ ଦିନ ହେବ ବିଏସ୍‌ଏନ୍‌ଏଲ୍ ନେଟ୍‌ୱର୍କ ନ ରହିବା ସହିତ କୌଣସି କଲ୍ ଯାଇ ଆସିପାରୁନାହିଁ। ଦୀପକ ବ୍ୟବହାର କରୁଥିବା ମୋବାଇଲ୍ ନମ୍ବର ବିଏସ୍‌ଏନ୍‌ଏଲ୍‌ର ହୋଇଥିବାରୁ କୌଣସି ଓଟିପି ତାଙ୍କ ନିକଟରେ ପହଞ୍ଚୁ ନ ଥିଲା। ସେପଟେ ପରିବାରର ଅନ୍ୟ ସଦସ୍ୟଙ୍କୁ ଝିଅ ତାସା ଫୋନ କରିବା ପରେ ଦୀପକ ଓଟିପି ବାବଦରେ ଜାଣିବାକୁ ପାଇଥିଲେ। ଏହା ପରେ ଝିଅର ଭବିଷ୍ୟତ ପାଇଁ ଓଟିପି ନମ୍ବର ଦେବାକୁ ଦୀପକ ବିଏସ୍‌ଏନ୍‌ଏଲ୍ ମୋବାଇଲ୍ ନମ୍ବରକୁ ଧରି ଚାଲିଥିଲେ ନେଟ୍‌ୱର୍କ ଅନୁସନ୍ଧାନରେ। ଉଦଳାରୁ ବାହାରି ୩୦ କି.ମି. ଯାଇ ନୀଳଗିରି ପାଖ ସଜନାଗଡ଼ ଛକ ନିକଟରେ ପହଞ୍ଚିବା ପରେ ନେଟ୍‌ୱର୍କ ପାଇଥିଲେ। ସେଠାରେ ଝିଅକୁ ଫୋନ କରି କଥା ହେବା ସହିତ ଓଟିପି ନମ୍ବର ପ୍ରଦାନ କରିଥିଲେ। ଏହାପରେ ପରେ ତାଙ୍କ ଝିଅ ଆବେଦନ କରିଥିଲେ। ଏହି ବିଭ୍ରାଟ ବାବଦରେ ଉଦଳା ବିଏସ୍‌ଏନ୍‌ଏଲ୍ ଅଫିସ୍‌ର ଜେଟିଓ ଜଗନ୍ନାଥ ମାଝିଙ୍କୁ ପଚାରିବାରୁ ପାଣି ପାଇପ୍ ଲାଇନ ପାଇଁ କେବୁଲ ତାଡ଼ି ଦିଆଯାଉଛି। ଫଳରେ ତାର କଟିଯାଇ ବିଏସ୍‌ଏନ୍‌ଏଲ୍ ନେଟ୍‌ୱର୍କରେ ବିଭ୍ରାଟ ଘଟୁଛି। ଏନେଇ ଉପଭୋକ୍ତାମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ସେ କହିଛନ୍ତି।

## ଢେଙ୍କାନାଳ ଜିଲାରେ କଲରାପତରିଆଙ୍କ ବଂଶ ବୃଦ୍ଧି

ଢେଙ୍କାନାଳ,୨୭।୨(ରତନ ନାୟାର)



ଢେଙ୍କାନାଳ ଜିଲାରେ କଲରାପତରିଆ ବାଘଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଜିଲାରେ ପ୍ରାୟ ୧୦ଟି କଲରାପତରିଆ ବାଘ ଥିବା ରାଜ୍ୟ ସରକାରଙ୍କ ପକ୍ଷରୁ ଶେଷ ହୋଇଥିବା ବାଘ ଗଣନାରୁ ଜଣାପଡିଛି। ହିନ୍ଦୋଳ ରେଞ୍ଜ୍ କନ୍ଧରା ଓ କାମାକ୍ଷାନଗର ପଶ୍ଚିମାଞ୍ଚଳ ଏବଂ ମହାବୀର ରୋଡ୍ ରେଞ୍ଜ୍ ମଧ୍ୟରେ ଥିବା ଅନନ୍ତପୁର ସଂରକ୍ଷିତ ଜଙ୍ଗଲରେ ଅଧିକ ସଂଖ୍ୟାରେ କଲରାପତରିଆ ବାଘ ଥିବା ଟ୍ରାପ୍ କ୍ୟାମେରାରୁ ଜଣାପଡିଛି।

ଢେଙ୍କାନାଳ ଜିଲା ହିନ୍ଦୋଳ ରେଞ୍ଜର କନ୍ଧରା ସଂରକ୍ଷିତ ଜଙ୍ଗଲର ପରିସୀମା ହେଉଛି ୧୧୪୧୧.୧୫ ହେକ୍ଟର। ଏହା ସବୁଠାରୁ ଘଞ୍ଚ ହୋଇଥିବାବେଳେ ଅନୁଗୋଳ ଜିଲାର ସାତକୋଶିଆ ଅଭୟାରଣ୍ୟ ଓ କଟକ ଜିଲାର ବଡମ୍ବା ଏବଂ ନରସିଂହପୁର ସଂରକ୍ଷିତ ଜଙ୍ଗଲକୁ ଏହାର ସୀମା ଲାଗିରହିଛି। ତେଣୁ ବନ୍ୟପ୍ରାଣୀଙ୍କ ବିଚରଣ ପାଇଁ ଏହା ଏକ ଉତ୍ତମ ଅଞ୍ଚଳ ହୋଇପାରିଛି। ଏହି କାରଣରୁ କନ୍ଧରା ଜଙ୍ଗଲକୁ ବନ୍ୟପ୍ରାଣୀଙ୍କ ପାଇଁ ସ୍ୱର୍ଗ ସଦୃଶ ବୋଲି କୁହାଯାଉଛି। କଲରାପତରିଆ ବାଘ ଗୋଟିଏ ଜାଗାରେ ରହନ୍ତି ନାହିଁ। ଏହା ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ଜଙ୍ଗଲ ମଧ୍ୟରେ ପ୍ରବେଶ କରିଥାନ୍ତି। ତେଣୁ କନ୍ଧରା ଜଙ୍ଗଲରେ ଥିବା କଲରାପତରିଆ ବାଘ ଅଧିକାଂଶ ସମୟରେ ସାତକୋଶିଆ ଅଭୟାରଣ୍ୟ ଏବଂ ବଡମ୍ବା ଓ ନରସିଂହପୁର ଜଙ୍ଗଲ ଆଡକୁ ଯିବାଆସିବା କରିଥାନ୍ତି। ଜିଲାରେ ପୂର୍ବ ଅପେକ୍ଷା କଲରାପତରିଆ ବାଘଙ୍କ ସଂଖ୍ୟା ବଢ଼ିବା ବନବିଭାଗ ପାଇଁ ଏକ ଖୁସି ଖବର ବୋଲି ସୂଚନା ମିଳିଛି। ଏ ସଂକ୍ରାନ୍ତରେ ଜିଲା ବନଖଣ୍ଡ ଅଧିକାରୀ ସୁମିତ କୁମାର କର କହିଛନ୍ତି, ଚଳିତ ବାଘ ଗଣନାରେ ଢେଙ୍କାନାଳ ଜିଲାରେ ମହାବଳ ବାଘ ନ ଥିବା ଜଣାପଡିଛି। କିନ୍ତୁ ପୂରା ସଂଖ୍ୟା ନ ମିଳିବା ଯାଏ ପ୍ରାୟ ୧୦ଟି କଲରାପତରିଆ ବାଘ ଥିବା କ୍ୟାମେରା ଟ୍ରାପ୍ ଓ ଅନ୍ୟାନ୍ୟ ପ୍ରମାଣରୁ ଜଣାପଡିଛି।







ମେଧାବୀ ଆକାଂକ୍ଷୀ ଛାତ୍ରୀଛାତ୍ରଙ୍କୁ ଉଚ୍ଚଶିକ୍ଷା କ୍ଷେତ୍ରରେ ଶ୍ରେଷ୍ଠତମ ସଫଳତା ହାସଲ ଲାଗି ରାଜ୍ୟ ସରକାର ସବୁ ପ୍ରକାର ସହାୟତା ଦେବାକୁ ପ୍ରୟାସ କରିବେ। ନୂଆ-ଓ ଛାତ୍ରବୃତ୍ତି ଯୋଜନା ଉଚ୍ଚଶିକ୍ଷାର ବିକାଶ କରିବା ସହ ଯୁବଗୋଷ୍ଠୀଙ୍କୁ ନିଜର ସ୍ୱପ୍ନ ପୂରଣ କରିବା ଦିଗରେ ବେଶ ସହାୟକ ହେବ।

**– ନବୀନ ପଟ୍ଟନାୟକ, ମୁଖ୍ୟମନ୍ତ୍ରୀ**



ଛାତ୍ରୀଛାତ୍ର ଏବଂ ଶିକ୍ଷକମାନଙ୍କଠାରୁ ଏହି ମ୍ୟାଜିକ୍ କାର୍ଡ ସମ୍ପର୍କରେ ମତାମତ ଦିଆଯାଇ ପଏଣ୍ଟ ବ୍ୟବସ୍ଥାରେ ଅଧିକ କାର୍ଯ୍ୟଧାରାକୁ ସାମିଲ କରାଯାଇପାରିବ । ଏହି କାର୍ଡ ସମ୍ପୂର୍ଣ୍ଣ ଭାବରେ ବୈଷୟିକ ଜ୍ଞାନକୌଶଳ ଯୁକ୍ତ ହେବ ଏବଂ ଯୁବ ସଶକ୍ତୀକରଣ ତଥା ନିଯୋଜନ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବ।

**– କାର୍ତ୍ତିକ ପାଣ୍ଡିଆନ୍, ୫-ଟି ଅଧ୍ୟକ୍ଷ**



# ୨୦୨୪-୩୪ ଯୁବ ଦଶନ୍ଧିର ବର୍ଷ

ନୂଆ ଓଡ଼ିଶା ସ୍ୱପ୍ନ ସାକାର କରିବା ଦିଗରେ ରାଜ୍ୟ ସରକାର ଯୁବଗୋଷ୍ଠୀଙ୍କୁ ସଶକ୍ତ କରିବେ। ମହିଳା ସଶକ୍ତୀକରଣ ପାଇଁ ଯେଭଳି ଭାବେ ମିଶନ ଶକ୍ତି କାର୍ଯ୍ୟ କରିଛି ଆଗାମୀ ୧୦ ବର୍ଷ ମଧ୍ୟରେ ସେହିପରି ଯୁବଗୋଷ୍ଠୀଙ୍କୁ ନିଯୁକ୍ତି ସୁଯୋଗ, ସଶକ୍ତୀକରଣ ଏବଂ ବିକାଶକୁ କାର୍ଯ୍ୟକାରୀ କରାଯିବ। ରାଜ୍ୟରେ କଲେଜ ରୂପାନ୍ତରୀକରଣ କାର୍ଯ୍ୟ ଚାଲୁ ରହିଛି। ଗତ ବର୍ଷ ନୂଆ-ଓ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଏହା ବେଶ୍ ଫଳପ୍ରଦ ହୋଇଛି । ଏହା ପରବର୍ତ୍ତୀ ପଦକ୍ଷେପ ଭାବେ ନୂଆ-ଓ ଛାତ୍ରବୃତ୍ତି କାର୍ଯ୍ୟକାରୀ କରାଯାଇଛି। ନବୀନ ଓଡ଼ିଶା ମ୍ୟାଜିକ କାର୍ଡ ଯୁବବର୍ଗଙ୍କ ପାଇଁ ରାଜ୍ୟ ସରକାର ସବୁଠାରୁ ବଡ଼ ପଦକ୍ଷେପ ନେବାକୁ ଯାଉଛନ୍ତି। ଯେଉଁଥିରେ ଛାତ୍ରୀଛାତ୍ରମାନଙ୍କ ଶିକ୍ଷାଗତ, ବ୍ୟକ୍ତିତ୍ୱ, ଦକ୍ଷତା ଓ ନିଯୁକ୍ତି କ୍ଷେତ୍ରର ବିକାଶ ଆଦି ବ୍ୟବସ୍ଥା ରହିଛି। ଏହା ଯୁବତୀଯୁବକଙ୍କୁ ନିଜର ସ୍ୱପ୍ନ ସାକାର କରିବା ଦିଗରେ ସହାୟକ ହେବ। ଏଥିରେ ସେମାନଙ୍କର କ୍ୟାରିୟର ଏବଂ ବ୍ୟକ୍ତିତ୍ୱ ବୃଦ୍ଧି କରିବା ପାଇଁ ବ୍ୟବସ୍ଥା ରହିବ।

## ମ୍ୟାଜିକ୍ କାର୍ଡ

- ମାର୍ଚ୍ଚ ୫ରୁ ପଞ୍ଜୀକରଣ ଆରମ୍ଭ
- ଅଗଷ୍ଟ ୧୫ ସୁଦ୍ଧା ମ୍ୟାଜିକ୍ କାର୍ଡ ପାଇବେ ଛାତ୍ରୀଛାତ୍ର
- ଶିକ୍ଷା କ୍ଷେତ୍ରରେ ଉନ୍ନତି ଓ ଦକ୍ଷତା ବିକାଶ କରିବ ମ୍ୟାଜିକ୍ କାର୍ଡ
- ଯୁବପିଢିଙ୍କ ସ୍ୱପ୍ନ ସାକାର କରିବ ମ୍ୟାଜିକ୍ କାର୍ଡ
- ଛାତ୍ରୀଛାତ୍ରଙ୍କୁ ୱାଇଫାଇ, ବହିକିଣା ଓ ଯାତ୍ରାରେ ରିହାତି ଦେବ
- କ୍ୟାରିୟର କାଉନ୍ସେଲିଂ ଓ ନିଯୁକ୍ତିରେ ସହାୟକ ହେବ

- ସଶକ୍ତ ଲାଗି ଯୁବପିଢି ସ୍ୱପ୍ନ ପୂରଣ କରିପାରିବେ
- ଅର୍ଥ ଅଭାବରୁ କୌଣସି ଛାତ୍ରୀଛାତ୍ର ଉଚ୍ଚଶିକ୍ଷାରୁ ବଞ୍ଚିତ ହେବେନି
- ଛାତ୍ରୀଙ୍କୁ ୧୦ ହଜାର, ଛାତ୍ରଙ୍କୁ ୯ ହଜାର ଟଙ୍କା
- ଏସିଏସ୍‌ଟି ଓ ନିର୍ମାଣ ଶ୍ରମିକ ଛାତ୍ରଙ୍କୁ ୧୦, ଛାତ୍ରୀଙ୍କୁ ୧୧ ହଜାର
- ମା'ବାପାଙ୍କ ଉପରୁ କିଛି ମାତ୍ରାରେ ବୋଝ କମ୍ ହେବ
- ନୂଆ ଓଡ଼ିଶା ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ
- ଯୁବବର୍ଗଙ୍କୁ ସଶକ୍ତ କରିବା ଲାଗି ମୁଖ୍ୟମନ୍ତ୍ରୀଙ୍କ ଲକ୍ଷ୍ୟ

## ୩ ଜିଲାର ୫୭ କଲେଜକୁ ୨୮ କୋଟି

- ସମ୍ବଲପୁର: ୨୧ କଲେଜର ୧୩,୪୩୨ ଛାତ୍ରୀଛାତ୍ର
- ଅନୁଗୋଳ: ୨୫ କଲେଜର ୧୧,୨୬୫ ଛାତ୍ରୀଛାତ୍ର
- ଦେବଗଡ଼: ୧୧ କଲେଜର ୩,୪୨୪ ଛାତ୍ରୀଛାତ୍ର

## ପାସ୍‌ପୋର୍ଟ ଟୁ ପ୍ରସ୍‌ପରିଟି

ମ୍ୟାଜିକ କାର୍ଡ ଯୁବବର୍ଗଙ୍କ ପାଇଁ ବେଶ୍ ସହାୟକ ହେବ। ଯେଉଁଥିରେ ଛାତ୍ରୀଛାତ୍ରମାନଙ୍କ ଶିକ୍ଷାଗତ, ବ୍ୟକ୍ତିତ୍ୱ, ଦକ୍ଷତା ଓ ନିଯୁକ୍ତି କ୍ଷେତ୍ରର ବିକାଶ ଆଦି ବ୍ୟବସ୍ଥା ରହିଛି। ଏହା ଯୁବତୀଯୁବକଙ୍କୁ ନିଜର ସ୍ୱପ୍ନକୁ ସାକାର କରିବା ଦିଗରେ ସହାୟକ ହେବ। ଏଥିରେ ସେମାନଙ୍କ କ୍ୟାରିୟର ଏବଂ ବ୍ୟକ୍ତିତ୍ୱ ବୃଦ୍ଧି କରିବା ପାଇଁ ବ୍ୟବସ୍ଥା ରହିବ। ଏହି କାର୍ଡ 'ପାର୍ସପୋର୍ଟ ପ୍ରସ୍‌ପରିଟି' ଆଧାରିତ ହେବ। କାର୍ଯ୍ୟକ୍ରମର ପଏଣ୍ଟ ଏବଂ ପାରାମିଟର ଆଧାରରେ ଏହି କାର୍ଡ ରୌପ୍ୟ, ସ୍ୱର୍ଣ୍ଣ ଏବଂ ପ୍ଲାଟିନମ ସ୍ତରକୁ ଯିବ। ଉପସ୍ଥାନ, ସମୟାନୁବର୍ତ୍ତୀ, ଶୃଙ୍ଖଳା, ଶିକ୍ଷାଗ୍ରହଣ କ୍ଷେତ୍ରରେ ପାରଦର୍ଶିତା, କ୍ରୀଡ଼ା, ଅନ୍‌ଲାଇନ କୋର୍ଡ, ବ୍ୟକ୍ତିତ୍ୱ ବିକାଶ ଆଦି କ୍ଷେତ୍ର ଆଧାରରେ ସ୍ମାର୍ଟକାର୍ଡ ବଣ୍ଟନ ଓ ଅପଗ୍ରେଡ କରାଯିବ। ଛାତ୍ରୀଛାତ୍ରମାନଙ୍କ ପ୍ରତ୍ୟେକ ଅଂଶ ଗ୍ରହଣକୁ ମାନ ଦଣ୍ଡ ଆକାରରେ ଗ୍ରହଣ କରାଯିବ। ଏହି ସ୍ମାର୍ଟକାର୍ଡ ଜରିଆରେ ଛାତ୍ରୀଛାତ୍ରମାନେ ବସ୍, ଟ୍ରେନ, ବିମାନ ଯାତ୍ରାରେ ରିହାତି ପାଇପାରିବେ। ଏହାକୁ ଫୋନ ସହ ସଂଯୋଗ କରାଯାଇ ପାରିବ। ଏହି କାର୍ଡ ମାଧ୍ୟମରେ ଅନ୍‌ଲାଇନ କୋର୍ସ, ନିଯୁକ୍ତି ସୃଷ୍ଟିର ବ୍ୟବସ୍ଥା ରହିଛି। ଏହି କାର୍ଡ ଜରିଆରେ ଛାତ୍ରୀଛାତ୍ରମାନେ କମ୍ପାନୀଗୁଡ଼ିକ ସହ ସମ୍ପର୍କରେ ଆସିପାରିବେ। ଏଥିସହିତ ଏହାକୁ ଷ୍ଟାର୍ଟ ଅପ୍ ଇକୋ ସିଷ୍ଟମ ସହିତ ସଂଯୋଗ କରିବା ଦ୍ୱାରା ଛାତ୍ରୀଛାତ୍ରମାନଙ୍କୁ ମଧ୍ୟ ଯୁବ ଉଦ୍ୟୋଗୀ ପାଇଁ ପ୍ରୋତ୍ସାହିତ କରାଯିବ। ଉଦ୍ୟୋଗୀ ହେବାକୁ ଚାହିଁଲେ ଏହି କାର୍ଡ ବ୍ୟାଙ୍କର ଋଣ ପାଇଁ ଅଗ୍ରାଧିକାର ମିଳିବ।



### ବୃତ୍ତି ରାଶିରେ ଅନ୍‌ଲାଇନ୍ କୋର୍ସ କରିବି

ନୂଆ-ଓ ଛାତ୍ରବୃତ୍ତି ଉଚ୍ଚଶିକ୍ଷାରେ ବିଶେଷ ସହାୟକ ହୋଇପାରିବ। ଏହି ଅର୍ଥରେ ମୁ ଆବଶ୍ୟକ ଅନୁସାରେ ପାଠ୍ୟ ପୁସ୍ତକଠାରୁ ଆରମ୍ଭ କରି ବିଭିନ୍ନ ଉପକରଣ କ୍ରୟ କରିପାରିବି। ଏହି ବୃତ୍ତି ରାଶିରେ କୋଚିଂ ବା ଅନ୍‌ଲାଇନ୍ କୋର୍ସ କରିବି ବୋଲି ମନସ୍ଥ କରିଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ କୃତଜ୍ଞତା ଜଣାଉଛି।

**- ବିଶ୍ୱଜିତ ମିତ୍ର, ଯୁକ୍ତ ୩ ପ୍ରଥମବର୍ଷ ବାଣିଜ୍ୟ ଛାତ୍ର, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ସମ୍ବଲପୁର**





### ମ୍ୟାଜିକ କାର୍ଡ ଏକ ଯୁଗାନ୍ତକାରୀ ପଦକ୍ଷେପ

ଆସନ୍ତା ମାର୍ଚ୍ଚ ୫ରେ ମୁଖ୍ୟମନ୍ତ୍ରୀ ମ୍ୟାଜିକ୍ କାର୍ଡର ଶୁଭାରମ୍ଭ କରିବାକୁ ଯାଉଛନ୍ତି। ୫-ଟି ଅଧ୍ୟକ୍ଷଙ୍କ ବକ୍ତବ୍ୟ ଅନୁସାରେ ଏହା ଛାତ୍ରୀଛାତ୍ରଙ୍କ ପାଇଁ ରାଜ୍ୟ ସରକାରଙ୍କ ଏକ ଯୁଗାନ୍ତକାରୀ ପଦକ୍ଷେପ ରୂପେ ସାବ୍ୟସ୍ତ ହେବ। ବିଶେଷ କରି ଅନ୍‌ଲାଇନ କୋଚିଂ, ବସ୍ ଓ ଟ୍ରେନ୍‌ରେ ରିହାତି, ପାଠ୍ୟପୁସ୍ତକ କ୍ରୟରେ ଥିବା ରିହାତିରୁ ଛାତ୍ରୀଛାତ୍ର ଲାଭବାନ ହେବେ। ଏହାଛଡା ଖେଳକୁଦ ତଥା ବିଭିନ୍ନ ପ୍ରତିଯୋଗିତାରେ ଉତ୍ତମ ପ୍ରଦର୍ଶନ ଅନୁସାରେ ଛାତ୍ରୀଛାତ୍ରୀଙ୍କ ମ୍ୟାଜିକ କାର୍ଡର ଅପଗ୍ରେଡେଶନ ଏକ ଉତ୍ତମ ପଦକ୍ଷେପ। ଏଥିପାଇଁ ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧ୍ୟକ୍ଷଙ୍କୁ ଧନ୍ୟବାଦ ଜଣାଉଛି।

**- ରାକେଶ ସ୍ୱର୍ଣ୍ଣକାର, ଯୁକ୍ତ ୩ ପ୍ରଥମବର୍ଷ ବାଣିଜ୍ୟ ଛାତ୍ର, ନେତାଜୀ ସୁଭାଷ ଚନ୍ଦ୍ର ବୋଷ ମହାବିଦ୍ୟାଳୟ, ସମ୍ବଲପୁର**

### ମିଳିଥିବା ଅର୍ଥରେ ପାଠ୍ୟ ଉପକରଣ କିଣିବି

ପୂର୍ବରୁ ଏତେ ମାତ୍ରାରେ ବୃତ୍ତି ପ୍ରଦାନ କରାଯାଉ ନ ଥିଲା। ଫଳରେ ଅନେକ ମେଧାବୀ ଅର୍ଥାଭାବରୁ ଅଧାରୁ ପାଠପଢ଼ା ବନ୍ଦ କରିଦେଉଥିଲେ। ଏ ଦିଗରେ ରାଜ୍ୟ ସରକାରଙ୍କ ନୂଆ ପଦକ୍ଷେପ ଛାତ୍ରୀଛାତ୍ରଙ୍କୁ ଆଗକୁ ପଢ଼ିବାକୁ ଉତ୍ସାହିତ କରିବ। ମିଳିଥିବା ଅର୍ଥରେ ପାଠ୍ୟ ଉପକରଣ କିଣିବି। ବୃତ୍ତି ପ୍ରଦାନ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍‌ଙ୍କୁ ଧନ୍ୟବାନ ଜଣାଉଛି।

**- ଋତୁପୂର୍ଣ୍ଣା ବଳିଆରସିଂହ, ଯୁକ୍ତ ୩ କଳା ଶେଷବର୍ଷ ଛାତ୍ରୀ ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ**



### ଭାଙ୍ଗିପଡ଼ୁଥିବା ମନୋବଳକୁ ସୁଦୃଢ଼ କରିବ

ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଇଥିବା ବୃତ୍ତି ଗରିବ ଛାତ୍ରୀଛାତ୍ରଙ୍କ ଆର୍ଥିକ ମେରୁଦଣ୍ଡକୁ ସଶକ୍ତ କରିବ। ନାମଲେଖା ଠାରୁ ଆରମ୍ଭ କରି ପାଠ୍ୟ ଉପକରଣ କିଣାଯାଏ ଏହି ଅର୍ଥ ସେମାନଙ୍କୁ ବୋଝକୁ ନିଶ୍ଚିତ ହାଲୁକା କରିଦେବ। ପଛୁଆ ବର୍ଗର ଛାତ୍ରୀଛାତ୍ରଙ୍କ ମନୋବଳକୁ ସୁଦୃଢ଼ କରିବ। ଏହି ପଦକ୍ଷେପ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ କୃତଜ୍ଞତା ଜଣାଇଛି।

**- ମୀନକେତନ ପରିଡ଼ା, ଯୁକ୍ତ ୩ ଶେଷ ବର୍ଷ ଛାତ୍ର ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ**



### ରାଜ୍ୟ ସରକାରଙ୍କ ଅଭିନବ ପ୍ରୟାସ

ଓଡ଼ିଶା ସରକାରଙ୍କ ଯୁକ୍ତ ୩ର ସବୁ ଛାତ୍ରୀଛାତ୍ରଙ୍କୁ ଦିଆଯାଉଥିବା ନୂଆ-ଓ ଛାତ୍ରବୃତ୍ତି ଏକ ଅଭିନବ ପ୍ରୟାସ । ମୋ ପାସ୍‌ବୁକ୍‌ରେ ଛାତ୍ରବୃତ୍ତି ୧୦ ହଜାର ଟଙ୍କା ଜମା ହୋଇଥିବା ମେସେଜ୍ ପାଇ ମୁଁ ପ୍ରଥମେ ବିଶ୍ୱାସ କରିପାରି ନ ଥିଲି। ଏହି ଟଙ୍କାର ଶତପ୍ରତିଶତ ମୁଁ ପାଠପଢ଼ାରେ ବିନିଯୋଗ କରିବି। ଏହା ଦ୍ୱାରା ମୋ ଭଳି ରାଜ୍ୟର ଗରିବ ବିଦ୍ୟାର୍ଥୀ ନିଶ୍ଚିତ ଭାବରେ ଉପକୃତ ହେବେ ଏବଂ ଭବିଷ୍ୟତ ଗଢ଼ିବାରେ ସଫଳ ହେବେ । ଏହିଭଳି ଛାତ୍ର ବୃତ୍ତି ପ୍ରଦାନରେ ଓଡ଼ିଶା ସମଗ୍ର ଭାରତ ବର୍ଷରେ ପ୍ରଥମ ବୋଲି କୁହାଯାଉଛି। ଏଭଳି ପ୍ରୟାସ ପାଇଁ ରାଜ୍ୟ ସରକାର ଧନ୍ୟବାଦର ପାତ୍ର।

**- ଉତ୍କଳିନୀ ପ୍ରଧାନ, ଯୁକ୍ତ ୩, ମଡ଼େଲ କଲେଜ, ଦେବଗଡ଼**



### ପାଠପଢ଼ାରେ ଅର୍ଥ ବାଧକ ସାଜିବ ନାହିଁ

ମୋ ପାସ୍‌ବୁକ୍‌ରେ ନୂଆ-ଓ ଯୋଜନାର ଛାତ୍ରବୃତ୍ତି ବାବଦ ୧୦ହଜାର ଟଙ୍କା ଜମା ହେବା ଦେଖି ଖୁବ୍ ଖୁସି ହେଲି। ଏହି ଟଙ୍କାରେ ଗାଇଡ଼ବୁକ୍ ଓ ଅନ୍ୟାନ ପାଠ୍ୟ ସାମଗ୍ରୀ କିଣିବି। ମୋ ପରିବାର ଉପରେ ପଡୁଥିବା ଆର୍ଥିକ ଖର୍ଚ୍ଚ କମିଯିବ। ଖାଲି ମୁଁ ନୁହେଁ, ଉଚ୍ଚଶିକ୍ଷା କ୍ଷେତ୍ରରେ ଛାତ୍ରୀଛାତ୍ରଙ୍କୁ ଅର୍ଥ ଆଉ ବାଧକ ସାଜିବ ନାହିଁ। ମୁଁ ରାଜ୍ୟ ସରକାରଙ୍କ ଏହିଭଳି ଯୋଜନାକୁ ପ୍ରଶଂସା କରୁଛି।

**- ସୋନାଲି ସାହୁ, ଯୁକ୍ତ ୩ ସ୍ନାତକ, ମହିଳା ମହାବିଦ୍ୟାଳୟ, ଦେବଗଡ଼**



ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଶୁଭଶ୍ରୀ



@ ହୃଷିକେଶ



@ ନାରାୟଣ



@ ଭବାନୀ



@ ଦୁଃଶାସନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ‘ମତ୍ସ୍ୟଜୀବୀ କଲ୍ୟାଣପାଣ୍ଠି ଗଠନ କରାଯାଉ’

## ୬ ଦଫା ଦାବିରେ ସମାବେଶ
## ପୋଲିସ-ଆନ୍ଦୋଳନକାରୀ ଧସ୍ତାଧସ୍ତି

ଭୁବନେଶ୍ୱର,୨୭।୨(ସତ୍ୟଜିତ୍ ରାଉତ)

୬ ଦଫା ଦାବି ନେଇ ରାଜ୍ୟ ମତ୍ସ୍ୟଜୀବୀ ମହାସଂଘ ରାସ୍ତାକୁ ଓହ୍ଲାଇଛି। ପାରାଦୀପ, ଧାମରା ଆଦି ଅଞ୍ଚଳରୁ ବହୁ ସଂଖ୍ୟାରେ ମତ୍ସ୍ୟଜୀବୀ ମଙ୍ଗଳବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ ପ୍ରଦର୍ଶନ ସହ ବିଶାଳ ସମାବେଶ କରି ବିଭିନ୍ନ ନାରାବାଜି ଦେଇ ଗର୍ଜିଛନ୍ତି। ମତ୍ସ୍ୟଶିଳ୍ପର ଏକମାତ୍ର କଞ୍ଚାମାଲ ଡିଜେଲ ଉପରୁ ଟ୍ୟାକ୍ସରେ ରିହାତି ଦେବା, ରାଜ୍ୟକୁ ବନ୍ୟା ବିଭୀଷିକାରୁ ରକ୍ଷା କରିବା, ମତ୍ସ୍ୟଜୀବୀଙ୍କ ଧନଜୀବନ ସୁରକ୍ଷା ପାଇଁ ନଦୀମୁହାଣଗୁଡ଼ିକୁ ନିୟମିତ ଡ୍ରେଜିଂ କରାଯିବା, ସମୁଦ୍ର ଉପକୂଳରେ ଗଢ଼ିଉଠିଥିବା ଶିଳ୍ପଗୁଡ଼ିକର ବିଷାକ୍ତ ଜଳ ସମୁଦ୍ରକୁ ନିଷ୍କାସନ ବନ୍ଦ କରିବା ସହ ଏହି ନିୟମକୁ କଡ଼ାକଡ଼ି କାର୍ଯ୍ୟକାରୀ କରାଯିବା ଆଦି ଦାବି ରହିଛି। ସେହିପରି କଇଁଛ ସୁରକ୍ଷା ଆଳରେ ଜଙ୍ଗଲ ବିଭାଗ-ତଟରକ୍ଷୀ ବାହିନୀ ମତ୍ସ୍ୟଜୀବୀଙ୍କୁ ଆତଙ୍କବାଦୀ ଓ ଅସାମାଜିକଙ୍କ ଭଳି ବ୍ୟବହାର ବନ୍ଦ କରି ଆଲୋଚନା ମାଧ୍ୟମରେ ସମ୍ମାନଜନକ ସମାଧାନ ବାହାର କରିବା ଏବଂ ୨୦ କି.ମି ବ୍ୟାସାର୍ଦ୍ଧ ଅଞ୍ଚଳକୁ କମ୍ କରି ୧୦ କି.ମି କରାଯିବା, ମତ୍ସ୍ୟ ଶିଳ୍ପ ଉପରେ ନିର୍ଭରଶୀଳ ଗରିବ ଶ୍ରମିକ ଶ୍ରେଣୀର ଲୋକଙ୍କୁ ମତ୍ସ୍ୟଜୀବୀ ଭାବେ ଗ୍ରହଣ କରାଯାଇ ସେମାନଙ୍କୁ ମତ୍ସ୍ୟଜୀବୀ କାର୍ଡ ବଣ୍ଟନ କରି ଆବଣ୍ଟିତ ସୁବିଧା ସୁଯୋଗ ଯୋଗାଇଦେବା, ମତ୍ସ୍ୟଜୀବୀ କଲ୍ୟାଣ ପାଣ୍ଠି ଗଠନ କରାଯିବାକୁ ଦାବି କରାଯାଇଛି। ମତ୍ସ୍ୟଜୀବୀମାନେ ଦାବି ସମ୍ପର୍କିତ ପ୍ଲାକାର୍ଡ ଧରି ନାରାବାଜି ଦେଇଥିଲେ। ଆନ୍ଦୋଳନକାରୀମାନେ ଏକତ୍ରିତ ହୋଇ ବ୍ୟାରିକେଡ୍ ଭାଙ୍ଗି ଧସେଇ ପଶିବାକୁ ପ୍ରୟାସ କରୁଥିବା ବେଳେ ପୋଲିସ ସେମାନଙ୍କୁ ଅଟକାଇଥିଲା। ଫଳରେ ପୋଲିସ ଓ ଆନ୍ଦୋଳନକାରୀଙ୍କ ମଧ୍ୟରେ ଧସ୍ତାଧସ୍ତି ପରିସ୍ଥିତି ଉପୁଜିଥିଲା।



ରାଜ୍ୟ ମତ୍ସ୍ୟଜୀବୀ ମହାସଂଘ ପକ୍ଷରୁ ଲୋୟର ପିଏମ୍‌ଜିରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ‘ପରିବର୍ତ୍ତନ ପାଇଁ ଏଆଇ ଶକ୍ତିଶାଳୀ ଉପକରଣ’



ଓୟୁଟିଆର୍‌ର ପ୍ରଥମ ସମାବର୍ତ୍ତନ ଉତ୍ସବରେ ରାଜ୍ୟପାଳ ରଘୁବର ଦାସ ଜଣେ ଛାତ୍ରଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରୁଛନ୍ତି।

ଭୁବନେଶ୍ୱର,୨୭।୨(ଅନୁରାଧା ମହାରଣା

- ଓୟୁଟିଆର୍‌ର ପ୍ରଥମ ସମାବର୍ତ୍ତନ ଉତ୍ସବ
- ୨୦୯୨ ଛାତ୍ରୀଛାତ୍ରଙ୍କୁ ମିଳିଲା ଡିଗ୍ରୀ ସାର୍ଟିଫିକେଟ୍

ଟେକ୍ନୋଲୋଜି କ୍ଷେତ୍ରରେ ଆଶ୍ଚର୍ଯ୍ୟଜନକ ଉଦ୍ଭାବନ ମଧ୍ୟରୁ ଗୋଟିଏ ହେଉଛି ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ)। ପରିବର୍ତ୍ତନ ପାଇଁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଏକ ଶକ୍ତିଶାଳୀ ଉପକରଣ। ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ (ଓୟୁଟିଆର)ର ପ୍ରଥମ ସମାବର୍ତ୍ତନ ଉତ୍ସବରେ ଅଧ୍ୟକ୍ଷତା କରି ରାଜ୍ୟପାଳ ରଘୁବର ଦାସ ଏପରି ମତ ରଖିଛନ୍ତି। ଏହି କାର୍ଯ୍ୟକ୍ରମରେ ୨୦୨୧-୨୨ ଓ ୨୦୨୨-୨୩ ଶିକ୍ଷାବର୍ଷର ମୋଟ ୨୦୯୨ ଛାତ୍ରୀଛାତ୍ରଙ୍କୁ ଡିଗ୍ରୀ ସାର୍ଟିଫିକେଟ୍ ପ୍ରଦାନ କରାଯାଇଛି।

ମଙ୍ଗଳବାର ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ଉତ୍ସବର ପ୍ରାରମ୍ଭରେ ବିଶ୍ୱବିଦ୍ୟାଳୟର କୁଳପତି ବିଭୂତି ଭୂଷଣ ବିଶ୍ୱାଳ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଡିଆର୍‌ଡିଓ ଇଲେକ୍ଟ୍ରୋନିକ୍ସ ଆଣ୍ଡ୍ କମ୍ୟୁନିକେଶନ୍ ସିଷ୍ଟମ୍ (ଇସିଏସ୍)ର ମହାନିର୍ଦ୍ଦେଶକ ଡ. ବିନୟ କୁମାର ଦାଶ ଯୋଗଦେଇ କହିଥିଲେ, ବର୍ତ୍ତମାନ ଡିଜିଟାଲ ବିପ୍ଳବର ସମୟ ଆସିଯାଇଛି। ଛାତ୍ରୀଛାତ୍ରମାନେ ଦେଶର ନୂଆ ପରିଚୟ ଗଢ଼ିବା ପାଇଁ ଏକମାତ୍ର ଶକ୍ତି ବୋଲି କହିପାରିବା। ବିଶ୍ୱବିଦ୍ୟାଳୟର କୁଳାଧିପତି ତଥା ରାଜ୍ୟପାଳ ବିଶ୍ୱରେ ଟେକ୍ନୋଲୋଜି ଉପରେ ନିଜ ମତ ରଖିଥିଲେ। ଏହି ଟେକ୍ନୋଲୋଜିକୁ ଗ୍ରହଣ କରି ଉତ୍ପାଦକତା ଓ ଦକ୍ଷତା ବୃଦ୍ଧି ପାଇଛି ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ ଯୋଗଦେଇ ଛାତ୍ରୀଛାତ୍ରମାନେ ନିଜ ଚାରିପାଖରେ ଦେଖୁଥିବା କେବଳ ସକାରାତ୍ମକ ଘଟଣା ମନେରଖିବାକୁ ଚେଷ୍ଟା କରିବା ଓ ନକାରାତ୍ମକକୁ ଦୂରେଇ ଦେବାକୁ ପରାମର୍ଶ ଦେଇଥିଲେ। ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ପ୍ରମୁଖ ସଚିବ ଉଷା ପାଢୀ ଅନ୍ୟତମ ସମ୍ମାନିତ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଆଗାମୀ ଭବିଷ୍ୟତ ପାଇଁ ଶୁଭେଚ୍ଛା ଜଣାଇଲେ। କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ରେଣୁପ୍ରଭା ନାୟକ ଉପସ୍ଥିତ ଥିଲେ।

# ‘ଜାଲ୍ ଡାକ୍ତର ନିଯୁକ୍ତି ରୋକିବାକୁ କ’ଣ ପଦକ୍ଷେପ ନେଇଛ ଜଣାଅ’

କଟକ,୨୭।୨ (କାର୍ତ୍ତିକ ସାହୁ)

## ହାଇକୋର୍ଟରେ ନକଲି ଡାକ୍ତର ଚିହ୍ନଟ ମାମଲା

ରାଜ୍ୟରେ ରହିଥିବା ନକଲି ଡାକ୍ତରମାନଙ୍କୁ ଚିହ୍ନଟ କରାଯିବା ନେଇ ହାଇକୋର୍ଟରେ ରୁଜୁ ମାମଲାର ଶୁଣାଣି ମଙ୍ଗଳବାର ହୋଇଛି। ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ ପକ୍ଷରୁ ଆଗତ ଏହି ମାମଲାର ଶୁଣାଣି କରିଛନ୍ତି ହାଇକୋର୍ଟ ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ ଓ ବିଚାରପତି ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ। ଓଡ଼ିଶା କାଉନ୍‌ସିଲ ଅଫ୍ ମେଡିକାଲ ରେଜିଷ୍ଟ୍ରେଶନ (ଓସିଏମ୍ଆର)ର ଅଧ୍ୟକ୍ଷଙ୍କୁ ବ୍ୟକ୍ତିଗତ ହାଜର ହେବା ପାଇଁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଜାଲ୍ ଡାକ୍ତର ନିଯୁକ୍ତି ରୋକିବା କ୍ଷେତ୍ରରେ କ’ଣ ପଦକ୍ଷେପ ଗ୍ରହଣ କରାଯାଇଛି ସେ ନେଇ ଜଣାଇବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ମାର୍ଚ୍ଚ ୫ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ସୂଚନାଯୋଗ୍ୟ, ପୂର୍ବ ଶୁଣାଣିରେ ରାଜ୍ୟରେ ନକଲି ଡାକ୍ତରଙ୍କୁ ଚିହ୍ନଟ ପାଇଁ ରୁଜୁ ମାମଲାରେ କ’ଣ ପଦକ୍ଷେପ ଗ୍ରହଣ କରାଯାଉଛି, ନକଲି ଡାକ୍ତର ଯାଞ୍ଚ ଲାଗି କୌଣସି ବ୍ୟବସ୍ଥା ରହିଛି କି ନାହିଁ ସେ ବାବଦରେ ସତ୍ୟପାଠ ଦାଖଲ ଲାଗି ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ନିର୍ଦ୍ଦେଶ ଅନୁଯାୟୀ ରାଜ୍ୟ ସରକାରଙ୍କ ପକ୍ଷରୁ ଏ ସଂକ୍ରାନ୍ତୀୟ ସତ୍ୟପାଠ ଦାଖଲ କରାଯାଇଥିଲା। ରାଜ୍ୟ ସରକାର ଜବାବ ଦାଖଲ କରିବା ପରେ ଆବେଦନକାରୀଙ୍କୁ ପ୍ରତି ଜବାବ ଦାଖଲ ଲାଗି ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ।


GOVERNMENT OF ODISHA — No.A-1610
DEPARTMENT OF WATER RESOURCES
OFFICE OF THE ADDITIONAL CHIEF ENGINEER
ANGUL IRRIGATION CIRCLE, ANGUL, ODISHA, PIN-759143
email :seangulirrigation@gmail.com
Government of Odisha “e” PROCUREMENT NOTICE
Bid Identification No. ACEAIC- 05 /2023-24

| Sl. No. | Name of Work | Estimated Cost | Period of Completion | Date and Time of availability of bid document in the portal | Last date/ time for receipt of bid in the portal | Name & Address of the Officer Inviting Bid |
|---|---|---|---|---|---|---|
| 01 | Improvement to Left Main Canal from RD 200m to RD 6770m. under Nuabaga Barrage of Sapua Badjore Irrigation Project | Rs.6,18,14,684,00 | 12 (Twelve) Calendar Months including rainy season | 01.03.2024 at 10.00 AM | 18.03.2024 upto 5.30 PM | Additional Chief Engineer, Angul Irrigation Circle, Angul |

Further details can be seen from the e-Procurement Portal http://tendersodisha.gov.in.
Any Corrigendum/addendum/cancellation will be displayed in the Govt. Website only.
Sd./- Additional Chief Engineer
Angul Irrigation Circle, Angul
OIPR-32081/11/0010/2324


# ଆଚାର୍ଯ୍ୟ ହରିହର ମଣିଷପଣିଆର ଉଜ୍ଜ୍ୱଳ ଉଦାହରଣ




ପୁଣ୍ୟାତ୍ମା ଆଚାର୍ଯ୍ୟ ହରିହର ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଏବଂ ଅନ୍ୟ ଅତିଥି।

ଭୁବନେଶ୍ୱର,୨୭।୨(ବନ୍ଦନା ସେଠୀ)

## ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ

ଆଚାର୍ଯ୍ୟ ହରିହର ସର୍ବୋଦୟ ନେତା, ଭୂଦାନ ଆନ୍ଦୋଳନର ନେତୃତ୍ୱ ନେବା ସହ ଶିକ୍ଷକତା କରୁଥିଲେ। ଅସହଯୋଗ ଆନ୍ଦୋଳନରେ ଯୋଗଦେବା ସହ ସେବା କରିବାରେ ନିଜକୁ ହଜାଇ ଦେଇଥିଲେ ବୋଲି ପୁଣ୍ୟାତ୍ମା ଆଚାର୍ଯ୍ୟ ହରିହରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ମଙ୍ଗଳବାର ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଆଚାର୍ଯ୍ୟ ବିହାର ପରିଷଦର ମିଳିତ ଆନୁକୂଲ୍ୟରେ ସୂଚନା ଭବନଠାରେ ପୁଣ୍ୟାତ୍ମା ଆଚାର୍ଯ୍ୟ ହରିହର ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଯୋଗଦେଇ କହିଲେ, ସତ୍ୟବାଦୀର ପଞ୍ଚସଖାଙ୍କ ମଧ୍ୟରୁ ଅନ୍ୟତମ ଆଚାର୍ଯ୍ୟ ହରିହର ଦାସ ଭିନ୍ନ ଧାତୁରେ ଗଢ଼ା ମଣିଷ ଥିଲେ। ସେ ମଣିଷପଣିଆର ଉଜ୍ଜ୍ୱଳ ଉଦାହରଣ। ସମାଜରେ ଅନ୍ୟ ପାଇଁ କିଛି କରିବା ଓ ଯେକୌଣସି ମହତ ଅବଦାନ ପ୍ରକଟ କରି ଅନ୍ୟମାନଙ୍କୁ ପ୍ରଭାବିତ କରିବା ତାଙ୍କ ବ୍ୟକ୍ତିତ୍ୱର ବିଶେଷତ୍ୱ ଥିଲା। ତାଙ୍କ ସ୍ମୃତି ଅପାସୋରା ହୋଇରହିବ ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଶାସକ ତଥା ସଂସ୍କୃତ ଗବେଷକ କୃପାସିନ୍ଧୁ ମିଶ୍ର ଯୋଗଦେଇ କହିଲେ ଆଚାର୍ଯ୍ୟ ହରିହର ସେବା, ସହାନୁଭୂତି, ଆଚରଣ ଓ ଐକାନ୍ତିକ ନିଷ୍ଠାର ଜୀବନ୍ତ ପ୍ରତୀକ ଥିଲେ। ଗାଁ ଗାଁ ବୁଲି ଅହିଂସା ମନ୍ତ୍ରର ପ୍ରଚାର, ଖଦି ଆନ୍ଦୋଳନ, ଅସ୍ପୃଶ୍ୟତା ନିବାରଣ ଓ ନିରକ୍ଷରତା ଦୂରୀକରଣ ଆଦି ସମାଜ ସଂସ୍କାର କାର୍ଯ୍ୟକ୍ରମ ପାଇଁ ସେ ଚିରସ୍ମରଣୀୟ ହୋଇ ରହିଥିବେ। ଆଚାର୍ଯ୍ୟ ହରିହରଙ୍କ ସରଳ ଜୀବନଯାପନ ଉପରେ ଉତ୍କଳ ପ୍ରସଙ୍ଗ ଏବଂ ଓଡ଼ିଶା ରିଭ୍ୟୁ ସମ୍ପାଦିକା କସ୍ତୁରୀ ମହାପାତ୍ର ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ସରୋଜ କୁମାର ସାମଲ କହିଲେ, ଆଚାର୍ଯ୍ୟ ହରିହର ଓଡ଼ିଶାର ସାହିତ୍ୟ ଓ ସଂସ୍କୃତିକୁ ଏକ ପ୍ରତିଷ୍ଠିତ ମାର୍ଗରେ ପରିଚାଳିତ କରିବା ସହ ସମାଜନୀତି ଓ ରାଜନୀତିକୁ ଆନ୍ଦୋଳିତ କରି ରଖିଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ରନାଥ ପରିଡ଼ା ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଆଚାର୍ଯ୍ୟ ବିହାର ପରିଷଦ ଆନୁକୂଲ୍ୟରେ ଆଚାର୍ଯ୍ୟ ହରିହରଙ୍କ ଜୀବନାଦର୍ଶ ଉପରେ ଆଧାରିତ ସାମାଜିକ ନାଟକ ‘ଏକ ସୁଖଦ ଅନୁଭୂତି’ ପରିବେଷିତ ହୋଇଥିଲା। ପରିଷଦର ସଭାପତି ଭାଗବତ ପ୍ରସାଦ ଦାସ ଧନ୍ୟବାଦ ଦେଇଥିଲେ। ସୂଚନା ଅଧିକାରୀ ରୋଜାଲିନ୍ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।


OFFICE OF THE ROURKELA MUNICIPAL CORPORATION: ROURKELA
INVITATION FOR BID
No.2835 Dated 27.2.2024
Bid Identification No.: MC/RMC/11/2024
No.C-3250:The Municipal Commissioner, Rourkela Municipal Corporation on behalf of Rourkela Municipal Corporation invites bids for works on percentage rate basis in single cover on online Mode. Bid Identification No.MC/RMC/11/2024 for 07 Nos. Civil Work with value of Rs.51.75 Lakh to Rs.64.67 Lakh.
1. Bid documents will be available in website www.tendersorissa.gov.in. from 27.02.2024.
2. Bids must be submitted on “Online” on or before 13.03.2024 by 17.00 Hours.
3. Bids shall be opened at 11.00 hours on 14.03.2024 in the office of the undersigned in the presence of the bidders or their authorised agents.
4. Other details will be available in the website tendersorissa.gov.in.
Sd./- Municipal Commissioner
Rourkela Municipal Corporation
OIPR-13131/11/0112/2324



OFFICE OF THE DIVISIONAL FOREST OFFICER, SAMBALPUR FOREST DIVISION
NEAR JAIL CHOWK, SAMBALPUR, ODISHA - 768001
Email.ID: dfo.sambalpur@odisha.gov.in
Notice No. 15 — Dated. 26.02.2024
CORRIGENDUM
No.MM-481:Due to unavoidable circumstances, as per Notice No. 14/dated. 15.02.2024 the last date of receiving the tender documents for Providing Man Power Service of Personnel through Service Provider under Sambalpur Forest Division (T), Sambalpur as published in www.sambalpur.nic.in on dated. 16.02.2024 is hereby extended up to 04.03.2024 till 5.00 P.M. through Registered Post/Speed Post/Courier/ by Person & will be opened in the same office on dated. 06.03.2024 at 11.30 A.M. which will be available in the website www.sambalpur.nic.in .All other terms and condition will remain unchanged.
Sd./- Divisional Forest Officer
Sambalpur Forest Division
OIPR-08104/11/0013/2324



idco | ODISHA NEW OPPORTUNITIES — No.CAD-4355
OFFICE OF THE CHIEF GENERAL MANAGER (P&C),
IDCO, IDCO TOWERS, JANPATH, BHUBANESWAR - 751022
Tender Call Notice No. IDCO:H.O./P&C/EST/E-3609/03/2024/Vol-VI/6285, Dt.23.02.2024
NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement
1 Name of the Work: Construction of Cement Concrete Drain infront of B&A Packaging India Ltd., I/E Balgopalpur, Balasore.
2 Estimated Cost: Rs.21.09 lakhs (Approx.)
3 Period of Completion: 02 (Two) Calendar Months
4 Other Details

| Procurement Officer | Bid ID/Tender Reference No. | Availability of Tender Online for Bidding | |
|---|---|---|---|
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Bhubaneswar | Bid ID/Tender Reference No. P&C/EST/E-207/2023-24 | 06.03.2024 at 17.00 Hrs. | 21.03.2024 upto 17.00 Hrs. |

Further details can be seen from the e-Procurement Portal: www.tendersodisha.gov.in and Corrigendum if any will not be published in Newspapers and can only be seen in the e-Procurement portal www.tendersodisha.gov.in and www.idco.in
Sd./- Chief General Manager (P&C)
IDCO, Bhubaneswar
OIPR-14003/11/0426/2324



MAHILA VIKAS SAMABAYA NIGAM
(Govt. of Odisha Undertaking)
W&CD Complex, Plot No.483(Pt), Unit-VI
Ganganagar, Bhubaneswar- 751001
Ph.No.2533223, 2533214, E-mail-mvsn_bbsr@yahoo.com
Ref.279/MVSN — Date:27.2.24
TENDER CALL NOTICE
No.CAD-4365:Sealed Tenders are invited from interested GST registered firms/agencies/ for supply of “Home visit Bag with Printing” for use of Anganwadi Workers as Home Visit Kit. The Tender completed in all respect shall be submitted in the office of Managing Director, Mahila Vikas Samabaya Nigam, W&CD Complex, Plot No.483(Pt), Unit-VI, Ganganagar, Bhubaneswar- 751001 on or before Dt.13.03.2024 by 5 P.M. through Registered Post/ Speed Post/couriers only. The Tender document containing Tender schedule and other relevant information and terms & conditions of Tender can be downloaded from the website-www.wcd.odisha.gov.in from 28.02.2024 to 13.03.2024. A Tender Fee of Rs.1,500/- and EMD of Rs.10,000/- are to be deposited in shape of Demand Draft in favour of Managing Director, Mahila Vikas Samabaya Nigam along with the Tender document.
The authority reserves the right to modify/cancel the Tender at any point of time.
Sd./- Managing Director
Mahila Vikas Samabaya Nigam
OIPR-33003/11/0004/2324

# ଏମ୍ସରେ 'କାଏଜ୍‌ମା' ଉଦ୍‌ଘାଟିତ

ଭୁବନେଶ୍ୱର,୨୭।୨(ଅନୁରାଧା ମହାରଣା)



ରାଜ୍ୟପାଳ ରଘୁବର ଦାସ ଜଣେ ଛାତ୍ରଙ୍କୁ ପୁରସ୍କୃତ କରୁଛନ୍ତି।

କୋଭିଡ୍ ମହାମାରୀ ସମୟରେ ଏମ୍ସ ଭୁବନେଶ୍ୱର ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ଗୁଣବତ୍ତାପୂର୍ଣ୍ଣ ସ୍ୱାସ୍ଥ୍ୟସେବା ପ୍ରଦାନରେ ଏହି ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନର ଅବଦାନ ଅନସ୍ୱୀକାର୍ଯ୍ୟ। ବିକଶିତ ଭାରତର ପ୍ରକୃତ ଭାବନା ପୂରଣ କରିବାରେ ଦେଶର ଯୁବଗୋଷ୍ଠୀ ସମ୍ମୁଖ ଭାଗରେ ରହିଛନ୍ତି। ମଙ୍ଗଳବାର ଭୁବନେଶ୍ୱର ଛାତ୍ର ସଂସଦ ପକ୍ଷରୁ ଆୟୋଜିତ କାଏଜ୍‌ମା -୨୦୨୪ ଉତ୍ସବ ଉଦ୍‌ଘାଟନ ଅବସରରେ ରାଜ୍ୟପାଳ ରଘୁବର ଦାସ ଏହି ମତବ୍ୟକ୍ତ କରିଛନ୍ତି।

ଏମ୍ସ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ରାଜ୍ୟପାଳଙ୍କୁ ସ୍ୱାଗତ କରିବା ସହିତ ଏହି ଜାତୀୟ ପ୍ରତିଷ୍ଠାନର ସଫଳତା ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡିନ୍ ଡ. ପି.ଆର୍.ମହାପାତ୍ର, ମେଡିକାଲ ଅଧୀକ୍ଷକ ଡ. ଦିଲୀପ କୁମାର ପରିଡା, ରେଜିଷ୍ଟ୍ରାର୍ ଡ. ଦେବପ୍ରିୟ ବନ୍ଦୋପାଧ୍ୟାୟ, ଡିଡିଏ ରଶ୍ମିରଞ୍ଜନ ସେଠୀ, ଏମ୍ସ ଛାତ୍ର ସଂସଦ ସଭାପତି ଦିବ୍ୟଜ୍ୟୋତି ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ମାର୍ଚ୍ଚ ୩ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଉତ୍ସବରେ ଏକାଡେମିକ କାର୍ଯ୍ୟକ୍ରମ ସହିତ ବିଭିନ୍ନ ସାଂସ୍କୃତିକ, ସାହିତ୍ୟିକ, କ୍ରୀଡ଼ା ଏବଂ ମନୋରଞ୍ଜନଭିତ୍ତିକ ପ୍ରତିଯୋଗିତାରେ ଅଂଶଗ୍ରହଣକାରୀମାନେ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିବାର ସୁଯୋଗ ପାଇବେ। ଗୁରୁବାର ପ୍ରସିଦ୍ଧ ହାସ୍ୟ କଳାକାର ତଥା ୟୁଟ୍ୟୁବ୍ ତାରକା ଅଭିମନ୍ୟୁ ଉପମନ୍ୟୁ, ଶନିବାର ବଲିଉଡ୍‌ର ଲୋକପ୍ରିୟ ପ୍ରଚ୍ଛଦପଟ ଗାୟକ ମୋହିତ ଚୌହାନ ମୁଖ୍ୟ ଆକର୍ଷଣ ରହିବେ ବୋଲି ସଭାପତି ଦିବ୍ୟଜ୍ୟୋତି ସୂଚନା ଦେଇଛନ୍ତି।



ଆଚାର୍ଯ୍ୟ ହରିହରଙ୍କ ୧୪୭ତମ ଜୟନ୍ତୀ ଅବସରରେ ମଙ୍ଗଳବାର ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ଏବଂ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଆଚାର୍ଯ୍ୟ ବିହାରସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

## ସଂକ୍ଷେପରେ

### କେନାଲକୁ ପଶି ଓଲଟିଲା କାର୍

ବାରଙ୍ଗ,୨୭।୨(ଲିଙ୍ଗରାଜ ରାଉତ):

ଗୋଡ଼ିସାହି ଫାଣ୍ଡି ଅଧୀନ ରତାଗଡ଼ ରେଳ ଧାରଣା ନିକଟରେ ମଙ୍ଗଳବାର ଅପରାହ୍ନରେ ଏକ ଦ୍ରୁତଗାମୀ କାର୍ ଭାରସାମ୍ୟ ହରାଇ ପୁରୀ ମୁଖ୍ୟ କେନାଲ ଭିତରକୁ ପଶିଯାଇଛି। ତେବେ ସୌଭାଗ୍ୟବଶତଃ ଚାଳକ ଗାଡ଼ିର କାଚଭାଙ୍ଗି ବାହାରି ପହଁରି ପଳାଇ ଆସିଥିବାରୁ ବର୍ତ୍ତିଯାଇଛନ୍ତି। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ଗୋଡିସାହି ଫାଣ୍ଡି ପୋଲିସ ଓ ଦମକଳ ବାହିନୀ ପହଞ୍ଚି ପାଣି ଭିତରୁ କାର୍‌ଟିକୁ ଉଦ୍ଧାର କରି ଚାଳକଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାକୁ ପଠାଇଥିଲେ।

ପ୍ରକାଶ ଯେ, ଅପରାହ୍ନ ପ୍ରାୟ ସାଢ଼େ ତିନିଟାରେ ଏକ ଧଳା ରଙ୍ଗର ମାରୁତି କାର୍ (ନଂ. ଓଡି ୧୯-ଏଫ- ୫୯୯୯) ଦ୍ରୁତ ଗତିରେ ଗୋଡିସାହି ପଟୁ ଭୁବନେଶ୍ୱର ଅଭିମୁଖେ ଯାଉଥିଲା। ରତାଗଡ଼ ରେଳ ଧାରଣା ଅତିକ୍ରାନ୍ତ କରିବା ସମୟରେ କାରଟି ଭାରସାମ୍ୟ ହରାଇ ପୁରୀ ମୁଖ୍ୟ କେନାଲକୁ ପଶିଯାଇ ପାଣି ଭିତରେ ଓଲଟି ପଡ଼ିଥିଲା। କାର ଚାଳକ ବିନ୍ଧାଣିମା ଗ୍ରାମର କାହ୍ନୁ ଦାଶ (୩୦) ଉପସ୍ଥିତ ବୁଦ୍ଧି ଖଟାଇ ପାଣି ଭିତରେ କାର ଡୋର୍ କାଚ ଭାଙ୍ଗି ବାହାରକୁ ବାହାରି ପହଁରି କୂଳରେ ଆସି ପହଞ୍ଚିଥିଲେ। କେନାଲରେ କାର୍ ପଶିଥିବା ସ୍ଥାନୀୟ ଲୋକେ ଦେଖି ଗୋଡ଼ିସାହି ଫାଣ୍ଡି ଏବଂ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ପରେ ପୋଲିସ ଏବଂ ଅଗ୍ନିଶମ ବାହିନୀ ପହଞ୍ଚି ଆହତ କାର ଚାଳକ କାହ୍ନୁଙ୍କୁ ୧୦୮ ଆମ୍ବୁଲାନ୍ସ ସହାୟତାରେ କଟକ ଏସ୍‌ସିବି ମେଡିକାଲକୁ ପଠାଇଥିଲେ। ଅଗ୍ନିଶମ କର୍ମଚାରୀମାନେ ସ୍ଥାନୀୟ ଲୋକଙ୍କ ସହାୟତାରେ କାରଟିକୁ କେନାଲରୁ ବାହାରକୁ କାଢ଼ିଥିଲେ।

### ଶ୍ରୀଲିଙ୍ଗରାଜଙ୍କ ମହାଶିବରାତ୍ରି ପ୍ରସ୍ତୁତି ବୈଠକ

ପୁରୁଣା ଭୁବନେଶ୍ୱର,୨୭।୨(ସୁବାସ ଚନ୍ଦ୍ର ପ୍ରଧାନ)

ଆସନ୍ତା ମାର୍ଚ୍ଚ ୮ ତାରିଖରେ ମହାଶିବରାତ୍ରି। ଶ୍ରୀଲିଙ୍ଗରାଜଙ୍କ ମହାଶିବରାତ୍ରି ତଥା ଜାଗର ଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ମଙ୍ଗଳବାର ମନ୍ଦିର ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟ ବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀ ଅଧ୍ୟକ୍ଷତା କରିଥିଲେ। ପୂର୍ବ ବୈଠକରେ ସ୍ଥିରୀକୃତ ନୀତି ନିର୍ଘଣ୍ଟ ଅନୁଯାୟୀ ରାତି ୧୦ଟାରେ ମହାଦୀପ ଦର୍ଶନ ନେଇ ନିଷ୍ପତ୍ତି ହୋଇଛି। ତେବେ ଦୁଇ ପ୍ରମୁଖ ନିଯୋଗର ପ୍ରମୁଖ ସଦସ୍ୟଙ୍କ ଅନୁପସ୍ଥିତି ଯୋଗୁ ଶିବରାତ୍ରି ସମ୍ପର୍କିତ ଅନ୍ୟ ବିଷୟରେ ଆଲୋଚନା ହୋଇପାରି ନ ଥିଲା।

### ଚୋରି କରି ଧରାପଡ଼ିଲେ ୪

ବାରଙ୍ଗ,୨୭।୨(ଲିଙ୍ଗରାଜ ରାଉତ)

ଚନ୍ଦକା ଥାନା ପୋଲିସ ଏକ ପ୍ରୋଜେକ୍ଟ ପରିସରରୁ ଚୋରି ଅଭିଯୋଗରେ ୪ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅଧୀନ ପାଇକେରାପୁର ଗ୍ରାମ ଭୋଇସାହିର ମହେଶ୍ୱର ଭୋଇ, ଶିବୁ ଭୋଇ, ବିକାଶ ଭୋଇ ଏବଂ ବିଶ୍ୱନାଥ ଭୋଇ। ପୋଲିସ ଏମାନଙ୍କଠାରୁ ଚୋରି ହୋଇଥିବା ଗୋଟିଏ ପାଣିପମ୍ପ, ପ୍ଲାଷ୍ଟିକ ରଶି ଜବତ କରିଛି।

### ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ଠକେଇ, ଅଟୋ ଚାଳକ ଗିରଫ

ଭୁବନେଶ୍ୱର,୨୭।୨(ସୂର୍ଯ୍ୟକାନ୍ତ ବେହେରା)

ଜଣେ ଘରୋଇ ସହାୟିକାଙ୍କୁ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ତାଙ୍କଠାରୁ ଟଙ୍କା ଠକିବା ଅଭିଯୋଗରେ ଲକ୍ଷ୍ମୀସାଗର ଥାନା ପୋଲିସ ଜଣେ ଅଟୋ ଚାଳକଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ସ୍ଥାନୀୟ ଥାନା ଅଞ୍ଚଳରେ ରହୁଥିବା ପୁରୀର ପ୍ରଦୀପ୍ତ କୁମାର ମୁଖୀ।

ସୂଚନାନୁଯାୟୀ, ଅଭିଯୋଗକାରିଣୀ ସ୍ଥାନୀୟ ଥାନା ଅନ୍ତର୍ଗତ ବିଡିଏ କଲୋନୀ ଅଞ୍ଚଳରେ ରହୁଥିବା ଜଣେ ବ୍ୟକ୍ତିଙ୍କ ଘରେ ଘରୋଇ ସହାୟିକା ଭାବେ କାର୍ଯ୍ୟ କରନ୍ତି। ଅଭିଯୁକ୍ତ ଜଣକ ଗତ ୨୦୨୨ ମସିହାରୁ ନିଜ ଅଟୋରେ ଅଭିଯୋଗକାରିଣୀ ଘରୋଇ ସହାୟିକାଙ୍କୁ ଉକ୍ତ ବ୍ୟକ୍ତିଙ୍କ ଘରକୁ ନେବା ଆଣିବା କରୁଥିଲେ। ଏହା ମଧ୍ୟରେ ଘରୋଇ ସହାୟିକା ଏବଂ ଅଭିଯୁକ୍ତଙ୍କ ମଧ୍ୟରେ ସମ୍ପର୍କ ଘନିଷ୍ଠ ହୋଇଥିଲା। ଏହାପରେ ଅଭିଯୁକ୍ତ ଜଣକ ତାଙ୍କୁ ବିବାହ କରିବାର ମିଥ୍ୟା ପ୍ରତିଶ୍ରୁତି ଦେଇ କାର୍ କିଣିବା, ଦୋକାନ କରିବା ଏବଂ ପୋଖରୀ ଖୋଳିବା ଆଦି ବିଭିନ୍ନ ଆଳ ଦେଖାଇ ଅନେକ ସମୟରେ ତାଙ୍କଠାରୁ ବିଭିନ୍ନ ପର୍ଯ୍ୟାୟରେ ୧୧ ଲକ୍ଷ ୨୦ ହଜାର ଟଙ୍କା ନେଇଥିବା ସମ୍ପୃକ୍ତ ଘରୋଇ ସହାୟିକା ଥାନାରେ ଅଭିଯୋଗ କରିଥିଲେ।

# ପିଏମ୍ ଶ୍ରୀ ବିଦ୍ୟାଳୟ ଯୋଜନା କାର୍ଯ୍ୟକାରୀ କରୁନାହାନ୍ତି ୫ ରାଜ୍ୟ

ଭୁବନେଶ୍ୱର, ୨୭।୨(ଅସମାପିକା ସାହୁ)

କେନ୍ଦ୍ର ସରକାରଙ୍କ ସମଗ୍ର ଶିକ୍ଷା ଅଭିଯାନ ଅଧୀନରେ ପାଣ୍ଠି ସଂଗ୍ରହ ସତ୍ତ୍ୱେ ଓଡ଼ିଶା ସମେତ ୫ଟି ରାଜ୍ୟ ପିଏମ୍ ଶ୍ରୀ ବିଦ୍ୟାଳୟ ଯୋଜନାକୁ କାର୍ଯ୍ୟକାରୀ କରୁନାହାନ୍ତି। ଏଥିଯୋଗୁ ଏସବୁ ରାଜ୍ୟକୁ ସମଗ୍ର ଶିକ୍ଷା ଅଧୀନରେ କେନ୍ଦ୍ରୀୟ ଅନୁଦାନ ବନ୍ଦ ହେବାର ଆଶଙ୍କା ସୃଷ୍ଟି ହୋଇଛି।

ଜାତୀୟ ଶିକ୍ଷା ନୀତି -୨୦୨୦ ଅନୁଯାୟୀ, କେନ୍ଦ୍ରୀୟ ପାଣ୍ଠି ପାଇବା ଲାଗି ସମଗ୍ର ଶିକ୍ଷା ଅଭିଯାନ ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ। କେନ୍ଦ୍ର ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ପିଏମ୍ ଶ୍ରୀ ବିଦ୍ୟାଳୟ ଯୋଜନାରେ ବିକଶିତ ହେଉଥିବା ବିଦ୍ୟାଳୟଗୁଡ଼ିକ ଅନ୍ୟ ସବୁ ବିଦ୍ୟାଳୟ ପାଇଁ ଆଦର୍ଶ ବିଦ୍ୟାଳୟ ଭାବେ କାର୍ଯ୍ୟ କରିଥାନ୍ତି। ସମଗ୍ର ଶିକ୍ଷା ଯୋଜନା ଅଧୀନରେ କେନ୍ଦ୍ର ସରକାରଙ୍କଠାରୁ ପାଣ୍ଠି ନେବା ସତ୍ତ୍ୱେ କେନ୍ଦ୍ରଶାସିତ ଅଞ୍ଚଳ ଦିଲ୍ଲୀ ସମେତ ୪ଟି ରାଜ୍ୟ ଓଡ଼ିଶା, ପଶ୍ଚିମବଙ୍ଗ,

### କେନ୍ଦ୍ରୀୟ ଅନୁଦାନ ବନ୍ଦ ହେବା ଆଶଙ୍କା

ତାମିଲନାଡୁ ଓ କେରଳ ପିଏମ୍ ଶ୍ରୀ ବିଦ୍ୟାଳୟ ପାଇଁ ବୁଝାମଣାପତ୍ର ସ୍ୱାକ୍ଷର କରିବାକୁ ମନା କରିଦେଇଛନ୍ତି। ସେହିପରି ପଞ୍ଜାବ ପ୍ରଥମେ ବୁଝାମଣାପତ୍ର ସ୍ୱାକ୍ଷର କରିବା ପରେ ଏବେ 'ପିଏମ୍ ଶ୍ରୀ'ର କାର୍ଯ୍ୟକାରିତା ବନ୍ଦ କରିଦେଇଛି। କେନ୍ଦ୍ର ସରକାରଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ବୁଝାମଣାପତ୍ର ସ୍ୱାକ୍ଷର ନ କଲେ ଏବଂ ପିଏମ୍ ଶ୍ରୀ ବିଦ୍ୟାଳୟ ଯୋଜନାକୁ କାର୍ଯ୍ୟକାରୀ କରା ନ ଗଲେ ସମଗ୍ର ଶିକ୍ଷା ଅଧୀନରେ ଅବଶିଷ୍ଟ ପାଣ୍ଠି ଯୋଗାଣ ବନ୍ଦ ହେବାର ଆଶଙ୍କା ରହିଛି। ସୂଚନାଯୋଗ୍ୟ, ୨୦୨୩-୨୪ ବର୍ଷରେ ଓଡ଼ିଶାକୁ ସମଗ୍ର ଶିକ୍ଷା ଯୋଜନା ଅଧୀନରେ ୧୮୯୫.୨୦ କୋଟି ଟଙ୍କା ଆବଣ୍ଟନ କରାଯାଇଛି। ତୃତୀୟ ଓ ଚତୁର୍ଥ କିସ୍ତିରେ ରାଜ୍ୟକୁ ୧,୨୨୯.୪୪ କୋଟି ଟଙ୍କା ପ୍ରଦାନ କରାଯିବ।

### ୧୩୫୩ ସଙ୍ଗଠନକୁ ୮୫.୩୮ ଲକ୍ଷ ଟଙ୍କା ପ୍ରଦାନ

ବାଲିପାଟଣା,୨୭।୨(ଅଭିମନ୍ୟୁ ନାୟକ)

ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ ପରିସରରେ ମିଶନଶକ୍ତି ପକ୍ଷରୁ ଏକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯେଉଁ ଏସଏସଜି ସଙ୍ଗଠନ ନିୟମିତ ଋଣ ପରିଶୋଧ କରିଛନ୍ତି ସେମାନଙ୍କୁ ତାଙ୍କ ଋଣ ଉପରେ ହୋଇଥିବା ସମସ୍ତ ସୁଧ ଟଙ୍କା ଫେରସ୍ତ କରାଯାଇଛି। ବ୍ଲକ ଅଞ୍ଚଳର ୧୩୫୩ ସଙ୍ଗଠନକୁ ୮୫ଲକ୍ଷ ୩୮ହଜାର ଟଙ୍କା ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମ ଅବସରରେ ୧୭ ଜଣ ଏମ୍‌ବିକେ ମହିଳାଙ୍କୁ ୮ଲକ୍ଷ ୫୦ହଜାର ଟଙ୍କାର ଚେକ ପ୍ରଦାନ ସହିତ ବ୍ୟାଙ୍କ ମିତ୍ର ଓ ଦୁବାଇ ଯାଇଥିବା ମହିଳାମାନଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ହରପ୍ରିୟା ଦାସ, ଜିଲାପରିଷଦ ସଭ୍ୟ ପବିତ୍ର ପଟେଲ, ଗଙ୍ଗାଧର ମଲ୍ଲିକ, ସିଡିପିଓ ରୁନୁବାଳା ସାହୁ, ଏବିଡିଓ ସ୍ମୃତିଶ୍ରୀ ଶତପଥୀ, ବିପିଏମ୍ ରାଜଲକ୍ଷ୍ମୀ ପଣ୍ଡା, ଗ୍ରାମ ବ୍ୟାଙ୍କ ମ୍ୟାନେଜର ଅନୁଶ୍ରୀତା ଦାସ, ମିଶନ ଶକ୍ତି ସଭାପତି ପଦ୍ମିନୀ ଦାଶ ପ୍ରମୁଖ ଯୋଗଦେଇଥିଲେ। ବିପିସି ଦିବ୍ୟରଞ୍ଜନ ମହାପାତ୍ର କାର୍ଯ୍ୟକ୍ରମ ଉପସ୍ଥାପନା କରିଥିବା ବେଳେ ବିପିଏମ୍ ପଣ୍ଡା ଧନ୍ୟବାଦ ଦେଇଥିଲେ।

# ଖଣ୍ଡଗିରି ମେଳାରେ 'ଲକ୍ଷ୍ମୀ ବସ୍' କୁଇଜ ପ୍ରତିଯୋଗିତା



ଭୁବନେଶ୍ୱର,୨୭।୨(ଅନୁରାଧା ମହାରଣା)

ଖଣ୍ଡଗିରି ମେଳାରେ ଓଏସ୍‌ଆର୍‌ଟିସି ପକ୍ଷରୁ ଲକ୍ଷ୍ମୀ ବସ୍ ସେବା ବିଷୟରେ ଜନସାଧାରଣଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଲକ୍ଷ୍ମୀ ଷ୍ଟଲ୍ ପଡ଼ିଛି। ଏହି ଷ୍ଟଲରେ ୧୦ ଦିନ ଧରି ଏକ କୁଇଜ୍ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏଥିରେ ବିଭିନ୍ନ ବର୍ଗର ପ୍ରତିଯୋଗୀମାନଙ୍କୁ ଏହି କାର୍ଯ୍ୟକ୍ରମରେ ପୁରସ୍କୃତ କରାଯାଇଥିଲା। ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍ ଏବଂ ଲକ୍ଷ୍ମୀ ବସ୍ ବିଷୟରେ ଅନେକ ପ୍ରଶ୍ନର ଉତ୍ତର ଦିଆଯାଇଥିଲା। ଏହି ଲକ୍ଷ୍ମୀ ବସ୍ ଏବଂ ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍ ଯୋଜନାର ଲକ୍ଷ୍ୟ ଓ ଏହା କିପରି ପରିବହନ କ୍ଷେତ୍ରରେ ଏକ ଉନ୍ନତ ମାଧ୍ୟମ ହୋଇ ଗ୍ରାମାଞ୍ଚଳର ବିକାଶ କ୍ଷେତ୍ରରେ ସମୃଦ୍ଧି ଆଣିଛି ସେ ବିଷୟରେ ଆସିଥିବା ଦର୍ଶକମାନଙ୍କୁ ଅବଗତ କରାଯାଇଥିଲା।

# ବିଶ୍ୱ ଦକ୍ଷତା କେନ୍ଦ୍ରରେ 'ଭର୍ଟିକାଲ ଟ୍ରାନ୍ସପୋର୍ଟେଶନ' ତାଲିମ

ଭୁବନେଶ୍ୱର,୨୭।୨(ଅନୁରାଧା ମହାରଣା)

ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ଭର୍ଟିକାଲ ଟ୍ରାନ୍ସପୋର୍ଟେଶନ (ଲିଫ୍ଟ ଟେକ୍ନୋଲୋଜି)ରେ କ୍ୟାରିୟର ଗଢ଼ିବା ପାଇଁ ଭୁବନେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ରରେ ତାଲିମ ଦିଆଯାଉଛି। ୨୦୨୪-୨୫ ଶିକ୍ଷାବର୍ଷ ପାଇଁ ଏଥିରେ ନାମ ଲେଖାଇବା ଲାଗି ଅନ ଲାଇନ ଜରିଆରେ ଆବେଦନ ପ୍ରକ୍ରିୟା ଚାଲିଛି। ଆବେଦନର ଶେଷ ତାରିଖ ଫେବୃଆରୀ ୨୯। ବଡ଼ ବଡ଼ ଆପାର୍ଟମେଣ୍ଟ, ବହୁତଳ ବିଶିଷ୍ଟ ଆଧୁନିକ କାର୍ଯ୍ୟାଳୟ, ବିମାନବନ୍ଦର, ମଲ୍ ଏବଂ ସୁଉଚ୍ଚ ଅଟ୍ଟାଳିକାରେ ଲୋକଙ୍କ ଯିବାଆସିବା ଏବଂ ଜିନିଷପତ୍ର ପରିବହନ ପାଇଁ ଏଲିଭେଟର, ଏସ୍କାଲେଟର ଓ ଟ୍ରାଭେଲେଟର ପରି ଆଧୁନିକ ଯନ୍ତ୍ରର ଚାହିଦା ବଢ଼ିବାରେ ଲାଗିଛି। ଏସବୁର ପରିଚାଳନା ପାଇଁ ଦକ୍ଷ ମାନବ ସମ୍ବଳର ଆବଶ୍ୟକତାକୁ ଦୃଷ୍ଟିରେ ରଖି ବିଶ୍ୱ ଦକ୍ଷତା କେନ୍ଦ୍ରରେ 'ଭର୍ଟିକାଲ ଟ୍ରାନ୍ସପୋର୍ଟେସନ' ବିଷୟରେ ତାଲିମ ଦିଆଯାଉଛି। ୨୦୨୩-୨୪ ଶିକ୍ଷାବର୍ଷରୁ ଅତ୍ୟାଧୁନିକ ଭର୍ଟିକାଲ ଟ୍ରାନ୍ସପୋର୍ଟେଶନ (ଲିଫ୍ଟ ଟେକ୍ନୋଲୋଜି) ପାଠ୍ୟକ୍ରମ ଆରମ୍ଭ ହୋଇଛି। ସିଙ୍ଗାପୁର ଆଇଟିଇଏସ୍ ସହଯୋଗରେ ଏହି ଅତ୍ୟାଧୁନିକ ପାଠ୍ୟକ୍ରମର ପରିଚାଳନା କରାଯାଉଛି। ଏଥିରେ ଛାତ୍ରୀଛାତ୍ରଙ୍କୁ ଆଧୁନିକ ଲିଫ୍ଟର ସ୍ଥାପନା, ଏହାକୁ କାର୍ଯ୍ୟକ୍ଷମ କରିବା, ରକ୍ଷଣାବେକ୍ଷଣ, ମରାମତି ଓ ଯାଞ୍ଚ ଆଦି ବିଷୟରେ ତାଲିମ ଦିଆଯାଉଛି। ଏଥିପାଇଁ 'ବିଶ୍ୱ ଦକ୍ଷତା କେନ୍ଦ୍ର'ରେ ଅନ୍ତର୍ଜାତୀୟ ମାନର ଲାବୋରେଟୋରି ପ୍ରତିଷ୍ଠା କରାଯାଇଛି। ବିଶ୍ୱ ଦକ୍ଷତା କେନ୍ଦ୍ରର ସ୍କୁଲ ଅଫ ଇଞ୍ଜିନିୟରିଂ ବିଭାଗ ଅଧୀନରେ ଥିବା ଏହି ପାଠ୍ୟକ୍ରମ ପାଇଁ ୨ବର୍ଷିଆ ଆଇଟିଆଇ କିମ୍ବା ପଲିଟେକ୍‌ନିକ୍‌ରେ ଡିପ୍ଲୋମା କରିଥିବା ଓଡ଼ିଶାର ଛାତ୍ରୀଛାତ୍ରମାନେ www.worldskillcenter.org/admissions ରେ ଆବେଦନ କରିପାରିବେ।



ୟୁକୋ ବ୍ୟାଙ୍କ ଭୁବନେଶ୍ୱର ଅଞ୍ଚଳ କାର୍ଯ୍ୟାଳୟ ତରଫରୁ ଡିଜିଟାଲ ବ୍ୟାଙ୍କିଙ୍ଗ୍ ଏବଂ ୟୁକୋ ଚାଲୁ ଜମା ଖାତା ସଂଗ୍ରହଣ ଅଭିଯାନ।

### କୋରିଆ ମିତ୍ର ଆସୋସିଏଶନ୍ ପ୍ରଦର୍ଶନୀ ଉଦ୍‌ଯାପିତ

ଭୁବନେଶ୍ୱର, ୨୭।୨ (ବନ୍ଦନା ସେଠୀ)

ଭାରତ ଏବଂ କୋରିଆ କୂଟନୈତିକ ସମ୍ପର୍କର ୫୦ବର୍ଷ ପୂର୍ତ୍ତି ଅବସରରେ କୋରିଆ ମିତ୍ର ଆସୋସିଏଶନ୍, ସାଉଥ୍‌କୋରିଆ ଦ୍ୱାରା ପ୍ରସ୍ତୁତ ପାରମ୍ପରିକ ଚିତ୍ରକଳା ପ୍ରଦର୍ଶନୀ ରାଜ୍ୟ ସଂଗ୍ରହାଳୟରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ଏବଂ ଓଡ଼ିଶା ଆର୍ଟ ସେଣ୍ଟରର ମିଳିତ ସହଯୋଗରେ ନଭେମ୍ବର ୨୪ରୁ ଏହି ଅନ୍ତର୍ଜାତୀୟ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ମଙ୍ଗଳବାର କୋରିଆନ୍ ମିତ୍ର ଆସୋସିଏଶନ୍‌ନିଜର ସମୃଦ୍ଧ ଚିତ୍ରକଳାଗୁଡିକୁ ତାଙ୍କ ଦେଶକୁ ପୁନର୍ବାର ଫେରାଇ ନେବା ସହ ପ୍ରଦର୍ଶନୀ ଉଦ୍‌ଯାପିତ ହୋଇଥିଲା। ସୂଚନାଯୋଗ୍ୟ, ଏହି ପ୍ରଦର୍ଶନୀ ବିଭାଗୀୟ ସଚିବ ସୁଜାତା ରାଉତ କାର୍ତ୍ତିକେୟନ୍ ଏବଂ ନିର୍ଦ୍ଦେଶକ ଦିଲ୍ଲୀପ ରାଉତରାୟଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ସାଉଥ୍‌କୋରିଆ ସଂସ୍କୃତି ସମ୍ପର୍କରେ ଜାଣିବାରେ ଏହା ସହାୟକ ହୋଇଥିଲା।

# ୪ ଦଫା ଦାବିରେ ବାଇକ୍ ଟ୍ୟାକ୍ସି ୟୁନିୟନର ବିକ୍ଷୋଭ




ଭୁବନେଶ୍ୱର,୨୭।୨(ଅନୁରାଧା ମହାରଣା)

୪ ଦଫା ଦାବିରେ ବାଇକ୍ ଟ୍ୟାକ୍ସି ୟୁନିୟନ୍ ପକ୍ଷରୁ ମଙ୍ଗଳବାର ଲୋୟର ପିଏମ୍‌ଜିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବାଇକ୍ ଟାକ୍ସି ଚାଳକମାନେ ପ୍ଲାକାର୍ଡ ଧରି ବିଭିନ୍ନ ସ୍ଲୋଗାନ ଦେଇଥିଲେ। କେନ୍ଦ୍ର ସରକାରଙ୍କ ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ଦ୍ୱାରା ୨୦୨୦ରେ ଜାରି ହୋଇଥିବା କେନ୍ଦ୍ରୀୟ ଏଗ୍ରିଗେଟର ଗାଇଡଲାଇନଗୁଡ଼ିକ ଓଡ଼ିଶାରେ କାର୍ଯ୍ୟକାରୀ କରିବା ପାଇଁ ଦାବି କରାଯାଇଛି। ସେହିପରି ବାଇକ୍ ଟ୍ୟାକ୍ସିରେ ହଳଦିଆ ନମ୍ବରପ୍ଲେଟ୍‌କୁ ବିରୋଧ କରାଯାଇଛି। ଏନେଇ ପରିବହନ କମିଶନର ଅମିତାଭ ଠାକୁରଙ୍କ ଉଦ୍ଦେଶ୍ୟରେ ୪ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ସମସ୍ୟାର ତୁରନ୍ତ ସମାଧାନ କରିବା ପାଇଁ ଆନ୍ଦୋଳନକାରୀଙ୍କ ପକ୍ଷରୁ ପରିବହନ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

# ଆଚାର୍ଯ୍ୟ ହରିହର ବ୍ରାହ୍ମଣର ଅହଂଭାବ ତ୍ୟାଗ କରିଥିଲେ



ଭୁବନେଶ୍ୱର, ୨୭।୨(ବନ୍ଦନା ସେଠୀ)

ଭୁବନେଶ୍ୱରସ୍ଥିତ ଆଚାର୍ଯ୍ୟ ହରିହର ସାଂସ୍କୃତିକ ପରିଷଦ ଏବଂ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ମିଳିତ ଆନୁକୂଲ୍ୟରେ ଆଚାର୍ଯ୍ୟ ହରିହର ଦାସଙ୍କ ୧୪୭ତମ ଜୟନ୍ତୀ ସମାରୋହ ମଙ୍ଗଳବାର ପାଳିତ ହୋଇଯାଇଛି। ଏଥିରେ ପରିଷଦର ସଭାପତି ପ୍ରସନ୍ନ କୁମାର ଶତପଥୀ ପୌରୋହିତ୍ୟ କରିଥିଲେ। ମୁଖ୍ୟବକ୍ତା ଭାବେ ସ୍ୱରାଜ ମିଶ୍ର ଯୋଗଦେଇ ଆଚାର୍ଯ୍ୟଙ୍କ ଆଶୀର୍ବାଦ 'ଭଲମଣିଷ ହୁଅ'ର ତାତ୍ପର୍ଯ୍ୟ ଆଲୋଚନା କରିଥିଲେ। ଆଚାର୍ଯ୍ୟଙ୍କ 'ଉପନିଷଦ' ଓ ଶ୍ରୀମଦ୍ ଭଗବଦ୍ ଗୀତା'ର ସରଳ ଓଡିଆ ଅନୁବାଦ ଆଜି ତାଙ୍କୁ ଅମର କରିଛି ବୋଲି କହିଥିଲେ। ଜିନ୍ଦର ଷ୍ଟିଲ ଓ ପାୱାରର ସଭାପତି ଡ. ପ୍ରଶାନ୍ତ କୁମାର ହୋତା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ଆଚାର୍ଯ୍ୟ ବ୍ରାହ୍ମଣର ଅହଂଭାବ ତ୍ୟାଗ କରିଥିଲେ। ବକୁଳ ବନବିଦ୍ୟାଳୟ ମଣିଷଗଢା କାରଖାନାର ହରିହର ଦାସ ପ୍ରକୃତ ଆଚାର୍ଯ୍ୟ ଥିଲେ। ପ୍ରଧାନ ଶିକ୍ଷକ ଅମ୍ବିକା ପ୍ରସାଦ ଦାସ ସ୍ୱାଗତ ଅଭିଭାଷଣ ଓ ସମ୍ପାଦକ ଡ. ତ୍ରିନାଥ ହୋତା ପରିଷଦ ସମ୍ପର୍କରେ ସୂଚନା ଦେଇଥିଲେ। ସବିତା ହୋତା ଭକ୍ତି ସଙ୍ଗୀତ ପରିବେଷଣ କରିଥିଲେ। ପରିଷଦ ତରଫରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ବରିଷ୍ଠ ସଦସ୍ୟ ଚକ୍ରଧର ତ୍ରିପାଠୀ ଶ୍ରଦ୍ଧାଞ୍ଜଳି କବିତା ପାଠ କରିଥିଲେ। ଭଜକୃଷ୍ଣ ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ପର୍ଶୁରାମ ପତି ଧନ୍ୟବାଦ ଦେଇଥିଲେ। ପତିତପାବନ ପାଢୀ, ସିଦ୍ଧାର୍ଥ ଦାସ, ନିରୋଦ କୁମାର ମିଶ୍ର, ନଳିନୀପ୍ରଭା ଦାଶ, ମାୟାଧର ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସାହିତ୍ୟଠୁ ମନୋଜ ଦାସଙ୍କ ବ୍ୟକ୍ତିତ୍ୱ ବଳିଷ୍ଠ ଥିଲା

### ଆଜି ମୁଖ୍ୟମନ୍ତ୍ରୀ ଲୋକାର୍ପଣ କରିବେ ମନୋଜ-ମନ୍ମଥ ସ୍ମାରକୀ

ଭୁବନେଶ୍ୱର, ୨୭।୨ (ବନ୍ଦନା ସେଠୀ)




କାର୍ଯ୍ୟକ୍ରମରେ ଗୀତିକାର ଦେବଦାସ ଛୋଟରାୟ, ପ୍ରଫେସର ମନୀନ୍ଦ୍ର କୁମାର ମେହେର ଏବଂ ଅନ୍ୟ ଅତିଥିବୃନ୍ଦ।

ସମସ୍ତେ ମନୋଜ ଦାସଙ୍କ ସାହିତ୍ୟ ସହ ତାଙ୍କ ବ୍ୟକ୍ତିତ୍ୱଙ୍କୁ ଭଲ ପାଇଥାନ୍ତି। ତେବେ ସାହିତ୍ୟଠୁ ତାଙ୍କ ବ୍ୟକ୍ତିତ୍ୱ ବଳିଷ୍ଠ ଥିଲା। ସେ ରେଭେନ୍ସା ସାହିତ୍ୟ ସଂସଦର ନାମ ପଲ୍ଲବ ପାଠଚକ୍ର ରଖିଥିଲେ। ରେଭେନ୍ସା ପ୍ରତି ତାଙ୍କର ବହୁତ ସମ୍ମାନ ଥିଲା ବୋଲି କଥାଶିଳ୍ପୀ ତଥା ଗୀତିକାର ଦେବଦାସ ଛୋଟରାୟ କହିଛନ୍ତି। ମନୋଜ ଦାସ ସ୍ମୃତି ସଂସଦ ପକ୍ଷରୁ ମଙ୍ଗଳବାର ଗୀତଗୋବିନ୍ଦ ସଦନରେ ପଦ୍ମଭୂଷଣ ମନୋଜ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସଂସଦର ସଭାପତି ଅଧ୍ୟାପକ ବିଶ୍ୱରଞ୍ଜନଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଛୋଟରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହା କହିଥିଲେ। ସାଧାରଣ ସମ୍ପାଦକ ଗୌତମବୁଦ୍ଧ ଦାସ ବାର୍ଷିକ ବିବରଣୀ ପାଠ କରିବା ସହ ବାଲେଶ୍ୱର ଜିଲା ଭୋଗରାଇର ଶଙ୍ଖାରିରେ ପ୍ରତିଷ୍ଠା ହୋଇଥିବା 'ମନୋଜ-ମନ୍ମଥ ସ୍ମାରକୀ' ବୁଧବାର ଲୋକାର୍ପଣ ହେବ ବୋଲି କହିଥିଲେ। ୧୬ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ସାରସ୍ୱତ ପୀଠକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପଣ କରିବେ ବୋଲି ସେ ସୂଚନା ଦେଇଥିଲେ। ମୁଖ୍ୟବକ୍ତା ପ୍ରଫେସର ମନୀନ୍ଦ୍ର କୁମାର ମେହେର କହିଲେ, ମନୋଜ ଦାସଙ୍କ ଉପସ୍ଥିତି ଏବେବି ସମସ୍ତେ ଉପଲବ୍ଧ କରୁଛନ୍ତି। ମଣିଷ ଯେତେ ମନ୍ଦ ହେଉନା କାହିଁକି ତା ଆତ୍ମାର ସ୍ଫୁଲିଙ୍ଗ ଲୁଚି ରହିଛି ବୋଲି ତାଙ୍କ ଲେଖାକୁ ଉଦ୍ଧାର କରି ମତ ଦେଇଥିଲେ। ଯୁବ ଲେଖିକା ତଥା ମନୋଜଙ୍କ ସମ୍ପର୍କରେ ଗବେଷଣା କରିଥିବା ପ୍ରଜ୍ଞା ପ୍ରବର୍ତ୍ତିକା ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ, ବାନ୍ଧି ହେଉ ନ ଥିବା ପୃଥିବୀ ହେଉଛନ୍ତି ମନୋଜ ଦାସ। ଆମ ମନରେ ଉଠୁଥିବା ସବୁ ପ୍ରଶ୍ନର ଉତ୍ତର ତାଙ୍କ ଲେଖା ମାଧ୍ୟମରେ ସେ ଦେଇଯାଇଛନ୍ତି। ତାଙ୍କୁ ଦେଖିଲେ ବେଶ, ପୋଷାକ କେବେ ବ୍ୟକ୍ତିତ୍ୱର ପରିଚୟ ହୋଇ ନ ପାରେ ବୋଲି ଅନୁଭବ ହେଉଥିବା ପ୍ରଜ୍ଞା କହିଥିଲେ।

ଏହି ଅବସରରେ ଆଗାମୀ ଦିନରେ ଯୁବପିଢ଼ିଙ୍କୁ ନେଇ ଅଧିକ ସାହିତ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସଂସଦ ପକ୍ଷରୁ ସୂଚନା ଦିଆଯାଇଥିଲା। ସଂସଦର ସଙ୍ଗଠନ ସମ୍ପାଦକ ସରୋଜ ବଳ କାର୍ଯ୍ୟକ୍ରମ ସଂଯୋଜନା କରିଲେ। କୋଷାଧ୍ୟକ୍ଷ ସରୋଜ ଦାଶ, ସହସମ୍ପାଦକ ରାମଜୀବନ ଗୋଛାୟତ, ସୂର୍ଯ୍ୟ ମିଶ୍ର, ମୌସୁମୀ ଦାସ, ନନ୍ଦ କିଶୋର ବିଶ୍ୱାଳ, ଅମ୍ବିକା ପଟ୍ଟନାୟକ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ। ସହସମ୍ପାଦକ ଅମିତାଭ ଖିଲାର ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ବିଶ୍ୱଶାନ୍ତି ମହାଯଜ୍ଞ

ନିରାକାରପୁର,୨୭।୨(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ରାମେଶ୍ୱର ପଞ୍ଚାୟତ ଖଜୁରିପଡା ଗ୍ରାମରେ ଥିବା ବାଲୁଙ୍କେଶ୍ୱର ଦେବଙ୍କ ପୀଠରେ ୨୮ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗ୍ରାମର ମାନସିକଧାରୀ ମହିଳା ପୁରୁଷ ନିକଟ ନଦୀରୁ ଜଳ ଉଠାଇ ଏକ ପଟୁଆରରେ ଯାଇ ଯଜ୍ଞ ମଣ୍ଡପରେ ପହଞ୍ଚି କଳସ ସ୍ଥାପନା କରିଥିଲେ। ଏହି ଯଜ୍ଞ ୪ଦିନଧରି ଚାଲିଥିବା ବେଳେ ମଙ୍ଗଳବାର ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ହୋଇଥିଲା। ଏହି ଯଜ୍ଞ କାର୍ଯ୍ୟକ୍ରମରେ ପ୍ରତ୍ୟେକଦିନ ସୂର୍ଯ୍ୟପୂଜା, ଗୋପୂଜା, ଚଣ୍ଡୀପାଠ କରାଯିବା ସହ ଆହୁତି ପ୍ରଦାନ କରାଯାଇଥିଲା। ହରିବୋଲ, ହୁଳହୁଳି ଓ ନାମସଂକୀର୍ତ୍ତନ ସହିତ ଚଣ୍ଡୀଶ୍ଳୋକରେ ଯଜ୍ଞ ମଣ୍ଡପରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଲିଙ୍ଗରାଜ ଷଡ଼ଙ୍ଗୀ ଓ ଜଗନ୍ନାଥ ବାହିନୀପତି ଯଜ୍ଞ କାର୍ଯ୍ୟ ପରିଚାଳନା କରିଥିବା ବେଳେ ଭାସ୍କର ପାତ୍ର ଓ ତାଙ୍କ ସ୍ତ୍ରୀ ସୁଷମା ପାତ୍ର କର୍ତ୍ତା ଓ କର୍ତ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଥିଲେ। ଗୌରୀ ଶଙ୍କର ମର୍ଦ୍ଦରାଜସିଂହ, ସାଗର ବାରିକ, ରାଜା ପାତ୍ର, କାହ୍ନା ଷଡ଼ଙ୍ଗୀ, ଅକ୍ଷୟ ତ୍ରିପାଠୀ, ସନାତନ ବିଶୋଇଙ୍କ ସମେତ ବାଲୁଙ୍କେଶ୍ୱର ଯଜ୍ଞ କମିଟି ଓ ଗ୍ରାମବାସୀ ସହଯୋଗ କରିଥିଲେ।

### ୨୯ରେ ଚାଷୀଙ୍କ ସମସ୍ୟା ନେଇ ସମାବେଶ

ଜଟଣୀ,୨୭।୨(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ 'ମୋ ଜଟଣୀ'ଠାରେ ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଚାଷୀଙ୍କ ସମସ୍ୟା ନେଇ ଆସନ୍ତା ୨୯ତାରିଖରେ ଜଟଣୀଠାରେ ଏକ ସମାବେଶ ଅନୁଷ୍ଠିତ ହେବ। ଚାଷୀମାନଙ୍କ ବିଭିନ୍ନ ସମସ୍ୟା ମାସିକ ୫ହଜାର ଟଙ୍କା ଭତ୍ତା, ଧାନ କୁଇଣ୍ଟାଲ ପିଛା ୩,୪୦୦ ଟଙ୍କା ପ୍ରଦାନ, ସାମ୍ବିଧାନିକ ଅଧିକାର ମୁତାବକ ଚାଷୀଙ୍କୁ ସେମାନଙ୍କ ହକ୍ ପାଇଁ ଏହି ସମାବେଶକୁ ସଫଳ କରିବା ପାଇଁ ରାଜ୍ୟ ନବ ନିର୍ମାଣ ଯୁବଛାତ୍ର ସଙ୍ଗଠନ ସଂଯୋଜକ ମନୱର ଅଲ୍ଲୀ ନିବେଦନ କରିଛନ୍ତି।

### ନାଚୁଣୀ କଲେଜରେ ନିଯୁକ୍ତି ମେଳା

ଟାଙ୍ଗୀ,୨୭।୨(ରଘୁନାଥ ସାହୁ)

ଖୋର୍ଦ୍ଧା ଜିଲା ନାଚୁଣୀ ମହାବିଦ୍ୟାଳୟ ପରିସରରେ ମଙ୍ଗଳବାର ଗୁଜରାଟସ୍ଥିତ ସୁଜୁକୀ ମୋଟର୍ସ ପକ୍ଷରୁ ଏକ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ବଳିୟାରସିଂହ ଓ ପରିଚାଳନା ପରିଷଦର ସଭାପତି ଅରୁଣ ଦାଶଙ୍କ ଉପସ୍ଥିତିରେ ନିଯୁକ୍ତି ମେଳାରେ ଶତାଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଭୁବନେଶ୍ୱରସ୍ଥିତ ଯଶସ୍ୱୀ ଏକାଡେମୀର ଆଞ୍ଚଳିକ ମୁଖ୍ୟ ଅନିଲ ତ୍ରିପାଠୀଙ୍କ ଆବାହକତ୍ୱରେ ପ୍ରାୟୋଜିତ ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର କ୍ୟାରିୟର କାଉନସେଲିଂ କମିଟି ସଦସ୍ୟ ଅଧ୍ୟାପକ ଗୋଲକବିହାରୀ ବାରିକ, ଅଶ୍ୱିନୀ ମିଶ୍ର, ଅଜିତ୍ ଦାଶ, ଡ. ସି. ମଞ୍ଜୁଲତା, ଲୋପାମୁଦ୍ରା ମିଶ୍ର, ଡ.ପ୍ରଦୀପ ରଥ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସୁଜୁକୀ ମୋଟର୍ସର ଏଲ୍.ଜେ. ବାଘେଲା ଆଶାୟୀ ଶତାଧିକ ପ୍ରାର୍ଥୀଙ୍କ ବ୍ୟକ୍ତିଗତ ସାକ୍ଷାତ୍କାର ମାଧ୍ୟମରେ ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥିଲେ। ୫୦ରୁ ଊର୍ଦ୍ଧ୍ୱ ପରୀକ୍ଷାର୍ଥୀଙ୍କୁ ଖୁବ୍‌ଶୀଘ୍ର ନିଯୁକ୍ତି ଦିଆଯିବ ବୋଲି ବାଘେଲା ସୂଚନା ଦେଇଛନ୍ତି। ପ୍ରାରମ୍ଭରେ ଯଶସ୍ୱୀ ପକ୍ଷରୁ ବରିଷ୍ଠ ସେନାଧିକାରୀ ଇଂ.ଶତ୍ରୁଘ୍ନ ପ୍ରଧାନ ନିଯୁକ୍ତି କାର୍ଯ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଅର୍ପିତା ସେନ୍ କାର୍ଯ୍ୟ ପରିଚାଳନାରେ ସହାୟତା କରିଥିଲେ।

# ଏନ୍ଏସି ମାନ୍ୟତା ଦାବିରେ ବୋଲଗଡ଼ ବନ୍ଦ ଆଜି

ବୋଲଗଡ଼,୨୭।୨(ଦେବବ୍ରତ ହୋତା)

ରାଜ୍ୟ ସରକାରଙ୍କ ପକ୍ଷରୁ ଗତ ଶନିବାର ନୂତନଭାବେ ଘୋଷଣା ହୋଇଥିବା ଏନ୍ଏସି ତାଲିକାରେ ବୋଲଗଡ଼ର ନାମ ନ ଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ତେବେ ଏନ୍ଏସି ଘୋଷଣା ଦାବିରେ ବୁଧବାର ବୋଲଗଡ଼ ବନ୍ଦ ହେବା ସହ ୫୭ ନମ୍ବର ଜାତୀୟ ରାଜପଥକୁ ଅବରୋଧ କରାଯିବ ବୋଲି ମଙ୍ଗଳବାର ସ୍ଥାନୀୟ ଜଗନ୍ନାଥ ମନ୍ଦିରଠାରେ ଏନ୍ଏସି କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ନିଷ୍ପତ୍ତି ହୋଇଛି।

ପ୍ରକାଶ ଯେ, ବୋଲଗଡ଼କୁ ଏନ୍ଏସି ପାଇଁ ୨୦୧୧ ମସିହାରୁ ବାରମ୍ବାର ଦାବି ହୋଇ ଆସୁଥିବା ବେଳେ ଏନେଇ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତାବିତ ତାଲିକାରେ ମଧ୍ୟ ନାମ ରହିଥିଲା। ସୀମା ନିର୍ଦ୍ଧାରଣ ସହ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ ସରିଥିଲା। ହେଲେ ଗତ ୨୪ତାରିଖରେ ରାଜ୍ୟ ସରକାରଙ୍କ ପକ୍ଷରୁ ଘୋଷଣା ହୋଇଥିବା ଏନ୍ଏସି ତାଲିକାରେ ବୋଲଗଡ଼ ନାମ ନ ଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ନାଗରିକ କମିଟି ପକ୍ଷରୁ ଏନେଇ ବିଭିନ୍ନ ଦିବସରେ ସ୍ଥାନୀୟ ବିଧାୟକ ଓ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିବା ବେଳେ ମଙ୍ଗଳବାର କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବେଗୁନିଆଠାରେ ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଆସିଥିବା ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ମଧ୍ୟ ଦାବିପତ୍ର ପ୍ରଦାନ କରାଯାଇଛି। ଅନ୍ୟପଟେର ବୁଧବାର ସକାଳେ ଲୋକମାନେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ନିକଟରେ ଏକତ୍ରିତ ହେବା ପରେ ଏକ ଶୋଭାଯାତ୍ରାରେ ବୋଲଗଡ଼ ସହର ପରିକ୍ରମା କରାଯିବା ସହ ସମସ୍ତ ଦୋକାନ ବଜାର ବନ୍ଦ କରିବା ସହ ସରକାରୀ କାର୍ଯ୍ୟାଳୟ ଓ ବ୍ୟାଙ୍କ ଆଦିକୁ ବନ୍ଦ କରିବାକୁ ନିବେଦନ କରାଯିବ। ଏଥିରୁ ଜରୁରୀ ସେବା ସଂସ୍ଥା ଗୁଡିକୁ ବାଦ ଦିଆଯିବ। ଗୋପବନ୍ଧୁ ଛକଠାରେ ୫୭ନମ୍ବର ଜାତୀୟ ରାଜପଥକୁ ମଧ୍ୟ ଅବରୋଧ କରାଯିବ। ଏହି ଆନ୍ଦୋଳନରେ ଅଂଶଗ୍ରହଣ କରିବା ପାଇଁ ମହିଳା ଗୋଷ୍ଠୀ, ମୋଟର କର୍ମଚାରୀ ସଂଘ, ବଣିକ ମହାସଂଘ ଓ ଅନ୍ୟାନ୍ୟ ଅନୁଷ୍ଠାନ କମିଟି ପକ୍ଷରୁ ଅନୁରୋଧ କରାଯାଇଥିବା ବେଳେ ସେମାନେ ସ୍ୱୀକୃତି ପ୍ରଦାନ କରିଥିବା ସୂଚନା ମିଳିଛି। ଦଳମତ ନିର୍ବିଶେଷରେ ସମସ୍ତେ ଏକଜୁଟ ହେବାକୁ କମିଟି ପକ୍ଷରୁ ଆହ୍ୱାନ ଦିଆଯାଇଛି।



ବୈଠକରେ ଏନ୍ଏସି କ୍ରିୟାନୁଷ୍ଠାନ କମିଟିର କର୍ମକର୍ତ୍ତା ଓ ଅନ୍ୟମାନେ।

# ୫୭୪ ପ୍ରକଳ୍ପ ଅଧାପନ୍ତରିଆ



ସାମାଜିକ ସମୀକ୍ଷା ଓ ବ୍ଲକସ୍ତରୀୟ ଜନଶୁଣାଣି ଶିବିରରେ ଅଧିକାରୀମାନେ।

## ସାମାଜିକ ସମୀକ୍ଷା ଓ ବ୍ଲକସ୍ତରୀୟ ଜନଶୁଣାଣି

ଜଟଣୀ,୨୭।୨ (ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ବ୍ଲକ ପକ୍ଷରୁ ସାମାଜିକ ସମୀକ୍ଷା ଜନ ଶୁଣାଣି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନେଶ୍ୱର ଅତିରିକ୍ତ ଉପଜିଲାପାଳ ନୀତିଶ ତ୍ରିପାଠୀ, ପ୍ରଦୋଷ କୁମାର ମହାରଣା, ନରହରି ପାତ୍ରଙ୍କ ସମେତ ଜିଲା ଏବଂ ବ୍ଲକ ପ୍ରଶାସନର ବହୁ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ବୈଠକରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଜିଏସ୍) ଓ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାକୁ ନେଇ ଆଲୋଚନା କରାଯାଇଥିଲା। ଏହି ବ୍ଲକ ଅଧୀନରେ ବର୍ଷ ୨୦୨୩-୨୪ ଆର୍ଥିକ ବର୍ଷରେ ଏମ୍‌ଜିଏନ୍‌ଆର୍‌ଜିଏସ୍ ରେ ୭୦,୨୧୭ଟି ଶ୍ରମ ଦିବସରେ ୨୪୫୦ ଶ୍ରମିକଙ୍କୁ କର୍ମ ଯୋଗାଇ ଦିଆଯାଇଥିବା ବେଳେ ୪୮ଟି ପରିବାରଙ୍କୁ ୧୦୦ ଦିନର କାର୍ଯ୍ୟ ସମ୍ପୂର୍ଣ୍ଣ ପ୍ରଦାନ କରାଯାଇଛି। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ମୋଟ୍ ୭୦୭ଟି ପ୍ରକଳ୍ପ ହାତକୁ ନିଆଯାଇଥିଲା। ସେଥିରୁ ୧୩୩ଟି ପ୍ରକଳ୍ପର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ବେଳେ ୫୭୪ଟି ପ୍ରକଳ୍ପର କାର୍ଯ୍ୟ ଜାରି ରହିଥିବା ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଅନ୍ୟପଟେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ବଳରେ ଏହି ବ୍ଲକରେ ୨୧,୨୬୨ ପରିବାରଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ସେହିପରି ୭୬,୮୦୫ ହିତାଧିକାରୀଙ୍କୁ ପିଏଚ୍‌ଏଚ୍ କାର୍ଡ ମାଧ୍ୟମରେ ମୁଣ୍ଡ ପିଛା ୫କେଜି ଏବଂ ଏଏୱାଇ କାର୍ଡ ମାଧ୍ୟମରେ ୩୫ କେଜି ଚାଉଳ ପ୍ରଦାନ କରାଯାଇଛି। ଏହିଭଳି ଭାବେ ଜଟଣୀ ବ୍ଲକରେ ମୋଟ୍ ୫୨ରିଟେଲର ପିଏଚ୍‌ଏଚ୍‌ରେ ମୋଟ ମାସିକ ଚାଉଳ ୩୩୭୮.୮୧ କୁଇଣ୍ଟାଲ ଏବଂ ୯୧୪.୮୧ କୁଇଣ୍ଟାଲ ଏଏୱାଇରେ ଚାଉଳ ବିତରଣ କରାଯାଉଥିବା ବେଳେ ଉପଜିଲାପାଳ ଆଗାମୀ ଦିନରେ କିପରି କିପରି ଅଧିକରୁ ଅଧିକ ଶ୍ରମ ଦିବସ ସୃଷ୍ଟି ହୋଇପାରିବ ସେଥିପ୍ରତି ସମସ୍ତେ ଗୁରୁତ୍ୱ ହେବାକୁ ପରାମର୍ଶ ଦେଇଥିଲେ।

# ଖୋର୍ଦ୍ଧା କ୍ରିକେଟ ଏକାଡେମୀ ଲୋକାର୍ପିତ

ଖୋର୍ଦ୍ଧା,୨୭।୨(ପ୍ରଭାତ ପାଣିଗ୍ରାହୀ)

କ୍ରୀଡ଼ାର ଭିତ୍ତିଭୂମି ବିକାଶ ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ମାଧ୍ୟମରେ ଐତିହାସିକ କଟକ ବାରବାଟୀ ଷ୍ଟାଡିୟମର ରୂପାନ୍ତରଣ ସହ ରାଜ୍ୟର ୪୨ଟି ସ୍ଥାନରେ କ୍ରିକେଟ ଷ୍ଟାଡିୟମ, କ୍ରିକେଟ ଏକାଡେମୀ ଏବଂ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଲୋକାର୍ପଣ କରିଛନ୍ତି। ଏହିକ୍ରମରେ ଖୋର୍ଦ୍ଧା ବିଜେବି ହାଇସ୍କୁଲ ଖେଳପଡିଆରେ ଓସିଏ ଦ୍ୱାରା ନିର୍ମିତ ଖୋର୍ଦ୍ଧା କ୍ରିକେଟ ଏକାଡେମୀକୁ ମୁଖ୍ୟମନ୍ତ୍ରୀ ଲୋକାର୍ପିତ କରିଛନ୍ତି। ଏଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଖୋର୍ଦ୍ଧା କ୍ରିକେଟ ଆସୋସିଏଶନ ସଭାପତି ତଥା ବିଧାୟକ ରାଜେନ୍ଦ୍ର ସାହୁ, ଜିଲାପାଳ ଚଞ୍ଚଳ ରାଣା ଓ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ରୀଡ଼ା ସମୀକ୍ଷକ ଆଶିଷ କୁମାର ରାୟ, କେସିଏ କୋଷାଧ୍ୟକ୍ଷ ଚଣ୍ଡିପ୍ରସାଦ ଆଚାର୍ଯ୍ୟ, ଅବ୍ୟକ୍ତ ହରିହର ଖାଡଙ୍ଗା, କାଜଲ ବଳିୟାରସିଂ, ସୂର୍ଯ୍ୟ ନାରାୟଣ ମହାନ୍ତି, ରବି ସ୍ୱାଇଁ, ବିକ୍ରେଶ ପ୍ରଧାନଙ୍କ ସମେତ ଏକାଧିକ ଯୁବ ଖେଳାଳି, କ୍ରୀଡାପ୍ରେମୀ ଉପସ୍ଥିତ ଥିଲେ। ଏହି ଷ୍ଟାଡିୟମରେ କ୍ରିକେଟ ଏକାଡେମୀ ସହ ଟର୍ଫ ୱିକେଟ, ଆଷ୍ଟ୍ରୋଟର୍ଫ, ରୋଲିଂ ମେଶିନ ଭଳି ଅନେକ କ୍ରୀଡା ସାମଗ୍ରୀ ଓଡ଼ିଶା କ୍ରିକେଟ ଆସୋସିଏଶନ ପକ୍ଷରୁ ଯୋଗାଇ ଦିଆଯାଇଛି ବୋଲି କୋଷାଧ୍ୟକ୍ଷ ଆଚାର୍ଯ୍ୟ କହିଛନ୍ତି। ଜିଲାରେ କ୍ରୀଡାର ବିକାଶ ତଥା ଯୁବ ପ୍ରତିଭାଙ୍କ ପାଇଁ ବେଶ ସହାୟକ ହେବ ବୋଲି କହିଥିଲେ। କ୍ରୀଡା ସମୀକ୍ଷକ ରାୟ କହିଥିଲେ, ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ। ଓଡ଼ିଶା କ୍ରୀଡାକ୍ଷେତ୍ରରେ ଅଗ୍ରଣୀ ରାଜ୍ୟଭାବେ ପ୍ରତିଷ୍ଠା ଅର୍ଜନ କରିଛି। ଗ୍ରାମାଞ୍ଚଳ ସ୍ତରରେ କ୍ରୀଡାର ବିକାଶ, ଲୁକାୟିତ ପ୍ରତିଭାଙ୍କ ପାଇଁ ପ୍ଲାଟଫର୍ମ ଭଳି କାର୍ଯ୍ୟ କରିବ। ମୁଖ୍ୟମନ୍ତ୍ରୀଙ୍କ ଏକ ଐତିହାସିକ ପଦକ୍ଷେପ ବୋଲି ସେ କହିଛନ୍ତି।



ଖୋର୍ଦ୍ଧା କ୍ରିକେଟ ଏକାଡେମୀ ଉଦ୍‌ଘାଟନୀ ଅବସରରେ ଜିଲାପାଳ, ବିଧାୟକ ଓ ଅନ୍ୟମାନେ।

## ମିଶନ ଶକ୍ତିର ସୁଧ ଫେରସ୍ତ ମେଳା



ହିତାଧିକାରୀଙ୍କୁ ଚେକ୍ ପ୍ରଦାନ କରାଯାଉଛି।

ଟାଙ୍ଗୀ,୨୭।୨(ରଘୁନାଥ ସାହୁ)

ରାଜ୍ୟ ସରକାର ମିଶନ ଶକ୍ତି ବିଭାଗ ମାଧ୍ୟମରେ ମହିଳାମାନଙ୍କୁ ସ୍ୱାବଲମ୍ବୀ ତଥା ସଶକ୍ତୀକରଣ କରିବା ଲକ୍ଷ୍ୟରେ ସେମାନଙ୍କୁ ବିଭିନ୍ନ ବ୍ୟାଙ୍କରୁ ଋଣ ପ୍ରଦାନ କରିଛନ୍ତି। ସେହି ଋଣର ସୁଧ ଫେରସ୍ତ କରିବା ପାଇଁ ଟାଙ୍ଗୀ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଋଣ ଫେରସ୍ତ ମେଳା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାର ମିଶନ ଶକ୍ତି ମହିଳାମାନଙ୍କୁ ବିନା ସୁଧରେ ୧୦ ଲକ୍ଷ ଟଙ୍କାର ଋଣ ପ୍ରଦାନର ବ୍ୟବସ୍ଥା କରିଛନ୍ତି। ଏହି ଅବସରରେ ଟାଙ୍ଗୀ ବ୍ଲକର ଆଦ୍ୟାଶା ଆଦ୍ୟାରୂପା ମିଶନ ଶକ୍ତି ମହିଳା ମହାସଂଘ ପକ୍ଷରୁ ଏକ ସମାବେଶ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକର ୨୬ଟି ପଞ୍ଚାୟତର ସ୍ୱୟଂ ସାହାଯ୍ୟକ ଗୋଷ୍ଠୀ, ମିଶନ ଶକ୍ତି, ବ୍ୟାଙ୍କ ମିତ୍ର ଓ ମହିଳା କାର୍ଯ୍ୟକର୍ତ୍ତାମାନେ ଯୋଗଦେଇଥିଲେ। ବିପିଏମ ପ୍ରକାଶ ଚନ୍ଦ୍ର ବଳିୟାରସିଂହ ଓ ବିପିସି ଦର୍ଶପ୍ରଭା ସାଇଁ ପ୍ରମୁଖଙ୍କ ସଂଯୋଜନାରେ ସଭା କାର୍ଯ୍ୟ ହୋଇଥିଲା। ଟାଙ୍ଗୀ ପଞ୍ଚାୟତ ସମିତି ଅଧ୍ୟକ୍ଷା ରିସ୍ମା ମାନ୍ଧାତା ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ବେଳେ ସିଡିପିଓ ଜ୍ୟୋତ୍ସ୍ନାମୟୀ ପଣ୍ଡା, ମହିଳା ମହାସଂଘର ସଭାନେତ୍ରୀ ହରଷ ପ୍ରଧାନ, ସମ୍ପାଦିକା ବୈଜୟନ୍ତୀ ସୁନ୍ଦରାୟ, ବ୍ୟାଙ୍କ ଅଫ୍ ଇଣ୍ଡିଆ ସିଙ୍ଗିପୁର ଶାଖାର ପରିଚାଳକ, ବରିଷ୍ଠ ସାମ୍ବାଦିକ ପଦ୍ମନାଭ ବିଶ୍ୱାଳ ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ।

### ଫେରାର ଅଭିଯୁକ୍ତ ଗିରଫ

ଜଟଣୀ,୨୭।୨(ରବୀନ୍ଦ୍ରନାଥ ମହାକୁଡ଼)

ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ଜଟଣୀ ଥାନା ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେ ହେଲେ ଡେଲାଙ୍ଗ ଥାନା ହରିରାଜପୁର ବ୍ରହ୍ମଣସାହିର ସିପୁ ଓରଫ ସୋନୁମ ବାରିକ। ଗତ ଡିସେମ୍ବର ୨୪ରେ ସ୍ୱରୂପ ରାୟ ବନ୍ଧୁଙ୍କ ସହିତ ବାଇକରେ ବୁଢ଼ାପଡା ମନ୍ଦିରକୁ ଯାଉଥିବା ବେଳେ ଫୋନ ଆସିବାରୁ ଠିଆ ହୋଇ କଥା ହୋଇଥିଲେ। ଏହି ସମୟରେ ସିପୁ ଓ ସହଯୋଗୀମାନେ ସେଠାରେ ପହଞ୍ଚି ସ୍ୱରୂପଙ୍କୁ ମାରଣାସ୍ତ୍ର ଓ ବନ୍ଧୁକ ଦେଖାଇ ତାଙ୍କ ମା'ଙ୍କୁ ଫୋନକରି ୩ ଲକ୍ଷ ଟଙ୍କା ଦାବି କରିଥିଲେ। ଏନେଇ ସ୍ୱରୂପ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ ବେଳେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏପରିକି କେତେଜଣ ଅଭିଯୁକ୍ତ କୋର୍ଟରେ ଆତ୍ମସମର୍ପଣ କରିଥିଲେ। ଫେରାର ଥିବା ସିପୁଙ୍କୁ ମଙ୍ଗଳବାର ପୋଲିସ ଗିରଫ କରିଛି।

### ବିଦ୍ୟାଳୟର ବାର୍ଷିକ ଉତ୍ସବ

ଯାଁଳା,୨୭।୨(ବୁଲା ବାରିକ)

ଯାଁଳା ପଞ୍ଚାୟତରେ ଥିବା ମା'ଭଗବତୀ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ସମାଜସେବୀ ଶ୍ୱେତାସିନ୍ଧୁ ପ୍ରଧାନ, ମୁଖ୍ୟ ବକ୍ତା ସିଭି ରମଣ ଇଞ୍ଜିନିୟରିଂ କଲେଜର ଡିନ୍ ପ୍ରଫେସର ପ୍ରିୟଦର୍ଶୀ କାନୁନଗୋ, ସମ୍ମାନିତ ଅତିଥି ଶିକ୍ଷୟିତ୍ରୀ ଝୁମୁରୀ ସାହୁ, ସୁଲେଖିକା ପ୍ରତିମା ପାଣିଗ୍ରାହୀ ପ୍ରମୁଖ ଯୋଗଦେଇଥିଲେ। ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

### କ୍ଷେତ୍ରପାଳୀ ବିଦ୍ୟାଳୟକୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

ଜଟଣୀ,୨୭।୨(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ବ୍ଲକ ଅନ୍ତର୍ଗତ କୁହା ଗ୍ରାମର କ୍ଷେତ୍ରପାଳୀ ସରକାରୀ ହାଇସ୍କୁଲକୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଛି। ଏନେଇ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକ ପି.କ୍ରିଷ୍ଣାବେଣୀଙ୍କ ଅଧ୍ୟକ୍ଷତାରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୋ ସ୍କୁଲ କମିଟିର ସଭାପତି ସାରଙ୍ଗଧର ସେନାପତି, ଗଗନ ବାରିକ, ଭୀମସେନ ପ୍ରଧାନ ଉପସ୍ଥିତ ଥିଲେ। ଅକ୍ଷୟ କୁମାର ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ପ୍ରତିମା ମଣ୍ଡଳ ଧନ୍ୟବାଦ ଦେଇଥିଲେ।

## 'ମେଧାବୀଙ୍କ ଦୂର ହେବ ସମସ୍ୟା'

ଖୋର୍ଦ୍ଧା,୨୭।୨(ପ୍ରଭାତ ପାଣିଗ୍ରାହୀ)

ନୂଆ-ଓ ଛାତ୍ରବୃତ୍ତି ଛାତ୍ରୀଛାତ୍ରଙ୍କ ପାଇଁ ଏକ ନବୀନ ଉତ୍ସାହ ଭରି ଦେଇଛି। ମଙ୍ଗଳବାର ଖୋର୍ଦ୍ଧା ଓ ବେଗୁନିଆଠାରେ ଆୟୋଜିତ କାର୍ଯ୍ୟକ୍ରମରେ ୫ଟି ଅଧ୍ୟକ୍ଷଙ୍କ ଠାରୁ ଛାତ୍ରବୃତ୍ତି ସାର୍ଟିଫିକେଟ ଗ୍ରହଣ କରିବା ବେଳେ ଛାତ୍ରୀଛାତ୍ରମାନେ ଭାବବିହ୍ୱଳ ହୋଇଯାଇଥିଲେ। ଏହି ଛାତ୍ରବୃତ୍ତି ପିଲାଙ୍କ ପାଠପଢ଼ାର ଆର୍ଥିକ ବୋଝ କମାଇବା ସହ ନୂତନ ଆଶା ସଞ୍ଚାରିଛି ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି। ଆର୍ଥିକ ଦୁରାବସ୍ଥା କାରଣରୁ ବହୁ ଛାତ୍ରୀଛାତ୍ର ପାଠପଢାରୁ ବଞ୍ଚିତ ହେଉଥିଲେ। ନିଜ ପାଠପଢା ପାଇଁ ଅନ୍ୟଜାଗାରେ ପାର୍ଟ ଟାଇମ ରୋଜଗାର କରି ପଢା ଖର୍ଚ୍ଚ ଉଠାଉଥିଲେ। ଏବେ ଏହି ଛାତ୍ରବୃତ୍ତି ସେମାନଙ୍କ ମାନଦଣ୍ଡରେ ଉନ୍ନତି ଆଣିପାରିବ। ବହୁ ମେଧାବୀ ଛାତ୍ରୀଛାତ୍ର ଯୋଗ୍ୟତା ସତ୍ତ୍ୱେ ଉଚ୍ଚ ଶିକ୍ଷାରୁ ବଞ୍ଚିତ ହେଉଥିଲେ। ଏବେ ଏହି ଛାତ୍ର ବୃତ୍ତି ସେମାନଙ୍କ ଆଶା ପୂରଣ ସହ ଯୋଗ୍ୟତା ପ୍ରତିପାଦନ କରିବାର ସୁଯୋଗ ପାଇବେ ବୋଲି ବିଭିନ୍ନ ମହଲରେ ମତପ୍ରକାଶ ପାଇଛି। ଏଣିକି ପାଠପଢା ପାଇଁ ଆର୍ଥିକ ଅନଗ୍ରସର ପିଲାଙ୍କୁ ଅନ୍ୟ କେଉଁଠି ହାତ ପତାଇବାକୁ ପଡିବ ନାହିଁ କିମ୍ବା କାହାଠାରୁ ଧାରକରଜ ଭଳି ସମସ୍ୟାର ସମ୍ମୁଖୀନ ହେବାକୁ ପଡିବ ନାହିଁ। ପିଲାଙ୍କୁ ସମ୍ମାନର ସହ ମୁଣ୍ଡ ଟେକି ସମାଜରେ ଚାଲିବାର ବାଟ ଦେଖାଇବ। ଉଭୟ ମଞ୍ଚରେ ପିଲାମାନେ ଛାତ୍ରବୃତ୍ତି ସାର୍ଟିଫିକେଟ ପାଇବା ବେଳେ ଅତ୍ୟନ୍ତ ଉତ୍ସାହିତ ହୋଇପଡିଥିବା ଦେଖିବାକୁ ମିଳିଥିଲା।

## ଦିଲୀପ-ସଞ୍ଜୀବ ସ୍ମାରକୀ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

## ଗୋପାଳପୁର ସେମିଫାଇନାଲରେ



ଅତିଥିଙ୍କ ଗହଣରେ ଖେଳାଳି ଓ ଅନ୍ୟମାନେ।

ଟାଙ୍ଗୀ,୨୭।୨(ରଘୁନାଥ ସାହୁ)

ବଡ଼ପାରୀ ସ୍ପୋର୍ଟ୍ସ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଦିଲୀପ- ସଞ୍ଜୀବ ସ୍ମାରକୀ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ମଙ୍ଗଳବାର ଗୋପାଳପୁର ଫୁଟବଲ କ୍ଲବ ଓ କୁହୁଡି ଫୁଟବଲ କ୍ଲବ ମଧ୍ୟରେ ମ୍ୟାଚ୍ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ୨-୨ ଗୋଲରେ ମ୍ୟାଚ ଅମୀମାଂସିତ ରହିଥିଲା। ଟାଇବ୍ରେକରରେ ୪-୩ ଗୋଲରେ ଗୋପାଳପୁର ଫୁଟବଲ କ୍ଲବ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଅତିଥିଭାବେ କ୍ରୀଡା ସଙ୍ଗଠକ ବିଜୟ କୁମାର ରାଉତ, ଅଧ୍ୟାପକ ଅପର୍ତ୍ତି ବେହେରା, କ୍ଲବ ସଭାପତି ରମାକାନ୍ତ ବଳିୟାରସିଂହ, ଉପଦେଷ୍ଟା ବିଚ୍ଛେଦ ଜୟସିଂ ପ୍ରମୁଖ ଯୋଗଦେଇଥିଲେ। ଚିତ୍ତରଞ୍ଜନ ପରିଡ଼ା, ଅବିନାଶ ପଟ୍ଟନାୟକ, କୃଷ୍ଣ ଚନ୍ଦ୍ର ବେହେରା ଓ ପ୍ରଣୟ ପାଇକରାୟ ମ୍ୟାଚ୍ ପରିଚାଳନା କରିଥିଲେ। କମିଟି ସଦସ୍ୟ ଶିବ ପ୍ରସାଦ ବେହେରା, ଅନନ୍ତ ଚରଣ ପରିଡ଼ା, ପ୍ରଭାକର ଭୁଜବଳ, ବିକ୍ରମ ବାଘ ସିଂ ପ୍ରମୁଖ ସହଯୋଗ କରିଥିଲେ। ବୁଧବାର ରଘୁନାଥ ଫୁଟବଲ କ୍ଲବ ଟାଙ୍ଗୀ ଓ ଫ୍ରେଣ୍ଡ୍‌ସ କ୍ଲବ ଖୋର୍ଦ୍ଧା ମଧ୍ୟରେ ମ୍ୟାଚ ହେବ ବୋଲି କମିଟି ସମ୍ପାଦକ ନନ୍ଦ କିଶୋର ସ୍ୱାଇଁ ସୂଚନା ଦେଇଛନ୍ତି।

# ଡିଷ୍ଟ୍ରିକ୍ଟ ଆଥ୍‌ଲେଟିକ ଆସୋସିଏଶନ ଝାରସୁଗୁଡ଼ା ସେମିରେ

ବେଗୁନିଆ,୨୭।୨(ହର ପ୍ରସନ୍ନ ପଣ୍ଡା)

## ସର୍ବଭାରତୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

ବେଗୁନିଆ ବ୍ଲକ ଅନ୍ତର୍ଗତ କୁଶପଲ୍ଲା ମିନି ଷ୍ଟାଡିୟମରେ ଚାଲିଥିବା ସର୍ବଭାରତୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ମଙ୍ଗଳବାର ଝାରସୁଗୁଡ଼ାର ଡିଷ୍ଟ୍ରିକ୍ଟ ଆଥ୍‌ଲେଟିକ ଆସୋସିଏଶନ ଓ ଚକ୍ରଧରପୁର (ଝାଡ଼ଖଣ୍ଡ)ର ଡିଏମ୍‌ଏଫ୍‌ଏସ୍‌ସ୍ କ୍ଲବ ମଧ୍ୟରେ ମ୍ୟାଚ୍ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଟାଇବ୍ରେକରରେ ୫-୪ ଗୋଲରେ ଏଥିରେ ଝାରସୁଗୁଡ଼ାର ଡିଷ୍ଟ୍ରିକ୍ଟ ଆଥ୍‌ଲେଟିକ ଆସୋସିଏଶନ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ସକାବତ ଅଲ୍ଲୀ ଖାନ ମ୍ୟାଚ ପରିଚାଳନା କରିଥିବା ବେଳେ ରାଜୁ ମହାନ୍ତି, ପ୍ରିୟବ୍ରତ ବାହିନୀପତି ଓ ସାଗୀର ରହମତ ଲାଇନ୍ସରେ ସହଯୋଗ କରିଥିଲେ। ସାମାଜିକକର୍ମୀ ବ୍ରଜବନ୍ଧୁ ସୁବୁଦ୍ଧି, ଅବଦୁଲ ଜବାର ଖାଁ, କାହ୍ନୁଚରଣ ପଟ୍ଟନାୟକ, ମୌଲାନ ମଜୁବୁର ରେହେମାନ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ରମାକାନ୍ତ ପାତ୍ର ଓ ଫଏଜଲ ହୁସେନ ଖାଁ ମ୍ୟାଚର ଧାରା ବିବରଣୀ ପ୍ରଦାନ କରିଥିଲେ। ଆୟୋଜକ ଆଥ୍‌ଲେଟିକ ଆସୋସିଏଶନର ଉପଦେଷ୍ଟା ଦୟାନ ଖାଁଙ୍କ ଅଧ୍ୟକ୍ଷତାରେ ସମସ୍ତ ସଦସ୍ୟମାନେ ମ୍ୟାଚ ପରିଚାଳନାରେ ସହଯୋଗ କରିଥିଲେ। ବୁଧବାର ଡିଷ୍ଟ୍ରିକ୍ଟ ଆଥ୍‌ଲେଟିକ ଆସୋସିଏଶନ ଝାରସୁଗୁଡ଼ା ଓ ହାୱଡା (କୋଲକାତା) ଫ୍ରେଣ୍ଡସ କ୍ଲବ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ହେବ ବୋଲି ଆୟୋଜକ କ୍ଲବ ପକ୍ଷରୁ ସୂଚନା ଦିଆଯାଇଛି।



ମ୍ୟାଚ୍ ପୂର୍ବରୁ ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ।

# 'ଆମ ଗାଁ ମହୋତ୍ସବ' ଉଦ୍‌ଯାପିତ

ଖୋର୍ଦ୍ଧା,୨୭।୨(ପ୍ରଭାତ ପାଣିଗ୍ରାହୀ)

ବେଗୁନିଆ ବ୍ଲକ କଣ୍ଟାବାଡ ପଞ୍ଚାୟତ ଅନ୍ତର୍ଗତ ମଲ୍ଲୀପଦର ଗ୍ରାମରେ ଚାଲିଥିବା 'ଆମ ଗାଁ ମହୋତ୍ସବ' ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଅନୁଷ୍ଠାନ ଉପଦେଷ୍ଟା ରାଜ କିଶୋର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଦିବସରେ ରାଜନେତା ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥି, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ମୁଖ୍ୟ ବକ୍ତା, ସରପଞ୍ଚ ଦେବାଶିଷ ବେହେରା, ସମାଜସେବୀ ସୁବାସ ଚନ୍ଦ୍ର ମହାନ୍ତି, ମାନସ ରଞ୍ଜନ ଦାଶ, ଶିବ ନାରାୟଣ ମିଶ୍ର, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଉପେନ୍ଦ୍ର ଦାଶ, ସମ୍ପାଦକ ଶିଶିର କୁମାର ଆଚାର୍ଯ୍ୟ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ମହୋତ୍ସବ ଭାଇଚାରା ସମ୍ପର୍କ ସୃଷ୍ଟି କରିଥାଏ ବୋଲି ମତପ୍ରକାଶ ପାଇଥିଲା। କଳା ସଂସ୍କୃତି ଉଜ୍ଜିବୀତ ହେଲେ ଗ୍ରାମାଞ୍ଚଳ ସୁଦୃଢ଼ ହେବ। ଏଥିସହିତ ଗ୍ରାମୀଣ କଳାର ବିକାଶ ଓ ସମୃଦ୍ଧ ହେଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏଭଳି ମହୋତ୍ସବ ଗ୍ରାମ ଗ୍ରାମ ମଧ୍ୟରେ ଭାବର ଆଦାନ ପ୍ରଦାନ ସହ ସମ୍ପର୍କ, ବନ୍ଧୁତ୍ୱକୁ ଯୋଡିଥାଏ। ଲୋକକଳା ପରିଚୟ ଦେବା ସହ ପ୍ରତିଷ୍ଠା, ସମ୍ମାନ ଦେଇଥାଏ ବୋଲି ମତପ୍ରକାଶ ପାଇଥିଲା। ସଭା ପ୍ରାରମ୍ଭରେ ମୃତ୍ୟୁଞ୍ଜୟ ପଣ୍ଡା ବେଦ ପାଠ କରିଥିଲେ। ଶ୍ରୀକାନ୍ତ କୁମାର ନାୟକ ସଂଯୋଜନା, ଦିଲ୍ଲୀପ କୁମାର ପାଣିଗ୍ରାହୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶେଷରେ ଅନୁଷ୍ଠାନ ପକ୍ଷରୁ ସାମ୍ବାଦିକ ସତ୍ୟ ନାରାୟଣ ଦାଶ, ଯୋଗେଶ୍ୱର ପଣ୍ଡା, ଗୀତିକାନ୍ତ ପଣ୍ଡା, ଆଦର୍ଶ ଶିକ୍ଷକ ବିବେକାନନ୍ଦ ମିଶ୍ର, ଉଦ୍‌ଘୋଷକ ମୃତ୍ୟୁଞ୍ଜୟ ପଣ୍ଡା, ଶ୍ରୀକାନ୍ତ କୁମାର ନାୟକ, ଫାର୍ମାସିଷ୍ଟ ଅମୀୟ କୁମାର ପଣ୍ଡା ଓ ଅଭିନେତା ତାରେଶ୍ୱର ମହାପାତ୍ର, ଚିତ୍ରଶିଳ୍ପୀ ପ୍ରକାଶ ଚନ୍ଦ୍ର ନାୟକ, ବିନୋଦ ବେହେରା ଓ ଶାନ୍ତିଲତା ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜ୍ୟ ସରକାରଙ୍କ କଳା ଓ ସଂସ୍କୃତି ବିଭାଗ ପକ୍ଷରୁ ସଙ୍ଗୀତମ ପୁରୀ, ଉତ୍କଳ ପାଇକ ଆଖଡ଼ା, ଜାଗୃତି ଅନୁଷ୍ଠାନ ଜଟଣୀ, ସୁର ସରଗମ ଲୁଇସିଂହା ଓ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ଆଧୁନିକ ନୃତ୍ୟ ପରିବେଷଣ ହୋଇଥିଲା। ଶେଷରେ ଅନୁଷ୍ଠାନର ସଭାପତି ବିଦ୍ୟାଧର ମହାରଣା ଧନ୍ୟବାଦ ଦେଇଥିଲେ।



ଅତିଥିମାନେ କାର୍ଯ୍ୟକ୍ରମର ଶୁଭାରମ୍ଭ କରୁଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୭।୨।୨୦୨୪

| | |
|---|---|
| ୨,୧୭,୦୫୧ ଟଙ୍କା | |
| ସୁନା | ୨୫.୫୮୦ ଗ୍ରାମ୍ |
| ରୁପା | ୧୨.୮୦୦ ଗ୍ରାମ୍ |

## ସଂକ୍ଷେପରେ

### ୨୪ ପ୍ରକଳ୍ପର ଉଦ୍‌ଘାଟନ, ଭିତ୍ତିପ୍ରସ୍ତର ସ୍ଥାପନ କଲେ ବିଧାୟକ

ଚାରିଛକ,(ଶିଶିର ସ୍ୱାଇଁ)/ ନିମାପଡ଼ା (ରଞ୍ଜନ ପଟ୍ଟନାୟକ) ୨୭।୨:

ନିମାପଡ଼ା ଏନ୍ଏସି ସମେତ ଚାରିଛକ ଥାନା ଅଧୀନ ଛଣିଜଙ୍ଗ ପଞ୍ଚାୟତର ଆମ୍ବର, କେଉଟି ସାଳଦା, ବ୍ଲକ ଅଧୀନ ୧୧ଟି ପଞ୍ଚାୟତରେ ଆରଡ଼ି, ଆରଡବ୍ଲୁଏସ୍ଏସ୍, ଇରିଗେଶନ ବିଭାଗର ମିଳିତ ଭାବେ ମୋଟ ୯୫ କୋଟି ଟଙ୍କା ମୂଲ୍ୟର ୨୪ଟି ପ୍ରକଳ୍ପକୁ ମଙ୍ଗଳବାର ବିଧାୟକ ସମୀର ରଞ୍ଜନ ଦାଶ ଭିତ୍ତିପ୍ରସ୍ତର ଏବଂ ଉଦ୍‌ଘାଟନ କରିଛନ୍ତି। କାର୍ଯ୍ୟକ୍ରମରେ ନିମାପଡ଼ା ବ୍ଲକ ଅଧ୍ୟକ୍ଷ ଶଙ୍କର ଭୋଇ, ବ୍ଲକ ଉପାଧ୍ୟକ୍ଷା ଅନୁସୟା ମହାନ୍ତି, ବ୍ଲକ ସଭାପତି ଅଶୋକ ସାହୁ, ପୂର୍ବତନ ଉପାଧ୍ୟକ୍ଷ ଅଜୟ ସ୍ୱାଇଁ, ନଗରପାଳ ସସ୍ମିତା ସାହୁ, ଉପନଗରପାଳ ସନ୍ତୋଷ କୁମାର ଦାଶ, ନଗର ସଭାପତିସଭାପତିଜୀବନାନନ୍ଦ ମହାପାତ୍ର, ଜିଲା ପରିଷଦ ପ୍ରଦୀପ୍ତ ଖଟୋଇ, ପୂର୍ବତନ ନଗରପାଳ ସନକ ପ୍ରଧାନଙ୍କ ସମେତ ଛଣିଜଙ୍ଗ ପଞ୍ଚାୟତର ପ୍ରାୟ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ କର୍ମୀ ଉପସ୍ଥିତ ଥିଲେ।

### ଦେଶୀ ମଦ ଜବତ, ପୋଚ ନଷ୍ଟ କଲା ପୋଲିସ

ପୁରୀ,୨୭।୨(ଅଜିତ୍ ମହାନ୍ତି):

ଚନ୍ଦନପୁର ଥାନା ପୋଲିସ ପକ୍ଷରୁ ଥାନା ଅଧୀନ ବିଭିନ୍ନ ଗ୍ରାମରେ ଚଢ଼ାଉ କରାଯାଇ ବିପୁଳ ପରିମାଣର ଦେଶୀ ମଦ, ପୋଚ ଜବତ କରାଯାଇ ନଷ୍ଟ କରାଯାଇଛି। ବେଆଇନ ମଦ ବିକ୍ରି ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରିଥିବାବେଳେ ଅନ୍ୟ ଜଣେ ଫେରାର ଅଛନ୍ତି। ବେଆଇନ ଦେଶୀ ମଦ ପ୍ରସ୍ତୁତ ହେଉଥିବା ଖବରପାଇ ଚନ୍ଦନପୁର ପୋଲିସ ଚଢ଼ାଉ କରିଥିଲା। ୩ ହଜାର ଲିଟର ପୋଚ ଜବତ ସହ ୮ ଲିଟର ଦେଶୀ ମଦ ପୋଲିସ ଜବତ କରିଛି। ଏଥିସହ ମଦ ପ୍ରସ୍ତୁତ ସାମଗ୍ରୀ ଜବତ ହୋଇଛି।

# ଅତ୍ୟାଧୁନିକ କ୍ରୀଡ଼ା ଭିତ୍ତିଭୂମି ଯୁବ କ୍ରୀଡ଼ାବିତ୍‌ଙ୍କୁ ପ୍ରୋତ୍ସାହିତ କରିବ

### ଶ୍ରୀଜଗନ୍ନାଥ ଷ୍ଟାଡିୟମ, ମହିଳା କ୍ରିକେଟ୍ ଏକାଡେମୀ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

ପୁରୀ,୨୭।୨(ଅଜିତ୍ ମହାନ୍ତି):

ଅତ୍ୟାଧୁନିକ କ୍ରୀଡ଼ା ଭିତ୍ତିଭୂମି ଯୁବ କ୍ରୀଡ଼ାବିତ୍‌ଙ୍କୁ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ପ୍ରୋତ୍ସାହିତ କରିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ମଙ୍ଗଳବାର ଅପରାହ୍ନରେ ପୁରୀ ପେଣ୍ଟକଟାସ୍ଥିତ ଶ୍ରୀଜଗନ୍ନାଥ କ୍ରିକେଟ୍ ଷ୍ଟାଡିୟମ ଓ ମହିଳା କ୍ରିକେଟ୍ ଏକାଡେମୀର ଉଦ୍‌ଘାଟନ ହୋଇଯାଇଛି। କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ଆଭାସି ମାଧ୍ୟମରେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବକ୍ତବ୍ୟରେ କହିଥିଲେ, ରାଜ୍ୟ ସରକାର କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କ ବିକାଶ ପାଇଁ ପ୍ରତିଶ୍ରୁତିବଦ୍ଧ। ଆମ କ୍ରୀଡ଼ା ଭିତ୍ତିଭୂମିକୁ ବିଶ୍ୱସ୍ତରୀୟ କରାଯାଉଛି। କ୍ରୀଡ଼ାବିତ୍ ନିଜର ସ୍ୱପ୍ନ ପୂରଣ ସହ ରାଜ୍ୟ ଓ ଦେଶ ପାଇଁ ସଫଳ ହୋଇ ପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା ରାଜ୍ୟ ସରକାର କ୍ରୀଡ଼ାର ଭିତ୍ତିଭୂମିକୁ ସୁଦୃଢ଼ୀକରଣ ପାଇଁ ପୂର୍ବରୁ ୬୬୦ କୋଟି ଟଙ୍କା ଖର୍ଚ୍ଚ କରିବା ସହ ଐତିହାସିକ ବାରବାଟୀ ଷ୍ଟାଡିୟମକୁ ବିଶ୍ୱସ୍ତରୀୟ କରିବାର ବ୍ୟବସ୍ଥା କରିଥିବା ନେଇ ସୂଚନା ଦେଇଥିଲେ। ରାଜ୍ୟ ସଭା ଏମ୍‌ପି ଶୁଭାଶିଷ ଖୁଣ୍ଟିଆ କହିଥିଲେ, ଶ୍ରୀଜଗନ୍ନାଥ ଷ୍ଟାଡିୟମ୍‌ର ଉଦ୍‌ଘାଟନ ଫଳରେ କ୍ରୀଡ଼ାବିତ୍ ଉକ୍ତ ଷ୍ଟାଡିୟମ୍‌ରେ ରେଗୁଲାର ଭାବରେ ଖେଳିପାରିବେ। ଏଥିରେ କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କ ଉନ୍ନତି ହେବ ବୋଲି ଆଶା ରହିଛି। ଆଗାମୀ ଦିନରେ ଶ୍ରୀଜଗନ୍ନାଥ କ୍ରିକେଟ୍ ଷ୍ଟାଡିୟମ ଖେଳ କ୍ଷେତ୍ରରେ ଆଗକୁ ବଢ଼ିବ ବୋଲି ଖୁଣ୍ଟିଆ କହିଥିଲେ। କାର୍ଯ୍ୟକ୍ରମରେ ଜିଲା ପରିଷଦର ଅଧ୍ୟକ୍ଷା ସ୍ୱପ୍ନାରାଣୀ ସ୍ୱାଇଁ, ଉପଜିଲାପାଳ ଗୋପୀନାଥ କୁଅଁର, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ, ଜିଲା କ୍ରୀଡ଼ା ସଂସଦର ପୂର୍ବତନ ଉପସଭାପତି ରାମଚନ୍ଦ୍ର ଦାସ ମହାପାତ୍ର, ପୂର୍ବତନ ସମ୍ପାଦକ ରବି ଶଙ୍କର ପ୍ରତିହାରୀ, ଅନ୍ୟାନ୍ୟ ସଦସ୍ୟ, କ୍ରୀଡ଼ାବିତ୍ ଓ କ୍ରୀଡ଼ା ହଷ୍ଟେଲରେ ରହୁଥିବା ଅନ୍ତେବାସୀ ଉପସ୍ଥିତ ଥିଲେ।



ଶ୍ରୀଜଗନ୍ନାଥ ଷ୍ଟାଡିୟମ, ମହିଳା କ୍ରିକେଟ୍ ଏକାଡେମୀ ଉଦ୍‌ଘାଟନୀ ଅବସରରେ ଏମ୍‌ପି ଶୁଭାଶିଷ ଖୁଣ୍ଟିଆ ଓ ଅନ୍ୟ ଅତିଥିମାନେ ।

# କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ବଦଳି ପ୍ରତିବାଦରେ ଦାବିପତ୍ର

ପୁରୀ,୨୭।୨(ଅଜିତ୍ ମହାନ୍ତି):

ପୁରୀ ପୌରପାଳିକାର କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ବଦଳି ପ୍ରତିବାଦ କରି ମଙ୍ଗଳବାର ବିଭିନ୍ନ ଉଠା ଦୋକାନୀ ବ୍ୟବସାୟ ସଂଘ, କିଛି ବସ୍ତି ବାସିନ୍ଦା ଏବଂ ସମାଜିକ ଅନୁଷ୍ଠାନ ପକ୍ଷରୁ ଜିଲାପାଳଙ୍କ ଜରିଆରେ ଓଡ଼ିଶା ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ଶାସନ ସଚିବଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଅଭିଯୋଗ ପତ୍ରରେ ଦର୍ଶାଯାଇଛି, ବର୍ତ୍ତମାନର କାର୍ଯ୍ୟ ନିର୍ବାହୀ ଅଧିକାରୀ ମନୋଜ ବେହେରା କିଛିଦିନ ତଳେ ଦାୟିତ୍ୱ ଗ୍ରହଣ କରିଥିଲେ। ସେ ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଭାବେ ଦାୟିତ୍ୱରେ ଥିବାବେଳେ ଐତିହ୍ୟ ସହର ପୁରୀ ପାଇଁ ଅନେକ କାର୍ଯ୍ୟ କରିଥିଲେ। ବର୍ତ୍ତମାନ ପୁରୀ ପୌରପାଳିକାର କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାବେ ଦାୟିତ୍ୱ ନେବା ପରେ ସହରର ସର୍ବାଙ୍ଗୀନ ଉନ୍ନତି ପାଇଁ ଅନେକ କାର୍ଯ୍ୟ କରିବେ ବୋଲି ଶ୍ରୀକ୍ଷେତ୍ରବାସୀ ଆଶା ରଖିଛନ୍ତି। ଏହିଭଳି ପରିସ୍ଥିତିରେ ବେହେରାଙ୍କ ରାଜ୍ୟ ବାହାରକୁ ବଦଳି ସମ୍ପୂର୍ଣ୍ଣ ପୁରୀବାସୀଙ୍କ ମନରେ ଦୁଃଖ ଭରି ଦେଇଛି। ପୁରୀ ସହରକୁ ସ୍ୱଚ୍ଛ ପରିମଳ ରଖିବାରେ ତାଙ୍କର ସ୍ୱତନ୍ତ୍ର ଭୂମିକା ରହିଛି। ଗରିବ ଅସହାୟ ଦୁଃଖୀ ରଙ୍କିଙ୍କ ସମସ୍ୟା ସମାଧାନ କରିବାରେ ସେ ସବୁବେଳେ ଚେଷ୍ଟିତ ଥିଲେ। ଅପରପକ୍ଷରେ ତାଙ୍କର କାର୍ଯ୍ୟକାଳକୁ ୩ ବର୍ଷ ମଧ୍ୟ ପୂରଣ ହୋଇନାହିଁ। ତେଣୁ ପୁରୀର ବିକାଶ ପାଇଁ ଚିନ୍ତା କରି ଗୃହ ଓ ନଗର ଉନ୍ନୟନ ବିଭାଗ ଏଥିପ୍ରତି ତୁରନ୍ତ ଧ୍ୟାନ ଦେଇ ବେହେରାଙ୍କୁ ପୂର୍ବ ପଦବୀକୁ ଫେରାଇ ଅଣାଯାଉ ବୋଲି ଦାବି କରିଛନ୍ତି।

# ବିଜେଡିରେ ମିଶିଲେ ୩୦୦ ଭାଜପା କର୍ମୀ


ବିଜେଡିର ମିଶ୍ରଣ ପର୍ବରେ ସୁନୀଲ କୁମାର ମହାନ୍ତି ଓ ଅନ୍ୟମାନେ ।

ପୁରୀ, ୨୭।୨(ଅଜିତ୍ ମହାନ୍ତି)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି, ଆଦର୍ଶ ଓ ଜନହିତକର କାର୍ଯ୍ୟକ୍ରମରେ ଆକୃଷ୍ଟ ହୋଇ ବିଜୁ ଜନତା ଦଳର ପୁରୀ ଜିଲା ସଭାପତି ଦିବାକର ପାତ୍ରଙ୍କ ତତ୍ତ୍ୱାବଧାନରେ ସୁନୀଲ କୁମାର ମହାନ୍ତିଙ୍କ ଉପସ୍ଥିତିରେ ସୋମବାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରୀ ସଦର ନିର୍ବାଚନମଣ୍ଡଳୀ ଅଧୀନ ଇଡିଭୂଆଁ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଆଳଶଙ୍ଖା ଗ୍ରାମର ପ୍ରାୟ ୩୦୦ କର୍ମୀ ଭାଜପା ଛାଡ଼ି ବିଜୁ ଜନତା ଦଳରେ ଯୋଗଦେଇଛନ୍ତି। ସମସ୍ତଙ୍କ ଯୋଗଦାନ ପୁରୀ ବିଜେଡିକୁ ତୃଣମୂଳ ସ୍ତରରୁ ଆହୁରି ସୁଦୃଢ଼ କରିବ ବୋଲି ଜିଲା ସଭାପତି କହିଥିଲେ। ସେହିପରି ବିଜୁ ଯୁବ ଜନତା ଦଳର ରାଜ୍ୟ ଉପସଭାପତି ମହାନ୍ତି କହିଥିଲେ, ଚଳିତ ଥର ବିଜେଡି ପୁରୀ ବିଧାନସଭା ମଣ୍ଡଳୀ ସହିତ ସମଗ୍ର ଜିଲାରେ ଭଲ ଫଳାଫଳ ପ୍ରଦର୍ଶନ କରିବ। ବିଜେଡି ଲୋକଙ୍କ ଦଳ। ସଦାସର୍ବଦା ରାଜ୍ୟବାସୀଙ୍କ ଉନ୍ନତି ଦିଗରେ ମୁଖ୍ୟମନ୍ତ୍ରୀ କାର୍ଯ୍ୟ କରିଆସୁଛନ୍ତି। ତେଣୁ ଆଗାମୀ ନିର୍ବାଚନରେ ନବୀନ ପଟ୍ଟନାୟକଙ୍କୁ ପୁନର୍ବାର ମୁଖ୍ୟମନ୍ତ୍ରୀ କରିବା ପାଇଁ ସମସ୍ତେ ସଙ୍କଳ୍ପ ନେବା ବୋଲି ମହାନ୍ତି କହିଥିଲେ।

# ନବମ ସନ୍ଧ୍ୟାର ନାଟକ 'ସନ୍ଦେଶ'


ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ମଞ୍ଚସ୍ଥ ନାଟକ 'ସନ୍ଦେଶ'ର ଏକ ଦୃଶ୍ୟ ।

ପୁରୀ,୨୭।୨(ଅଜିତ୍ ମହାନ୍ତି):

### ୧୬ତମ ରାଜ୍ୟସ୍ତରୀୟ ମଞ୍ଚ ନାଟକର ପ୍ରତିଯୋଗିତା

ଅନୁଷ୍ଠାନ ଆମର ପକ୍ଷରୁ ୧୬ତମ ରାଜ୍ୟସ୍ତରୀୟ ମଞ୍ଚ ନାଟକ ପ୍ରତିଯୋଗିତାର ନବମ ସନ୍ଧ୍ୟାରେ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ନାଟକ ସନ୍ଦେଶ ମଙ୍ଗଳବାର ମଞ୍ଚସ୍ଥ ହୋଇଯାଇଛି। ଏହି ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ଚକ୍ରଧର ମହାପାତ୍ର, ସମ୍ମାନିତ ଅତିଥି ଭାବେ ଶିଳ୍ପପତି ସୀମନ୍ତ ଦାଶ, ସାମାଜିକ କର୍ମୀ ଶ୍ରୀକଣ୍ଠ ମିଶ୍ର, ବରିଷ୍ଠ ସେବାୟତ ଭଗବାନ ସୁଆର, ନାଟ୍ୟ ନିର୍ଦ୍ଦେଶକ ଗଣେଶ ମହାପାତ୍ର, ଅନୁଷ୍ଠାନର ସାଧାରଣ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ମହାନ୍ତି ଏବଂ ଅନୁଷ୍ଠାନ ସଭାପତି ଭରତ ନାୟକ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ନୂପୁର ଅନୁଷ୍ଠାନ ବାରିପଦାର ନିର୍ଦ୍ଦେଶକ କୁମର ମଣି ନାୟକଙ୍କୁ ଅତିଥିଙ୍କ ଦ୍ୱାରା ସମ୍ମାନିତ କରାଯିବା ସହ ୭ ହଜାର ଟଙ୍କା ଉପସ୍ଥାପନା ଖର୍ଚ୍ଚ ପ୍ରଦାନ କରାଯାଇଥିଲା। ପରେ ପରେ ନୂପୁର ଅନୁଷ୍ଠାନ ବାରିପଦା ପକ୍ଷରୁ ନାଟକ 'ସନ୍ଦେଶ' ପରିବେଷଣ କରାଯାଇଥିଲା। ଯେଉଁଥିରେ ଦର୍ଶାଯାଇଛି। ପ୍ରଗତି ନାରେ ଦୁର୍ଗତିର ଚେର ମାଡ଼ି ଚାଲିଛି। 'ଆହେ ଦୟାମୟ ବିଶ୍ୱବିହାରୀ', 'ସତ୍ୟ ପଥେ ଧର୍ମ ପଥେ ଘେନି ଯାଅ ମତେ', 'ମୋ ଜୀବନ ପଛେ ନର୍କେ ପଡିଥାଉ ଜଗତ ଉଦ୍ଧାର ହେଉ'ର ସାରମର୍ମ, ସନ୍ଦେଶ ଭାରତୀୟ ସଂସ୍କୃତିର ମୂଳାଧାର ବସୁଧୈବ କୁଟୁମ୍ବକମ୍ ମନ୍ତ୍ର ଆଜି ଗପରେ ପରିଣତ ହୋଇଛି। ମହାବିପତ୍ତ ଆସିବା ପୂର୍ବରୁ ନିଜକୁ ସୁଧାରି ନେବା। ସର୍ବେ ଭବନ୍ତୁ ସୁଖୀନଃ ମନ୍ତ୍ର ଉପରେ ଆସ୍ଥା ସ୍ଥାପନ କରିବା ଆଦି ନାଟକର ସାରାଂଶ ରହିଥିଲା। ଅନୁଷ୍ଠାନର ସାଧାରଣ ସମ୍ପାଦକ ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

### ଫିଂଶିଙ୍ଗ କ୍ୟାଟକୁ ପିଟି ମାରିଦେଲେ ଅଞ୍ଚଳବାସୀ

ଗୋପ,୨୭।୨(ଭାରତୀ ଭୂଷଣ ଉପାଧ୍ୟାୟ):

ଗୋପ ଥାନା ଅଧୀନ ପଲ୍ଲୀ ଛକ ନିକଟରୁ ଫିଂଶିଙ୍ଗ କ୍ୟାଟକୁ ମଙ୍ଗଳବାର ସ୍ଥାନୀୟ ଅଞ୍ଚଳବାସୀ ପିଟି ପିଟି ମାରିଦେଇଥିବା ଜଣାପଡ଼ିଛି। ସୂଚନା ମୁତାବକ, ଗୋପ ଏବଂ ତା' ଆଖପାଖ ଅଞ୍ଚଳରେ ଏକ ବାଘକୁ ନେଇ ଆତଙ୍କ ସୃଷ୍ଟି ହୋଇଥିଲା। ମଙ୍ଗଳବାର ସେ ନିକଟସ୍ଥ କାଦୁଆ ନଦୀ କୂଳରେ ବୁଲୁଥିଲା। ସ୍ଥାନୀୟ ଲୋକେ ତାକୁ ଦେଖିବା ବେଳକୁ ସେ ଲୋକଙ୍କୁ କାମୁଡିବାକୁ ଗୋଡ଼ାଇଥିଲା। ପରେ ସେ ନିକଟ ଗ୍ରାମ ଭିତରେ ପଶି ଯାଇଥିବାବେଳେ ସ୍ଥାନୀୟ ଲୋକେ ତାକୁ ପିଟିଥିଲେ। ପରେ ସେମାନେ ତାକୁ କାବୁ କରିଥିଲେ। ହେଲେ ଏହାର କିଛି ସମୟ ପରେ ପ୍ରାଣୀଟିର ମୃତ୍ୟୁ ହୋଇଥିଲା। ଏନେଇ ଗୋପ ବନ ଅଧିକାରୀ ରମେଶ ଚନ୍ଦ୍ର ଜାନିକୁ ପଚାରିବାରେ, ସେ ଖବରପାଇ ଘଟଣାସ୍ଥଳରେ ପହଞ୍ଚି ସେହି ଅଞ୍ଚଳ ଅସ୍ତରଙ୍ଗ ବନ ବିଭାଗ ଅଧୀନରେ ଥିବାରୁ ସେମାନେ ଅସ୍ତରଙ୍ଗ ବନ ବିଭାଗକୁ ଜଣାଇଥିଲେ। ସେମାନେ ସେଠାରେ ପହଞ୍ଚି ମୃତ ପ୍ରାଣୀଟିକୁ ଜବତ କରିଥିଲେ। ତେବେ ଉକ୍ତ ପ୍ରାଣୀଟି ବାଘ ନୁହେଁ, ଫିଂଶିଙ୍ଗ କ୍ୟାଟ ବୋଲି ବନ ବିଭାଗ ସ୍ପଷ୍ଟ କରିଛି।

### କଣ୍ଟେନର ଜବତ, ୨୩ ଗୋରୁ ଉଦ୍ଧାର

ଗୋପ,୨୭।୨(ଭାରତୀ ଭୂଷଣ ଉପାଧ୍ୟାୟ):

କଲିକତାକୁ ଗୋରୁ ଚୋରାବେଳେ ନୟାହାଟ ଫାଣ୍ଡି ଅଧିକାରୀ କୁନାଲ କୁମାର ୨୩ ଗୋଟି ଗୋରୁ ସହିତ କଣ୍ଟେନର ଗାଡ଼ି(ଓଡି-୦୨ଇ-୯୬୪୦)କୁ ସୋମବାର ବିଳମ୍ବିତ ରାତିରେ ଜବତ କରିଛି। ଫାଣ୍ଡି ଅଧିକାରୀଙ୍କ ଅଭିଯୋଗରେ ପୋଲିସ ୮୯/୨୪ରେ ଏକ ମାମଲା ରୁଜୁ କରି ଗୋରୁଙ୍କୁ ଉଦ୍ଧାର କରି ବାଲିଘାଇସ୍ଥିତ ଏକ ଗୋଶାଳାରେ ଛାଡ଼ିଛି। ପ୍ରକାଶ ଯେ, ଏହି ଗୋରୁ ଚୋରା ଚାଲାଣ ଗାଡ଼ିଟି ନୟାହାଟ ଫାଣ୍ଡି ଅଞ୍ଚଳରୁ ବାହାର ରାଜ୍ୟକୁ ଚାଲାଣ ହେଉଥିବା ଅଭିଯୋଗ ପାଇ ଫାଣ୍ଡି ଅଧିକାରୀ କୁନାଲ କୁମାର ସୁଜାଗଡ ନିକଟରେ ଗାଡ଼ିକୁ ଧରିବାବେଳେ ଚାଳକ ସେଠାରୁ ଚମ୍ପଟ ମାରିଥିଲେ।

# ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆଙ୍କୁ ସମ୍ବର୍ଦ୍ଧନା



ପୁରୀ,୨୭।୨(ଅଜିତ୍ ମହାନ୍ତି)

ଜଗନ୍ନାଥ ବଲ୍ଲଭ ବ୍ୟାୟାମ କୁସ୍ତି ପରିଷଦ ପକ୍ଷରୁ ପୁରୀର ନବନିର୍ବାଚିତ ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆଙ୍କୁ ସମ୍ବର୍ଦ୍ଧନା କରାଯାଇଛି। ଏ ନେଇ ସୋମବାର ଜଗନ୍ନାଥ ବଲ୍ଲଭ ପରିସରରେ ଥିବା ମହାବୀର ମନ୍ଦିର ପ୍ରାଙ୍ଗଣରେ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟ କ୍ରୀଡା ସଂସଦର ପୂର୍ବତନ ସାଧାରଣ ସମ୍ପାଦକ ରବିଶଙ୍କର ପ୍ରତିହାରୀ, ସମ୍ମାନିତ ଅତିଥି ଭାବେ ଜଗନ୍ନାଥ ବଲ୍ଲଭର କାର୍ଯ୍ୟନିର୍ବାହୀ ଅଧିକାରୀ ସଂଗ୍ରାମ ଦାସ, ଲକ୍ଷ୍ମୀକାନ୍ତ ବେହେରା, ସନ୍ଦୀପ ଅଗ୍ରୱାଲ, ସିବୁନା ଦାସ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ଶୁଭାଶିଷଙ୍କୁ ପୁଷ୍ପଗୁଚ୍ଛ ଓ ତୈଳ ଚିତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଖୁଣ୍ଟିଆ କହିଥିଲେ, ଶ୍ରୀସେତୁ କାର୍ଯ୍ୟ ହେବା ସମୟରେ ବ୍ୟାୟାମ କୁସ୍ତିଘର ଭାଙ୍ଗିଯିବାରୁ ସଦସ୍ୟମାନେ ହଇରାଣ ହେଉଛନ୍ତି। ତେବେ କୁସ୍ତିଘର ପୁନର୍ବାର ନୂତନ ଭାବେ ଗଢି ଉଠିବ। ନୂତନ ଘର ନିର୍ମାଣ ପାଇଁ ସେ ଜିଲାପାଳଙ୍କ ସହ ଆଲୋଚନା କରି ଅର୍ଥ ମଞ୍ଜୁର କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ସମସ୍ତ ବ୍ୟାୟାମ କୁସ୍ତି ପରିଷଦର ସଦସ୍ୟମାନେ ଉପସ୍ଥିତ ଥିଲେ।

# ବରିଷ୍ଠ ପ୍ରଶାସନିକ ଅଧିକାରୀ ସ୍ତରରେ ଅଦଳବଦଳ

ପୁରୀ ୨୭।୨( ଅଜିତ୍ ମହାନ୍ତି):

ଆଗାମୀ ନିର୍ବାଚନରେ ସ୍ୱଚ୍ଛତା ରଖିବା ଲକ୍ଷ୍ୟରେ ୩ ବର୍ଷରୁ ଊର୍ଦ୍ଧ୍ୱ ଗୋଟିଏ ଜିଲାରେ କାମ କରିଥିବା ଅଧିକାରୀଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ଏହି ପରିପ୍ରେକ୍ଷୀରେ ପୁରୀରେ ପ୍ରଶାସନିକସ୍ତରରେ ମଧ୍ୟ ବଦଳି କରାଯାଇଛି। ଶ୍ରୀମନ୍ଦିର ପ୍ରଶାସନର ଉପପ୍ରଶାସକଭାବେ କାମ କରୁଥିବା ଭବତାରଣ ସାହୁଙ୍କୁ ଭୁବନେଶ୍ୱର ଡେଭ୍‌ଲପମେଣ୍ଟ ଅଥୋରିଟିର ଲ୍ୟାଣ୍ଡ ଅଫିସର ଭାବେ ବଦଳି କରାଯାଇଛି। ଦୀର୍ଘବର୍ଷ ହେବ ସାହୁ ପୁରୀର ଉପଜିଲାପାଳ ଭାବେ କାର୍ଯ୍ୟ କରୁଥିଲେ। କିଛିଦିନ ପୂର୍ବେ ତାଙ୍କୁ ଶ୍ରୀମନ୍ଦିର ପ୍ରଶାସନର ଉପପ୍ରଶାସକ ଭାବେ ବଦଳି କରାଯାଇଥିଲା। ତେବେ ଉକ୍ତ ଦାୟିତ୍ୱକୁ ପ୍ରାୟ ଏକ ମାସ ହୋଇଥିବା ବେଳେ ପୁଣି ସାହୁଙ୍କୁ ଭୁବନେଶ୍ୱରକୁ ବଦଳି କରାଯାଇଛି। ସେହିପରି ଅତିରିକ୍ତ ଜଲାପାଳ(ପ୍ରୋଟୋକଲ) ଭାବେ ଦାୟିତ୍ୱ ତୁଲାଉଥିବା ଶରତ ଚନ୍ଦ୍ର ମହାପାତ୍ରଙ୍କୁ ଅନୁଗୋଳ ଜିଲାର ଅତିରିକ୍ତ ଜିଲାପାଳ ଭାବେ ବଦଳି କରାଯାଇଛି। ସେହିପରି ନୀଳମାଧବ ଭୋଇ ପୁରୀର ନୂତନ ଅତିରିକ୍ତ ଜିଲାପାଳ ଭାବେ ନିଯୁକ୍ତି ପାଇଛନ୍ତି। ପୁରୀ ଜିଲା ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଦେବାଶିଷ ପଟ୍ଟନାୟକଙ୍କୁ କୋରାପୁଟ ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀଭାବେ ବଦଳି ହୋଇଛି। ତାଙ୍କ ସ୍ଥାନରେ ବ୍ରହ୍ମପୁରରେ କାର୍ଯ୍ୟରତ ପ୍ରିୟରଞ୍ଜନ ପୃଷ୍ଟି ପୁରୀର ନୂତନ ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀଭାବେ ନିଯୁକ୍ତ ପାଇଛନ୍ତି। ସେହିଭଳି ରାଜୀବ କୁମାର ବେହେରାଙ୍କୁ ଜିଲା ପରିଷଦର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀଭାବେ ନିଯୁକ୍ତି ପାଇଛନ୍ତି। ପୁରୀର ଅତିରିକ୍ତ ଉପଜିଲାପାଳ ପାର୍ଥସାରଥୀ ହାଂସଦାଙ୍କ ଗଞ୍ଜାମକୁ ବଦଳି ହୋଇଛି। ତାଙ୍କ ସ୍ଥାନରେ ଛତ୍ରପୁରର ଅତିରିକ୍ତ ଉପଜିଲାପାଳ ନୀଳମାଧବ ମାଝି ପୁରୀର ଅତିରିକ୍ତ ଉପଜିଲାପାଳଭାବେ ନିଯୁକ୍ତ ପାଇଥିବା ଜଣାପଡିଛି।

# 'ଆଚାର୍ଯ୍ୟ ହରିହରଙ୍କ ସମର୍ପଣ ତାଙ୍କୁ ଚିର ଅମର କରି ରଖିବ'

ପୁରୀ,୨୭।୨(ଅଜିତ୍ ମହାନ୍ତି):

ଆଚାର୍ଯ୍ୟ ହରିହରଙ୍କ ସେବା, ସମର୍ପଣ ଓ ତ୍ୟାଗ ତାଙ୍କୁ ଚିର ଅମର କରି ରଖିବ। ତାଙ୍କ ଭଲ ମଣିଷ ହୁଅର ଆହ୍ୱାନ ମଣିଷ ଚରିତ୍ରକୁ ସବୁଦିନ ସଂସ୍କାରିତ କରି ଚାଲିଥିବ। ଜିଲା ପ୍ରଶାସନ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ଓ ଆଚାର୍ଯ୍ୟ ହରିହର ସ୍ମୃତି ସଂସଦ ପକ୍ଷରୁ ଆଚାର୍ଯ୍ୟ ହରିହରଙ୍କ ଜୟନ୍ତୀ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ଅବସରରେ ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ଡ. ଶରତ ଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ତାଙ୍କ ବକ୍ତବ୍ୟରେ ଏହା କହିଥିଲେ। ପ୍ରାରମ୍ଭରେ ହରିହର ଛକସ୍ଥିତ ଆଚାର୍ଯ୍ୟ ହରିହରଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ମାଲ୍ୟାର୍ପଣ କରିବା ପରେ ଗାନ୍ଧୀ ଘାଟଠାରେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ ମହାପାତ୍ର ଆଚାର୍ଯ୍ୟ ହରିହରଙ୍କ ବାଗ୍ମିତା, ମେଧା ଓ ବୁଦ୍ଧିମତ୍ତା ଅନନ୍ୟ ବୋଲି କହିବା ସହ ତାଙ୍କ ଆଦର୍ଶ ଓ ଜୀବନ ଦର୍ଶନ ସମଗ୍ର ମାନବ ଜାତିର ପ୍ରେରଣାର ଉତ୍ସ ବୋଲି କହିଥିଲେ। ଗାନ୍ଧିବାଦୀ ଗୌରାଙ୍ଗ ଚରଣ ପରିଡ଼ା, ସ୍ମୃତି ସଂସଦର ସଦସ୍ୟ ମାୟାଧର ମହାରଣା, ଡ. ଦେବ ପ୍ରସାଦ ଦାଶ ପ୍ରମୁଖ ଯୋଗଦେଇ ଆଚାର୍ଯ୍ୟଙ୍କ ସ୍ମୃତିଚାରଣ କରିଥିଲେ। ଅନୁଷ୍ଠାନ ସଭାପତି ଉମାବଲ୍ଲଭ ମହାପାତ୍ର ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ସ୍ମୃତି ସଂସଦ ସମ୍ପାଦକ ଶିବ ପ୍ରସାଦ ମିଶ୍ର ସମସ୍ତଙ୍କୁ ସ୍ୱାଗତ ସହ ସର୍ବଧର୍ମ ପ୍ରାର୍ଥନା ପରିବେଷଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପଖଣ୍ଡ ଲୋକ ସମ୍ପର୍କ ଅଧିକାରୀ ରଘୁନାଥ ସେଠୀ, ସ୍ମୃତି ସଂସଦ ସଦସ୍ୟ ସୁକାନ୍ତ ମହାନ୍ତି, ଜୟନ୍ତୀ ମହାପାତ୍ର, ବାସୁଦେବ ସାହୁ, ଜ୍ୟୋସ୍ନା ନାୟକ, ଗିରିଜା ଶଙ୍କର ପାଢ଼ୀ, ଗଙ୍ଗାଧର ଦାଶ ପ୍ରମୁଖ ଯୋଗଦେଇଥିଲେ। ପୂର୍ବରୁ ଅନୁଷ୍ଠିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଓ ଛାତ୍ର ବୃତ୍ତି ପାଇଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଯୁଗ୍ମ ସମ୍ପାଦକ ନବ କିଶୋର ରଥ ଧନ୍ୟବାଦ ଦେଇଥିଲେ।



ଆଚାର୍ଯ୍ୟ ହରିହରଙ୍କ ଜୟନ୍ତୀ ସମାରୋହରେ ଅତିଥି ଓ କୃତୀ ଛାତ୍ରୀଛାତ୍ରମାନେ ।

# ମିଶନ ଶକ୍ତି ଜରିଆରେ ମହିଳାଙ୍କ ବିକାଶ ହେଉଛି

ଅସ୍ତରଙ୍ଗ,(ପ୍ରଦୀପ୍ତ ଦୀକ୍ଷିତ)/ ଡେଲାଙ୍ଗ, (ରଶ୍ମିରଞ୍ଜନ ପ୍ରଧାନ)/ ପିପିଲି, (ପ୍ରଭାତ କୁମାର ମହାପାତ୍ର/ଦୁର୍ଗା ପ୍ରସାଦ ମିଶ୍ର)/ନିମାପଡ଼ା,(ରଞ୍ଜନ ପଟ୍ଟନାୟକ)/ ଗୋପ, (ଭାରତୀ ଭୂଷଣ ଉପାଧ୍ୟାୟ)୨୭।୨:

ମିଶନ ଶକ୍ତି ଜରିଆରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ସୁଧ ଛାଡ଼ ଋଣ ବଣ୍ଟନ କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସି ମାଧ୍ୟମରେ ମଙ୍ଗଳବାର ଉଦ୍‌ଘାଟନ କରିଛନ୍ତି। ଅସ୍ତରଙ୍ଗ ବ୍ଲକ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା, ବ୍ଲକ ଅଧ୍ୟକ୍ଷା ଆରତୀ ନାୟକ, ଏମ୍‌ପିଙ୍କ ପ୍ରତିନିଧି ଚମ୍ପକ ବାରିକ୍, ୧ନଂ. ଜୋନ ଜିଲା ପରିଷଦ ସଭ୍ୟା ସରସ୍ୱତୀ ସ୍ୱାଇଁ, ୨ନଂ. ଜୋନ ଜିଲା ପରିଷଦ ସଭ୍ୟା ବନିତା ବେହେରା, ବ୍ଲକ ଉପାଧ୍ୟକ୍ଷ ଦୃଜୟ ମିଶ୍ର, ବିଡିଓ ସୁଶ୍ରୀ ସସ୍ମିତା ବେହେରା, ମିଶନ ଶକ୍ତି ସଂଯୋଜିକା ନିବେଦିତା ଦୀକ୍ଷିତଙ୍କ ସହ ବିଭିନ୍ନ ବ୍ୟାଙ୍କ ଶାଖା ପ୍ରବନ୍ଧକ ଉପସ୍ଥିତ ଥିଲେ। ମହିଳାମାନଙ୍କୁ ବିନା ସୁଧରେ ୧୨୦୫ ଏସ୍ଏଚ୍‌ଜି ଗ୍ରୁପକୁ ୬୧ ଲକ୍ଷ ୭୨ ହଜାର ୧୬୫ ଟଙ୍କା ସୁଧ ଛାଡ଼ କରାଯାଇଛି। ଏଥିସହ ୟୁନିଫର୍ମ ଓ ବ୍ଲେଜର ପ୍ରଦାନ କରାଯିବ। ମଞ୍ଚ ଉପରେ ବିଭିନ୍ନ ପଞ୍ଚାୟତର ୫୦ଟି ଏସ୍ଏଚ୍‌ଜି ଗ୍ରୁପକୁ ସହାୟତା ରାଶି ପ୍ରଦାନ କରାଯାଇଥିଲା।

ଡେଲାଙ୍ଗ ପଞ୍ଚାୟତ ସମିତି ଅଧ୍ୟକ୍ଷା ବସନ୍ତୀ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମାବେଶରେ ସ୍ଥାନୀୟ ବିଧାୟକ ରୁଦ୍ରପ୍ରତାପ ମହାରଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଉପାଧ୍ୟକ୍ଷ ଦୁର୍ବାସା ନିଶଙ୍କ, ଜିଲା ପରିଷଦ ପ୍ରସନ୍ନ ସାହୁ, ଦୀପ୍ତିଶ୍ରୀ ରାଉତରାୟ, ସିଡିପିଓ ଜାପାନୀ କୁମାରୀ ମିତ୍ର, ବିପିଏମ୍ ନନ୍ଦିତା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଯୋଜନାରେ ମହିଳାଙ୍କୁ ବିନା ସୁଧରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପ୍ରଦାନ ୫୦ଟି ମହିଳା ଗୋଷ୍ଠୀକୁ ଚେକ୍ ପ୍ରଦାନ କରାଯାଇଥିଲା।


ପିପିଲିଠାରେ ମିଶନ ଶକ୍ତି କାର୍ଯ୍ୟକ୍ରମରେ ବିଧାୟକ ରୁଦ୍ର ପ୍ରତାପ ମହାରଥୀ ଚେକ୍ ପ୍ରଦାନ କରୁଛନ୍ତି ।

ପିପିଲିସ୍ଥିତ ମାଣିକ ଗାର୍ଡେନଠାରେ ଆୟୋଜିତ ସମାବେଶରେ ସମସ୍ତ ଏସ୍ଏଚ୍‌ଜି ଗ୍ରୁପକୁ ବିନା ସୁଧରେ ୧୦ ଲକ୍ଷ ଋଣ ଛାଡ଼ କରାଯାଇଛି। କାର୍ଯ୍ୟକ୍ରମରେ ପିପିଲି ବିଧାୟକ ମହାରଥୀ ଉପସ୍ଥିତ ଥିଲେ। ବ୍ଲକ ଉପାଧ୍ୟକ୍ଷ ପ୍ରଫୁଲ୍ଲ ସ୍ୱାଇଁ କାର୍ଯ୍ୟକ୍ରମର ଅଧ୍ୟକ୍ଷତା କରିଥିଲେ। ବିଡିଓ ସରୋଜ ରାଉତ, ସିଡିପିଓ ତପସ୍ୱିନୀ ସୋନା, ଜିଲା ପରିଷଦ ସଭ୍ୟ ଧରଣୀଧର ସାହୁ, ବ୍ଲକ ଅଧ୍ୟକ୍ଷା ଦେବସ୍ୱନୀ ନନ୍ଦ, ଏନ୍ଏସି ଅଧ୍ୟକ୍ଷ ସେକ ବାବୁ, ବିଧାୟକ ପ୍ରତିନିଧି ଆର୍ତ୍ତବନ୍ଧୁ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

ଶହୀଦ ଭବନ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ବିଧାୟକ ସମୀର ରଞ୍ଜନ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ୨୭ ଶହ ମହିଳା ଗୋଷ୍ଠୀଙ୍କୁ ୧କୋଟି ୪୦ ଲକ୍ଷ ଟଙ୍କା ସୁଧ ମୁକ୍ତ ଋଣ ପ୍ରଦାନ କରିଥିଲେ। ଏଥିରେ ବିଡିଓ ଭୁବନାନନ୍ଦ ପଟ୍ଟନାୟକ, ସିଡିପିଓ ତନୁପ୍ରଭା ବେଉରା, ବ୍ଲକ କାର୍ଯ୍ୟକ୍ରମ ସଂଯୋଯକ ଦେବବ୍ରତ ବିଶ୍ୱାଳ, ବିପିଏମ୍ ମଧୁଛନ୍ଦା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

ଗୋପ ବ୍ଲକରେ ଏହି କାର୍ଯ୍ୟକ୍ରମରେ ବିଡିଓ ଛବିରାଣୀ ସାହୁ ଅଧ୍ୟକ୍ଷତା କରିଥିଲେ। ଏଥିରେ ବ୍ଲକ ଅଧ୍ୟକ୍ଷା ଝୁନୁ ମଲ୍ଲିକ୍, ଗୋପ ବ୍ଲକ ମହିଳା ମହାସଂଘ ସଭାନେତ୍ରୀ ମୀନାକ୍ଷୀ ପୁଷ୍ଟି, ସିଡିପିଓ ମୀନାକ୍ଷୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ୧ ହଜାରରୁ ଅଧିକ ମହିଳା ଯୋଗଦେଇ ଥିବାବେଳେ କେତେକ ମହିଳା ଗୋଷ୍ଠୀକୁ ସୁଧ ଛାଡ଼ ଋଣ ଯୋଜନାରେ ଚେକ୍ ପ୍ରଦାନ କରାଯାଇଥିଲା।

## ସଂକ୍ଷେପରେ

### ପ୍ରତିବର୍ଷ ପୁରସ୍କୃତ ହେବେ ଓଡ଼ିଆ ଭାଷାର ଶ୍ରେଷ୍ଠ ପ୍ରୁଫ୍-ସଂଶୋଧକ

କଟକ,୨୭।୨ (କାର୍ତ୍ତିକ ସାହୁ)

ପୁସ୍ତକ, ପତ୍ରିକା, ଖବରକାଗଜ ଆଦିରେ ଭାଷାକୁ ଶୁଦ୍ଧ ଓ ତ୍ରୁଟିଶୂନ୍ୟ କରିବାରେ ପ୍ରୁଫ୍ ସଂଶୋଧକମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ସେମାନଙ୍କୁ ଉତ୍ସାହିତ କରିବା ସହ ଓଡ଼ିଆ ଭାଷା ପ୍ରକାଶନକୁ ଋଦ୍ଧିମନ୍ତ କରାଇବା ନିମନ୍ତେ ଅଧ୍ୟାପିକା ନୀହାରିକା ଦାସ ସ୍ମୃତି ନ୍ୟାସ ପକ୍ଷରୁ ପ୍ରଥମ ଥର ପାଇଁ ଏକ ପ୍ରୟାସ ଆରମ୍ଭ କରାଯାଇଛି। ପ୍ରତିବର୍ଷ ଓଡ଼ିଆ ଭାଷାର ଶ୍ରେଷ୍ଠ ପ୍ରୁଫ୍-ସଂଶୋଧକଙ୍କୁ ଚୟନକରି ପୁରସ୍କୃତ କରାଯିବାକୁ ନ୍ୟାସ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏନେଇ କଟକ ବାଖରାବାଦସ୍ଥିତ ଗାନ୍ଧୀ ଭବନଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ନ୍ୟାସର ଆବାହକ ଦୀପକ କୁମାର ମହାନ୍ତ ଘୋଷଣା କରିଛନ୍ତି। ସେ କହିଛନ୍ତି, ସମ୍ପ୍ରତି ମୁଦ୍ରଣ ପ୍ରଯୁକ୍ତିବିଦ୍ୟାର ଯଥେଷ୍ଟ ଉନ୍ନତି ଘଟିଥିବାରୁ ଓଡ଼ିଆ ଭାଷାରେ ବହୁ ସଂଖ୍ୟକ ପୁସ୍ତକ ପ୍ରକାଶିତ ହେଉଛି। ମାତ୍ର ପ୍ରକାଶିତ ପୁସ୍ତକଗୁଡ଼ିକରେ ବନାନଗତ ଓ ବ୍ୟାକରଣଗତ ତ୍ରୁଟି ରହୁଥିବା ଅନେକ କ୍ଷେତ୍ରରେ ଦେଖିବାକୁ ମିଳୁଛି। ଏହାଦ୍ୱାରା ଓଡ଼ିଆ ଭାଷା, ସାହିତ୍ୟ ବିକୃତ ହୋଇଯାଉଛି। ଗୁରୁତର ସହ ପ୍ରୁଫ୍-ଦେଖାଯାଉ ନ ଥିବାରୁ ତ୍ରୁଟି ସଂଶୋଧନ ହୋଇପାରୁନାହିଁ। ଉନ୍ନତ ଦେଶଗୁଡ଼ିକରେ ପ୍ରୁଫ୍-ସଂଶୋଧନ ଉପରେ ଅଧିକ ଗୁରୁତ୍ୱ ଦିଆଯାଉଥିବାବେଳେ ଭାରତରେ ତାହାକୁ ହାଲୁକା ଭାବରେ ନିଆଯାଉଛି। ଏପରି କି ଆଦୌ ପ୍ରୁଫ୍-ସଂଶୋଧକଙ୍କ ସାହାଯ୍ୟ ନ ନେଇ ମଧ୍ୟ ଆମେ ବହି ଛାପିଦେଉଛନ୍ତି। ଉପଯୁକ୍ତ ପ୍ରୁଫ୍-ସଂଶୋଧକଙ୍କ ଅଭାବ ସମ୍ପ୍ରତି ଓଡ଼ିଆ ଭାଷା ଓ ସାହିତ୍ୟ କ୍ଷେତ୍ରରେ ସବୁଠାରୁ ବଡ଼ ସଂକଟ ରୂପେ ଉଭାହୋଇଛି। ଏହି ପରିପ୍ରେକ୍ଷୀରେ ପ୍ରୁଫ୍-ସଂଶୋଧନର ଗୁରୁତ୍ୱକୁ ସମାଜ ଆଗରେ ଉପସ୍ଥାପନ କରିବା ସଙ୍ଗେ ସଙ୍ଗେ ଉଚ୍ଚଶିକ୍ଷିତ ଯୁବକଙ୍କୁ ଏ ଦିଗରେ ଆକର୍ଷିତ କରିବା ଲକ୍ଷ୍ୟ ରଖାଯାଇଛି। ଅଧ୍ୟାପିକା ନୀହାରିକା ଦାସ ସ୍ମୃତି ନ୍ୟାସ ପକ୍ଷରୁ ପ୍ରତିବର୍ଷ ଶ୍ରେଷ୍ଠ ପ୍ରୁଫ୍-ସଂଶୋଧକଙ୍କୁ ଅର୍ଥରାଶି ସହ ପୁରସ୍କୃତ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଚୟନବେଳେ ଉଭୟ ପେସାଦାର ଓ ସୌଖୀନ ପ୍ରୁଫ୍-ସଂଶୋଧକଙ୍କ କଥା ବିଚାରକୁ ନିଆଯିବ ବୋଲି ମହାନ୍ତ ଘୋଷଣା କରିଛନ୍ତି। ନ୍ୟାସର ସଦସ୍ୟ ଡ. ଶଙ୍କର୍ଷଣ ମିଶ୍ର, ଡ. ନାରାୟଣ ମହାନ୍ତି ଓ ଡ. ସୁଶାନ୍ତ କୁମାର ଦାସ ସମ୍ମିଳନୀରେ ଉପସ୍ଥିତ ଥିଲେ।

### ଭାଜପାର ସାଙ୍ଗଠନିକ ବୈଠକ

କଟକ ସଦର, ୨୭।୨ (ସୁଶାନ୍ତ କୁମାର ଜେନା)

୪୨ ମୌଜା ଥାନା ଅନ୍ତର୍ଗତ ବ୍ରହ୍ମପୁର ପଞ୍ଚାୟତର ଶ୍ରୀରାମଠାରେ ଭାଜପାର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା କୃଷକ ମୋର୍ଚ୍ଚା ସମ୍ପାଦକ ଶୁଭନ୍ୟାସ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରଧାନମନ୍ତ୍ରୀଙ୍କ ଜନ କଲ୍ୟାଣକାରୀ ଯୋଜନା ସମ୍ପର୍କିତ ବାର୍ତ୍ତା ପ୍ରତ୍ୟେକ ଘରେ ପହଞ୍ଚିବା ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ ପ୍ରତି ବୁଥ୍‌ରେ କମିଟି ଗଠନ କରାଯାଇ ପଞ୍ଚାୟତ ପ୍ରମୁଖ ଏବଂ ସହ ପ୍ରମୁଖଙ୍କୁ ମନୋନୀତ କରାଯାଇଥିଲା। ଏହି ବୈଠକରେ ମୁଖ୍ୟ ଅତିଥି ଭାବେ କୃଷକ ମୋର୍ଚ୍ଚା ରାଜ୍ୟ ଉପସଭାପତି ହୃଷୀକେଶ ଜେନା, ଜିଲା ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ପ୍ରଦୀପ କୁମାର ବେହେରା, ଜିଲା ସାଧାରଣ ସମ୍ପାଦକ ଆଲୋକ ଚନ୍ଦ୍ର ମହାନ୍ତି, ମଣ୍ଡଳ ସଭାପତି ପିୟୂଷ ରଞ୍ଜନ ପରିଡା, ମଣ୍ଡଳ ମହିଳା ମୋର୍ଚ୍ଚା ସଭାନେତ୍ରୀ ସୁମିତା ଦେବତା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପଞ୍ଚାୟତର କେତେଜଣ ଯୁବକ ଦଳରେ ସାମିଲ ହୋଇଥିଲେ। ମଣ୍ଡଳ ସାଧାରଣ ସମ୍ପାଦକ ସରୋଜ ସାସମଲ ଧନ୍ୟବାଦ ଦେଇଥିଲେ।

# ନିରୀକ୍ଷକ ଦାୟିତ୍ୱରୁ ହଟିଲେ ଶିକ୍ଷୟିତ୍ରୀ

କଟକ/ନରସିଂହପୁର,୨୭।୨ (କାର୍ତ୍ତିକ ସାହୁ/ନିରଞ୍ଜନ ଦେବକୁମାର)



**ମାଟ୍ରିକ ପରୀକ୍ଷା ଦାୟିତ୍ୱ ନିର୍ବାହରେ ଅବହେଳା**

■ ଦେଖୁଥିଲେ ବି ବିରୋଧ କରୁ ନ ଥିଲେ

ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ନିରୀକ୍ଷକ ଦାୟିତ୍ୱ ନିର୍ବାହରେ ଅବହେଳା ପାଇଁ ଜଣେ ଶିକ୍ଷୟିତ୍ରୀଙ୍କୁ ପରୀକ୍ଷା କାର୍ଯ୍ୟରୁ ହଟାଇ ଦିଆଯାଇଛି। ଶିକ୍ଷୟିତ୍ରୀ ଜଣକ ଶୃଙ୍ଖଳିତ ପରୀକ୍ଷା ପରିଚାଳନା କରିବା ବଦଳରେ କପି କରିବାକୁ ସୁଯୋଗ ଦେଇଥିଲେ। ଏହା ସିସିଟିଭି କ୍ୟାମେରାରେ ରେକର୍ଡ ହୋଇଥିଲା। ଏଭଳି ଘଟଣା କଟକ ଜିଲା ନରସିଂହପୁର ବ୍ଲକ ଅଞ୍ଚଳର ଅନନ୍ତ ନାରାୟଣ ହାଇସ୍କୁଲରେ ଦେଖିବାକୁ ମିଳିଛି। ନିଲମ୍ବିତ ଶିକ୍ଷୟିତ୍ରୀ ଜଣକ ହେଲେ ପାତଣ୍ଡା ଶଙ୍କର୍ଷଣ ଉଚ୍ଚ ବିଦ୍ୟାଳୟର ଅନୁସୟା ମହାରଣା।

ସୂଚନା ଅନୁଯାୟୀ, ଗତ ୨୦ ତାରିଖରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇଛି। ଅନନ୍ତ ନାରାୟଣ ହାଇସ୍କୁଲରେ ଶୃଙ୍ଖଳା ରକ୍ଷା ପାଇଁ ନରସିଂହପୁର ଥାନାରେ କାର୍ଯ୍ୟରତ ଜଣେ ମହିଳା ଗୃହରକ୍ଷୀ ନିୟୋଜିତ ହୋଇଥିଲେ। ପ୍ରଥମ ଦିନ ମାତୃଭାଷା ପରୀକ୍ଷା ଚାଲୁଥିବାବେଳେ ମହିଳା ଗୃହରକ୍ଷୀ ଜଣକ କୌଣସି କାର୍ଯ୍ୟ ନ ଥାଇ ମଧ୍ୟ ଏକ ପରୀକ୍ଷା ହଲ୍‌ରେ ପ୍ରବେଶ କରି ଜଣେ ଛାତ୍ରୀଙ୍କୁ ଏକ ଉତ୍ତର ମୂଳକ କାଗଜ କପି ପ୍ରଦାନ କରିଥିଲେ। ଉକ୍ତ ପରୀକ୍ଷା ହଲ୍‌ରେ ନିରୀକ୍ଷକ ଭାବେ ନିୟୋଜିତ ଥିବା ଶିକ୍ଷୟିତ୍ରୀ ମହାରଣା ଏହାକୁ ଦେଖିଥିଲେ। ହେଲେ ସେ କୌଣସି ପ୍ରତିକ୍ରିୟା ପ୍ରକାଶ କରି ନ ଥିଲେ କି ଏଭଳି ବେଆଇନ୍ କାର୍ଯ୍ୟକୁ ବିରୋଧ କରି ନ ଥିଲେ। ହେଲେ ଏସବୁ ଦୃଶ୍ୟ ହଲ୍ ମଧ୍ୟରେ ଲାଗିଥିବା ସିସିଟିଭି କ୍ୟାମେରାରେ ରେକର୍ଡ ହୋଇଯାଇଥିଲା। ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ମୁଖ୍ୟାଳୟରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଜ୍ଞାନକୌଶଳ ଉପଯୋଗରେ ରହିଥିବା କଣ୍ଟ୍ରୋଲ ରୁମ୍‌ ଏ ସଂକ୍ରାନ୍ତୀୟ ତଥ୍ୟ ପ୍ରଦାନ କରିଥିଲା। ରାଜ୍ୟ ଯେତୋଟି ପରୀକ୍ଷା କେନ୍ଦ୍ରରେ ଏଭଳି ଅନିୟମିତତା ଓ ବେଆଇନ କାର୍ଯ୍ୟ ପରୀକ୍ଷା ପରିଚାଳନାକୁ ନେଇ ହୋଇଥିଲା ବୋର୍ଡ ପକ୍ଷରୁ ସମ୍ପୃକ୍ତ କର୍ମଚାରୀମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ସୁପାରିସ କରାଯାଇଥିଲା। ପରେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶକ୍ରମେ କଟକ ଜିଲା ଶିକ୍ଷାଧିକାରୀଙ୍କ ଚିଠି ନମ୍ବର ୨୩୩୯/୨୩-୨୪ ଅନୁଯାୟୀ ଦାୟିତ୍ୱ ନିର୍ବାହରେ ଅବହେଳା କାରଣରୁ ଶିକ୍ଷୟିତ୍ରୀ ମହାରଣାଙ୍କ ବିରୋଧରେ ନରସିଂହପୁର ବ୍ଲକ ଶିକ୍ଷାଧିକାରୀ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ପରୀକ୍ଷା ଦାୟିତ୍ୱରୁ ନିଲମ୍ବନ କରାଯାଇ ପରୀକ୍ଷା ସରିବା ପର୍ଯ୍ୟନ୍ତ ତାଙ୍କୁ ନିଜିଗଡ଼ ବାଳିକା ଉଚ୍ଚ ବିଦ୍ୟାଳୟରେ ଅବସ୍ଥାପିତ କରାଯିବା ପାଇଁ ନିର୍ଦ୍ଦେଶନାମା ଜାରି କରାଯାଇଥିବା ନରସିଂହପୁର ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଅର୍ଚ୍ଚନା ମଞ୍ଜରୀ ଦାଶ ସୂଚନା ଦେଇଛନ୍ତି।

# ଯୌତୁକ ପାଇଁ ବଧୂ ହତ୍ୟା ଅଭିଯୋଗ

ସାଲେପୁର,୨୭।୨ (ଅରବିନ୍ଦ ଭୂୟାଁ)

ସାଲେପୁର ଥାନା ନାନ୍ଦୋଳ ଗ୍ରାମର ଅଧିକ ଯୌତୁକ ପାଇଁ ମଙ୍ଗଳବାର ଶାଶୁଘର ଲୋକେ ଜଣେ ବଧୂଙ୍କୁ ହତ୍ୟା କରି ଆତ୍ମହତ୍ୟାର ରୂପ ଦେଇଥିବା ନେଇ ତାଙ୍କ ବାପା ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ସ୍ୱାମୀଙ୍କୁ ଥାନାରେ ଅଟକ ରଖି ପଚରା ଉଚୁରା କରୁଛି। ପୋଲିସ ସୂତ୍ରରୁ ପ୍ରକାଶ, ଥାନା ଅନ୍ତର୍ଗତ ବଣହରା ଗ୍ରାମର ତ୍ରୈଲୋକ୍ୟ ନାଥ କାଣ୍ଡିଙ୍କ ଝିଅ ସୁନୀତା (୨୪) ୪ ବର୍ଷ ତଳେ ବୈଦିକ ରୀତିରେ ନାନ୍ଦୋଳ ଗ୍ରାମର ଦିଲୁ କାଣ୍ଡିଙ୍କୁ ବିବାହ କରିଥିଲେ। ବିବାହ ସମୟରେ ବର ଘରର ଦାବି ମୁତାବକ କନ୍ୟାଘର ପକ୍ଷରୁ ଯୌତୁକ ବାବଦକୁ ସୁନାରୁପା ଅଳଙ୍କାର, ଆସବାବପତ୍ର ଓ ନଗଦ ଟଙ୍କା ଦିଆଯାଇଥିଲା। ଅଧିକ ଯୌତୁକ ଦାବି କରି ଶାଶୁଘର ଲୋକେ ସୁନୀତାଙ୍କୁ ଅଧିକାଂଶ ସମୟରେ ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ଆସୁଥିଲେ। ମଙ୍ଗଳବାର ସୁନୀତାଙ୍କୁ ଶାଶୁଘର ଲୋକେ ହତ୍ୟା କରି ବେକରେ ଶାଢ଼ି ବାନ୍ଧି ଆତ୍ମହତ୍ୟାର ରୂପ ଦେଉଥିବା ନେଇ ବାପା ତ୍ରୈଲୋକ୍ୟ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗକୁ ଗ୍ରହଣ କରି ନଂ.୯୯/୨୪ରେ ମାମଲା ରୁଜୁ କରିଛି। ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ବଡ ମେଡିକାଲକୁ ପଠାଇଛି। ସ୍ୱାମୀ ଦିଲୁଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା ଚାଲିଥିବା ଆଇଆଇସି ମନୋଜ କୁମାର ସ୍ୱାଇଁ କହିଛନ୍ତି।

# ଭବାନୀ ଶଙ୍କର କଟକ ଡିଆଇପିଆର୍‌ଓ

କଟକ,୨୭।୨ (କାର୍ତ୍ତିକ ସାହୁ)



ଭବାନୀ ଶଙ୍କର ଭୂୟାଁ

କଟକ ଜିଲାର ନୂତନ ସୂଚନା ଓ ଲୋକସମ୍ପର୍କ ଅଧିକାରୀ (ଡିଆଇପିଆର୍‌ଓ) ଭାବରେ ଭବାନୀ ଶଙ୍କର ଭୂୟାଁ କାର୍ଯ୍ୟରେ ଯୋଗ ଦେଇଛନ୍ତି। ଉପନିର୍ଦ୍ଦେଶକ ତଥା ପୂର୍ବତନ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ରଙ୍କଠାରୁ ସେ ବିଧିବଦ୍ଧ ଭାବେ କାର୍ଯ୍ୟାଳୟରେ ମଙ୍ଗଳବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ୧୯୯୭ ବ୍ୟାଚ୍‌ର ଓଡ଼ିଶା ସୂଚନା ସେବା ଅଧିକାରୀ ଭୂୟାଁ ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡରୁ ନିଜର ବୃତ୍ତିଗତ ଜୀବନ ଆରମ୍ଭ କରିଥିଲେ। ସେ ଭୁବନେଶ୍ୱର ସୂଚନା ଭବନର ମ୍ୟାନେଜର ଭାବେ ଦୀର୍ଘବର୍ଷ ଧରି ସଫଳତାର ସହ କାର୍ଯ୍ୟ କରିଥିଲେ। ଭିନ୍ନ ଭିନ୍ନ ସମୟରେ ବିଭିନ୍ନ ବିଭାଗର ମନ୍ତ୍ରୀମାନଙ୍କ ଲୋକସମ୍ପର୍କ ଅଧିକାରୀ ଭାବେ ମଧ୍ୟ ସେ ଦାୟିତ୍ୱ ସମ୍ପାଦନ କରିଛନ୍ତି। ଏହା ପୂର୍ବରୁ ସେ ବାଲେଶ୍ୱର ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ। ଏଥିସହ ସେ ରାଜ୍ୟ ସୂଚନା ସେବା ସଂଘର ସାଧାରଣ ସମ୍ପାଦକ ଦାୟିତ୍ୱ ନିର୍ବାହ କରୁଛନ୍ତି। ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟଠାରେ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ଭୂୟାଁଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଜିଲା ପ୍ରଶାସନ ଓ ଗଣମାଧ୍ୟମ ସହ ଉତ୍ତମ ସମନ୍ୱୟ ରକ୍ଷାକରି କାର୍ଯ୍ୟ ସମ୍ପାଦନ ପ୍ରକ୍ରିୟା ଜାରି ରହିବ ବୋଲି ଭୂୟାଁ ମତବ୍ୟକ୍ତ କରିଛନ୍ତି।

# 'ମନୋଜ ଦାସଙ୍କ ଗଳ୍ପ ସାହିତ୍ୟ ଅନନ୍ୟ'




ସାରସ୍ୱତ ସାଧକ ମନୋଜ ଦାସଙ୍କ ଜୟନ୍ତୀ ଉତ୍ସବରେ ଉପସ୍ଥିତ ଅତିଥି ବୃନ୍ଦ।

କଟକ,୨୭।୨ (କାର୍ତ୍ତିକ ସାହୁ)

ମନୋଜ ଦାସ ସ୍ମୃତି ସଂସଦ ଆନୁକୂଲ୍ୟରେ ପ୍ରଖ୍ୟାତ ସାରସ୍ୱତ ସାଧକ ମନୋଜ ଦାସଙ୍କ ଜୟନ୍ତୀ କଟକ ଶ୍ରୀରାମଚନ୍ଦ୍ର ଭବନଠାରେ ମଙ୍ଗଳବାର ପାଳିତ ହୋଇଯାଇଛି। ସଂସଦର ସଭାପତି ତରୁଣ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବେ ପ୍ରାବନ୍ଧିକ ଡ. ବାବାଜୀ ଚରଣ ପଟ୍ଟନାୟକ ଯୋଗଦେଇ ମନୋଜ ଦାସଙ୍କ ଗଳ୍ପ ସାହିତ୍ୟ ଅନନ୍ୟ ବୋଲି କହିଥିଲେ। ସମ୍ମାନିତ ଅତିଥି ଡ. ଜ୍ଞାନୀ ଦେବାଶିଷ ମିଶ୍ର ଓଡ଼ିଆ ସାରସ୍ୱତ ଜଗତକୁ ମନୋଜ ଦାସଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ। ଏହି ଅବସରରେ ଗାଳ୍ପିକା ସ୍ୱୟଂପ୍ରଭା ସାହୁଙ୍କୁ ମନୋଜ ସ୍ମୃତି ସାହିତ୍ୟ ପୁରସ୍କାର ପ୍ରଦାନ କରାଯାଇଥିଲା। ସ୍ମୃତି ସଂସଦର ସହସମ୍ପାଦିକା ସ୍ୱାତୀ ସୁଚରିତା ଅତିଥିଙ୍କୁ ଆମନ୍ତ୍ରଣ, ସମ୍ପାଦକ ପ୍ରକାଶ କୁମାର ପରିଡ଼ା ପ୍ରାରମ୍ଭିକ ସୂଚନା, ଉପସଭାପତି ଡ. ସୁନାମଣି ରାଉତ ଅତିଥି ପରିଚୟ ଓ ପରିଚାଳନା ସମ୍ପାଦକ ଦିଲ୍ଲୀପ କୁମାର ବେଉରା ଧନ୍ୟବାଦ ଦେଇଥିଲେ। ଡ. ସୁଲୋଚନା ଦାସ, ଦେବବ୍ରତ ମଦନରାୟ, ସହଦେବ ସାହୁ, ଡା. ସୁଦର୍ଶନ ପଟ୍ଟନାୟକ, ରଘୁନାଥ ମହାପାତ୍ର, ଅର୍ଜ୍ଜୁନ ଚରଣ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

# ଟାଙ୍ଗୀରେ ଲକ୍ଷ୍ମୀ ବସ୍ ଶୁଭାରମ୍ଭ

ମଙ୍ଗୁଳି-ଜଗତପୁର,୨୭।୨ (ମାନସ ସାମଲ)

କଟକ ଜିଲା ଟାଙ୍ଗୀ ଅଞ୍ଚଳରେ ଲକ୍ଷ୍ମୀ ବସ୍ ସେବା ମଙ୍ଗଳବାର ଶୁଭାରମ୍ଭ ହୋଇଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ୨ଟି ବସ୍ ଯୋଗାଇ ଦିଆଯାଇଛି। ସେଥିମଧ୍ୟରୁ ଗୋଟିଏ ଟାଙ୍ଗୀରୁ କରଞ୍ଜି ଗ୍ରାମ ଓ ଅନ୍ୟଟି ଟାଙ୍ଗୀରୁ କଖଡ଼ି ଗ୍ରାମ ପର୍ଯ୍ୟନ୍ତ ଯାତ୍ରା କରିବ। ବିଡିଓ ହେମନ୍ତ ମହନ୍ତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ପ୍ରଶାନ୍ତ ବେହେରା ଯୋଗଦେଇ ଏହି ବସ୍ ସେବାକୁ ଉଦ୍‌ଘାଟନ କରିଥିଲେ। ଆଗାମୀ ଦିନରେ ଲକ୍ଷ୍ମୀ ବସ୍ ସଂଖ୍ୟା ବଢିବ ବୋଲି ବିଧାୟକ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧ୍ୟକ୍ଷା ମିନାକ୍ଷୀ ଦାସ, ଉପାଧ୍ୟକ୍ଷା ସୁପ୍ରିୟା ଜେଠୀ, ଜିଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ସାମଲ, କୃଷ୍ଣଚନ୍ଦ୍ର ଦାସ, ଆମ୍ବାର ଅଧ୍ୟକ୍ଷ ରାଜେଶ ରଞ୍ଜନ ଷଡଙ୍ଗୀ, ଧିରେନ୍ଦ୍ର ଜେଠୀ, ନରେନ୍ଦ୍ର ରାଉତରାୟ, ପରମଜିତ୍ ମହାନ୍ତି ଓ ସରପଞ୍ଚ ତପସୀ ନାରାୟଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପରେ ବ୍ଲକ ପରିସରରେ ଏକ କାର୍ଯ୍ୟକ୍ରମରେ ବିଧାୟକ ବେହେରା ଯୋଗଦେଇ ମିଶନ ଶକ୍ତି ଗୃହ ଉଦ୍‌ଘାଟନ କରିବା ସହ ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ୧୪ଗୋଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ଲାପ୍‌ଟପ୍ ପ୍ରଦାନ କରିଥିଲେ।

# ଫୁଟ୍‌ବଲ: ଫାଇନାଲରେ ଶରଧାପୁର

ତିଗିରିଆ,୨୭।୨ (ଜାଫର ଖାଁ)

ତିଗିରିଆ ବ୍ଲକ ଅନ୍ତର୍ଗତ କରଡ଼ାପଲ୍ଲୀ ଖେଳ ପଡ଼ିଆଠାରେ ୭ମ ଯୁବ ଅହମ୍ମଦିୟା ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ମଙ୍ଗଳବାର ପ୍ରଥମ ସେମିଫାଇନାଲ ମ୍ୟାଚ ଯୁବଜ୍ୟୋତି କ୍ଲବ ପଙ୍କାଳ ସହ ଶରଧାପୁର ସ୍ପୋର୍ଟ୍ସ ଆସୋସିଏଶନ(ଖୋର୍ଦ୍ଧା) ମଧ୍ୟରେ ହୋଇଥିଲା। ଏଥିରେ ଶରଧାପୁର ଟିମ୍ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ମ୍ୟାଚର ପ୍ରଥମାର୍ଦ୍ଧର ୨୬ ମିନିଟ୍‌ରେ ଯୁବଜ୍ୟୋତି କ୍ଲବର ନଂ. ୭ ଖେଳାଳି ଦାରା ସିଂ ପ୍ରଥମ ଗୋଲ ସ୍କୋର କରି ଦଳକୁ ଅଗ୍ରଣୀ କରିଥିଲେ। ଦ୍ୱିତୀୟାର୍ଦ୍ଧର ୧୭ ମିନିଟ୍‌ରେ ଶରଧାପୁର ଦଳର ନଂ. ୧୦ ଖେଳାଳି ସୌମ୍ୟ ନାୟକ ଗୋଲ ସ୍କୋର କରି ଖେଳକୁ ସମାନ ସ୍ଥିତିକୁ ଆଣିଥିଲେ। ଟାଇବ୍ରେକର ମାଧ୍ୟମରେ ଶରଧାପୁର ୫-୪ ଗୋଲରେ ବିଜୟୀ ହୋଇଥିଲା। ଖେଳରେ ମୁଖ୍ୟ ଅତିଥି ଭାବେ ପଙ୍କାଳ ଗ୍ରାମ୍ୟ କମିଟି ସଭାପତି ଅବଦୁଲ ଇସମାଇଲ ଖାଁ, ସମ୍ମାନିତ ଅତିଥି ଭାବେ ଯୁବ ଅହମ୍ମଦିୟା ସଭାପତି ସୌକତ ଖାଁ, ଏସ୍. କେ. ତନ୍‌ବୀର ପ୍ରମୁଖ ଯୋଗଦେଇ ଥିଲେ। ଖେଳରେ ରେଫରି ଭାବେ ସଞ୍ଜୀବ ଦାଶ, ଲାଇନରେ ଶକ୍ତି ରଞ୍ଜନ ମହାପାତ୍ର ଓ ଶିରୋଜ ବକ୍ସ ସହଯୋଗ କରିଥିଲେ।

### ଓଟିଏମ୍ କଲୋନୀ, ବସ୍ତିବାସିନ୍ଦାଙ୍କୁ ଥଇଥାନ ପାଇଁ ଦାବିପତ୍ର

ଚୌଦ୍ୱାର,୨୭।୨ (ଆଶୁତୋଷ ଦାସ): ଚୌଦ୍ୱାରସ୍ଥିତ ଓଟିଏମ୍ ଭିତ୍ତିଭୂମି ଉପରେ ୱେଲସ୍ପନ୍ କମ୍ପାନୀ ଦ୍ୱାରା ସମନ୍ୱିତ ବୟନ ଶିଳ୍ପ ପ୍ରତିଷ୍ଠା ପାଇଁ ଗତ ୧୭ ତାରିଖରେ ମୁଖ୍ୟମନ୍ତ୍ରୀ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ଶିଳ୍ପ ପ୍ରତିଷ୍ଠା ପାଇଁ ବିସ୍ଥାପିତ ହେବାକୁ ଥିବା ପରିବାରକୁ ଥଇଥାନ ଲାଗି ପଦକ୍ଷେପ ନେବାକୁ କଟକ ଜିଲାପାଳଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିବା ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ଭିତ୍ତିପ୍ରସ୍ତର ସ୍ଥାପନ ସଭାରେ ଘୋଷଣା କରିଥିଲେ। ତେଣୁ ବିସ୍ଥାପିତ ହେବାକୁ ଥିବା ପରିବାରକୁ ଥଇଥାନ କରିବା ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ପାଇଁ ଓଟିଏମ୍ କଲୋନୀ ଓ ବସ୍ତିବାସିନ୍ଦା ଥଇଥାନ ସଙ୍ଗଠନ ପକ୍ଷରୁ ମଙ୍ଗଳବାର ଜିଲାପାଳ ବିନୀତ୍ ଭରଦ୍ୱାଜଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

# ମର୍କତନଗର ଥାନାଧିକାରୀଙ୍କ ବଦଳି ଅଟକିଲା

କଟକ,୨୭।୨ (କାର୍ତ୍ତିକ ସାହୁ)

**୩ ସପ୍ତାହରେ ନିଷ୍ପତ୍ତି ନେବାକୁ ଡିଜିପିଙ୍କୁ ନିର୍ଦ୍ଦେଶ**

କଟକ ଜିଲା ମର୍କତନଗର ଥାନାଧିକାରୀଙ୍କ ବଦଳିକୁ ବେଆଇନ ଦର୍ଶାଇ ରୁଜୁ ମାମଲାରେ ବଦଳି ଆଦେଶ ଉପରେ ହାଇକୋର୍ଟ ରୋକ୍ ଲଗାଇଛନ୍ତି। ବିଚାରପତି ଆଦିତ୍ୟ କୁମାର ମହାପାତ୍ର ମାମଲାର ଶୁଣାଣି କରି ଆବେଦନକାରୀଙ୍କୁ ବର୍ତ୍ତମାନର କାର୍ଯ୍ୟସ୍ଥଳୀରୁ ବଦଳି ନ କରିବାକୁ ଆଦେଶ ଦେଇଛନ୍ତି। ଏଥିସହ ଡିଜିପି ଓ ଆଇଜିପି ଆସନ୍ତା ୩ ସପ୍ତାହ ମଧ୍ୟରେ ଆଇନ ଅନୁଯାୟୀ ନିଷ୍ପତ୍ତି ନେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଯାହା ନିଷ୍ପତ୍ତି ନିଆଯିବ ସେନେଇ ଆବେଦନକାରୀ ଶୁଭ୍ରାନ୍ତ କୁମାର ଜେନାଙ୍କୁ ଜଣାଇବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ମର୍କତନଗର ଥାନା ଅଧିକାରୀ ଭାବେ ଆବେଦନକାରୀ ଜେନା ୨୦୨୩ ଅକ୍ଟୋବର ୨ ତାରିଖରେ ଯୋଗଦେଇଥିଲେ। ପୂର୍ବରୁ ସେ ତମାଣ୍ଡୋ ଥାନାଧିକାରୀ ଭାବେ କାର୍ଯ୍ୟ କରୁଥିଲେ। ପୁଣି ଗତ ୨୨ ତାରିଖରେ ତାଙ୍କର କେନ୍ଦୁଝର ବଦଳି ହୋଇଥିଲା। ଏହାକୁ ବିରୋଧ କରି ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ୨୦୨୩ ଡିସେମ୍ବର ୨୧ରେ ନିର୍ବାଚନ କମିଶନଙ୍କ ନିୟମ ମୁତାବକ ଏହି ବଦଳି ହୋଇଥିଲା। ମାତ୍ର ଥାନାଧିକାରୀଙ୍କ ଏହା ନିଜ ଜିଲା ହୋଇ ନ ଥିବାରୁ ଓ ସେ ଉକ୍ତ ପୋଲିସ ଜିଲାରେ ୩ ବର୍ଷ କାର୍ଯ୍ୟ କରି ନ ଥିବାରୁ ଏହି ବଦଳି ବେଆଇନ ବୋଲି ଦର୍ଶାଇଥିଲେ।

# 'ଜୀବନରେ ଆହ୍ୱାନକୁ ସ୍ୱାଗତ କର'

କଟକ,୨୭।୨ (କାର୍ତ୍ତିକ ସାହୁ)



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଶିଳ୍ପପତି ସୁବ୍ରତୋ ବାଗ୍‌ଚୀଙ୍କ ସହ ଅନ୍ୟମାନେ।

ବାସ୍ତବ ଦୁନିଆରେ ଆସୁଥିବା ଜୀବନର ଆହ୍ୱାନକୁ ସ୍ୱାଗତ କର। ନିଜ ଭିତରେ ନେତୃତ୍ୱର ଗୁଣ, ସୃଜନଶୀଳତା ଓ ବୃତ୍ତିଗତ ଭାବ ଜାଗ୍ରତ କରାଅ। ତାହେଲେ ନିଶ୍ଚୟ ସଫଳତ ମିଳିବ ବୋଲି ବିଶିଷ୍ଟ ଶିଳ୍ପପତି ତଥା ସୁବକ୍ତା ସୁବ୍ରତୋ ବାଗ୍‌ଚୀ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଛନ୍ତି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ବେଦ୍ କୁମାରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଆଲୋଚନାଚକ୍ରରେ ବାଗ୍‌ଚୀ ଯୋଗଦେଇ ଯୁବବର୍ଗଙ୍କ ଭିତରେ ଦକ୍ଷତା ବୃଦ୍ଧି କରାଯାଇପାରିବା ସମ୍ପର୍କରେ ଆଲୋକପାତ କରିଛନ୍ତି। କର୍ପୋରେଟ୍ ଦୁନିଆ, ଦକ୍ଷତା ବୃଦ୍ଧି, ନେତୃତ୍ୱ ଏବଂ ଔଦ୍ୟୋଗିକ ବିକାଶ ଆଦି ସମ୍ପର୍କରେ ସେ ଛାତ୍ରୀଛାତ୍ରଙ୍କୁ ବୁଝାଇଛନ୍ତି। ଏକତା କିପରି ବୃତ୍ତିଗତ ଓ ବ୍ୟକ୍ତିଗତ ଜୀବନରେ ସଫଳତା ଆଣି ଦେଇଥାଏ ଓ ଛାତ୍ରୀଛାତ୍ରମାନେ ନିଜ ଭିତରେ ନୈତିକତା ବଜାୟ ରଖିବାକୁ ସେ ପରାମର୍ଶ ଦେଇଛନ୍ତି। ସୁସ୍ଥ ସମାଜ ଗଠନରେ ଆଇନଜୀବୀମାନେ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି ବୋଲି ସେ କହିଛନ୍ତି। ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ଡ. ଆର୍ଯ୍ୟଲୋପା ମିଶ୍ର ଅତିଥି ପରିଚୟ ଓ କୁଳସଚିବ ପ୍ରଫେସର ଡ. ରଙ୍ଗୀନ୍ ପଲ୍ଲବ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।



କଟକ ବାରବାଟୀ ଷ୍ଟାଡିୟମ୍ ରୂପାନ୍ତରୀକରଣ ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ(ବାମ)ରୁ କ୍ରିକେଟର ଇର୍ଫାନ୍ ପଠାନ, ଆଇପିଏଲ ଚେୟାରମ୍ୟାନ ଅରୁଣ ସିଂ ଧୂମଲ, ଓସିଏ ସଭାପତି ପ୍ରଣବ ପ୍ରକାଶ ଦାସ, ବିଧାୟକ ସୌଭିକ୍ ବିଶ୍ୱାଳ, କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଓ ଅନ୍ୟମାନେ।





କଟକ ବାରବାଟୀ ଷ୍ଟାଡିୟମ୍‌ରେ ଆୟୋଜିତ ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ସ୍ୱୟମ ପାଢ଼ୀ ଓ ଦୀପ୍ତିରେଖା ପାଢ଼ୀ ସଙ୍ଗୀତ ପରିବେଷଣ କରୁଛନ୍ତି।




## ସଂକ୍ଷେପରେ

### ଜୟପ୍ରଦା ଫେରାର ଘୋଷିତ



**ନୂଆଦିଲ୍ଲୀ,୨୭।୨:** ଅଭିନେତ୍ରୀ ତଥା ପୂର୍ବତନ ଏମ୍‌ପି ଜୟପ୍ରଦା ଦୁଇଟି ମାମଲାରେ ଶୁଣାଣି ପାଇଁ ହାଜର ନ ହେବାରୁ ଏକ ସ୍ୱତନ୍ତ୍ର ଅଦାଲତ ତାଙ୍କୁ ଫେରାର ଘୋଷଣା କରିଛନ୍ତି। ୨୦୧୯ ଲୋକ ସଭା ନିର୍ବାଚନ ବେଳେ ଆଚରଣ ବିଧିର ଉଲ୍ଲଂଘନ କରିଥିବା ନେଇ ତାଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ସେତେବେଳେ ସେ ଭାଜପାରୁ ପ୍ରାର୍ଥୀ ହୋଇଥିଲେ।୭ ଥର ଜାମିନବିହୀନ ଗିରଫ ପରୱାନା ଜାରି ସତ୍ତ୍ୱେ ସେ କୋର୍ଟରେ ହାଜର ହୋଇ ନ ଥିଲେ। ଫଳରେ ସ୍ୱତନ୍ତ୍ର ଏମ୍‌ପି ଏମ୍‌ଏଲ୍‌ଏ କୋର୍ଟ ତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେଇଛି।

### ଦିଲ୍ଲୀ ଓ ହରିୟାଣାରେ ଲୋକ ସଭା ନିର୍ବାଚନ ପାଇଁ ଏଏପିର ପ୍ରାର୍ଥୀ ଘୋଷଣା

**ନୂଆଦିଲ୍ଲୀ, ୨୭।୨:** ଆମ୍ ଆଦ୍‌ମୀ ପାର୍ଟି (ଏଏପି) ପକ୍ଷରୁ ଲୋକ ସଭା ନିର୍ବାଚନ ପାଇଁ ଦିଲ୍ଲୀର ୪ ଓ ହରିୟାଣାର ଗୋଟିଏ ଆସନ ପାଇଁ ମଙ୍ଗଳବାର ପ୍ରାର୍ଥୀ ଘୋଷଣା କରାଯାଇଛି। ନୂଆଦିଲ୍ଲୀ ଆସନରୁ ସୋମନାଥ ଭାରତୀ, ପୂର୍ବ ଦିଲ୍ଲୀ ଆସନରୁ କୁଲଦୀପ୍ କୁମାର, ଦକ୍ଷିଣ ଦିଲ୍ଲୀ ଆସନରୁ ସହିରାମ୍ ପହଲ୍‌ବାନ୍ ଏବଂ ପଶ୍ଚିମ ଦିଲ୍ଲୀ ଆସନରେ ମହାବଲ୍ ମିଶ୍ରା ଲଢ଼ିବେ। ରାଜ୍ୟ ସଭାର ପୂର୍ବତନ ସଦସ୍ୟ ସୁଶୀଳ ଗୁପ୍ତାଙ୍କୁ ହରିୟାଣାର କୁରୁକ୍ଷେତ୍ର ଆସନରୁ ଏଏପି ପ୍ରାର୍ଥୀ କରିଛି।

### ପତଞ୍ଜଳିକୁ ଅଦାଲତ ଅବମାନନା ନୋଟିସ

**ନୂଆଦିଲ୍ଲୀ,୨୭।୨:** ଯୋଗଗୁରୁ ରାମଦେବଙ୍କ ପତଞ୍ଜଳି ଆୟୁର୍ବେଦ ଏବଂ ଏହାର ପରିଚାଳନା ନିର୍ଦ୍ଦେଶକ ଆଚାର୍ଯ୍ୟ ବାଲକ୍ରିଷ୍ଣାଙ୍କୁ ସୁପ୍ରିମକୋର୍ଟ ମଙ୍ଗଳବାର ଅଦାଲତ ଅବମାନନା ନୋଟିସ ଜାରି କରିଛନ୍ତି। ଉତ୍ପାଦଗୁଡ଼ିକ ଉପରେ ବିଭ୍ରାନ୍ତିକର ବିଜ୍ଞାପନ ବନ୍ଦ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିବାବେଳେ ପତଞ୍ଜଳି ଏହାର ଅବମାନନା କରିଥିଲା। ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଉକ୍ତ ସଂସ୍ଥା ଏହାର ଔଷଧୀୟ ଉତ୍ପାଦ ଉପରେ ବିଜ୍ଞାପନ ଦେବାରୁ ବିରତ ରହିବାକୁ ଜଷ୍ଟିସ୍ ହିମା କୋହଲି ଏବଂ ଏ. ଅମନୁଲ୍ଲାଙ୍କ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଭୁଲ୍ ବିଜ୍ଞାପନ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିବାରୁ ଖଣ୍ଡପୀଠ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଛନ୍ତି। ସରକାର ଆଖି ବନ୍ଦ କରି ବସିଥିବା ଅଦାଲତ କହିଛନ୍ତି।

### ଦୁର୍ଘଟଣାରେ ୪ ବୋର୍ଡ ପରୀକ୍ଷାର୍ଥୀ ମୃତ

**ଶାହାଜାହାଁପୁର, ୨୭।୨:** ଉତ୍ତର ପ୍ରଦେଶର ଶାହଜାହାଁପୁରରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୪ ଛାତ୍ରୀଛାତ୍ରଙ୍କ ମୃତ୍ୟୁ ଘଟିଛି। ସେମାନେ ଏକ କାର୍ ଯୋଗେ ଯତିପୁରସ୍ଥିତ ଲଚ୍ଛୁରୀଲାଲ ଇଣ୍ଟର କଲେଜରେ ଦଶମ ବୋର୍ଡ ପରୀକ୍ଷା ଦେବାକୁ ଯାଉଥିବା ବେଳେ ଜରାୱଲ୍ ଗ୍ରାମ ନିକଟରେ ଦୁର୍ଘଟଣା ଘଟିଛି। କାର୍‌ରେ ଥିବା ୨ ଛାତ୍ରୀ ଓ ୨ ଛାତ୍ରଙ୍କ ମୃତ୍ୟୁ ଘଟିଥିବା ବେଳେ ୬ ଜଣ ଆହତ ହୋଇଛନ୍ତି। ସମସ୍ତ ଆହତଙ୍କୁ ସ୍ଥାନୀୟ ରାଜକୀୟ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଛି।

# ହିମାଚଳରେ ସରକାର ଗଠନ ଦାବି ଉଠାଇପାରେ ଭାଜପା

## ରାଜ୍ୟ ସଭା ନିର୍ବାଚନ ପରେ ବଢ଼ିଲା କଂଗ୍ରେସ ଅଡୁଆ

**ଶିମ୍‌ଲା,୨୭।୨**

ହିମାଚଳପ୍ରଦେଶର ଏକମାତ୍ର ରାଜ୍ୟ ସଭା ଆସନରେ ନିଜ ପ୍ରାର୍ଥୀଙ୍କୁ ଜିତାଇବାରେ ଶାସକ ଦଳ କଂଗ୍ରେସ ବିଫଳ ହୋଇଥିବାରୁ ସୁଖବିନ୍ଦର ସିଂ ସୁଖୁ ସରକାର ସଂଖ୍ୟାଲଘୁରେ ପରିଣତ ହୋଇଥିବା ବିରୋଧୀ ଦଳ ନେତା ଜୟରାମ ଠାକୁର ମଙ୍ଗଳବାର ଦାବି କରିଛନ୍ତି। ସରକାରଙ୍କ ବିରୋଧରେ ଭାଜପା ଅନାସ୍ଥା ପ୍ରସ୍ତାବ ଆଣିବ କି ବୋଲି ପ୍ରଶ୍ନ ହେବାରୁ ଠାକୁର କହିଛନ୍ତି, ବୁଧବାର ବିଧାନସଭାରେ ବଜେଟ ଉପସ୍ଥାପନ କରାଯିବ। ଆମେ ଏହି ଆଲୋଚନାରେ ଭାଗନେବୁ ଏବଂ ସ୍ଥିତିକୁ ଅନୁଧ୍ୟାନ କଲାପରେ ନିଷ୍ପତ୍ତି ନେବୁ।

କଂଗ୍ରେସ ଶାସିତ ହିମାଚଳପ୍ରଦେଶର ଏକମାତ୍ର ରାଜ୍ୟ ସଭା ଆସନକୁ ମଧ୍ୟ ଭାଜପା ଛଡ଼ାଇ ନେଇଛି। ୪୦ ବିଧାୟକଙ୍କ ସମର୍ଥନ ଆଶାରେ ପ୍ରାର୍ଥୀ ହୋଇଥିବା ଅଭିଷେକ ମନୁ ସିଂଘଭିଙ୍କୁ କଂଗ୍ରେସର କ୍ରସ୍ ଭୋଟିଂ କାଳ ହୋଇଛି। ଭାଜପାର ହର୍ଷ ମହାଜନ ଏଠାରେ ବାଜିମାରି ନେଇଛନ୍ତି। ଏହି ଘଟଣାକ୍ରମ ପରେ କଂଗ୍ରେସ ସରକାରକୁ ସଂଖ୍ୟାଲଘୁ ଦର୍ଶାଇ ନିଜେ ସରକାର ଗଠନ କରିବାକୁ ଭାଜପା ଉଦ୍ୟମ



ସୁଖବିନ୍ଦର ସିଂ ସୁଖୁ



ଜୟରାମ ଠାକୁର

ଆରମ୍ଭ କରିଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ଜୟରାମ ଠାକୁର ଖୁବ୍‌ଶୀଘ୍ର ରାଜ୍ୟପାଳଙ୍କୁ ଭେଟି ଏନେଇ ଦାବି ଜଣାଇପାରନ୍ତି ବୋଲି ଜାତୀୟ ଗଣମାଧ୍ୟମରେ ପ୍ରକାଶ ପାଇଛି।

ପାର୍ଲାମେଣ୍ଟର ଉଚ୍ଚ ସଦନ ରାଜ୍ୟ ସଭାରେ ଖାଲି ହେବାକୁ ଥିବା ୫୬ ଆସନ ମଧ୍ୟରୁ ୪୧ଟିରେ ଫେବୃଆରୀ ୨୦ରେ ଭାଜପାର ୨୦ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ସେହିପରି କଂଗ୍ରେସର ୬, ଟିଏମ୍‌ସିର ୪, ୱାଇଏସ୍‌ଆର୍‌ସିପି ୩, ବିଜେଡି ୨, ଆର୍‌ଜେଡି ୨ ପ୍ରାର୍ଥୀଙ୍କ ସମେତ ଏନ୍‌ସିପି, ବିଆର୍‌ଏସ୍, ଶିବସେନା ଏବଂ ଜେଡିୟୁର ଜଣେ ଲେଖାଏ ପ୍ରାର୍ଥୀ ବିନା ପ୍ରତିଦ୍ୱନ୍ଦ୍ୱିତାରେ ଜିତିଥିଲେ। ୩ ରାଜ୍ୟର ଅବଶିଷ୍ଟ ୧୫ ଆସନ ପାଇଁ ମଙ୍ଗଳବାର ନିର୍ବାଚନ ଅନୁଷ୍ଠିତ ହୋଇଛି। ୟୁପିରେ ୧୦ ରାଜ୍ୟ ସଭା ଆସନ ପାଇଁ ୧୧ ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଥିବାବେଳେ କର୍ଣ୍ଣାଟକରେ ୪ ଆସନ ପାଇଁ ୫ ପ୍ରାର୍ଥୀ ଏବଂ ହିମାଚଳପ୍ରଦେଶରେ ଗୋଟିଏ ଆସନ ପାଇଁ ୨ ଜଣ ପ୍ରାର୍ଥୀ ଥିବାରୁ ନିର୍ବାଚନ କରିବାକୁ ପଡ଼ିଥିଲା। ସଂଖ୍ୟାବଳକୁ ଦେଖିଲେ, ୟୁପିରେ ଶାସକ ଭାଜପା ୭ ଏବଂ ସମାଜବାଦୀ ପାର୍ଟି ୩ ଆସନ ଦଖଲ କରିବା କଥା। କିନ୍ତୁ ମତଦାନ ଆରମ୍ଭ ପୂର୍ବରୁ ବିଧାନସଭାରେ ଏସ୍‌ପିର ମୁଖ୍ୟ ସଚେତକ ଥିବା ମନୋଜ ପାଣ୍ଡେଙ୍କୁ ଭାଜପା ନିଜ ସପକ୍ଷକୁ ନେଇ ତାଙ୍କ ସହ ଅନୁଗତମାନଙ୍କ ଭୋଟ ହାସଲ କରିବାକୁ ସମର୍ଥ ହୋଇଥିଲା। ଫଳରେ ଅଖିଳେଶ ଯାଦବଙ୍କ ହାତରୁ ଗୋଟିଏ ନିଶ୍ଚିତ ଆସନ ଖସିଯାଇଛି। ଏହାର ପୁରସ୍କାର ସ୍ୱରୂପ ମନୋଜଙ୍କୁ ଭାଜପା କଂଗ୍ରେସର ପାରମ୍ପରିକ ଲୋକ ସଭା ଆସନ ରାଏବରେଲିରୁ ପ୍ରାର୍ଥୀ କରିପାରେ ବୋଲି ଚର୍ଚ୍ଚା ହେଉଛି।

କର୍ଣ୍ଣାଟକରେ ଭାଜପା ଏବଂ ଜେଡିଏସ୍ ମେଣ୍ଟ ପକ୍ଷରୁ ସଂଖ୍ୟା ତୁଳନାରେ ଗୋଟିଏ ଅଧିକ ପ୍ରାର୍ଥୀ ଦିଆଯାଇଥିଲା। ଏହି କଂଗ୍ରେସ ଶାସିତ ଦକ୍ଷିଣ ଭାରତୀୟ ରାଜ୍ୟରେ ମଧ୍ୟ ଭାଜପା କ୍ରସ୍ ଭୋଟିଂ କରାଇବା ପାଇଁ ଉଦ୍ୟମ କରିଥିଲା। ତେବେ ଭାଜପାର ଜଣେ ବିଧାୟକ ଓଲଟା କଂଗ୍ରେସ ସପକ୍ଷରେ ଭୋଟ ଦେଇଥିଲେ। ନିର୍ବାଚନ ହୋଇ ନ ଥିବା ୪୧ ଆସନ ମଧ୍ୟରୁ ପୂର୍ବରୁ ୧୯ଟି ଭାଜପା ଦଖଲରେ ଥିଲା। ୟୁପି ଏବଂ ହିମାଚଳପ୍ରଦେଶକୁ ମିଶାଇ ଭାଜପା ଅଧିକ ୩ଟି ଆସନ ନିଜ ଅକ୍ତିଆରକୁ ନେଇପାରିଛି।

# ଜଷ୍ଟିସ୍ ଖାନ୍‌ୱିଲକର ନୂଆ ଲୋକପାଳ ଅଧ୍ୟକ୍ଷ

**ନୂଆଦିଲ୍ଲୀ,୨୭।୨**

ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଏ.ଏମ୍. ଖାନ୍‌ୱିଲକରଙ୍କୁ ମଙ୍ଗଳବାର ଲୋକପାଳର ନୂଆ ଅଧ୍ୟକ୍ଷ ନିଯୁକ୍ତ କରାଯାଇଛି। ପ୍ରାୟ ଦୁଇବର୍ଷ ହେଲା ଏହି ପଦ ଖାଲି ପଡ଼ିଥିଲା। ୨୦୨୨ ମେ' ୨୭ରେ ଜଷ୍ଟିସ୍ ପିନାକୀ ଚନ୍ଦ୍ର ଘୋଷଙ୍କ କାର୍ଯ୍ୟକାଳ ଶେଷ ହେବା ପରେ କୌଣସି ନିୟମିତ ଅଧ୍ୟକ୍ଷ ବିନା ଲୋକପାଳ କାର୍ଯ୍ୟ କରୁଥିଲା। ଏହି ଦୁର୍ନୀତି ନିରାକରଣ ସଂସ୍ଥାର ନ୍ୟାୟିକ ସଦସ୍ୟ ଜଷ୍ଟିସ୍ ପ୍ରଦୀପ କୁମାର ମହାନ୍ତି ଏବେ କାର୍ଯ୍ୟକାରୀ ଅଧ୍ୟକ୍ଷ ଅଛନ୍ତି। ଜଷ୍ଟିସ୍ ଅଜୟ ମାନିକରାଓ ଖାନ୍‌ୱିଲକରଙ୍କୁ ଲୋକପାଳର ନୂଆ ଅଧ୍ୟକ୍ଷ ଭାବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନିଯୁକ୍ତି ଦେଇଥିବା ରାଷ୍ଟ୍ରପତି ଭବନ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ କୁହାଯାଇଛି। ୨୦୨୨ ଜୁଲାଇରେ



ଜଷ୍ଟିସ୍ ଏ.ଏମ୍. ଖାନ୍‌ୱିଲକର

ଜଷ୍ଟିସ୍ ଖାନ୍‌ୱିଲକର ସୁପ୍ରିମକୋର୍ଟରୁ ଅବସର ନେଇଥିଲେ। ଅବସରପ୍ରାପ୍ତ ବିଚାରପତି ଲିଙ୍ଗାପ୍ପା ନାରାୟଣ ସ୍ୱାମୀ, ସଞ୍ଜୟ ଯାଦବ ଏବଂ ଋତୁରାଜ ଅୱସ୍ଥି ଲୋକପାଳର ନ୍ୟାୟିକ ସଦସ୍ୟ ନିଯୁକ୍ତ ହୋଇଥିବାବେଳେ ଅଣନ୍ୟାୟିକ ସଦସ୍ୟ ଭାବେ ସୁଶୀଲ ଚନ୍ଦ୍ରା, ପଙ୍କଜ କୁମାର ଏବଂ ଅଜୟ ତିର୍କୀ ନିଯୁକ୍ତ ହୋଇଛନ୍ତି।

# ଆଚରଣ ବିଧି ଲାଗୁ ପୂର୍ବରୁ ସିଏଏ

**ନୂଆଦିଲ୍ଲୀ, ୨୭।୨**




ଲୋକସଭା ନିର୍ବାଚନ ପାଇଁ ଆଦର୍ଶ ଆଚରଣ ବିଧି ଲାଗୁହେବା ପୂର୍ବରୁ ଯେକୌଣସି ସମୟରେ ନାଗରିକତ୍ୱ ସଂଶୋଧନ ଆଇନ(ସିଏଏ) ଲାଗୁ ହୋଇପାରେ ବୋଲି ବିଭିନ୍ନ ସୂତ୍ରରୁ ଜଣାପଡ଼ିଛି। ଲୋକ ସଭା ନିର୍ବାଚନ ପୂର୍ବରୁ ସିଏଏ ଲାଗୁ ହେବା ନେଇ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଗତ ୧୦ ତାରିଖରେ ସୂଚନା ଦେଇଥିଲେ। ପଡୋଶୀ ଦେଶରୁ ୨୦୧୪ ଡିସେମ୍ବର ୩୧ ପୂର୍ବରୁ ଭାରତ ଆସି ରହିଯାଇଥିବା ଅଣମୁସଲମାନମାନଙ୍କୁ ଭାରତୀୟ ନାଗରିକତ୍ୱ ପ୍ରଦାନ ଲାଗି ଖୁବଶୀଘ୍ର ପ୍ରକ୍ରିୟା ଆରମ୍ଭ ହେବ ବୋଲି ସେ କହିଥିଲେ। ସିଏଏକୁ ନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏକ ଅନ୍‌ଲାଇନ ପୋର୍ଟାଲ ପ୍ରସ୍ତୁତ ହୋଇଛି। ପାକିସ୍ତାନ, ଆଫଗାନିସ୍ତାନ ଓ ବାଂଲାଦେଶରୁ ଆସି ଭାରତରେ ଶରଣ ନେଇଥିବା ସଂଖ୍ୟାଲଘୁମାନେ ଏହି ପୋର୍ଟାଲ ମାଧ୍ୟମରେ ଅନଲାଇନରେ ଆବେଦନ କରିପାରିବେ। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଦ୍ୱାରା ଯାଞ୍ଚ କରାଯାଇ ସେମାନଙ୍କୁ ନାଗରିକତ୍ୱ ପ୍ରଦାନ କରାଯିବା ସହ ସମ୍ପୂର୍ଣ୍ଣ ପ୍ରକ୍ରିୟା ଅନ୍‌ଲାଇନରେ ହେବ ବୋଲି ସରକାରୀ ସୂତ୍ରରୁ ପ୍ରକାଶ ପାଇଛି।

# ଯୁଦ୍ଧକୁ ସମାଲୋଚନା କରି ଜେଲ ଗଲେ ରୁଷିଆ ମାନବାଧିକାର କର୍ମୀ

**ମସ୍କୋ,୨୭।୨**

ୟୁକ୍ରେନ୍ ବିରୋଧରେ ଯୁଦ୍ଧକୁ ସମାଲୋଚନା କରିଥିବା ଜଣେ ବର୍ଷୀୟାନ ମାନବାଧିକାର ସପକ୍ଷବାଦୀଙ୍କୁ ମସ୍କୋର ଏକ ଅଦାଲତ ୩୦ ମାସ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ୭୦ ବର୍ଷୀୟ ଓଲେଗ ଓର୍ଲୋଭ ତାଙ୍କ ଲେଖା ମାଧ୍ୟମରେ ରୁଷୀୟ ସେନାକୁ ବାରମ୍ବାର ବଦନାମ କରିବା ଅଭିଯୋଗରେ ଦୋଷୀସାବ୍ୟସ୍ତ



ଓଲେଗ ଓର୍ଲୋଭ

ହୋଇଥିଲେ। ତେବେ ତାଙ୍କ ବିରୋଧରେ ମାମଲା ରାଜନୈତିକ ଉଦ୍ଦେଶ୍ୟମୂଳକ କହି ଓର୍ଲୋଭ ଏହାକୁ ଖଣ୍ଡନ କରିଥିଲେ। ତାଙ୍କୁ ସିଧାସଳଖ କୋର୍ଟରୁମ୍‌ରୁ ଜେଲକୁ ନିଆଯାଇଛି। ସୂଚନାଯୋଗ୍ୟ, ଓର୍ଲୋଭ ହେଉଛନ୍ତି ନୋବେଲ ଶାନ୍ତି ପୁରସ୍କାର ବିଜୟୀ ମାନବାଧିକାରୀ ସଂଗଠନ ମେମୋରିଆଲ୍‌ର ସହ ଅଧ୍ୟକ୍ଷ। ଓର୍ଲୋଭଙ୍କୁ ଦଣ୍ଡବିଧାନ ରୁଷିଆରେ ମାନବାଧିକାର ଆନ୍ଦୋଳନର ସ୍ୱର ଚାପିଦେବା ପାଇଁ ଉଦ୍ୟମ ବୋଲି ମେମୋରିଆଲ କହିଛି।

# ଗାଜାରେ ଯୁଦ୍ଧ ବନ୍ଦ କରିବାକୁ ଇସ୍ରାଏଲ୍ ପ୍ରସ୍ତୁତ: ବାଇଡେନ୍

**ଜେରୁଜେଲମ,୨୭।୨**

ମୁସଲମାନଙ୍କ ପବିତ୍ର ମାସ ରମଦାନ ବେଳେ ଗାଜାରେ ହମାସ ବିରୋଧରେ ଯୁଦ୍ଧ ବନ୍ଦ କରିବାକୁ ଇସ୍ରାଏଲ୍ ଇଚ୍ଛା ପ୍ରକାଶ କରିଥିବା ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ କହିଛନ୍ତି। ତେବେ ଏଥିପାଇଁ ହମାସ ଆତଙ୍କବାଦୀଙ୍କ କବଳରେ ଥିବା ପଣବନ୍ଦୀମାନଙ୍କ ମୁକ୍ତି ନେଇ ଚୁକ୍ତି କରିବାକୁ ହେବ। ତେବେ ବାଇଡେନ୍‌ଙ୍କ ମନ୍ତବ୍ୟ ଉପରେ ଇସ୍ରାଏଲ୍ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିନାହିଁ।



ଭାରତ ଗସ୍ତରେ ଆସିଥିବା ଫ୍ରାନ୍ସ ସେନାର ଚିଫ୍ ଅଫ୍ ଷ୍ଟାଫ୍ ଜେନେରାଲ ପିଏରେ ଶ୍ଚିଲ୍‌ଙ୍କ ପ୍ରତିରକ୍ଷା ମନ୍ତ୍ରଣାଳୟ ବାହାରେ ଗାର୍ଡ ଅଫ୍ ଅନର ପ୍ରଦାନ ପୂର୍ବରୁ ଭାରତୀୟ ପ୍ରତିପକ୍ଷ ଜେନେରାଲ ମନୋଜ ପାଣ୍ଡେ କରମର୍ଦ୍ଦନ କରୁଛନ୍ତି।(ଫଟୋ: ଚମନ ଗୌତମ)

# ଇଣ୍ଟରସେପ୍‌ଶନ ରେକର୍ଡ ନଷ୍ଟ କରିପାରିବେ ସରକାର

## ଆଇଟି ନିୟମାବଳୀରେ ସଂଶୋଧନ

**ନୂଆଦିଲ୍ଲୀ,୨୭।୨**

କେନ୍ଦ୍ର ସରକାର ସୂଚନା ପ୍ରଯୁକ୍ତି (ଆଇଟି) ନିୟମାବଳୀରେ ସଂଶୋଧନ କରିଛନ୍ତି। ଉକ୍ତ ସଂଶୋଧନ ଅନୁଯାୟୀ ସ୍ୱରାଷ୍ଟ୍ର ସଚିବ କିମ୍ବା କେନ୍ଦ୍ର ସରକାରରେ ଥିବା ଅନ୍ୟ ପଦାଧିକାରୀମାନେ ଇଣ୍ଟରସେପ୍‌ସନ (ଅବରୋଧନ)ର ଡିଜିଟାଲ ରେକର୍ଡଗୁଡ଼ିକୁ ନଷ୍ଟ କରିବା ପାଇଁ କିମ୍ବା ତଥ୍ୟ ଡିକ୍ରିପ୍ଟ କରିବା ପାଇଁ ନିର୍ଦ୍ଦେଶନାମା ଜାରି କରିପାରିବେ। ବର୍ତ୍ତମାନ ପର୍ଯ୍ୟନ୍ତ ଏହି କ୍ଷମତା କେବଳ ଆଇନ ପ୍ରବର୍ତ୍ତନକାରୀ ସଂସ୍ଥା ଭଳି ସୁରକ୍ଷା ଏଜେନ୍ସିଙ୍କ ହାତରେ ରହିଥିଲା। ନିୟମାବଳୀରେ ସଂଶୋଧନ ଫଳରେ ଡିଜିଟାଲ ତଥ୍ୟ ପ୍ରମାଣ ନଷ୍ଟ କରିବା ପାଇଁ ନିର୍ଦ୍ଦେଶନାମା ଜାରି କରିବାରେ କେନ୍ଦ୍ରର କ୍ଷମତା ବଢ଼ିବ। ସୋମବାର ପ୍ରକାଶିତ ଗେଜେଟ୍ ବିଜ୍ଞପ୍ତିରେ ଆଇଟି ମନ୍ତ୍ରଣାଳୟ କହିଛି, ସୂଚନା ପ୍ରଯୁକ୍ତି (ତଥ୍ୟର ଇଣ୍ଟରସେପ୍‌ସନ, ମନିଟରିଂ ଏବଂ ଡିକ୍ରିପ୍‌ଶନ ପଦ୍ଧତି ଓ ସୁରକ୍ଷା) ନିୟମାବଳୀ, ୨୦୦୯ର ଧାରା ୨୩ରେ ସଂଶୋଧନ କରାଯାଇଛି। ସେଥିରେ ଥିବା 'ସୁରକ୍ଷା ଏଜେନ୍ସି' ସ୍ଥାନରେ 'ଉପଯୁକ୍ତ କର୍ତ୍ତୃପକ୍ଷ ଏବଂ ସୁରକ୍ଷା ଏଜେନ୍ସି' ଲେଖାଯାଇଛି।

ଆଇଟି ଆଇନର ଧାରା ୨୩ ଅନୁଯାୟୀ, ଇଣ୍ଟରସେପ୍‌ସନ କିମ୍ବା ମନିଟରିଂ ବା ତଥ୍ୟର ଡିକ୍ରିପ୍‌ଶନ ପାଇଁ ନିର୍ଦ୍ଦେଶ ଏବଂ ଇଣ୍ଟରସେପ୍ଟ କିମ୍ବା ମନିଟର ଅଥବା ଡିକ୍ରିପ୍ଟ ହୋଇଥିବା ତଥ୍ୟ ଆଦି ଇଲେକ୍ଟ୍ରୋନିକ୍ ରେକର୍ଡ ସମେତ ସମସ୍ତ ରେକର୍ଡକୁ ପ୍ରତି ୬ ମାସରେ ସୁରକ୍ଷା ଏଜେନ୍ସି ଦ୍ୱାରା ନଷ୍ଟ କରାଯିବ। ତେବେ ଆବଶ୍ୟକ ଥିବା କିମ୍ବା କାର୍ଯ୍ୟାତ୍ମକ ଆବଶ୍ୟକତା ପାଇଁ ଦରକାର ହେବାର ସମ୍ଭାବନା ଥିବା ତଥ୍ୟଗୁଡ଼ିକୁ ଏଥିରୁ ବାଦ୍ ଦିଆଯିବ। ସୂଚନା ପ୍ରଯୁକ୍ତି ଅଧିନିୟମ,୨୦୦୦ର ସଂଶୋଧିତ ନିୟମାବଳୀ ଅନୁଯାୟୀ ସ୍ୱରାଷ୍ଟ୍ର ସଚିବ ଏବଂ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳର ଗୃହ ସଚିବ ପ୍ରତି ୬ ମାସ ମଧ୍ୟରେ ଉପରୋକ୍ତ ସମସ୍ତ ରେକର୍ଡକୁ ନଷ୍ଟ କରିବା ପାଇଁ କ୍ଷମତା ପାଇଛନ୍ତି।

# କୋଭିଡ୍ ଆକ୍ରାନ୍ତଙ୍କ ଫୁସ୍‌ଫୁସ୍ ସମସ୍ୟା ବଢ଼ିଛି

**ନୂଆଦିଲ୍ଲୀ, ୨୭।୨ (ପି.ଟି.)**

କୋଭିଡ୍ ଦ୍ୱାରା ଗମ୍ଭୀର ଭାବେ ଆକ୍ରାନ୍ତ ହୋଇଥିବା ଭାରତୀୟଙ୍କ ମଧ୍ୟରୁ ଅଧିକାଂଶଙ୍କର ଫୁସ୍‌ଫସ୍ ଜନିତ ସମସ୍ୟା ବଢ଼ିଛି, ଯାହା ଫଳରେ ସେମାନଙ୍କ ଶ୍ୱାସକ୍ରିୟାରେ ସମସ୍ୟା ଉପୁଜୁଥିବା ଏକ ଅଧ୍ୟୟନରୁ ଜଣା ପଡ଼ିଛି। ଭେଲ୍ଲୋରର ଖ୍ରୀଷ୍ଟିଆନ ମେଡିକାଲ କଲେଜ ଦ୍ୱାରା ଏହି ଅଧ୍ୟୟନ କରାଯାଇଥିବାବେଳେ ଏଥିରେ କୋଭିଡ୍ ଦ୍ୱାରା ଗମ୍ଭୀର ଭାବେ ଆକ୍ରାନ୍ତ ହୋଇଥିବା ୨୦୭ ଜଣ ବ୍ୟକ୍ତିଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ପ୍ରାୟ ୨ ମାସରୁ ଅଧିକ ସମୟ ଧରି କରୋନାରେ ପୀଡ଼ିତ ଥିବା ବ୍ୟକ୍ତିଙ୍କୁ ଏହି ଅଧ୍ୟୟନରେ ସାମିଲ କରାଯାଇଥିଲା। କରୋନାରୁ ସୁସ୍ଥ ହୋଇଥିବା ଏହି ବ୍ୟକ୍ତିମାନଙ୍କ ଫୁସ୍‌ଫୁସ୍‌ର କାର୍ଯ୍ୟ କ୍ଷମତା ହ୍ରାସ ପାଇଥିବା ବେଳେ ସେମାନଙ୍କ ଜୀବନଶୈଳୀରେ ଯଥେଷ୍ଟ ଦୁର୍ବଳତା ପ୍ରଦର୍ଶିତ ହୋଇଥିବା ଏହି ଅଧ୍ୟୟନରୁ ଜଣା ପଡ଼ିଛି। ପରୀକ୍ଷା କରାଯାଇଥିବା ବ୍ୟକ୍ତିଙ୍କ ମଧ୍ୟରୁ ପ୍ରାୟ ଅଧା ବ୍ୟକ୍ତି (୪୯.୩%) ଶ୍ୱାସକ୍ରିୟାରେ ଅସୁବିଧା ଭୋଗ କରୁଥିବା ଲକ୍ଷ୍ୟ କରାଯାଇଛି। ସେହିପରି ୨୭ ପ୍ରତିଶତ ବ୍ୟକ୍ତିଙ୍କ ନିକଟରେ କାଶର ଲକ୍ଷଣ ଥିବା ଏହି ଅଧ୍ୟୟନ କହିଛି। କୋଭିଡ୍ ଆକ୍ରାନ୍ତ ଅନ୍ୟ ଦେଶର ଜନସାଧାରଣଙ୍କ ତୁଳନାରେ ଭାରତୀୟଙ୍କ ଫୁସ୍‌ଫସ୍‌ର କାର୍ଯ୍ୟକ୍ଷମତା ଅଧିକ ହ୍ରାସ ପାଇଥିବା ଅଧ୍ୟୟନର ମୁଖ୍ୟ ଗବେଷକ ତଥା ଖ୍ରୀଷ୍ଟିଆନ୍ ମେଡିକାଲ କଲେଜର ପ୍ରଫେସର ଡି.ଜେ. କ୍ରିଷ୍ଟୋଫର୍ କହିଛନ୍ତି। ପୂର୍ବରୁ ଅନ୍ୟ କୌଣସି ରୋଗରେ ପୀଡ଼ିତ ରହି କୋଭିଡ୍‌ରେ ଆକ୍ରାନ୍ତ ହେବା ଦ୍ୱାରା ଏପରି ଘଟିଥାଇପାରେ ବୋଲି ସେ ଆଶଙ୍କା କରିଛନ୍ତି। ବିଭିନ୍ନ ରୋଗରେ ପୀଡ଼ିତ ହୋଇ କରୋନାରେ ଆକ୍ରାନ୍ତ ଥିବା ଭାରତୀୟଙ୍କ ସଂଖ୍ୟା ଅନ୍ୟ ଦେଶ ତୁଳନାରେ ଅଧିକ ରହିଥିବା ସେ ସୂଚନା ଦେଇଛନ୍ତି।



## ଫୁର୍‌ସତ୍

# ପୁରୁଣା ଲୁକ୍‌କୁ 'ରି-କ୍ରିଏଟ୍' କଲେ ମାଧୁରୀ

**ମୁମ୍ବାଇ:** ଏବେ ମଧ୍ୟ ବଲିଉଡ ଅଭିନେତ୍ରୀ ମାଧୁରୀ ଦୀକ୍ଷିତଙ୍କ ଅନେକ ପ୍ରଶଂସକ ରହିଛନ୍ତି, ଯେଉଁମାନେ ତାଙ୍କର ଗୋଟିଏ ଝଲକ୍ ପାଇବା ପାଇଁ ଅନାଇ ବସିଥାନ୍ତି। ନିକଟରେ ମାଧୁରୀ ଏକ ହିଟ ଚଳଚ୍ଚିତ୍ରରେ ତାଙ୍କର ଲୁକ୍‌କୁ ପୁଣି 'ରି-କ୍ରିଏଟ୍' କରିଛନ୍ତି, ଯାହାକୁ ନେଇ ସେ ଏବେ ଚର୍ଚ୍ଚାରେ ଅଛନ୍ତି। ୧୯୯୪ ମସିହାରେ ରିଲିଜ୍ ହୋଇଥିବା ବଲିଉଡ୍ ଫିଲ୍ମ 'ହମ୍ ଆପ୍‌କେ ହେଁ କୌନ୍' ବକ୍ସ ଅଫିସରେ ସୁପରହିଟ୍ ହୋଇଥିଲା। ଏହି ଚଳଚ୍ଚିତ୍ରରେ 'ନିଶା' ଚରିତ୍ରରେ ମାଧୁରୀ ନଜର ଆସିଥିଲେ। ଚଳଚ୍ଚିତ୍ରରେ ଅଭିନେତା ସଲମାନ୍ ଖାନ୍‌ଙ୍କ ସହ ମାଧୁରୀଙ୍କ ଯୋଡ଼ିକୁ ଦର୍ଶକ ଭରପୂର୍ ପସନ୍ଦ କରିଥିଲେ। ରିଲିଜ୍ ହେବାର ୩୦ ବର୍ଷ ପରେ ପୁଣି ଏହି ଫିଲ୍ମକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ତେବେ ଏହି ଚଳଚ୍ଚିତ୍ରର 'ଦିଦି ତେରା ଦେୱର୍ ଦିୱାନା' ଗୀତ ବେଶ୍ ଲୋକପ୍ରିୟ ହୋଇଥିଲା। ଗୀତରେ ମାଧୁରୀ ଏକ ବାଇଗଣୀ ରଙ୍ଗର ସାଢ଼ୀ ପିନ୍ଧିଥିବାବେଳେ ଦୀର୍ଘ ବର୍ଷ ପରେ ପୁଣି ସେ ନିଜର ଏହି ଲୁକ୍‌କୁ 'ରି କ୍ରିଏଟ' କରି ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଛନ୍ତି। ନୂଆ ଲୁକ୍‌ରେ ମାଧୁରୀ ବାଇଗଣୀ ରଙ୍ଗର ଶାଢ଼ି ସହ ମ୍ୟାଚିଙ୍ଗ୍ ଚୁଡ଼ି ପିନ୍ଧି ଏକ ଶୋ'ର ସେଟ୍ ମଧ୍ୟକୁ ପ୍ରବେଶ କରୁଥିବା ନଜର ଆସୁଛନ୍ତି। ୩୦ ବର୍ଷ ତଳର 'ନିଶା' ଚରିତ୍ର ପରି ଆଜି ମଧ୍ୟ ମାଧୁରୀ ଏହି ଲୁକ୍‌ରେ ସମାନ ପରିମାଣରେ ସୁନ୍ଦର ଦେଖାଯାଉଥିବା କହି ଅନେକ ପ୍ରଶଂସକ ଏହି ଭିଡିଓରେ କମେଣ୍ଟ କରିଛନ୍ତି। ମାଧୁରୀଙ୍କ ଏହି ଭିଡିଓ ଏବେ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହେବାରେ ଲାଗିଛି।



## ପିଲାଙ୍କୁ ମିଳିବ... ପ୍ରଥମ ପୃଷ୍ଠାରୁ...

ଗତ ୨୨ ତାରିଖରେ ପଦାଥ ବିଜ୍ଞାନ ପରୀକ୍ଷା ରହିଥିଲା। ଏଥିରେ ସିଲାବସ୍ ବାହାରୁ ପ୍ରଶ୍ନ ଆସିଥିବା ଛାତ୍ରୀଛାତ୍ର ଅଭିଯୋଗ କରିଥିଲେ। ଗୋଟିଏ କି ଦୁଇଟି ନୁହେଁ, ଫିଜିକ୍ସରେ ସିଲାବସ୍ ବାହାରୁ ୨୭ ମାର୍କର ପ୍ରଶ୍ନ ଆସିଥିବା ଅଭିଯୋଗ ଆଣିଥିଲେ। ସୂଚନାଯୋଗ୍ୟ, ଏବେ ୨୦୨୦, ୨୦୨୧ ବର୍ଷର ଏକ୍ସରେଗୁଲାର ଏବଂ ୨୦୨୨ ବର୍ଷର ରେଗୁରାଲ ଛାତ୍ରୀଛାତ୍ରଙ୍କ ଯୁକ୍ତ୨ ପରୀକ୍ଷା ଚାଲିଛି। ୨୦୨୧ ଏକ୍ସ-ରେଗୁଲାର ପିଲାଙ୍କ କିଛି ପ୍ରଶ୍ନ ରେଗୁଲାର ପରୀକ୍ଷା ଦେଉଥିବା ଛାତ୍ରୀଛାତ୍ରଙ୍କ ପ୍ରଶ୍ନରେ ପଡ଼ିଥିଲା। ଯାହାକୁ ନେଇ ରେଗୁଲାର ପରୀକ୍ଷାର୍ଥୀମାନେ ଦ୍ୱନ୍ଦ୍ୱରେ ପଡ଼ିଥିଲେ। ତେଣୁ ଏହାକୁ ନେଇ ଗ୍ରେସ୍ ମାର୍କ ଦେବା ପାଇଁ ଛାତ୍ରୀଛାତ୍ର ଦାବି କରିଥିଲେ। ଏହାର ତର୍ଜମା କରିବା ପରେ ପ୍ରଶ୍ନପତ୍ରରେ ଯେଉଁ ତ୍ରୁଟି ରହିଥିଲା ସେଥିପାଇଁ ଗ୍ରେସ୍ ମାର୍କ ଦେବାକୁ ପରିଷଦ ନିଷ୍ପତ୍ତି ନେଇଛି। ପରିଷଦର ଏଭଳି ନିଷ୍ପତ୍ତିକୁ ଛାତ୍ରୀଛାତ୍ର, ଅଭିଭାବକ ଏବଂ ଶିକ୍ଷାବିତମାନେ ସ୍ୱାଗତ କରିଛନ୍ତି।

## ହିମାଚଳ: କଂଗ୍ରେସକୁ...

ତଥା କର୍ଣାଟକ ପ୍ରଭାରୀ ରଣଦୀପ ସିଂ ସୂର୍ଯ୍ୟେୱାଲା କହିଛନ୍ତି। ସେହିପରି ହିମାଚଳପ୍ରଦେଶର ଗୋଟିଏ ରାଜ୍ୟ ସଭା ଆସନ ପାଇଁ ହୋଇଥିବା ନିର୍ବାଚନରେ ଭାଜପା ପ୍ରାର୍ଥୀ ହର୍ଷ ମହାଜନ ବିଜୟୀ ହୋଇଛନ୍ତି। ସଂଖ୍ୟାଗରିଷ୍ଠତା ଥିବା ସତ୍ତ୍ୱେ କଂଗ୍ରେସ ପ୍ରାର୍ଥୀ ଅଭିଷେକ ମନୁ ସିଂଘଭି ହାରିଯାଇଛନ୍ତି। ଉଭୟ ପ୍ରାର୍ଥୀ ୩୪ଟି ଲେଖାଏଁ ଭୋଟ ପାଇଥିବାବେଳେ ଧର୍ମଗୁଳା ଜରିଆରେ ଭାଜପା ପ୍ରାର୍ଥୀଙ୍କୁ ବିଜୟୀ ଘୋଷଣା କରାଯାଇଛି। ୬୮ ସଦସ୍ୟ ବିଶିଷ୍ଟ ହିମାଚଳ ପ୍ରଦେଶ ବିଧାନସଭାରେ କଂଗ୍ରେସର ୪୦ ବିଧାୟକ ଥିବାବେଳେ ଭାଜପାର ୨୫ ସଦସ୍ୟ ରହିଛନ୍ତି। ଏହା ସତ୍ତ୍ୱେ ଭାଜପା ପ୍ରାର୍ଥୀ ବିଜୟୀ ହେବା କଂଗ୍ରେସ ପାଇଁ ବଡ଼ ଧକ୍କା। ଏହା କଂଗ୍ରେସର ସମ୍ମାନ ପ୍ରତି ଧକ୍କାଠାରୁ ଅଧିକ କ୍ଷତିକାରଣ ହୋଇପାରେ ବୋଲି କୁହାଯାଉଛି। କାରଣ ଏହାକୁ ଆଧାର କରି ବିରୋଧୀ ଦଳ ସରକାରଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିପାରେ। କଂଗ୍ରେସରୁ ୫ରୁ ୬ ଜଣ ବିଧାୟକଙ୍କୁ ସିଆର୍‌ପିଏଫ୍ ଏବଂ ହରିୟାଣା ପୋଲିସ ଅପହରଣ କରିନେଇଯାଇଥିବା ହିମାଚଳପ୍ରଦେଶ ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂ ସୁଖୁ ଅଭିଯୋଗ କରିଛନ୍ତି। ଏହା ବ୍ୟତୀତ ୯ ଜଣ କଂଗ୍ରେସ ବିଧାୟକ କ୍ରସ୍ ଭୋଟିଂ କରିଥିବା ଦଳୀୟ ପ୍ରାର୍ଥୀ ସିଂଘଭି ଅଭିଯୋଗ ଆଣିଛନ୍ତି। ଉତ୍ତରପ୍ରଦେଶରେ ୧୦ ଆସନ ପାଇଁ ୧୧ ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଥିବାବେଳେ କର୍ଣାଟକରେ ୪ ଆସନ ପାଇଁ ୫ ପ୍ରାର୍ଥୀ ଏବଂ ହିମାଚଳପ୍ରଦେଶରେ ଗୋଟିଏ ଆସନ ପାଇଁ ୨ ଜଣ ପ୍ରାର୍ଥୀ ଥିବାରୁ ନିର୍ବାଚନ କରିବାକୁ ପଡ଼ିଥିଲା। ଅନ୍ୟ ରାଜ୍ୟଗୁଡ଼ିକର ୪୧ ଆସନରେ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ।

## ବିନା ସୁଧରେ...

ଗୋଷ୍ଠୀର ସଦସ୍ୟା ଓ ୧.୫ ଲକ୍ଷ ଏସ୍‌ଏଚ୍‌ଜି ଲିଡରମାନଙ୍କ ପାଇଁ ୟୁନିଫର୍ମ ଓ ବ୍ଲେଜର ପାଇଁ ୭୩୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ମିଶନ ଶକ୍ତି ଦ୍ୱାରା ତିଆରି ଜିନିଷର ବିକ୍ରି ପାଇଁ ମିଶନ ଶକ୍ତି ବଜାର କରାଯାଉଛି। ଭୁବନେଶ୍ୱରରେ ଏକ ଅତ୍ୟାଧୁନିକ ମିଶନ ଶକ୍ତି ବଜାର ଖୋଲାଯାଇଛି। ଆସନ୍ତା ୫ ବର୍ଷ ମଧ୍ୟରେ ସମଗ୍ର ରାଜ୍ୟରେ ୫ ହଜାର ମିଶନ ଶକ୍ତି ବଜାର ଓ ରିଟେଲ ଆଉଟଲେଟ ଖୋଲାଯିବ। ଚଳିତ ବର୍ଷ ମିଶନ ଶକ୍ତି ସଦସ୍ୟମାନେ ୧୫ ହଜାର କୋଟି ଟଙ୍କାର ବ୍ୟାଙ୍କ ଋଣ ପାଇଛନ୍ତି। ଆସନ୍ତା ୫ ବର୍ଷ ମଧ୍ୟରେ ୭୫ ହଜାର କୋଟି ଟଙ୍କାର ଋଣ ଯୋଗାଇ ଦିଆଯିବ। ଏଣିକି ଓଡ଼ିଶାର ମା'ମାନେ ବିନା ସୁଧରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବ୍ୟାଙ୍କ ଋଣ ନେଇପାରିବେ। ସମସ୍ତ ସୁଧ ରାଜ୍ୟ ସରକାର ଫେରସ୍ତ କରିବେ। ଏହା ଦ୍ୱାରା ମା' ମାନଙ୍କର ଲକ୍ଷ ଲକ୍ଷ ଟଙ୍କା ସଞ୍ଚୟ ହେବ। ମିଶନ ଶକ୍ତି କମ୍ୟୁନିଟି ସପୋର୍ଟ ଷ୍ଟାଫ୍ ଓ ଫେଡେରେଶନ ଲିଡରମାନେ ବହୁତ ଭଲ କାମ କରୁଛନ୍ତି। ଖୁବ୍ ଶୀଘ୍ର ସେମାନେ ଖୁସି ଖବର ପାଇବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସୁଧ ଫେରସ୍ତ ବ୍ୟବସ୍ଥାର ଶୁଭାରମ୍ଭ କରି ବରଗଡ଼ ଜିଲା ମା' ଯମୁନା ଏସ୍‌ଏଚ୍‌ଜି ଓ ଗଞ୍ଜାମ ଜିଲା ମା' ବିମଳା ଏସ୍‌ଏଚ୍‌ଜିକୁ ଚେକ୍ ପ୍ରଦାନ କରିଥିଲେ।

କାର୍ଯ୍ୟକ୍ରମରେ ଯୋଗଦେଇ ମହିଳା ଓ ଶିଶୁ ବିକାଶ ତଥା ମିଶନ ଶକ୍ତି ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ ଦିଗ୍‌ଦର୍ଶନରେ ମହିଳା ସଶକ୍ତୀକରଣ ନିମନ୍ତେ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା ମିଶନ ଶକ୍ତି ମା'ମାନଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇଛି। ଏହି କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେଇ ମିଶନ ଶକ୍ତି ବିଭାଗ କମିଶନର ତଥା ଶାସନ ସଚିବ ସୁଜାତା ରାଉତ କାର୍ତ୍ତିକେୟନ କହିଛନ୍ତି ଯେ ବିନା ସୁଧରେ ଋଣ ବ୍ୟବସ୍ଥା ମା'ମାନଙ୍କ ହାତମୁଠାକୁ ଟାଣ କରିବା ସହିତ ଆର୍ଥିକ କ୍ଷେତ୍ରରେ ସେମାନଙ୍କୁ ଅଧିକ ସଶକ୍ତ କରିଛି। ମିଶନ ଶକ୍ତି ମା'ମାନେ ଆଜି ଏକ୍ସପୋଜର ଭିଜିଟରେ ଯାଉଛନ୍ତି। ଓଡ଼ିଶାର ରୂପାନ୍ତରରେ ମା'ମାନଙ୍କର ଏକ ପଦଚିହ୍ନ ଅଧିକ ସ୍ପଷ୍ଟ ହୋଇଯାଉଛି ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲାର ଏସ୍‌ଏଚ୍‌ଜି ଲିଡର କେତକୀ ବେହେରା ଧନ୍ୟବାଦ ଦେଇ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ଆମ ମା'ମାନଙ୍କୁ ବହୁତ ସମ୍ମାନ ଦେଉଛନ୍ତି। ଆମକୁ ହାଣ୍ଡିଶାଳରୁ ବାହାର କରି ଦୁବାଇ ଓ ସିଙ୍ଗାପୁର ବୁଲାଇଲେ। ରାଜ୍ୟର ୭୦ ଲକ୍ଷ ମା'ମାନଙ୍କ ସମ୍ମାନାର୍ଥେ ୟୁନିଫର୍ମ ଓ ବ୍ଲେଜର ବ୍ୟବସ୍ଥା କରିଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ସେ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରିଛନ୍ତି। କାର୍ଯ୍ୟକ୍ରମରେ ମିଶନ ଶକ୍ତି ଉପଦେଷ୍ଟା ଲୋପାମୁଦ୍ରା ବକ୍ସିପାତ୍ର, ଗୀତାଞ୍ଜଳି ବହିଆ, ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଉପସ୍ଥିତ ଥିଲେ।

## ୨୦୪୦ ସୁଦ୍ଧା ଚନ୍ଦ୍ରକୁ...

ଅଧିକାଂଶ ଉପକରଣ ଭାରତରେ ନିର୍ମାଣ ଭାରତରେ ନିର୍ମାଣ ହୋଇଥିବାରୁ ମହାକାଶ ଆବିଷ୍କାରରେ ଦେଶ ଆତ୍ମନିର୍ଭରଶୀଳ ହୋଇପାରିଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ମାନବବିହୀନ ଗଗନୟାନ (ଜି୧) ମିଶନ ପାଇଁ ଫ୍ଲାଇଟ୍ ଇଞ୍ଜିନ୍‌ର ସଫଳ ପରୀକ୍ଷା ଶେଷ କରିଛି। ଚଳିତ ମାସ ଦ୍ୱିତୀୟ ଭାଗରେ ଏହି ମିଶନ କାର୍ଯ୍ୟକାରୀ କରାଯାଇପାରେ। ୨୦୨୪-୨୫ରେ ଗଗନୟାନ ମିଶନ ପାଇଁ ଲକ୍ଷ୍ୟ ରଖାଯାଇଥିବାବେଳେ ୨୦୩୫ ବେଳକୁ ଭାରତୀୟ ଅନ୍ତରୀକ୍ଷ ଷ୍ଟେଶନ ଏବଂ ୨୦୪୦ ସୁଦ୍ଧା ଚନ୍ଦ୍ରକୁ ପ୍ରଥମ ମାନବ ପ୍ରେରଣ ଲାଗି ଲକ୍ଷ୍ୟ ରଖାଯାଇଛି।

## କ୍ରିକେଟ ପାଇଁ...

ଷ୍ଟାଡିୟମକୁ ସମ୍ପ୍ରସାରିତ କରାଯିବା ସହ ସମ୍ପୃକ୍ତ ଅଞ୍ଚଳର କ୍ରିକେଟ ଖେଳାଳିମାନଙ୍କ ପାଇଁ ସର୍ବୋତ୍ତମ ସୁବିଧାର ବିକାଶ କରାଯିବ। ଏଥିସହିତ ମୁଖ୍ୟମନ୍ତ୍ରୀ ବ୍ରହ୍ମପୁର ସ୍ପୋର୍ଟସ କମ୍ପ୍ଲେକ୍ସ, ପୁରୀଠାରେ ଶ୍ରୀଜଗନ୍ନାଥ କ୍ରିକେଟ ଷ୍ଟାଡିୟମ ଏବଂ ମହିଳା କ୍ରିକେଟ ଏକାଡେମୀ, ଯାଜପୁରର ସ୍ପୋର୍ଟସ କମ୍ପ୍ଲେକ୍ସ, ଝାରସୁଗୁଡ଼ାର କ୍ରିକେଟ ଗ୍ରାଉଣ୍ଡ ଏବଂ ଓଡ଼ିଶା କ୍ରିକେଟ ଆସୋସିଏଶନ ଦ୍ୱାରା ବିକଶିତ ହେଉଥିବା ୪୧ଟି କ୍ରିକେଟ ଏକାଡେମୀର ମଧ୍ୟ ଉଦ୍‌ଘାଟନ କରିଛନ୍ତି। ସ୍ୱାଧୀନତା ଆନ୍ଦୋଳନ ସମୟରେ ମହାତ୍ମା ଗାନ୍ଧୀ ବ୍ରହ୍ମପୁର ଆସିଥିବାରୁ ତାଙ୍କର ସ୍ମୃତି ଉଦ୍ଦେଶ୍ୟରେ ବ୍ରହ୍ମପୁର କ୍ରିକେଟ ଷ୍ଟାଡିୟମକୁ ମହାତ୍ମା ଗାନ୍ଧୀ କ୍ରିକେଟ ଷ୍ଟାଡିୟମ ଭାବେ ନାମିତ ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।

ଏଥିସହିତ ବ୍ରହ୍ମପୁରର ସୀତାପଲ୍ଲୀଠାରେ ଏକ ଇଣ୍ଟିଗ୍ରେଟେଡ ସ୍ପୋର୍ଟସ କମ୍ପ୍ଲେକ୍ସ କରିବାକୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏଥିରେ ଫୁଟ୍‌ବଲ, ଆଥ୍‌ଲେଟିକ୍ସ, କ୍ରିକେଟ, ଇନଡୋର ଷ୍ଟାଡିୟମ ଇତ୍ୟାଦି ନିର୍ମାଣ କରାଯିବ। ସେହିପରି ଗଞ୍ଜାମ ୱେଟ୍‌ଲିଫ୍ଟିଂ ଏକାଡେମୀ ସହିତ ୨୦୦ ସିଟ୍ ଥିବା ଛାତ୍ରାବାସ, ଯାହାକି ଦେଶର ସର୍ବବୃହତ୍ ଭାରୋତ୍ତୋଳନ ତାଲିମ କେନ୍ଦ୍ର ଭାବେ ପରିଣତ ହେବ। ଯାଜପୁରଠାରେ କୁସୁମା ସ୍ପୋର୍ଟସ କମ୍ପ୍ଲେକ୍ସ, ସୁଇମିଂପୁଲ୍, ହକି ତାଲିମ କେନ୍ଦ୍ର, ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ, ଆଥ୍‌ଲେଟିକ୍ସ ଟ୍ରାକ୍, ଫୁଟ୍‌ବଲ ପଡ଼ିଆ ଇତ୍ୟାଦି ସେ ଉଦ୍‌ଘାଟନ କରିଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀ ବରଗଡ଼ର ସ୍ପୋର୍ଟସ କମ୍ପ୍ଲେକ୍ସ ଏବଂ ଢେଙ୍କାନାଳ ଜିଲାରେ ବିଭିନ୍ନ ପ୍ରକାର କ୍ରୀଡ଼ା ଭିତ୍ତିଭୂମିର ଶିଳାନ୍ୟାସ କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟ ସରକାର ଏବଂ ଓସିଏ ମିଳିତ ଭାବେ ଆଗାମୀ ବର୍ଷ ପାଇଁ ରାଜ୍ୟରେ କ୍ରିକେଟ ପ୍ରତିଭା ସୃଷ୍ଟି ପାଇଁ କ୍ରୀଡ଼ା ବାତାବରଣ ସୃଷ୍ଟି କରିବା ଦିଗରେ ଫୋକସ ଦେଉଛନ୍ତି। ଯୁବଗୋଷ୍ଠୀଙ୍କୁ ସଶକ୍ତ କରିବା ପାଇଁ ରାଜ୍ୟ ସରକାର କ୍ରୀଡ଼ାକ୍ଷେତ୍ରକୁ ପ୍ରାଥମିକତା ଦେଉଛନ୍ତି। ଓଡ଼ିଶା ଦେଶର ଏକ ବୃହତ୍ କ୍ରୀଡ଼ା ସ୍ଥଳ ଭାବେ ଉଭାହୋଇଛି। ରାଜ୍ୟରେ ବିକଶିତ ହେଉଥିବା କ୍ରୀଡ଼ା ଭିତ୍ତିଭୂମି ଏବଂ ତାଲିମ କେନ୍ଦ୍ର ସୁବିଧା କ୍ରୀଡ଼ା ପ୍ରତି ପିଲାମାନଙ୍କର ରୁଚିକୁ ଅଧିକ ଆକର୍ଷିତ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା କରିଛନ୍ତି। ଏହି କାର୍ଯ୍ୟକ୍ରମ ରାଜ୍ୟର ୫୦ଟି ସ୍ଥାନରେ ଭିଡିଓ କନ୍‌ଫରେନ୍ସ ଜରିଆରେ କରାଯାଇଛି। ଏଥିରେ ବହୁ ସଂଖ୍ୟାରେ କ୍ରିକେଟ ଖେଳାଳି, କ୍ରୀଡ଼ାବିତ୍ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଓସିଏ ସଭାପତି ପ୍ରଣବ ପ୍ରକାଶ ଦାସ, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା ଯୋଗ ଦେଇଥିବା ବେଳେ ବାରବାଟୀ ଷ୍ଟାଡିୟମରେ ବହୁ ସଂଖ୍ୟାରେ କ୍ରିକେଟ ଖେଳାଳି ଉପସ୍ଥିତ ଥିଲେ।


# GRIDCO LIMITED

GRIDCO Empowering Odisha

(A Govt. of Odisha Undertaking)
Regd. Office : Janpath, Bhubaneswar-751022, ODISHA
CIN : U40109OR1995SGC003960
No.CAD-4357

## ADVERTISEMENT FOR RECRUITMENT IN GRIDCO LTD.

Advt.No.HR/01 Dated: 26.02.2024

GRIDCO Limited (GRIDCO) a wholly owned Government of Odisha Undertaking is engaged in the business of Bulk Purchase of power from various generators located in & outside Odisha and supply the Power in bulk to Distribution Companies of Odisha & sale of surplus power.

GRIDCO invites application for the following posts from eligible candidates having impeccable performance record and outstanding professional competency.

| Sl. No. | Name of the Posts | No. of Vacancy | Remarks |
|---|---|---|---|
| 1. | Senior Manager (Finance) | 1 | For Renewable Energy Nodal Agency, Corporateoffice,GRIDCO,BBSR on contractual basis. |
| 2. | Manager (Legal & Regulatory) | 1 | |
| 3. | Legal Officer | 1 | For Corporate office, GRIDCO, BBSR on Contractual /deputation basis. |

Detailed terms and conditions of appointment along with mode of application is available at **https://www.gridco.co.in**. Interested candidates, fulfilling the eligibility criteria are required to send their resume in the prescribed application format along with enclosures by Speed Post or Registered Post only which should reach the undersigned by **11.03.2024** positively.

OIPR-04056/11/0033/2324 Sd/- Dy. General Manager (HRD)

No.S-49

## ଓଡିଶା ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନା "ଏୟୁ" (AU) ସିରିଜ୍

| ପୁରସ୍କାର ବର୍ଗ | ପୁରସ୍କାର ପରିମାଣ (ଟଙ୍କା ହିସାବରେ) | ପୁରସ୍କାର ସଂଖ୍ୟା | ସମୁଦାୟ ପୁରସ୍କାର ରାଶି (ଟଙ୍କା ହିସାବରେ) | ପୁରସ୍କାର ବର୍ଗ | ପୁରସ୍କାର ପରିମାଣ (ଟଙ୍କା ହିସାବରେ) | ପୁରସ୍କାର ସଂଖ୍ୟା | ସମୁଦାୟ ପୁରସ୍କାର ରାଶି (ଟଙ୍କା ହିସାବରେ) |
|---|---|---|---|---|---|---|---|
| ପ୍ରଥମ | ୫,୦୦,୦୦୦/- | ୦୧ | ୫,୦୦,୦୦୦/- | ପଞ୍ଚମ | ୫୦,୦୦୦/- | ୦୫ | ୨,୫୦,୦୦୦/- |
| ଦ୍ୱିତୀୟ | ୩,୦୦,୦୦୦/- | ୦୨ | ୬,୦୦,୦୦୦/- | ଷଷ୍ଠ | ୨୫,୦୦୦/- | ୦୬ | ୧,୫୦,୦୦୦/- |
| ତୃତୀୟ | ୨,୦୦,୦୦୦/- | ୦୩ | ୬,୦୦,୦୦୦/- | ସପ୍ତମ | ୧୦,୦୦୦/- | ୨୫୦ | ୨୫,୦୦,୦୦୦/- |
| ଚତୁର୍ଥ | ୧,୦୦,୦୦୦/- | ୦୪ | ୪,୦୦,୦୦୦/- | ଅଷ୍ଟମ | ୪,୦୦୦/- | ୨୫୦୦ | ୧,୦୦,୦୦,୦୦୦/- |
| | | | | | ସମୁଦାୟ | ୨୭୭୧ | ୧,୫୦,୦୦,୦୦୦/- |

ଅନ୍ ଲାଇନ୍ କୁପନ ସଂଗ୍ରହ କରିବାର ଶେଷ ତାରିଖ:- ୩୧.୦୫.୨୦୨୪.

ଜିଲ୍ଲାପାଳ, ଉପଜିଲ୍ଲାପାଳ ଓ ବ୍ଲକ କାର୍ଯ୍ୟାଳୟରୁ ଯାଇ କୁପନ ସଂଗ୍ରହ କରିବାର ଶେଷ ତାରିଖ:- ୩୦.୦୬.୨୦୨୪.

ଅନ୍ ଲାଇନ୍ କୁପନ ସଂଗ୍ରହ କରିବା ପାଇଁ http://assa.odisha.gov.in କୁ ଲଗ୍ ଇନ୍ କରନ୍ତୁ । ଏହି ବ୍ୟବସ୍ଥା ମାଧ୍ୟମରେ ସମସ୍ତ ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀଙ୍କ ସମେତ ଭୁବନେଶ୍ୱର, ବ୍ରହ୍ମପୁର, ଭଞ୍ଜନଗର, ଅନଗୁଳ ସଦର, ଆନନ୍ଦପୁର, ବଲାଙ୍ଗିର ସଦର, ବାଲେଶ୍ୱର ସଦର, ବରଗଡ଼ ସଦର, ଭବାନୀପାଟନା, କଟକ ସଦର, ଢେଙ୍କାନାଳ ସଦର, ଜୟପୁର, ପାନପୋଷ, ରାୟଗଡା ସଦର ଓ କନ୍ଧମାଳ ସଦର, ଉପଖଣ୍ଡ ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀଙ୍କ ଠାରୁ କୁପନ ସଂଗ୍ରହ କରି ହେବ ।

**ଅନ୍ ଲାଇନ୍ କୁପନ ସଂଗ୍ରହ ବ୍ୟବସ୍ଥା ସହିତ, ପୂର୍ବପରି ସମସ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ ଓ ବ୍ଲକ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ମଧ୍ୟ କୁପନ ସଂଗ୍ରହ କରିହେବ।**

୨୦୨୩ କ୍ୟାଲେଣ୍ଡର ବର୍ଷରେ ଓଡିଶା ସ୍ଥିତ ଯେକୌଣସି ଡାକଘର ବା ବ୍ୟାଙ୍କ୍ ରେ ସ୍ୱଳ୍ପ ସଞ୍ଚୟ ଯୋଜନାରେ ଜମା କରାଯାଇଥିବା ପ୍ରତ୍ୟେକ ୨୦୦୦ ଟଙ୍କା ଜମା ରାଶି ପିଛା ଗୋଟିଏ ମାଗଣା କୁପନ ସଂଗ୍ରହ କରି ଭାଗ୍ୟଶାଳୀ ବିଜେତା ହେବାର ସୁଯୋଗ ନିଅନ୍ତୁ ।

(ଅଧିକ ବିବରଣୀ ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ସହ ନିର୍ଦ୍ଦେଶକ ସଞ୍ଚୟ ଓ ଆର୍ଥିକ ସେବା/ ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ଓ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଅତିରିକ୍ତ ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ/ ଉପଖଣ୍ଡ ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀଙ୍କୁ ଯୋଗାଯୋଗ କରନ୍ତୁ । )

ସଞ୍ଚୟ ଓ ଆର୍ଥିକ ସେବା ନିର୍ଦ୍ଦେଶାଳୟ,
ଅର୍ଥ ବିଭାଗ,
ଓଡିଶା ସରକାର

OIPR-05001/11/0023/2324

# ODISHA LIFT IRRIGATION CORPORATION LTD.

(A Govt. of Odisha Undertaking)

## OFFICE OF THE EXECUTIVE ENGINEER, L.I. DIVISION, BARGARH

e-mail: eeolicbgh@gmail.com, Ph.: 06646-246126

No. 946 Dated: 23.02.2024

### E-Procurement Notice - EE/OLIC/BGH--16/2023-24

No. CAD-4299: The Executive Engineer, Lift Irrigation Division, Bargarh, invites 'Percentage Rate' basis bids in Sl. No. 1 to 16 Single Cover & Sl. No. 17 to 20 Double Cover System in online tender through e-procurement in the prescribed form for execution of the work power supply, installation of pump sets and energisation of 20 Nos. River Lift Project under different Blocks Bargarh district as noted below to be eventually drawn in P.W.D. form No. P1 of required Class contractor registered with the State Govt. of Odisha/Central Govt./M.E.S./Railways or other Govt. undertakings and with Regd. HT licence issued by ELBO having registered in the State portal and in case separate licence holder the Civil licence holder has to make Joint Venture with Electrical licence holder where the Civil licence holder will be treated as primary contractor and the evaluation shall be done as per required capacities of Class of PWD licence. The compatible digital signature certificate of PWD licence holder should be used for online bidding.

| Sl. No. | Name of Block | Name of the LIP | Head of Account | Approx. Value of Work | Cost of Tender Paper in Rs. (18% of GST) | EMD | Class of Contractor | Period of Completion | Cover Details |
|---|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 | 10 |
| 1 | Barpali | Kumbhari - VIII | BKVY | 2374271 | 7080 | 23743 | C or equivalent and electrical HT lience | 90 Days | Single Cover |
| 2 | Barpali | Samaleipadar - V | BKVY | 2414741 | 7080 | 24147 | | | |
| 3 | Bheden | Apamara - I | BKVY | 4841980 | 7080 | 48420 | | | |
| 4 | Bheden | Barpadar - V | BKVY | 2382432 | 7080 | 23824 | | | |
| 5 | Bheden | Ichhapur - II | BKVY | 4939354 | 7080 | 49394 | | | |
| 6 | Bheden | Jandol - VI | BKVY | 2432358 | 7080 | 24324 | | | |
| 7 | Bheden | Jandol - VII | BKVY | 2435497 | 7080 | 24355 | | | |
| 8 | Bheden | Kesharipali - I | BKVY | 4935842 | 7080 | 49358 | | | |
| 9 | Bheden | Remanda - III | BKVY | 2404782 | 7080 | 24048 | | | |
| 10 | Bheden | Salepali - VIII | BKVY | 2414964 | 7080 | 24150 | | | |
| 11 | Bheden | Salepali - IX | BKVY | 2326505 | 7080 | 23265 | | | |
| 12 | Bhatli | Urduna - III | BKVY | 4220584 | 7080 | 42206 | | | |
| 13 | Gaisilat | Barhamunda - III | BKVY | 2699065 | 7080 | 26991 | | | |
| 14 | Jharbandh | Bhandarjori - I | BKVY | 2710508 | 7080 | 27105 | | | |
| 15 | Jharbandh | Bilashpur - II | BKVY | 2720810 | 7080 | 27208 | | | |
| 16 | Jharbandh | Kandadangar - I | BKVY | 2683364 | 7080 | 26834 | | | |
| 17 | Gaisilat | Sardhapali - I | BKVY | 5501093 | 11800 | 55011 | B or equivalent and electrical HT lience | 90 Days | Double Cover |
| 18 | Sohela | Karandola - III | BKVY | 5309766 | 11800 | 53098 | | | |
| 19 | Sohela | Sidhira - V | BKVY | 5318122 | 11800 | 53181 | | | |
| 20 | Sohela | Sidhira - IV | BKVY | 5319828 | 11800 | 53198 | | | |

1. Name of the tender Inviting Officer : Executive Engineer, L.I. Division, Bargarh
2. Name of the work : Power supply, installation of pump sets and energisation of 20 Nos. of L.I. Projects in different block of Bargarh district.
3. No. of Packages : 20 Nos.
4. Tender Amount : Varies from 23.27 laksh to 55.01 lakhs
5. Date and time of availability of bid documents in the portal for online bidding from 10.00 hrs. dated 28.02.2024 to 17.00 hrs. dated 11.03.2024.
6. Last date and time of receipt of bids in the portal upto 17.00 hrs. dated: 11.03.2024.
7. Last date and time of clarification upto 17.00 hrs. dated 11.03.2024.
8. Date of opening of technical bid (Cover - 1) at 10.00 hrs. dated 12.03.2024.
9. Date of opening of Financial Bid (Cover - 2) will be informed after evaluation of technical bids.
10. Further details can be seen from the e-procurement portal of Govt. of Odisha i.e. **www.tendersorissa.gov.in**.
11. Subsequent corrigendum/addendum if required shall be available in the above portal.

OIPR-32509/11/0012/2324 Sd./- Executive Engineer, L.I. Division, Bargarh

# OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, SUNDARGARH

Notice No. 1002 Date: 23.02.2024

## NOTICE

No. E-886: In pursuance to Advt. No. 4241/NHM/2023, Dated: 22.08.2023 for the Post of AYUSH Doctor Ayurvedic & Homoeopathic (Co-located & MHT-RBSK), list of provisionally shortlisted candidates from Panel List as per merit has been hoisted in the district website **www.sundergarh.nic.in**. For certificate verification candidates are requested to appear on Dt.04.03.2024 at Conference Hall of CDM & PHO, Sundargarh at 10.00 A.M. with all original documents. The candidates fail to appear for certificate verification as per the schedule fixed shall not be entertained later.

Sd./- CDM & PHO-cum-DMD, Sundargarh
OIPR-10100/11/0045/2324

# OFFICE OF MUNICIPAL COUNCIL, SUNABEDA

No. C-3234 **E-PROCUREMENT NOTICE**
No. 724 Date: 23.02.2024

**Bid Identification No. M.C.-SBD-07/2023-24**

| | | |
|---|---|---|
| Total No. of Works | : | 01 No. |
| Tender Value | : | Rs.58,57,000/- |
| Available Period | : | Dt.26.02.2024, 11.00 A.M. to Dt.07.03.2024, 5.00 P.M. |
| Technical Tender Opening Date | : | 12.03.2024 at 11.00 A.M. |
| Date and time of Opening of Price | : | To be intimated later to the Bid/ Financial BID/DTCN Part-II bidder(S) fund qualified after checking and evaluation of Technical Bids received Online. |

Bidders are requested to participate in advance with their B Class DSC before the closing date. Further details please visit: **https://www.tendersorissa.gov.in**.

Sd./- Executive Officer, Sunabeda Municipality
OIPR-13076/11/0024/2324

# ZILLA SWASTHYA SAMITI, KHORDHA

(Department of Health & FW, Govt. of Odisha)

## TENDER CALL NOTICE

Adv. No.02/2024 Date:27.02.2024

**No.E-891:** Sealed tenders are invited from any Local Registered Travel Agency/ Individuals only having valid GSTIN/PAN for providing of vehicles on monthly basis in the undersigned office O/o Chief District Medical & Public Health Officer, Khordha.

The sealed quotation should reach at O/o. CDM & PHO, Khordha in any working day by 19.03.2024 till 5.00 PM along with all required documents by Speed Post/ Regd. Post/ Courier only by Superscribing on the top of the envelope "Providing of vehicles on monthly basis REF No. 02/2024". The tender will be opened on 20.03.2024 at 11.30 AM in the office of the undersigned in presence of the bidders/ authorised representatives of the quotationers. Details regarding items and terms & conditions may be downloaded from www.khordha.nic.in. The undersigned reserves the right to accept or reject any or all the quotations without assigning any reason thereof.

Sd./- CDM & Public Health Officer, Khordha
OIPR-10173/11/0017/2324

# PANCHAYAT SAMITI, BARKOTE, DIST.: DEOGARH

No. 608 Date: 26.02.2024

## CORRIGENDUM TO TENDER CALL NOTICE

No. i-646: Tender Call Notice No. 531 dated 21.02.2024 has been uploaded in the district webstie **www.deogarh.nic.in** from 22.02.2024. The period of sale of tender documents scheduled from 23.02.2024 to 28.02.2024 is hereby extended upto 04.03.2024 at 5.30 P.M. The tender papers shall be opened on Dt.05.03.2024 at 11.00 A.M. The remaining contents of the aforesaid tender call notice will remain unchanged. For details please visit the district website **www.deogarh.nic.in**.

Sd./- Block Development Officer, Barkote
OIPR-19394/11/0005/2324

GOVERNMENT OF ODISHA No. CAD-4309

# ROURKELA DEVELOPMENT AUTHORITY, ROURKELA

Phone No.: (0661) 2500224, Email ID: secretaryrda@gmail.com

## NOTICE INVITING TENDERS NATIONAL COMPETITIVE BIDDING THROUGH e-Procurement

Bid Identification No. 04/Rkl. RDA/2023-24 Dt.23.02.24

| | | |
|---|---|---|
| 01.Name of the Work | : | 4 Nos. Works |
| 02.Estimated Cost | : | 12.06 Lakhs to 22.50 Lakhs |
| 03.Period of Completion | : | 90 (Ninety) Days |
| 04.Date & time of availability of bid document in the portal | : | From 11.00 A.M. of Dt.27.02.24 to 5.00 P.M. of 07.03.24 |
| 05.Last date/time of receipt of bids in the portal | : | 5.00 P.M. of 07.03.24 |
| 06.Date & time of opening of bids | : | At 11.00 A.M. of 11.03.24 |
| 07.Name and address of the Officer Inviting Bid | : | Secretary, Rourkela Development Authority, Uditnagar, Rourkela - 769012 |

Further details can be seen from the website **www.tendersodisha.gov.in**.

Sd./- Secretary, Rourkela Development Authority, Rourkela
OIPR-13250/11/0009/2324

GOVERNMENT OF ODISHA

# OFFICE OF THE ADDITIONAL CHIEF ENGINEER, P.H.CIRCLE, SAMBALPUR

E-mail id: sephsbp@yahoo.in/ sephsbp@gmail.com

## 1st Corrigendum to the e-Procurement Bid Identification No.ACEPHSBP 10/2023-24, Dt.21.02.2024

**No.C-3244:** The tender in response to the above mentioned Tender Call Notice is re-scheduled as follows and other term and conditions remained same.

**Critical Dates:**

| Sl. No. | Description | Scheduled Dates | Re-Scheduled Dates |
|---|---|---|---|
| (i) | Period of availability of tender online | From 11.00 Hrs. of 26.02.2024 to 17.00 Hrs. of 06.03.2024 | From 11.00 Hrs. of 28.02.2024 to 17.00 Hrs. of 13.03.2024 |
| (ii) | Last date & time of seeking clarification | 17.00 Hrs. of 02.03.2024 | 17.00 Hrs. of 04.03.2024 |
| (iii) | Last date & time of bidding online | 17.00 Hrs. of 06.03.2024 | 17.00 Hrs. of 13.03.2024 |
| (iv) | Date & time of opening of Bid | 11.00 Hrs. of 07.03.2024 | 11.00 Hrs. of 14.03.2024 |

OIPR-13018/11/0008/2324 Sd./- Additional Chief Engineer, P.H.Circle, Sambalpur

# ODISHA PUBLIC SERVICE COMMISSION

## ADVERTISEMENT No. 29 of 2023-24

### Recruitment to the Posts of Assistant Professor (Broad Speciality) of Government MCHs in the Rank of Group-A, under Health & Family Welfare Department

**WEBSITE: https://opsc.gov.in**

No. D-243: Online applications are invited from the prospective candidates through proforma application to be made available on the website of the Commission **(https://opsc.gov.in)** for recruitment to **102 (One Hundred and Two)** Posts of **Assistant Professor (Broad Speciality)** in 23 different disciplines of Group-A, under the Odisha Medical Education Service Cadre, for posting in Government MCHs of the State of Odisha, under the Health & Family Welfare Department in the Academic Level-12 of ORSP (MCT) Rules, 2019 with usual dearness and other allowances as may be sanctioned by the Government of Odisha from time to time. The posts are purely temporary for the present and likely to be made permanent in future.

2. **VACANCY POSITION:** As per requisition furnished by the Health & Family Welfare Department, Government of Odisha, out of 102 (13 - W) vacancies, 56 (10 - W) posts are reserved for UR Category, 10 (01 - W) posts are reserved for SEBC category, 15 (02 - W) posts are reserved for SC category and 21 posts are reserved for ST category.
3. **AGE:** A candidate must have attained the age of 21 (Twenty one) years and must not be above the age of 45 (Forty five) years on the 1st day of January, 2024 i.e. he/she must have been born not earlier than 2nd January 1979 and not later than 1st January 2003.
4. **EDUCATIONAL QUALIFICATION:** The candidates must possess a Post Graduate Degree in the concerned Broad Speciality or any other equivalent degree or qualification prescribed by the MCI/NMC from time to time.
5. **METHOD OF SELECTION:** The selection of candidates for recruitment to the Post of Assistant Professor in Broad Speciality shall be made on the basis of Written Test of 200 marks as per the guidelines enumerated in Odisha Medical Education Service (Method of Recruitment and Conditions of Service) Rules, 2021.

The link for registration/re-registration shall be available from 20.03.2024 to 20.04.2024 (Note: 20.04.2024 is the last date for submission of Registered Online Application)

The candidates are advised to visit the Website of the Commission at **https://opsc.gov.in** for detailed information for applying to the above post.

CUTTACK
DATE: 27.02.2024

Sd./- SECRETARY
ODISHA PUBLIC SERVICE COMMISSION, CUTTACK
OIPR-12002/11/0164/2324

# ରାଜ୍ୟ ଭିନ୍ନକ୍ଷମ ପୁନର୍ବାସ ପ୍ରତିଷ୍ଠାନ, କ୍ୟାପିଟାଲ ହସ୍ପିଟାଲ ପରିସର

## ୟୁନିଟ୍-୬, ଭୁବନେଶ୍ୱର- ୭୫୧୦୦୧

No.ହହ-23:- ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଅନ୍ତର୍ଗତ ରାଜ୍ୟ ଭିନ୍ନକ୍ଷମ ପୁନର୍ବାସ ପ୍ରତିଷ୍ଠାନ, ଭୁବନେଶ୍ୱର ତରଫରୁ ଓଡ଼ିଶା ସଂଗୀତ ନାଟକ ଏକାଡେମୀ ସହାୟତାରେ ଭିନ୍ନକ୍ଷମ କଳାକାରମାନଙ୍କୁ ନେଇ ଏକ Musical Band ଗଠନ ନିମନ୍ତେ ସରକାରୀ ସ୍ୱୀକୃତି ଲାଭକରିଛି। ଏଥି ନିମନ୍ତେ କଣ୍ଠ ସଂଗୀତ / ବାଦ୍ୟଯନ୍ତ୍ରରେ ନିପୁଣ ବ୍ୟକ୍ତିବିଶେଷଙ୍କୁ ନେଇ ଏକ ଚୟନମଣ୍ଡଳୀ ଗଠନ କରାଯାଇଛି। ଉକ୍ତ ଚୟନ ମଣ୍ଡଳୀ ବିଭିନ୍ନ ଜିଲ୍ଲାରେ ବସବାସ କରୁଥିବା ଭିନ୍ନକ୍ଷମ ବ୍ୟକ୍ତିଙ୍କ ମଧ୍ୟରୁ କଣ୍ଠ / ବାଦ୍ୟଯନ୍ତ୍ରରେ ନିପୁଣ ବ୍ୟକ୍ତିବିଶେଷଙ୍କ (ଅଡିସନ) ପରୀକ୍ଷା କରିବେ ଓ ତନ୍ମଧ୍ୟରୁ ଚୟନିତ ୩୦ ଜଣିଆ Musical Band ଗଠନ ନିମନ୍ତେ ପ୍ରସ୍ତାବ ଦେବେ। ଏହି ଚୟନିତ ଭିନ୍ନକ୍ଷମ ବ୍ୟକ୍ତିବିଶେଷଙ୍କୁ ରାଜ୍ୟ ଭିନ୍ନକ୍ଷମ ପୁନର୍ବାସ ପ୍ରତିଷ୍ଠାନ, ଭୁବନେଶ୍ୱରଙ୍କ ସହାୟତାରେ ତାଲିମ ଦିଆଯିବ। ତାଲିମ ସମୟରେ ଭିନ୍ନକ୍ଷମ କଳାକାରଙ୍କ ସମସ୍ତ ଖର୍ଚ୍ଚ ପ୍ରତିଷ୍ଠାନ ବହନ କରିବ। ଏହାପରେ ଉକ୍ତ Musical Band ଦଳ ନିଜସ୍ୱ ପ୍ରଚେଷ୍ଟାରେ ବିଭିନ୍ନ ସ୍ଥାନରେ ସଂଗୀତ ପରିବେଷଣ କରି ସ୍ୱାବଲମ୍ବୀ ଏବଂ ସ୍ୱରୋଜଗାରୀ ହେବେ। ଏହି ଚୟନିତ ଓ ତାଲିମ ଶେଷ କରିଥିବା ଭିନ୍ନକ୍ଷମ କଣ୍ଠ / ବାଦ୍ୟ ନିପୁଣ କଳାକାରଙ୍କୁ କୌଣସି ସ୍ଥାୟୀ ନିଯୁକ୍ତି ଦେବାର ପ୍ରାବଧାନ ନାହିଁ। ଜିଲ୍ଲାସ୍ତରରୁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଇଚ୍ଛୁକ ଭିନ୍ନକ୍ଷମ କଳାକାରମାନଙ୍କୁ ସୁପାରିସପତ୍ର ମାଧ୍ୟମରେ, ରାଜ୍ୟସ୍ତରୀୟ ଚୟନ କମିଟିକୁ ପଠାଇବେ। ପୂର୍ଣ୍ଣାଙ୍ଗ ଦରଖାସ୍ତ ତା୦୬।୦୩।୨୪ ସୁଦ୍ଧା, ସାଧାରଣ ପରିଚାଳକ ରାଜ୍ୟ ଭିନ୍ନକ୍ଷମ ପୁନର୍ବାସ ପ୍ରତିଷ୍ଠାନ, ଭୁବନେଶ୍ୱର- ୭୫୧୦୦୧ ଓଡ଼ିଶା କାର୍ଯ୍ୟାଳୟ ନିକଟରେ ପତ୍ର ମାଧ୍ୟମ କିମ୍ବା Email ID- sidrbhubaneswar@gmail.com ରେ ପଠାଇବା ହେବେ। ନିର୍ଦ୍ଦିଷ୍ଟ ତାରିଖ ପରେ ପହଞ୍ଚିଥିବା ଦରଖାସ୍ତ ବିଚାରଯୋଗ୍ୟ ହେବ ନାହିଁ। ରାଜ୍ୟ ସ୍ୱତନ୍ତ୍ର ଶିକ୍ଷା ଓ ଅନୁସନ୍ଧାନ ପ୍ରତିଷ୍ଠାନ (SISER) SIRD COMPLEX, ୟୁନିଟ୍-୮, ଭୁବନେଶ୍ୱରଠାରେ ଆସନ୍ତା ମାର୍ଚ୍ଚ ୧୧, ୧୨ ଓ ୧୩ ତାରିଖ ୯ଟାରୁ ୫ଟା ପର୍ଯ୍ୟନ୍ତ ଚୟନ ମଣ୍ଡଳୀ ଦ୍ୱାରା ଅଡିସନ ମାଧ୍ୟମରେ ଯୋଗ୍ୟ କଳାକାରମାନଙ୍କୁ ଚୟନ କରାଯିବ। ଏଥିନିମନ୍ତେ ଭିନ୍ନକ୍ଷମ ପ୍ରାର୍ଥୀଙ୍କ ସର୍ବନିମ୍ନ ଯୋଗ୍ୟତା ନିମ୍ନରେ ପ୍ରଦାନ କରାଗଲା।

(୧) ଭାରତୀୟ ନାଗରିକ ହୋଇଥିବେ ଏବଂ ଓଡ଼ିଶାର ବାସିନ୍ଦା ହୋଇଥିବେ।
(୨) ପ୍ରାର୍ଥୀଙ୍କର ବୟସ ୧୮ରୁ ୪୨ ମଧ୍ୟରେ ହୋଇଥିବ।
(୩) ପ୍ରାର୍ଥୀଙ୍କର ଅକ୍ଷମତା ୪୦% ବା ତଦୂର୍ଦ୍ଧ୍ୱ ହୋଇଥିବ । ପ୍ରାର୍ଥୀଙ୍କର ଅକ୍ଷମତା ପ୍ରମାଣପତ୍ର (UDID) ଦାଖଲ କରିବେ।

ବି.ଦ୍ର.: (କ) ଅଡିସନରେ ଭାଗ ନେବାକୁ ଆସିଥିବା ଭିନ୍ନକ୍ଷମ କଳାକାର ଏବଂ ସେମାନଙ୍କର ଜଣେ ସହଯୋଗୀ (Escort)ଙ୍କୁ ଗସ୍ତ ଖର୍ଚ୍ଚ ସରକାରୀ ନିୟମ ଅନୁସାରେ ପ୍ରଦାନ କରାଯିବ।
(ଖ) ଚୟନିତ କଳାକାରମାନଙ୍କର ତାଲିମ ଶେଷହେବା ପରେ ଉକ୍ତ ପ୍ରତିଷ୍ଠାନ ଦ୍ୱାରା ପୂର୍ଣ୍ଣାଙ୍ଗ ତାଲିମ ନେଇଥିବା କଳାକାରମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯିବ।
(ଗ) ସଂଗୀତ ଅଡିସନରେ ଭାଗ ନେବାକୁ ଆସୁଥିବା କାଳାକାରମାନେ ନିଜ ନିଜର ବାଦ୍ୟଯନ୍ତ୍ର ଆଣିଥିବେ ଓ ସେ କେଉଁ ବାଦ୍ୟରେ ପାରଙ୍ଗମ ତାହା ଉଲ୍ଲେଖ କରିବେ।
(ଘ) ଚୟନିତ ଭିନ୍ନକ୍ଷମ କଳାକାରମାନଙ୍କ ପ୍ରଶିକ୍ଷଣ ଓ ଅଭ୍ୟାସ ଶିବିର ତା୧୮।୦୩।୨୪ଠାରୁ ଆରମ୍ଭ କରାଯିବ।

**ସ୍ୱା./- ସାଧାରଣ ପରିଚାଳକ, ରାଜ୍ୟ ଭିନ୍ନକ୍ଷମ ପୁନର୍ବାସ ପ୍ରତିଷ୍ଠାନ, ଭୁବନେଶ୍ୱର**

**ଆବେଦନ ଫର୍ମ**

ପାସ୍‌ପୋର୍ଟ ଫଟୋ

୧. ନାମ ...............................................
୨. ପିତା/ ମାତା / ସ୍ୱାମୀ / ଅଭିଭାବକ ...............................................
୩. ୟୁ.ଡି.ଆଇ.ଡି. (UDID) ନଂ. ...............................................
୪. ଜନ୍ମ ତାରିଖ ...............................................
୫. ସମ୍ପୂର୍ଣ୍ଣ ଠିକଣା ...............................................
୬. ମୋବାଇଲ ନଂ. ........................ ଇମେଲ୍ ........................
୭. କେଉଁ କ୍ଷେତ୍ରରେ ଅଡିସନ ଦେବାକୁ ଇଚ୍ଛୁକ (କଣ୍ଠ ସଂଗୀତ / ବାଦ୍ୟଯନ୍ତ୍ର)
୮. କଣ୍ଠ ସଂଗୀତରେ କେଉଁ ଭାଷାର ଗୀତ ଗାଇପାରନ୍ତି ଓଡ଼ିଆ / ହିନ୍ଦୀ / ସଂସ୍କୃତ / ଇଂରାଜୀ
୯. କେଉଁ ପ୍ରକାରର ବାଦ୍ୟ ବଜାଉଛନ୍ତି ବା ପ୍ରବୀଣତା ହାସଲ କରିଛନ୍ତି।
୧୦. କୌଣସି ସଂଗୀତ / ବାଦ୍ୟ ପ୍ରମାଣପତ୍ର ହାସଲ କରିଛନ୍ତି କି ? ଯଦି ହଁ, ତା'ର ବିବରଣୀ ଓ ପ୍ରମାଣପତ୍ରର ନକଲ।
୧୧. ପ୍ରାର୍ଥୀ କୌଣସି ସଂଗୀତ / ବାଦ୍ୟ ଦଳରେ ସାମିଲ ଅଛନ୍ତି କି ? ଯଦି ହଁ, ତେବେ ତା'ର ସମ୍ପୂର୍ଣ୍ଣ ବିବରଣୀ।
୧୨. ପ୍ରାର୍ଥୀଙ୍କର ସାଧାରଣ ଶିକ୍ଷାଗତ ଯୋଗ୍ୟତା ବିବରଣୀ ଓ ପ୍ରାର୍ଥୀଙ୍କର ବାସସ୍ଥାନର ବିବରଣୀ।
୧୩. ପ୍ରାର୍ଥୀ ଆକାଶବାଣୀ / ଦୂରଦର୍ଶନ / କୌଣସି ଚ୍ୟାନେଲ୍‌ରେ ବା Social Mediaରେ କେବେ ଭାଗନେଇ ଥିବାର ପ୍ରମାଣ ବା ଭିଡିଓ (Video) ପ୍ରଦାନ କରିପାରିବେ।

ମୁଁ ଏଠାରେ ଘୋଷଣା କରେ ଯେ, ଉପରୋକ୍ତ ଏବଂ ଆବଦ୍ଧ ଦଲିଲଗୁଡ଼ିକରେ ଦିଆଯାଇଥିବା ସୂଚନା ଜାଣତରେ ସତ୍ୟ ଅଟେ ଏବଂ ଏଥିରେ କିଛି ଲୁଚାଯାଇ ନାହିଁ। ମୁଁ ବୁଝିପାରୁଛି ଯେ, ଯଦି ମୋ ଦ୍ୱାରା ଦିଆଯାଇଥିବା ତଥ୍ୟ ସତ୍ୟ ନୁହେଁ ବୋଲି ପ୍ରମାଣିତ ହୁଏ, ତେବେ ମୋର ପ୍ରାର୍ଥିତ୍ୱ ନାକଚ କରାଯାଇପାରିବ।

**ଆବେଦନକାରୀଙ୍କର ଦସ୍ତଖତ ବା ଟିପ ଚିହ୍ନ**

ଆବେଦନକାରୀଙ୍କର ଦରଖାସ୍ତ ବିଚାର ପାଇଁ ସୁପାରିସ କରାଗଲା।

**ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ମୋହର**

OIPR-46002/11/0001/2324

## ଶେୟାର ବଜାରରେ ଉତ୍ସାହ

ନୂଆଦିଲ୍ଲୀ: ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ୨ୟ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ବିଶେଷକରି ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସଇ)ର ସେନ୍ସେକ୍ସ ୩୦୫ (୩୦୫.୦୯) ପଏଣ୍ଟ ବଢ଼ି ୭୩,୦୯୫(୭୩,୦୯୫.୨୨) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସଇ) ର ନିଫ୍ଟି-୫୦ରେ ମଧ ୭୬ (୭୬.୩୦) ପଏଣ୍ଟ ବୃଦ୍ଧି ଘଟି ୨୨,୧୯୮ (୨୨,୧୯୮.୩୫) ଅଙ୍କରେ କାରବାର ବନ୍ଦ ହୋଇଥିଲା।


## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ................................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## CLASSIFIED DISPLAY

MORE SPACE • SAME PRICE

TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ADMISSION OPEN
B.Ed, M.Ed, B.P.Ed.
Equivalent of Utkal University
Lowest Fees
Odisha School of Professional Studies
Address:
Plot No.N2/57, 2nd Floor, Near N2 Park, IRC Village, Nayapalli, Bhubaneswar- 751015
CONTACT NO.
7008096933
9692828174

SHUBHRA RANJAN
Always Ahead
Delhi's Best IAS Institute now in Bhubaneswar
GS FOUNDATION COURSE
(ONLINE / OFFLINE MODE)
UPSC (IAS, IPS, IRS..) OPSC (OAS, OPS, ORS..)
GENERAL STUDIES INTEGRATED COURSE
COURSE FEATURES
- Comprehensive Coverage
- Conceptual Clarity
- Weekly Answer Writing
- Doubt Session
- 800+ Hours Classes
- Mentorship

MODULAR COURSES
- Test Series
- Current Affairs
- CSAT
- ESSAY

Head Office
25 PUSA ROAD, KAROL BAGH, NEW DELHI-110005
Mobile/Whatsapp
7008476028
7788807774
9668384085

OAS HUB
Make your dreams into reality
OAS / IAS
JOIN NEW PRELIMS TO PERSONALITY TEST (P2P) BATCH.
For Odisha Administrative Services.
ADMISSION OPEN NOW
Somi Palace, Plot No. M5/17, Ground Floor, Acharya Vihar, Bhubaneswar
Contact Us:
8926232634
9827166018

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ୟୁବିଆଇ ବାଲେଶ୍ୱର ପକ୍ଷରୁ ରିଟେଲ ଏକ୍ସପୋ

**ଭୁବନେଶ୍ୱର,୨୭।୨ (ଅଭୟ ଦାଶ)**




ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ (ୟୁବିଆଇ)ର କ୍ଷେତ୍ରୀୟ କାର୍ଯ୍ୟାଳୟ ବାଲେଶ୍ୱର ପକ୍ଷରୁ ଏକ ଦିନିକିଆ ଖୁଚୁରା ପ୍ରଦର୍ଶନୀ ବା ରିଟେଲ ଏକ୍ସପୋ-୨୦୨୪ ବାଲେଶ୍ୱରର ହରିପ୍ଲାଜାଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୟୁବିଆଇ ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟର ସହାୟକ ମହାପ୍ରବନ୍ଧକ ସନ୍ଦୀପ ଦାସ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉକ୍ତ ପ୍ରଦର୍ଶନୀ (ଏକ୍ସପୋ)କୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ୟୁବିଆଇ ବାଲେଶ୍ୱର କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ଜୟଗୋପାଳ ବେହେରା ଏବଂ ଉପ-କ୍ଷେତ୍ରୀୟ ମୁଖ୍ୟ ଗଜେନ୍ଦ୍ର ନାଥ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ପ୍ରଦର୍ଶନୀରେ ରାଜ୍ୟର ପ୍ରତିଷ୍ଠିତ ବିଲ୍ଡର, ଟାଟା ସୋଲାର, ଦେଶ ଓ ଦେଶ ବାହାରେ ଶିକ୍ଷା ଲାଭର ମାର୍ଗଦର୍ଶନ ପାଇଁ ଶିକ୍ଷା ପରାମର୍ଶଦାତା ଆଦି ଯୋଗ ଦେଇଥିଲେ। ସେହିପରି ଗାଡି ଡିଲର, ବ୍ୟାଙ୍କ ଇନ୍ସ୍ୟୁରାନ୍ସ, ମ୍ୟୁଚୁଆଲ ଫଣ୍ଡ ଏବଂ ବିଭିନ୍ନ ଖୁଚୁରା ଉତ୍ପାଦ କାଉଣ୍ଟରରୁ ଅଭିଜ୍ଞ ଆର୍ଥିକ ପରାମର୍ଶଦାତା ଏବଂ ବ୍ୟାଙ୍କ ଅଧିକାରୀମାନେ ଗୋଟିଏ ଛାତ ତଳେ ପରସ୍ପରକୁ ଭେଟି ଭାବାନୁପ୍ରଦାନ କରିଥିଲେ। ସେହିଭଳି ୩୦୦ରୁ ଊର୍ଦ୍ଧ୍ୱ ଗ୍ରାହକ ମେଳା ପରିଦର୍ଶନ କରିବା ସହ ଆର୍ଥିକ ସାକ୍ଷରତା ଉପରେ ଜ୍ଞାନ ହାସଲ କରିଥିଲେ। ଅପରପକ୍ଷରେ ୧୨ବର୍ଷରୁ କମ୍ ପିଲାମାନଙ୍କ ପାଇଁ ଏକ ଚିତ୍ରାଙ୍କନ ପ୍ରତିଯୋଗିତାର ମଧ୍ୟ ଆୟୋଜନ କରାଯାଇଥିଲା।

# ଅର୍ଥନୈତିକ ବିକାଶରେ ମାତୃଭାଷାର ଭୂମିକା ଅତୁଳନୀୟ

**ଭୁବନେଶ୍ୱର,୨୭।୨**

ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ (ଆଇଓବି)ର ବ୍ରହ୍ମପୁର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ମାତୃଭାଷା ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆଇଓବିର ବରିଷ୍ଠ କ୍ଷେତ୍ରୀୟ ପ୍ରବନ୍ଧକ ମନୀଷ କୁମାରଙ୍କ ଅଧ୍ୟକ୍ଷତାରେ ଏକ ଆଲୋଚନାଚକ୍ର କ୍ଷେତ୍ରୀୟ କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ନିକଟସ୍ଥ ଶାଖାଗୁଡ଼ିକର ଉତ୍ସାହୀ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ। ବିଶେଷ କରି ସମାଜରେ ବ୍ୟକ୍ତିଗତ, ସାମାଜିକ ଏବଂ ଅର୍ଥନୈତିକ ବିକାଶ ଦିଗରେ ମାତୃଭାଷାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ମନୀଷ କୁମାର ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ଏହି ଅବସରରେ ଆଇଓବି ବ୍ରହ୍ମପୁରର ମୁଖ୍ୟ ପ୍ରବନ୍ଧକ ରତିକାନ୍ତ ବେହେରା ମାତୃଭାଷା ଦିବସ ପାଳନର ଆଭିମୁଖ୍ୟ ଉପରେ ବିସ୍ତୃତ ଆଲୋକପାତ କରିବା ସହିତ କର୍ମଚାରୀମାନଙ୍କୁ ମାତୃଭାଷରର ମହତ୍ତ୍ୱ ବିଷୟରେ ସମ୍ବୋଧିତ କରିଥିଲେ। ମାତୃଭାଷାର ସୁରକ୍ଷା ଏବଂ ପ୍ରଚାରପ୍ରସାର ଉପରେ ମଧ୍ୟ ସେ ଗୁରୁତ୍ୱାରୋପ କରିଥିଲେ। ପରିଶେଷରେ ବ୍ୟାଙ୍କ ପକ୍ଷରୁ ଆୟୋଜିତ ଏକ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ଆଇଓବି ବ୍ରହ୍ମପୁର କ୍ଷେତ୍ରୀୟ କାର୍ଯ୍ୟାଳୟର ପ୍ରବନ୍ଧକ ପ୍ରତିଭା ବହିଦାର ଉକ୍ତ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ।

# ଟିପିସିଓଡିଏଲ୍‌ର ନୂତନ ଅଭିଯାନ

**ଭୁବନେଶ୍ୱର,୨୭।୨**

ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିସିଓଡିଏଲ)ର ନୂତନ ଅଭିଯାନ 'ଆଭାଶକ୍ତି'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷ କରି ମହିଳା ସଶକ୍ତୀକରଣ ଉପରେ କମ୍ପାନୀ ସର୍ବଦା ଦୃଢ଼ ଗୁରୁତ୍ୱାରୋପ କରିଥାଏ। ସମାଜର ରୂପାନ୍ତରଣରେ ମହିଳାମାନେ ନିର୍ବାହ କରୁଥିବା ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ୱୀକୃତି ଦେଇ, ସେମାନଙ୍କୁ ବିଭିନ୍ନ ବିଷୟଭିତ୍ତିକ ଗତିବିଧିରେ ଯୋଡ଼ି, ମହିଳାଙ୍କ ଜୀବନରେ ଉନ୍ନତି ଆଣିବାକୁ ଟିପିସିଓଡିଏଲ୍ ପ୍ରତିବଦ୍ଧ ରହିଛି। ସେହିଭଳି ଟିପିସିଓଡିଏଲ୍‌ର ମୂଳ ଉଦ୍ଦେଶ୍ୟ ଅନୁଯାୟୀ ମହିଳାମାନଙ୍କୁ ଅର୍ଥନୈତିକ ଓ ସାମାଜିକସ୍ତରରେ ସଶକ୍ତ କରିବା ପାଇଁ ପଦକ୍ଷେପ ଗ୍ରହଣ କରିଛି। ଏଭଳି ଏକ ପଦକ୍ଷେପ ହେଉଛି ବିଲିଂ ଓ କଲେକ୍ସନ କାର୍ଯ୍ୟ ପାଇଁ 'ଆଭା ଶକ୍ତି' ନାମରେ ପରିଚିତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ନିୟୋଜିତ କରିବା। ସେହିପରି ଆଭା ଶକ୍ତି ସଦସ୍ୟଙ୍କ ଉଲ୍ଲେଖନୀୟ ଅବଦାନକୁ ସମ୍ମାନ ଜଣାଇ, ଟିପିସିଓଡିଏଲ୍ ପକ୍ଷରୁ ଅନୁଗୁଳ,ନୟାଗଡ଼ ଓ ବାଲୁଗାଁ ବିଦ୍ୟୁତ ଡିଭିଜନରେ ବାର୍ଷିକ ଆଭା ଶକ୍ତି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସମ୍ପୃକ୍ତ ଡିଭିଜନର ୫୨୫ରୁ ଅଧିକ ଆଭାଶକ୍ତି ସଦସ୍ୟ ଅଂଶଗ୍ରହଣ କରିଥିଲେ ଏବଂ ସେଠାରେ ଶ୍ରେଷ୍ଠ ପ୍ରଦର୍ଶନକାରୀଙ୍କୁ ସେମାନଙ୍କ ନିଷ୍ଠା ଏବଂ ପରିଶ୍ରମ ପାଇଁ ସମ୍ମାନିତ କରାଯାଇଥିଲା।

# ସମାଜର ବିକାଶ ପାଇଁ ଏନ୍‌ଜିଓର ଭୂମିକା ଗୁରୁତ୍ୱପୂର୍ଣ୍ଣ

**ଭୁବନେଶ୍ୱର,୨୭।୨**

ବେଦାନ୍ତ ଆଲୁମିନିୟମ ପକ୍ଷରୁ ବିଶ୍ୱ ଏନ୍‌ଜିଓ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀ ଏନ୍‌ଜିଓଙ୍କ ସହଭାଗିତାରେ ୫ଲକ୍ଷରୁ ଅଧିକ ହିତାଧିକାରୀଙ୍କ ଜୀବନରେ ଏକ ସକାରାତ୍ମକ ପରିବର୍ତ୍ତନ ଆଣିଛି। ଚଳିତ ଆର୍ଥିକ ବର୍ଷରେ କମ୍ପାନୀ ସାମାଜିକ ହସ୍ତକ୍ଷେପରେ ୬.୩ଲକ୍ଷରୁ ଅଧିକ ବ୍ୟକ୍ତିବିଶେଷଙ୍କୁ ସହାୟତା ଯୋଗାଇ ଦେଇଛି। ଏପରିକି ଗୋଷ୍ଠୀର ଆବଶ୍ୟକତା, ସରକାରଙ୍କ ବିକାଶମୂଳକ ପଦକ୍ଷେପ ଓ ମିଳିତ ଜାତିସଂଘର ସ୍ଥାୟୀ ବିକାଶ ଲକ୍ଷ୍ୟ ସହ ସାମାଜିକ ଅର୍ଥନୈତିକ ପ୍ରଗତି ଲାଗି କମ୍ପାନୀ ୨୦ରୁ ଅଧିକ ଏନ୍‌ଜିଓଙ୍କ ସହ ସକ୍ରିୟ ଭାବେ କାର୍ଯ୍ୟ କରୁଛି। ସେହିଭଳି କମ୍ପାନୀର କାର୍ଯ୍ୟ କ୍ଷେତ୍ର ଯଥା ଓଡ଼ିଶା ଝାରସୁଗୁଡ଼ାର ବୃହତ୍ ଆଲୁମିନିୟମ ସ୍ମେଲଟର ସହିତ ଲାଞ୍ଜିଗଡ଼ଠାରେ ଥିବା ବିଶ୍ୱସ୍ତରୀୟ ଆଲୁମିନା ରିଫାଇନେରି ଏବଂ କୋର୍ବା ଛତିଶଗଡ଼ର ଭାରତର ଆଇକନ ଆଲୁମିନିୟମ ଉତ୍ପାଦକ ବାଲ୍‌କୋ ଓ ଏହାର ଖଣିଗୁଡ଼ିକ ଅନ୍ତର୍ଭୁକ୍ତ ରହିଛି। ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଇଓ ଜନ୍ ସ୍ଲାଭେନ କହିଛନ୍ତି, ଆର୍ଥିକ ବର୍ଷ ୨୧ ଓ ୨୩ ମଧ୍ୟରେ ଆମର ଗୋଷ୍ଠୀ ପାଇଁ ପୁଞ୍ଜି ବିନିଯୋଗ ୪୫% ବୃଦ୍ଧି ପାଇଛି, ଯେଉଁଠିରେ ଆମେ କାର୍ଯ୍ୟ କରୁଥିବା ଅଞ୍ଚଳର ଗୋଷ୍ଠୀର ସାମଗ୍ରିକ ବିକାଶ ଲାଗି ଏକ ଦୃଢ ପ୍ରତିଶ୍ରୁତି ପ୍ରଦାନ କରିଛୁ। ଆମ ସହ କାର୍ଯ୍ୟ କରୁଥିବା ସହଭାଗୀଙ୍କ ଶକ୍ତିକୁ ଡିଜାଇନ କରିବା ଓ ଗୋଷ୍ଠୀ ସଦସ୍ୟଙ୍କୁ ପ୍ରଭାବଶାଳୀ ସାମାଜିକ କଲ୍ୟାଣମୂଳକ ପଦକ୍ଷେପ ପ୍ରଦାନ କରିବା ପାଇଁ ଆମେ ବେଶ୍ ତତ୍ପର ରହିଛୁ। ସେହିଭଳି ଚାଲୁଥିବା ସହଯୋଗରେ ଡୋମେନ ବିଶେଷଜ୍ଞଙ୍କ ସହ ବ୍ୟାପକ କାର୍ଯ୍ୟାନୁଷ୍ଠାନ ଉପରେ କାର୍ଯ୍ୟ ଅନ୍ତର୍ଭୁକ୍ତ ଯଥା ପୁନରୁତ୍ଥାନ ସ୍ୱେଚ୍ଛାସେବୀ ସଂଗଠନ ସ୍ୱାସ୍ଥ୍ୟସେବାରେ ୨ଲକ୍ଷରୁ ଅଧିକ ହିତାଧିକରୀଙ୍କ ସ୍ୱାସ୍ଥ୍ୟସେବା ଆବଶ୍ୟକତାକୁ ସମାଧାନ କରୁଛି। ସେହିପରି ଗ୍ରାମୀଣ ବାଳିକା ସ୍ୱାସ୍ଥ୍ୟ ଓ ପରିଚ୍ଛନ୍ନତା ଅଭ୍ୟାସକୁ ସୁନିଶ୍ଚିତ କରିବା ଲାଗି ପ୍ରକଳ୍ପ ନୂଆ କିରଣ (ନୟି କିରଣ) କାର୍ଯ୍ୟ କରୁଛି।


**ଶୁଭ ବିବାହ**



**ଧନଞ୍ଜୟ ସହିତ ବର୍ଷା**
ପ୍ରାଚୀବିହାର, ପଳାଶୁଣୀ, ଭୁବନେଶ୍ୱର
ତୁମ ଦୁହିଁଙ୍କ ଆଗାମୀ ଦିନ କୁସୁମିତ ହେଉ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ କରୁଣାରୁ ଦାମ୍ପତ୍ୟ ଜୀବନ ସୁଖମୟ ହେଉ।
ଶୁଭେଚ୍ଛା ସହ: ଆଈ, ବାପା, ମାଆ, ମଉସା, ମାଉସୀ, ମାମୁ, ମାଇଁ, ବଡ଼ଭାଇ, ବବ୍‌ଲୁ, ସୀମା ଏବଂ ପୁଅ।
ଧ-୨୬୩୮

# Classified Everyday
0674-2580101, 2549949


MATRIMONIAL

**BRIDE WANTED**

**Bride required for handsome, Khyatriya groom, 6 ft. 34 years, M.Tech., MNC Job, Salary 18 lakhs PA, own house at Bhubaneswar from Khyatriya / Karan / Khandayat caste. Mob.: 9937960677, 9827040725.** D-2636


REAL ESTATE

**SALE**

ଭୁବନେଶ୍ୱର ଟଙ୍କପାଣି ସାଇ ମନ୍ଦିର ପିଚୁ ରାସ୍ତାକୁ ଲାଗି ଘରବାଡ଼ି ପାଚେରି ପ୍ଲଟ୍ ପଟ୍ଟାରୁ ବିକ୍ରି ହେବ। **9827119799.** D-2605

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft., 3,60,000/- ଛଡାବର Bypass sqft.-500/-. 9776974912. D-75919

**ଭୁବନେଶ୍ୱର ପଟିଆ ତ୍ରିଶୂଳିଆ ଛକ ପାଖରେ 100ft. roadside yellowzone 30ft. ରାସ୍ତା ଥାଇ ସଙ୍ଗେସଙ୍ଗେ ଘର କଲାଭଳି ପୋଜେସନ୍ ପ୍ଲଟ୍ ମିଳୁଛି। 7978701424, 9937025614.** D-75299

ଭୁବନେଶ୍ୱର-ପିତାପଲ୍ଲି NH-16 କଡ଼ରେ ବାସୋପଯୋଗୀ ପୋଜେସନ୍ ପ୍ଲଟ୍ 30ft. road, boundary ଇଲେକ୍ଟ୍ରିସିଟି ଥାଇ ବିକ୍ରିହେବ। 9337166296. D-75911

**Plot sale Bhubaneswar, Sundarpada Roadରେ ଦଧିବାମନପୁର ମୌଜା yellowzone ଘରବାରି 30' road, pole ଥାଇ sqft.-1200/- ମିଳୁଛି। Biswajit-7008184348.** D-71069

**Commercial plot, facing to NH Road Nakhara to Niali NH 10000sqft., 3sides road, 2-residential cum commercial plot 3250sft., 3-Residential plot in a Brahmin Complex 5700sft., 4-Residential plot near Petal English Medium School 750/-sft. with boundarywall at Brahmanjharilo, Cuttack, 11 Km. to BBSR. Personal plots, No builders. 7809525452.** D-75710

4800sqft. residential land, near to National highway and Cifa at Uttara Chhaka, Bhubaneswar. Call- 8917520527. D-2613

**House for sale at Bhubaneswar Jayadeb Bihar Behind HDFC Bank, near Petrol Pump Bishnupriya Apartment, 2 Bed Rooms, Dining & Drawing Room, Kitchen, 2 Bath Rooms, 1 Balcony. SBA 910sqft. Carpet Area 750sqft. on top Floor, Parking out side Apartment Wall. Contact: 9937094663.** D-2591

**ଭୁବନେଶ୍ୱର Hot Location ତ୍ରିଶୂଳିଆ ଛକ ନିକଟବର୍ତ୍ତୀ CISF, Sai International School ଓ Central Schoolଠାରୁ 700 mtrs. ମଧ୍ୟରେ 30ft. Road, Electricity, Boundary ଥାଇ 'Srikrishna Vihar'ରେ ପ୍ଲଟ୍ ବିକ୍ରିହେବ। 6371902075, 9776602067.** D-75921


CONSTRUCTION

Do you want to construct dream house on your own plot for details please contact K.K. Construction. 7008268129, 9439143273. D-71385

**Quality construction for your home with premium material, BDA approval, Vastu Complaints, (Architectural plan free) OD Group-Er. Bijaya Kumar. 9438330195.** D-75913




**Open Land Space for Rent near NH-316 Bypass Road. Lingipur Traffic Sqr. 10000 & 3000sqft. Mob- 8895985885.** D-2601

**ACCOMMODATION**

Free accommodation for Senior Citizen & mentally ill persons with all facilities. Contact- 9337160036, 7325991853. D-2586

Free accommodation for Drug de-addict persons with all facilities. Contact- 9439928693, 9692303517. D-2587




Kerala body massage best therapist @ 699/- Bhubaneswar. 9337672475. Ganeshspa.in. D-2612

Refreshments body massage therapy with experience therapists, Ashirvad Panchakarma SPA, Keshari Mall, Bhubaneswar-8926173473. D-67129

**Ashirvaad Salon and SPA get good massage for your health tha best therapy. 7077181074.** D-75711

Relax refreshment body massage therapy by experience lady therapist. 7008773793. D-76102

**Relax, Refresh your body, Mind at Saikrupa Spa with best therapies. 8984068077.** D-2600

**AFFIDAVIT**

By virtue of an affidavit sworn before the Notary, Titilagarh, I, Sradhanjali Meher, W/o Santosh Meher, At/P.O.- Titilagarh, Dist.- Balangir declare by this affidavit No. 1382 dtd.09.12.2023 that now onwards I shall be known Shraddhanjali Meher for all future purposes. D-2637

I, Pradyumna Kumar Satapathy, Son of late Baidyanath Satapathy, Resident of VIM-01, Sailashree Vihar, Bhubaneswar -751021 declare by this affidavit No.- 65AA311357, dated 26 Feb. 2024 that now I shall be known as Pradyumna Satpathy, Resident of VI B 2/2, Unit -3, Kharabela Nagar, Bhubaneswar -751001, Odisha for all future purposes. D-2635

By virtue of an Affidavit sworn before Executive Magistrate, Paralakhemundi, I have changed my name from SUMANTA BORADO to MADHU BORADO. Henceforth I shall be known as MADHU BORADO for all purposes. Address - Ward No. 3, Main Road, Hatopoda Chokko, Paralakhemundi, Gajapati dist., Odisha. D-2640

By virtue of an Affidavit sworn before Executive Magistrate, Paralakhemundi, I have changed my name from ABDUL AZIM to ZASMIN SHAIKH. Henceforth I shall be known as ZASMIN SHAIKH for all purposes. Address - Ward No.- 7, Guntuvari Street, Paralakhemundi, Gajapati dist., Odisha. D-2641

By virtue of an Affidavit sworn before Executive Magistrate, Paralakhemundi, I have changed my name from KAILASH CHANDRA PRADHAN to AISHA PRADHAN. Henceforth I shall be known as AISHA PRADHAN for all purposes. Address - Ward No. 3, Main Road Hatopoda Chokko, Paralakhemundi, Gajapati dist., Odisha. D-2642

By virtue of an affidavit No.- 1146 dated 12.02.2024, sworn before Executive Magistrate, Bhadrak. I Barsarani Dhal (41), W/o- Bhajahari Dhal, Vill.- Balidandi, P.O.- Amrutpur, P.S.- Tihidi, Dist.- Bhadrak hereby declare that my nick name Sumina Dhal has recorded as my LIC Policy bearing No.- 589503067. Hence, Barsarani Dhal and Sumina Dhal same and one person. D-2644

**LOST**

ଆମ୍ଭେ ଶ୍ରୀ ସୁଧାଂଶୁ ଶେଖର ନାୟକ, ସା: ଶ୍ୟାମସୁନ୍ଦରପୁର, ପୋ: ଶ୍ରୀମନ୍ତପୁର, ଥା: ସିମୁଳିଆ, ଜି: ବାଲେଶ୍ୱର। ମୁଁ ଗତ ତା୧୨।୨।୨୪ରିଖରେ ମୋର କାଗଜାଦି ମୌ: ମାର୍କୋଣାରେ ଥିବା ନିମ୍ନଲିଖିତ ପଟ୍ଟା, କବଲା ଇତ୍ୟାଦି Xerox କରିବାକୁ ନେଇଯାଉଥିବା ସମୟରେ ତାହା ହଜିଯାଇଅଛି। ତେଣୁ କୌଣସି ସହୃଦୟ ବ୍ୟକ୍ତି ଆମ୍ଭ ନାମରେ ଥିବା Record ପତ୍ର ମୌ: ମାର୍କୋଣା, ଖା୧୦୭୩/୪୮୯ତା ର କବଲା ଓ ପଟ୍ଟା ପାଇଲେ ଉପରୋକ୍ତ ଠିକଣାରେ ଖବର ଦେବାକୁ ଅନୁରୋଧ।
ସୁଧାଂଶୁ ଶେଖର ନାୟକ
ଧ-୨୬୩୯

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**LEGAL NOTICE**

NOTICE UNDER ORDER V, RULE 20 C.P.C.
IN THE COURT OF SENIOR CIVIL JUDGE, SAMBALPUR
Civil Suit No. 28 of 2008
Smt. Raseswari @ Rajeswari Bhoi ...... Plaintiff
Versus
Bishnu Prasad Khandagiri and another ...Defendants
1(a). Chittaranjan Khandagiri, aged about 60 years, S/o- Late Bishnu Prasad Khandagiri, R/o- Samasingha, P.O./P.S.- Rairakhol, Dist.- Sambalpur.
1(b). Satyanarayan Khandagiri, aged about 56 years, S/o- Late Bishnu Prasad Khandagiri, R/o- Samasingha, P.O./P.S.- Rairakhol, Dist.- Sambalpur.

Whereas the Plaintiff has filed the above suit against you and summons through Court and by Registered Post have been issued against you but you have avoided to receive the same. Hence this Court thinks it proper to serve the Notice under Order V, Rule 20 A C.P.C. by publishing in a daily newspapers.

Take notice that the case is fixed on 05.04.2024 at 7.30 A.M. for appearance and filing Written Statement. If you fail to appear in Court on the said date personally or through your Advocate, the case will be decided in your absence.

Given under my hand and seal of this Court, this 23rd day of February of 2024.
Sd./- Senior Civil Judge
Sambalpur
D-2643

Your classified advertisement published in Dharitri will be listed FREE in Dharitri online edition: dharitriepaper.in

# ‘ଓଡ଼ିଶାରୁ ବାହାରିବେ ନୂତନ କ୍ରୀଡ଼ା ପ୍ରତିଭା’



ବାରବାଟୀ ଷ୍ଟାଡିୟମର ରୂପାନ୍ତରୀକରଣ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି। (ଫଟୋ: ରାଜକିଶୋର ମହାନ୍ତି)

**କଟକ, ୨୭।୨**
**(ଶିଖା ପ୍ରିୟଦର୍ଶିନୀ)**

ଐତିହାସିକ ବାରବାଟୀ ଷ୍ଟାଡିୟମର ରୂପାନ୍ତରିକରଣ ଏବଂ ନବୀକରଣ ପାଇଁ ମଙ୍ଗଳବାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ଏହି ଅବସରରେ ବାରବାଟୀ ଷ୍ଟାଡିୟମ ପରିସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ଆଇପିଏଲର ଚେୟାରମ୍ୟାନ ଅରୁଣ ସିଂ ଧୁମାଲ, ଓସିଏ କୋଚ ଦିନେଶ ମୋଙ୍ଗିଆ, ଟିମ ଇଣ୍ଡିଆ ପୂର୍ବତନ ଖେଳାଳ ଇର୍ଫାନ ପଠାନ, ଦେବାଶିଷ ମହାନ୍ତି, ଶିବ ସୁନ୍ଦର ଦାସ, ପ୍ରଜ୍ଞାନ ଓଝା, ମହିଳା କୋଚ ସାଗତିକା ରଥ, ଆନ୍ତର୍ଜାତିକ ମହିଳା ଖେଳାଳୀ ରସନାରା ପରବିନ୍, ମାଧୁରୀ ମେହଟା, ଓସିଏ ଟେକ୍ନିକାଲ ମୁଖ୍ୟ ଭେଙ୍କେଟ ରାଓ ଓ ଅଲିମ୍ପିଆନ ଅନୁରାଧା ବିଶ୍ୱାଳ ମଂଚାସୀନ ରହିଥିଲେ। ଅନ୍ୟପଟେ ଉକ୍ତ ଅବସରରେ ମେୟର ସୁବାସ ସିଂ, ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ, ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, କଟକ ସଦର ବିଧାୟକ ଚନ୍ଦ୍ରସାରଥୀ ବେହେରା, ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ, ବିଜେଡି ନଗର ସଭାପତି ମଧୁସୂଦନ ସାହୁ, ନିରାମୟ ଉପଦେଷ୍ଟା ଡ. ରଞ୍ଜନ ବିଶ୍ୱାଳ ଉପସ୍ଥିତ ରହିଥିଲେ। ରାଜ୍ୟରେ କ୍ରୀଡା ଖାସ କରି କ୍ରିକେଟର ବିକାଶ ହେବାକୁ ଯାଉଛି, ବହୁ ସଂଖ୍ୟାର ନୂତନ କ୍ରୀଡା ପ୍ରତିଭା ଜନ୍ମ ନେବେ ଓ ସମସ୍ତଙ୍କ ସ୍ୱପ୍ନ ଏବେ ସାକାର ହେବ ବୋଲି ନିଜ ବକ୍ତବ୍ୟରେ କହିଥିଲେ ତୁଷାରକାନ୍ତି ବେହେରା। ସେହିପରି ପୂର୍ବତନ ଖେଳାଳୀ ଇର୍ଫାନ ପଠାନ ଏପରି ଯୋଜନା ପାଇଁ ଓଡିଶା କ୍ରିକେଟ ଆସୋସିଏସନ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ। ଆଜି ଯେଉଁ କ୍ରିକେଟ ଏକାଡେମୀ ଉଦଘାଟନ କରାଯାଇଛି ଆଗାମୀ ଦିନରେ ଅଧିକ ଖେଳାଳି ସାମ୍ନାକୁ ଆସିବେ ବୋଲି କହିଥିଲେ ଦେବାଶିଷ ମହାନ୍ତି। ସେହିପରି ଓସିଏ ସଭାପତି ପ୍ରଣବ ପ୍ରକାଶ ଦାସ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରୁଛି। ବିଶ୍ୱର ଆକର୍ଷଣ ଷ୍ଟାଡିଅମ ହେବା ନେଇ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲି ଯାହାକି ଆଜି ସତରେ ପୂରଣ ହୋଇ ପାରିଛି ବୋଲି ସେ କହିଥିଲେ। ପୂର୍ବତନ ଓସିଏ ସମ୍ପାଦକ ଆଶୀର୍ବାଦ ବେହେରା କହିଛନ୍ତି ଯେ, ଖୁବ କମ ସମୟରେ ବାରବାଟୀ ଷ୍ଟାଡିଅମର ନବୀକରଣ କାର୍ଯ୍ୟ ଶେଷ ହେବ। କାର୍ଯ୍ୟକ୍ରମ ଶେଷରେ ଉପସ୍ଥିତ ସମସ୍ତ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ନେହାଙ୍କ ଭାଙ୍ଗଡାରେ ଦୁଲୁକିଲା ମଞ୍ଚ



ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅବସରରେ ନେହା କକ୍କର ସଂଗୀତ ପରିବେଷଣ କରୁଛନ୍ତି।

ବାରବାଟୀ ଷ୍ଟାଡିୟମରେ ଜମିଲା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ। ବଲିଉଡ କଣ୍ଠଶିଳ୍ପୀ ନେହା କକ୍କର ଓ ଗ୍ରୁପଙ୍କ ସଂଗୀତରେ ଝୁମିଲେ ଦର୍ଶକ। ନେହା ଦୁଆ ଭି ଲଗେ ଗୀତରୁ ବାରବାଟୀରେ କାର୍ଯ୍ୟକ୍ରମ ଆରମ୍ଭ କରିଥିବାବେଳେ ପରେ ପରେ ମିଲେ ହୋ ତୁମ ହମ୍‌କୋ, ଦିଲ କା କରାର ଆୟା ଗୀତ ପରିବେଶଣ କରିଥିଲେ। ପରେ ହାଏ ଭୁବନେଶ୍ୱରବାସୀ କହି କଟକିଆଙ୍କୁ ସାମାନ୍ୟ ନିରାଶ କରିଥିଲେ ସତ ହେଲେ ତୁରନ୍ତ ଏହାକୁ ସୁଧାର କରି କଟକ ବାସୀଙ୍କୁ ନମସ୍କାର ଓ ଓଡ଼ିଆରେ ଆପଣମାନେ କେମିତି ଅଛନ୍ତି, ଆପଣଙ୍କୁ ସ୍ୱାଗତ କହି କଟକବାସୀ ଓ ସମସ୍ତ ଦର୍ଶକଙ୍କୁ ଖୁସି କଲେ ନେହା। ପରେ ତୁଝେ ଚାହା, ପଞ୍ଜାବୀ ଗୀତ ମଧରେ ଆଜା ଗଲ୍ଲା କରିଏ, ମେ ବୁହେ ବିଜ ବେଠକେ, ହାଏ ନୁ ତେରି ଜୁତି ବାଃ ଭଇ ବାଃ ଗୀତ ଗାଇଥିଲେ ଏବଂ ଶେଷରେ ଦିଲ କାଲା ଚଷମା, ଚୋରି ସାଡ଼ା, ଜିନେ ମେରା ଦିଲ ଲୁଟେୟା ପଞ୍ଜାବ ଭାଙ୍ଗଡା ପରିବେଷଣ କରିଥିଲେ। ରଙ୍ଗାରଙ୍ଗ ସନ୍ଧ୍ୟାର ପ୍ରାରମ୍ଭରେ ଓଲିଉଡ଼ ହାସ୍ୟ ଅଭିନେତା ପ୍ରଜ୍ଞାନ ଖଟୁଆ କମେଡ଼ି ପରିବେଷଣ କରିଥିଲେ। ପରେ ଓଲିଉଡ କଣ୍ଠଶିଳ୍ପୀ ଦୀପ୍ତିରେଖା ପାଢ଼ୀ ଟିକେ ଟିକେ ଅଚିହ୍ନା ତୁ, ତୁ ମୋର ରେଶମୀ ଡୋରି, ଯେମିତି ମୌସୁମୀ ମେଘ ଆଣେ ଧୀରେ ଧୀରେ ଭଳି ସଂଗୀତ ପରିବେଷଣ କରିଥିଲେ। କଣ୍ଠଶିଳ୍ପୀ ସ୍ୱୟମ ପାଢ଼ୀ ତୁ ନୂଆ ସାଏରି ନା ନୂଆ କବିତା, ଓରେ ଦିଲ ନସି ସଂଗୀତ ପରିବେଷଣ କରିଥିଲେ। ବାରବାଟୀ ଷ୍ଟାଡିୟମରେ ମଙ୍ଗଳବାର ଅନୁଷ୍ଠିତ ହୋଇ ଯାଇଛି ରଙ୍ଗାରଙ୍ଗ କାର୍ଯ୍ୟକ୍ରମ। ତେବେ କାର୍ଯ୍ୟକ୍ରମକୁ ଦର୍ଶକ ବେଶ ଉପଭୋଗ କରିବା ନେଇ ଓସିଏ ପକ୍ଷରୁ ଦର୍ଶକଙ୍କ ପାଇ ଗ୍ୟାଲେରୀ ନଂ-୧,୨,୫ ଓ ୬ ଖୋଲା ଯାଇଥିଲା। ଯାହାର ପ୍ରବେଶ ସମ୍ପୂର୍ଣ୍ଣ ନିଶୁଳ୍କ ରହିଥିଲା। ହେଲେ କାର୍ଯ୍ୟକ୍ରମ ଆରମ୍ଭରୁ ଶେଷ ଯାଏ କାଁ ଭାଁ ଦର୍ଶକ ଗ୍ୟାଲେରୀରେ ଦେଖିବାକୁ ମିଳିଥିଲା। କେବଳ ଭିଆଇପି ଓ ଆମନ୍ତ୍ରିତ ଅତିଥିଙ୍କ ଲାଗି ଉଦ୍ଦିଷ୍ଟ ଗ୍ୟାଲେରୀରେ ଅଧିକ ସଂଖ୍ୟକ ଦର୍ଶକ ଦେଖିବାକୁ ମିଳିଥିଲା।

### ଫ୍ଲାସ୍ ଲାଇଟରେ ଆଲୋକିତ ହେଲା ବାରବାଟୀ

ବଲିଉଡ କଣ୍ଠଶିଳ୍ପୀ ନେହା କକ୍କର ପ୍ରାୟ ୧ଘଣ୍ଟା ଧରି ବାରବାଟୀ ଷ୍ଟାଡିଅମରେ ସଂଗୀତ ପରିବେଷଣ କରି ଦର୍ଶକଙ୍କୁ ଝୁମାଇଛନ୍ତି। କଣ୍ଠ ଶିଳ୍ପୀଙ୍କ କାର୍ଯ୍ୟକ୍ରମ ସମୟରେ ଫ୍ଲାସ ଲାଇଟ ସମଗ୍ର ବାରବାଟୀ ଆଲୋକିତ କରିଥିଲା। ଦର୍ଶକ ନେହାଙ୍କ ସଂଗୀତରେ ଧୁମ ସମଗୁଲ ଥିବା ସହ ନୃତ୍ୟ କରି ଝୁମିଥିଲେ।

**ଦ.ପୂ. ରେଳପଥ - ଟେଣ୍ଡର**

ଏନ୍‌ଆଇଟି ନଂ.: ଏସ୍‌ଟି-ସିଓଏନ୍-ଆର୍‌ଓୟୁ-ଜେଏସ୍‌ଜି-ଅଟୋ-୪ଇଆଇ-୧, ତାରିଖ: ୨୬।୦୨।୨୦୨୪। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡେପୁଟି ସିଏସ୍‌ଟିଇ/ସିଓଏନ୍/ଏଚ୍‌କ୍ୟୁ/ଗାର୍ଡେନ୍ ରିଚ୍, ଦକ୍ଷିଣ ପୂର୍ବ ରେଳପଥ ନିମ୍ନଲିଖିତ କାର୍ଯ୍ୟ ପାଇଁ ଖୋଲା ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି: **କାର୍ଯ୍ୟର ନାମ:** ପାନପୋଷ-କାଲୁଙ୍ଗା-କାଂଶବାହାଲ ସେକ୍ସନ ଏବଂ ଝାରସୁଗୁଡ଼ା ଗୁଡ୍‌ସ-ଧୁତ୍ରା ସେକ୍ସନରେ ଅଟୋ ସିଗ୍‌ନାଲିଂ ପାଇଁ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଂର ବ୍ୟବସ୍ଥା ସହିତ ଅଟୋମେଟିକ୍ ସିଗ୍‌ନାଲିଂର ଡିଜାଇନ୍, ନିର୍ମାଣ, ଯୋଗାଣ, ସ୍ଥାପନ, ପରୀକ୍ଷଣ ଏବଂ କମିଶନିଂ ତଥା ଅନ୍ୟାନ୍ୟ ସମ୍ବନ୍ଧୀୟ ଆଉଟ୍‌ଡୋର୍ କାର୍ଯ୍ୟ। **ବିଜ୍ଞାପିତ ଟେଣ୍ଡର ମୂଲ୍ୟ:** ₹୧୫,୪୦,୮୮,୬୯୭.୯୩। **ଅମାନତ ରାଶି:** ₹୯,୨୦,୫୦୦। **ଟେଣ୍ଡର ପ୍ରକାର:** ଖୋଲା। **ଟେଣ୍ଡର କାଗଜପତ୍ର ମୂଲ୍ୟ:** ₹୦। **ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ତା୨୧।୦୩।୨୦୨୪ରିଖ ୧୫.୦୦ ଘଟିକା। ଉପରୋକ୍ତ ଟେଣ୍ଡର ବିଜ୍ଞପ୍ତିର ବିବରଣୀ ୱେବ୍‌ସାଇଟ୍ **www.ireps.gov.in**ରେ ଉପଲବ୍ଧ।
(PR-1178)

**ପୂର୍ବ ତଟ ରେଳପଥ**

ଫାଇଲ୍ ନଂ.DRM/Engg/KUR/23-24/E-Tender/135,ତା.21.02.2024ରିଖ

(1) ଟେଣ୍ଡର ବିଜ୍ଞପ୍ତି ସଂ.e-TENDER-BRIDGE KUR-428-23,ତା.13.02.2024ରିଖ

**ବିବରଣୀ:** ଖୋର୍ଦ୍ଧା ରୋଡ୍ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର (ବ୍ରିଜ୍)/କେନ୍ଦୁଝରଗଡ଼ ପରିସୀମା ଅଧୀନସ୍ଥ 23 ଗୋଟି ମେଜର (Major) ପୋଲ (PSC ଗର୍ଡ଼ର ପୋଲ)ଗୁଡ଼ିକରେ ପାଥୱେର ବ୍ୟବସ୍ଥା ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ(₹):** 824.70 ଲକ୍ଷ, EMD(₹) : 5,62,400/- ।

(2) ଟେଣ୍ଡର ବିଜ୍ଞପ୍ତି ସଂ.e-Tender-BRIDGEKUR-429-23,ତା.13.02.2024ରିଖ

**ବିବରଣୀ:** ଖୋର୍ଦ୍ଧା ରୋଡ୍ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର(ବ୍ରିଜ୍)/ଭଦ୍ରକ ପରିସୀମା ଅଧୀନସ୍ଥ 10 ଗୋଟି ପୋଲଗୁଡ଼ିକରେ ନିରୀକ୍ଷଣ କ୍ରେଡଲ (Cradle) ଏବଂ 09 ଗୋଟି ପୋଲଗୁଡ଼ିକରେ ନିରୀକ୍ଷଣ ପ୍ଲାଟଫର୍ମ ତଥା 04 ଗୋଟି ପୋଲଗୁଡ଼ିକରେ ସାଇଡ୍ ପାଥୱେର ବ୍ୟବସ୍ଥା ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹):** 382.39 ଲକ୍ଷ, EMD(₹):3,41,200/- ।

(3) ଟେଣ୍ଡର ବିଜ୍ଞପ୍ତି ସଂ.e-tender-eastkur-432-23,ତା.13.02.2024ରିଖ

**ବିବରଣୀ:** ଖୋର୍ଦ୍ଧା ରୋଡ୍ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ-II-କଟକ ପରିସୀମା ଅଧୀନସ୍ଥ କଟକ-ପାରାଦ୍ୱୀପ ସେକ୍ସନରେ କି.ମି.417/15-17 ସ୍ଥିତ ଲେଭେଲ କ୍ରସିଙ୍ଗ୍ ନଂ.CP-8 ଠାରୁ କି.ମି.419/7-9 ସ୍ଥିତ ପୋଲ ନଂ.24 ପର୍ଯ୍ୟନ୍ତ ସାଇଡ୍ ଡ୍ରେନ୍ ସହିତ ସଡ଼କର ପ୍ରସ୍ତାବିତ ନିର୍ମାଣ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹):** 293.83 ଲକ୍ଷ, EMD(₹): 2,96,900/- ।

ଶେଷ ହେବା ଅବଧି: 18(ଅଠର) ମାସ (କ୍ରମ ସଂ.1 ପାଇଁ), 12(ବାର) ମାସ (କ୍ରମ ସଂ.2 ପାଇଁ) ଏବଂ 04 (ଚାରି) ମାସ (କ୍ରମ ସଂ.3 ପାଇଁ) ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.06.03.2024 ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ) ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଙ୍ଗ)/ ଖୋର୍ଦ୍ଧା ରୋଡ୍
PR-1125/O/23-24

# ଆରସିବି ୮ ଉଇକେଟରେ ବିଜୟୀ

**ବେଙ୍ଗାଲୁରୁ, ୨୭।୨**

ସ୍ଥାନୀୟ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ମଙ୍ଗଳବାର ଖେଳାଯାଇଥିବା ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ର ଏକ ମ୍ୟାଚରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ଅଲରାଉଣ୍ଡ ପ୍ରଦର୍ଶନ କରି ୮ ଉଇକେଟରେ ଗୁଜରାଟ ଜାଏଣ୍ଟ୍ସକୁ ପରାସ୍ତ କରିଛି। ୧୦୮ରନର ବିଜୟ ଲକ୍ଷ୍ୟକୁ ଦଳ ୧୨.୩ ଓଭରରେ ୨ ଉଇକେଟ ବିନିମୟରେ ହାସଲ କରିନେଇଥିଲା। ଅଧିନାୟିକା ସ୍ମୃତି ମନ୍ଧାନା ୪୩ ରନ (୨୭ ବଲ୍, ୮ଚୌକା, ୧ ଛକା) କରିଥିବା ବେଳେ ସାଭିନେନି ମେଘନା ୩୬ ଓ ଏଲିସ ପେରୀ ୨୩ ରନ କରି ଅପରାଜିତ ରହିଥିଲେ। ପୂର୍ବରୁ ଫିଲ୍ଡିଂ ନିଷ୍ପତ୍ତି ନେବାପରେ ଆରସିବି ଗୁଜରାଟ ଜାଏଣ୍ଟ୍ସକୁ ୧୦୭/୭ରେ ସୀମିତ କରିଦେଇଥିଲା। ପେସ୍ ବୋଲର ରେଣୁକା ସିଂ (୨/୧୪) ଓ ସୋଫି ମୋଲିନେକ୍ସ(୩/୨୫) ଚମତ୍କାର ବୋଲିଂ କରି ଗୁଜରାଟ ଦଳର ବିପର୍ଯ୍ୟୟ ଘଟାଇଥିଲେ। ଦଳର ୫ ଜଣ ବ୍ୟାଟର ଦୁଇ ଅଙ୍କ ସ୍ପର୍ଶ କରିପାରି ନ ଥିଲେ। ଟପ୍ ସ୍କୋରର ଦୟାଲାନ ହେମଲତା ୩୧ରନ କରିଥିଲେ। ରନ ପାଇଁ ସଂଘର୍ଷ ଚଳାଇଥିବା ଗୁଜରାଟ ଦଳ ଏହାର ଇନିଂସରେ ମାତ୍ର ୧୦ ଚୌକା ଓ ଦୁଇ ଛକା ମାରିବାରେ ସମର୍ଥ ହୋଇଥିଲା।

**ସଂକ୍ଷିପ୍ତ ସ୍କୋର**

ଗୁଜରାଟ ଜାଏଣ୍ଟ୍ସ ଇନିଂସ: ୨୦ ଓଭରରେ ୧୦୭/୭ (ଦୟାଲାନ ହେମଲତା-୩୧*; ସୋଫି ମୋଲିନେକ୍ସ-୩/୨୫, ରେଣୁକା ସିଂ ଠାକୁର-୨/୧୪)। ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର: ୧୨.୩ ଓଭରରେ ୧୧୦/୨ (ସ୍ମୃତି ମନ୍ଧାନା-୪୩, ସାଭିନେନି ମେଘନା-୩୬*; ଆସ୍‌ଲେ ଗାର୍ଡନର-୧/୧୫, ତନୁଜା କନୱାର-୧/୨୦)।

**ODISHA HYDRO POWER CORPORATION LTD**
CIN: U40101OR1995SGC003963
(GOVERNMENT OF ODISHA UNDERTAKING)
**OFFICE OF THE GENERAL MANAGER (EL.)**
CHIPLIMA HYDRO ELECTRIC PROJECT, CHIPLIMA
At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)
WEB: www.ohpcltd.com ☎ (0663) 2460661,
No.CAD-4303 Email-hpschiplima@yahoo.in, Fax No. (0663) 2460505
**No.-CHEP/TW-139/983 Date: 23.02.2024**

**TENDER CALL NOTICE NO.-CHEP-87/2023-24**

Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the Contractors / Fabricators meeting Eligibility Criteria only for carrying out the following work;

| Description | Cost of Tender Paper (Non-Refundable) | Estimated Cost / EMD (Refundable) |
|---|---|---|
| Fabrication, Installation along with Supply of 22 Nos. of Pedestal for 132KV Lightening Arrestor of CHEP, Chiplima | Rs.708/- (Rs.600/- + GST @18%) | Rs.1,23,812.00 / EMD = Rs.1,240.00 |

For details of Schedule of Dates, Tender Documents, Terms & Conditions and Corrigendum, please visit our website www.ohpcltd.com **from dtd.28.02.2024 up to 12:30 PM of dtd.13.03.2024**.
OIPR-04006/11/0068/2324 Sd/- C & P Head, CHEP, Chiplima

**ODISHA HYDRO POWER CORPORATION LTD**
CIN: U40101OR1995SGC003963
(GOVERNMENT OF ODISHA UNDERTAKING)
**OFFICE OF THE GENERAL MANAGER (EL.)**
CHIPLIMA HYDRO ELECTRIC PROJECT, CHIPLIMA
At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)
WEB: www.ohpcltd.com ☎ (0663) 2460661,
No.CAD-4302: Email-hpschiplima@yahoo.in, Fax No. (0663) 2460505
**No.-CHEP/TW-156 (Vol.-II)/989 Date: 23.02.2024**

**TENDER CALL NOTICE NO.-CHEP-88/2023-24**

Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the eligible bidders dealing with Trash Rack Cleaning Machine with Hydraulic operated Telescopic Boom for the following work;

| Description | Cost of Tender Paper (Non-Refundable) | Estimated Cost / EMD (Refundable) |
|---|---|---|
| Annual Operation & Maintenance Contract of GMW Make Trash Rack Cleaning Machine with Hydraulic operated Telescopic Boom fitted with Raking Bucket installed at CHEP, Chiplima | Rs.11,800/- (Rs.10,000/- + GST @18%) | Rs.73,80,000/- EMD=Rs.73,800/- |

For details of Schedule of Dates, Tender Documents, Terms & Conditions and Corrigendum, please visit our website www.ohpcltd.com **from dtd.28.02.2024 up to 12:30 PM of dtd.13.03.2024**.
OIPR-04006/11/0067/2324 Sd/- C & P Head, CHEP, Chiplima

**ODISHA STATE SEEDS CORPORATION LIMITED.**
(A Government Undertaking)
Santarapur, Bhubaneswar - 751002
Tel. MD-0674-2340573, E-mail: mdossc ltd456@gmail.com
NIT No. OSSC/Mktg(Hort)-74/2024

**e-Tender Call Notice for Procurement of Certified Chilli Seed for Kharif - 2024**

No. CAD-4308: OSSC Ltd. invites e-Tender only from Producers (and in case of GOI PSUs, their authorized agencies) on item wise rate contract basis for Procurement of Certified Chilli Seed for Kharif - 2024 in double cover system through online mode only for the work below.

| | |
|---|---|
| Name of the work | Purchase of Certified Chilli Seed for Kharif - 2024 |
| No. of Work | One |
| Availability of Bid Documents in Portal | 15.00 hours on Dt.26.02.2024 to 17.00 hours of Dt.11.03.2024 |
| Last date of receipt of tender in portal | 17.00 hours of Dt.11.03.2024 |
| Date and time of opening of Bid | 10.30 hours of Dt.12.03.2024 |

The detailed descriptions of crops, varieties, quantity, parameters, terms and conditions and other details of tender specified in the tender schedule would be made available in the e-Tender portal **www.tendersodisha.gov.in**. Any addendum/corrigendum/cancellation can also be seen in the said website.
Sd./- Managing Director
OIPR-01106/11/0110/2324 OSSC Ltd.



ବିଆର୍‌ଏମ୍ ଆଶା ପୁରସ୍କାରପ୍ରାପ୍ତ କ୍ରୀଡ଼ା ବ୍ୟକ୍ତିତ୍ୱ ଓ କ୍ରୀଡ଼ା ପ୍ରତିନିଧି ଅତିଥି, କର୍ମକର୍ତ୍ତାଙ୍କ ଗହଣରେ। (ଫଟୋ: ମୌସମ ନନ୍ଦ)

# ଏକାଧିକ କ୍ରୀଡ଼ା ବ୍ୟକ୍ତିତ୍ୱ ସମ୍ମାନିତ

**ବିଆର୍‌ଏମ୍ ଆଶା ପୁରସ୍କାର**

**ଭୁବନେଶ୍ୱର, ୨୭।୨**
**(ସରୋଜ ଜେନା)**

ସ୍ଥାନୀୟ ଲୋହିଆ ଏକାଡେମୀ ପରିସରରେ ମଙ୍ଗଳବାର ୪ର୍ଥ ବିଆର୍‌ଏମ୍ ଆଶା ପୁରସ୍କାର ପ୍ରଦାନ କରାଯାଇଛି। କ୍ରୀଡା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଭିନ୍ନ କ୍ରୀଡାବିତ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଆଇବିଏସ୍‌ଏ ବିଶ୍ୱ ଗେମ୍ସରେ ଭାରତୀୟ ମହିଳା ଦୃଷ୍ଟିବାଧିତ କ୍ରିକେଟ ଦଳକୁ ଚାମ୍ପିୟନ କରିଥିବା ପଦ୍ମିନୀ ଟୁଡୁ, ଜର୍ମାନୀର ବର୍ଲିନରେ ଅନୁଷ୍ଠିତ ସ୍ପେସିଆଲ ଅଲିମ୍ପିକ୍ସ ବିଶ୍ୱ ଗେମ୍ସରେ ଭାରତର ପ୍ରତିନିଧିତ୍ୱ କରି ଶଟପୁଟରେ ରୌପ୍ୟ ପଦକ ଜିତିଥିବା ବୈଷ୍ଣବ ରାଜପାଳିଆ, ହ୍ୱିଲଚେୟାର ବିଶ୍ୱ ଚାମ୍ପିୟନଶିପରେ ସ୍ୱର୍ଣ୍ଣ ବିଜୟିନୀ ଜାଭେଲିନ୍ ଥ୍ରୋୟର ସୁଚିତ୍ରା ପରିଡା, ୨୦୧୯ ଜାତୀୟ ହ୍ୱିଲ୍ ଚେୟାର ରଗ୍‌ବୀ ସ୍ୱର୍ଣ୍ଣ ବିଜେତା ଗୌତମ ସିଂ, ଜର୍ମାନୀର ବର୍ଲିନରେ ଅନୁଷ୍ଠିତ ସ୍ପେସିଆଲ ଅଲିମ୍ପିକ୍ସ ବିଶ୍ୱ ଗେମ୍ସରେ ଭାରତୀୟ ଫୁଟସାଲ କୋଚ୍ ଝସକେତନ ସାହୁ, ଅନ୍ତର୍ଜାତୀୟ ଦୃଷ୍ଟିବାଧିତ କ୍ରିକେଟର ପଙ୍କଜ ଭୁଏ, ସାମ୍ବାଦିକତାରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଧରିତ୍ରୀର କ୍ରୀଡା ପ୍ରତିନିଧି ତପନ କୁମାର ସ୍ୱାଇଁ ଓ ସୁଶାନ୍ତ ବେହେରାଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି କେଉଁଝରର ସଂସ୍ଥା ସାବଧାନକୁ କ୍ରୀଡାର ପ୍ରମୋଶନ ପାଇଁ ପୁରସ୍କୃତ କରାଯାଇଥିଲା। ଲେଖିକା ବିଜୟିନୀ ତ୍ରିପାଠୀ, ଶିକ୍ଷାବିତ ଦେବ କୁମାର ତ୍ରିପାଠୀ, ଜଗନ୍ନାଥ ଲେଙ୍କା, ମନସ୍ତତ୍ତ୍ୱବିଦ୍ ପ୍ରତାପ ରଥ, ଓଏଏସ୍ ସନ୍ନ୍ୟାସୀ ବେହେରା, ୟୁନିଟ୍-୬ ଆଥଲେଟିକ୍ ଆସୋସିଏଶନ୍ ସଭାପତି ତପନ ମହାନ୍ତି, ସରିତା ରାଉତରାୟ, ଅସମ୍ଭବ, କୁମାର ଦେବଦତ୍ତ, ପ୍ରଭାତ ରଥ ଓ ଜ୍ୟୋତ୍ସ୍ନା ଶତପଥୀ ଅତିଥି ଭାବରେ ଯୋଗ ଦେଇଥିଲେ। ବିଆରଏମ୍ ଆଶା ପକ୍ଷରୁ ସମ୍ପାଦକ ପ୍ରକାଶ କୁମାର ରଥ ଓ ଯୁଗ୍ମ ସମ୍ପାଦକ ଅର୍ପିତା ମହାପାତ୍ର ସମସ୍ତ ଆୟୋଜନ କରିଥିଲେ।

**कार्यपालक अभियंता का कार्यालय**
**ग्रामीण कार्य विभाग, कार्य प्रमण्डल, गढ़वा**

**मुख्यमंत्री ग्राम सड़क सुदृढ़ीकरण योजना**
**ई–निविदा आमंत्रण सूचना**

ई–पुनर्निविदा संख्या – 10/2023-24/RWD/GARHWA दिनांक – 26.02.2024

1. कार्य का विवरण :–

| क्र0 | प्रखण्ड | आईडेन्टी फिकेशन संख्या/ पैकेज संख्या | | कार्य का नाम | प्राक्कलित राशि अंक में (लाख में) | अक्षर में | कार्य समाप्ति की अवधि |
|---|---|---|---|---|---|---|---|
| 1 | काण्डी | RWD/GARHWA/ST PKG/05/ 2023-24 (4th Call) | 1 | श्रीनगर–दारीडीह–डुमरसोता बस्ती से बजरंग बली होते मुख्य पथ तक पथ का विशेष मरम्मति कार्य। (4.75 कि0मी0) | 1296.785 | बारह करोड़ छियान बे लाख अठत्तर हजार पाँच सौ रूपये। | 15 महीना |
| | काण्डी | | 2 | बहेरवा मोड़ से नैनाबार होते हुए काण्डी भवनाथपुर मुख्य पथ तक पथ का विशेष मरम्मति कार्य। (2.25 कि0मी0) | | | |
| | काण्डी | | 3 | सुन्डीपुर मोड बरकट से सुण्डीपुर हनुमान मंदिर तक पथ का विशेष मरम्मति कार्य। (1.40 कि0मी0) | | | |
| | काण्डी | | 4 | शिवरी से पखनाहा तक पथ का विशेष मरम्मति कार्य। (2.00 कि0मी0) | | | |
| | बरडीह T | | 5 | सेमरी सिमाना से नावाडीह तक पथ का विशेष मरम्मति कार्य। (5.80 कि0मी0) | | | |

2. वेबसाईट पर निविदा प्रकाशन की तिथि :– 07.03.2024
3. ई–निविदा प्राप्ति की अंतिम तिथि एवं समय :– 18.03.2024 अपराह्न 5:00 बजे तक।
4. निविदा खोलने की तिथि एवं समय :– 20.03.2024 पूर्वाह्न 11:30 बजे।
5. निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रा0का0वि0 कार्य प्रमंडल, गढ़वा।
6. ई–निविदा प्रकोष्ठ का दूरभाष सं0:–9431586961

विस्तृत जानकारी के लिए वेबसाईट www.jharkhandtenders.gov.in पर देखा जा सकता है।

कार्यपालक अभियंता
ग्रामीण कार्य विभाग,
कार्य प्रमंडल, गढ़वा

PR 320504 (Rural Work Department) 23-24 (D)

**ODISHA STATE SEEDS CORPORATION LIMITED.**
(A Government Undertaking)
Santarapur, Bhubaneswar - 751002
Tel. MD-0674-2340573, E-mail: mdossc ltd456@gmail.com
NIT No. OSSC/Mktg(Hort)-73/2024

**e-Tender Call Notice for Procurement of Certified Coriander Seed for Kharif - 2024**

No. CAD-4306: OSSC Ltd. invites e-Tender only from Producers (and in case of GOI PSUs, their authorized agencies) on item wise rate contract basis for Procurement of Certified Coriander Seed for Kharif - 2024 in double cover system through online mode only for the work below.

| | |
|---|---|
| Name of the work | Purchase of Certified Corinader Seed for Kharif - 2024 |
| No. of Work | One |
| Availability of Bid Documents in Portal | 15.00 hours on Dt.26.02.2024 to 17.00 hours of Dt.11.03.2024 |
| Last date of receipt of tender in portal | 17.00 hours of Dt.11.03.2024 |
| Date and time of opening of Bid | 10.30 hours of Dt.12.03.2024 |

The detailed descriptions of crops, varieties, quantity, parameters, terms and conditions and other details of tender specified in the tender schedule would be made available in the e-Tender portal **www.tendersodisha.gov.in**. Any addendum/corrigendum/cancellation can also be seen in the said website.
Sd./- Managing Director
OIPR-01106/11/0114/2324 OSSC Ltd.




# ଟୁକୁନୀ-ନବୀନ ଟକ୍କର ଚର୍ଚ୍ଚା

## ଟିଟିଲାଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀ

ବଲାଙ୍ଗୀର,୨୭।୨
(ବୀରେନ୍ଦ୍ର କୁମାର ଝାଙ୍କର)

ପ୍ରଚଣ୍ଡ ଗ୍ରୀଷ୍ମ ତାତି ଅନୁଭୂତ ହେଉଥିବାରୁ ଟିଟିଲାଗଡ଼କୁ ଲୋକେ ତତଲାଗଡ଼ କହିଥାଆନ୍ତି। ସେଭଳି ଖରା ଆସି ନ ଥିଲେ ମଧ୍ୟ ଏବେ ନିର୍ବାଚନୀ ତାତି ଏହି ବିଧାନସଭା ନିର୍ବାଚନମଣ୍ଡଳୀରେ ଦେଖିବାକୁ ମିଳିଲାଣି। ୨୦୧୪ ମସିହାରେ ବିଜେଡି ଯୁବନେତା ଅଭିମନ୍ୟୁ ସାହୁଙ୍କ ହତ୍ୟା ପରେ ତାଙ୍କ ସ୍ତ୍ରୀ ଟୁକୁନୀ ସାହୁଙ୍କୁ ବିଜେଡି ଟିକେଟ ମିଳିଥିଲା। ୨୦୧୪ ଓ ୨୦୧୯ ନିର୍ବାଚନରେ ସେ କ୍ରମାଗତ ବିଜୟୀ ହୋଇଥିଲେ। ଏବେ ସେ ସରକାରରେ ମନ୍ତ୍ରୀ ଅଛନ୍ତି। ଏଥର ହ୍ୟାଟ୍ରିକ୍ କରିବା ଲକ୍ଷ୍ୟରେ ଟିକେଟ ଆଶାୟୀ। ତେବେ ପ୍ରାକ୍ ନିର୍ବାଚନୀ ଚର୍ଚ୍ଚାରୁ ବିଜେଡି ପାଇଁ ଆଗାମୀ ନିର୍ବାଚନୀ ଫଳାଫଳ ଏତେ ସହଜ ହେବନାହିଁ ବୋଲି ଆଲୋଚନା ହେଉଛି। କାରଣ ଭାଜପା ଆଶାୟୀ ପ୍ରାର୍ଥୀ ନବୀନ ଜୈନ ନିର୍ବାଚନମଣ୍ଡଳୀରେ ଲୋକସମ୍ପର୍କ ବଢ଼ାଇ ଚାଲିଛନ୍ତି। ତାଙ୍କୁ ମନ୍ତ୍ରୀ ଟୁକୁନୀ ସାହୁଙ୍କ ପ୍ରମୁଖ ପ୍ରତିଦ୍ୱନ୍ଦ୍ୱୀ ବୋଲି କୁହାଯାଉଛି। ନବୀନଙ୍କୁ ଭାଜପା ଟିକେଟ ମିଳିଲେ ଟୁକୁନୀଙ୍କୁ ସେ କଡ଼ା ଟକ୍କର ଦେବେ ବୋଲି ତାଙ୍କ ସମର୍ଥକମାନେ କହୁଛନ୍ତି। ଏଭଳି ଚର୍ଚ୍ଚା ଜୋର ଧରିବା ଫଳରେ ନବୀନ ଉତ୍ସାହିତ ହୋଇ ଘରେ ଆଉ ବସୁନାହାନ୍ତି। ଦଳୀୟ ଟିକେଟ ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ ସେ ଟିଟିଲାଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀର ବିଭିନ୍ନ ଗାଁ ଓ ସହରର ବହୁ ସ୍ଥାନରେ ସଭାସମିତିରେ ଯୋଗଦେଉଥିବା ଦେଖିବାକୁ ମିଳୁଛି।


ଟୁକୁନୀ ସାହୁ


ନବୀନ କୁମାର ଜୈନ

୨୦୧୯ ନିର୍ବାଚନରେ ଟୁକୁନୀଙ୍କୁ ଭାଜପା ପ୍ରାର୍ଥୀ ଅଶୋକ ଦୋରା ଟକ୍କର ଦେଇ ପରାଜିତ ହୋଇଥିଲେ। ସେ ଏଥର ଟିକେଟ ଦୌଡ଼ରେ ନ ଥିବା ଚର୍ଚ୍ଚା ହେଉଛି। ଅନ୍ୟ ଯେଉଁମାନେ ଭାଜପାରୁ ଆଶାୟୀ ରହିଛନ୍ତି ସେମାନେ ହେଲେ ମୁକେଶ ଜୈନ, ମନୋଜ ହାତୀ, ମହେନ୍ଦ୍ର ସିଂ ଠାକୁର ଓ ପ୍ରଶାନ୍ତ ଷଡ଼ଙ୍ଗୀ। କିନ୍ତୁ ସମସ୍ତଙ୍କ ଆଗରେ ନବୀନ। ଗତ ଟିଟିଲାଗଡ଼ ମ୍ୟୁନିସିପାଲିଟି ନିର୍ବାଚନରେ ନବୀନ ବାବୁଙ୍କ ସ୍ତ୍ରୀ ମମତାଦେବୀ ଜୈନ୍ ଭାଜପା ପ୍ରାର୍ଥିନୀ ଭାବେ ସିଧାସଳଖ ନିର୍ବାଚନ ଲଢ଼ି ବିଜେଡି ପ୍ରାର୍ଥୀଙ୍କୁ ହରାଇ ପୌରାଧ୍ୟକ୍ଷା ଭାବେ ବିଜୟୀ ହୋଇଥିଲେ। ଏହା ପ୍ରକାରାନ୍ତରେ ମନ୍ତ୍ରୀ ଟୁକୁନୀଙ୍କୁ ଚ୍ୟାଲେଞ୍ଜ ବୋଲି ସେତେବେଳେ ବି ଚର୍ଚ୍ଚା ହୋଇଥିଲା। ଏସବୁ ଦେଖିଲେ ବିଧାନସଭା ନିର୍ବାଚନ ପୂର୍ବରୁ ଟୁକୁନୀ-ନବୀନ ମୁହାଁମୁହିଁ ହେବା ଅଧିକ ଜଣାପଡୁଛି। ଏହା ମଧ୍ୟ କୁହାଯାଉଛି ଯେ, ନବୀନ ଭାଜପା ଟିକେଟ ଏବଂ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂ ଭୋଇ ଦଳୀୟ ଟିକେଟ ପାଇଲେ ବିଜେଡି ପ୍ରାର୍ଥୀଙ୍କ ପାଇଁ ଯେତେ ଅସୁବିଧା ସୃଷ୍ଟି କରିବେ, ତା'ଠୁ ଢେର ଅଧିକ ବିଜେଡିର ଗୋଷ୍ଠୀକନ୍ଦଳ ଖୋଦ୍ ପ୍ରାର୍ଥୀଙ୍କୁ କ୍ଷତି ପହଞ୍ଚାଇପାରେ। କଂଗ୍ରେସ ପ୍ରାର୍ଥୀ ସୁରେନ୍ଦ୍ର ଏବେ ଜିଲ୍ଲା କଂଗ୍ରେସ ସଭାପତି ଅଛନ୍ତି। ସେ ଗତ ଦୁଇଟି ବିଧାନସଭା ନିର୍ବାଚନରେ ପରାସ୍ତ ହୋଇସାରିଥିବାରୁ ଆଗକୁ କଂଗ୍ରେସ କେଉଁଭଳି ରଣନୀତି କରି ନିଜର ସ୍ଥିତି ସୁଦୃଢ଼ କରୁଛି, ତାହା ଉପରେ ମଧ୍ୟ ସମସ୍ତଙ୍କ ନଜର ରହିଛି।


ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଉପସ୍ଥିତ ୩୦ ଜିଲ୍ଲାରୁ ଆସିଥିବା ପ୍ରଯୁକ୍ତିବିଦ୍ୟା ନୋଡ଼ାଲ ଅଧିକାରୀ।

# ଆସନ ରେଢ଼ାଖୋଲ, ବସୁଛନ୍ତି ବାହାର ନେତା

## ରେଢ଼ାଖୋଲ ବିଧାନସଭା ନିର୍ବାଚନମଣ୍ଡଳୀ


ରୋହିତ ପୂଜାରୀ


ପ୍ରସନ୍ନ ଆଚାର୍ଯ୍ୟ


ଗୋବିନ୍ଦ ଅଗ୍ରୱାଲ


ଦୁଲାଲ ଚନ୍ଦ୍ର ପ୍ରଧାନ

ସମ୍ବଲପୁର,୨୭।୨(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲାର ରେଢ଼ାଖୋଲ ବ୍ଲକ, ନାକଟିଦେଉଳ, ଯୁଯୋମୁରା ଓ ମାନେଶ୍ୱର ବ୍ଲକର ୭ଟି ପଞ୍ଚାୟତକୁ ନେଇ ଗଠିତ ରେଢ଼ାଖୋଲ ବିଧାନସଭା ନିର୍ବାଚନମଣ୍ଡଳୀ। ୨୦୦୦ ପରଠାରୁ ନିରବଚ୍ଛିନ୍ନ ଭାବେ ବିଜେଡି ଏହାକୁ ଅକ୍ତିଆର କରିଆସିଛି। ଆସନର ରେଢ଼ାଖୋଲର ହୋଇଥିବା ବେଳେ ବାହାରରୁ ଆସି ନେତା ବସୁଛନ୍ତି। ସତେ ଯେମିତି ଏଠାରେ ସ୍ଥାନୀୟ ନେତାଙ୍କ ଅଭାବ ରହିଛି ବୋଲି କଥା ଉଠିଲାଣି।

୨୦୦୪ ପର୍ଯ୍ୟନ୍ତ ଏହି ଆସନଟି ଅନୁସୂଚିତ ଜାତିଙ୍କ ପାଇଁ ସଂରକ୍ଷିତ ରହିଥିବା ବେଳେ ୨୦୦୯ରେ ଏହା ଅଣସଂରକ୍ଷିତ ଘୋଷିତ ହୋଇଥିଲା। ଏବେ ପୂର୍ବତନ ମନ୍ତ୍ରୀ ତଥା ବିଜେଡି ସମ୍ବଲପୁର ଜିଲା ସଭାପତି ଇଂ. ରୋହିତ ପୂଜାରୀ ବିଧାୟକ ଅଛନ୍ତି। ବିଜେଡି ଗଠନ ହେବା ପରେ ଏଠାରୁ ୨୦୦୦ ମସିହାରେ ଦଳୀୟ ଟିକେଟରେ ଦୁର୍ଯ୍ୟୋଧନ ସୋହେଲା ବିଧାୟକ ହୋଇଥିଲେ। ତାଙ୍କର ଆକସ୍ମିକ ମୃତ୍ୟୁ ପରେ ୨୦୦୧ରେ ଅନୁଷ୍ଠିତ ଉପନିର୍ବାଚନରେ ସନାତନ ବିଶି ବିଜେଡି ଟିକେଟରେ ବିଜୟୀ ହୋଇଥିଲେ। ୨୦୦୪ ନିର୍ବାଚନରେ ମଧ୍ୟ ସେ ନିଜ ପ୍ରାର୍ଥିତ୍ୱ ବଜାୟ ରଖି ବିଜେଡି ଟିକେଟରେ ଜିତି ଦ୍ୱିତୀୟ ଥର ବିଧାୟକ ହୋଇଥିଲେ। ୨୦୦୯ରେ ବିଜେଡିର ବରିଷ୍ଠ ନେତା ତଥା ପୂର୍ବତନ ସାଂସଦ ପ୍ରସନ୍ନ ଆଚାର୍ଯ୍ୟ ବିଧାୟକ ହୋଇଥିଲେ। କେବଳ ଦୁର୍ଯ୍ୟୋଧନଙ୍କୁ ଛାଡ଼ିଦେଲେ ପ୍ରସନ୍ନ ବରଗଡ଼ ନିର୍ବାଚନମଣ୍ଡଳୀର ହୋଇଥିବା ବେଳେ ସନାତନ ବିଶି ଓ ରୋହିତ ପୂଜାରୀ ସମ୍ବଲପୁର ନିର୍ବାଚନମଣ୍ଡଳୀର। ବର୍ତ୍ତମାନ ସ୍ଥିତିରେ ଏଠାରୁ କେଉଁ ଦଳରୁ କିଏ ପ୍ରାର୍ଥୀ ହେବେ, ସେନେଇ ଚିତ୍ର ସ୍ପଷ୍ଟ ହୋଇନାହିଁ। ତଥାପି ମୁଖ୍ୟତଃ ବିଜେଡି ଓ ଭାଜପା ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ ବୋଲି ରାଜନୈତିକ ପର୍ଯ୍ୟବେକ୍ଷକମାନେ ଆକଳନ କରିଛନ୍ତି। ଉଭୟ ଦଳ ଏଠାରେ ଭୋଟରଙ୍କୁ ପ୍ରଭାବିତ କରିବା ପ୍ରୟାସ ଜାରି ରଖିଛନ୍ତି। ବିଜେଡି ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନରେ 'ନୂଆ ଓଡ଼ିଶା ନବୀନ ଓଡ଼ିଶା' ମାଧ୍ୟମରେ କାର୍ଯ୍ୟକ୍ରମ ଆୟୋଜନ କରି ବିକାଶମୂଳକ କାର୍ଯ୍ୟକୁ ଲୋକଙ୍କ ନିକଟରେ ପହଞ୍ଚାଇବା ପ୍ରୟାସ କରୁଛି। ସେହିପରି ଭାଜପା ମଧ୍ୟ 'ଗାଁକୁ ଚାଲ' କାର୍ଯ୍ୟକ୍ରମରେ ଭୋଟରଙ୍କ ସହ ଯୋଡ଼ି ହେବାକୁ ପ୍ରୟାସରତ। ବର୍ତ୍ତମାନ ରୋହିତ ବିଧାୟକ ଥିଲେ ହେଁ ଏଠାରୁ ପ୍ରସନ୍ନ ପୁନର୍ବାର ଲଢ଼ିବା ପାଇଁ ଅଣ୍ଟା ଭିଡ଼ିଛନ୍ତି। କୁହାଯାଉଛି ରୋହିତ ସମ୍ବଲପୁର ବିଧାନସଭା ନିର୍ବାଚନମଣ୍ଡଳୀରୁ ପ୍ରାର୍ଥୀ ହୋଇପାରନ୍ତି। ଆଲୋଚନା ଆହୁରି ହେଉଛି ଯେ, ଉଭୟଙ୍କ ମଧ୍ୟରୁ ଜଣକୁ ସମ୍ବଲପୁର ଲୋକ ସଭା ଆସନ ପାଇଁ ଟିକେଟ ଦିଆଯାଇପାରେ। ଯାହାବି ହେଲେ ଉଭୟ ବାହାରର ନେତା।

ଗତ ନିର୍ବାଚନରେ ଭାଜପାରୁ ଏବର ଦଳ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସମ୍ବଲପୁରର ଦେବେନ୍ଦ୍ର ମହାପାତ୍ର ଏବଂ ଭାଜପା ରାଜ୍ୟ ବ୍ୟବସାୟୀ ପ୍ରକୋଷ୍ଠ ସଂଯୋଜକ ଗୋବିନ୍ଦ ଅଗ୍ରୱାଲ ଆଶାୟୀ ଥିବା ଜଣାପଡ଼ିଛି। ଏଥିସହିତ ବିଜେଡି ପରିତ୍ୟାଗ କରି ସଦ୍ୟ ଭାଜପାରେ ସାମିଲ ହୋଇଥିବା ଜିଲା ଓକିଲ ସଂଘ ପୂର୍ବତନ ସଭାପତି ଡ. ପ୍ରମୋଦ ରଥ ମଧ୍ୟ ନିର୍ବାଚନୀ ଦୌଡ଼ରେ । ତେବେ ଆଗାମୀ ନିର୍ବାଚନରେ ଏଠାରୁ ଗୋବିନ୍ଦ ଅଗ୍ରୱାଲଙ୍କୁ ଭାଜପା ଟିକେଟ ମିଳିବା ସର୍ବାଧିକ ସମ୍ଭାବନା ରହିଛି ବୋଲି ଚର୍ଚ୍ଚା ହେଉଛି।

କଂଗ୍ରେସର ବରିଷ୍ଠ ନେତା ତଥା ଦଳର ପୂର୍ବତନ ସମ୍ବଲପୁର ଜିଲା ସଭାପତି ଆସଫ୍ ଅଲ୍ଲୀ ଖାନଙ୍କ ସହିତ କଂଗ୍ରେସ ରାଜ୍ୟ ସାଧାରଣ ସମ୍ପାଦକ ତଥା ସମ୍ବଲପୁରର ଦୁଲାଲ ଚନ୍ଦ୍ର ପ୍ରଧାନ ଏହି ଆସନରୁ ଟିକେଟ ଆଶାୟୀ ଅଛନ୍ତି। କୌତୂହଳର ବିଷୟ ତିନି ପ୍ରମୁଖ ଦଳର ସମ୍ଭାବ୍ୟ ପ୍ରାର୍ଥୀଙ୍କ ମଧ୍ୟରୁ କେହି ହେଲେ ସ୍ଥାନୀୟ ନୁହନ୍ତି। ପୂର୍ବଭଳି ୨୦୨୪ ବିଧାନସଭା ନିର୍ବାଚନରେ ଯେଉଁ ଦଳ ବିଜୟଲାଭ କଲେ ବି ଏହି ଆସନ ଉପରେ ବାହାର ଲୋକ ବସିବା ଥୟ ବୋଲି କୁହାଯାଉଛି।

## କଂଗ୍ରେସ ସ୍କ୍ରିନିଂ କମିଟି ବୈଠକ

# ଲୋକ ସଭା ଆସନ ଉପରେ ହେଲା ଆଲୋଚନା

ଭୁବନେଶ୍ୱର,୨୭।୨(ସୁନିତ୍ ମିଶ୍ର): ପିସିସିର ସ୍କ୍ରିନିଂ କମିଟି ବୈଠକ ମଙ୍ଗଳବାର ଦିଲ୍ଲୀଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପିସିସି ସଭାପତି ଶରତ ପଟ୍ଟନାୟକ, ବିଧାୟକ ଦଳ ନେତା ନରସିଂହ ମିଶ୍ର ଏବଂ ଓଡ଼ିଶା ପ୍ରଭାରୀ ଅଜୟ କୁମାର ଯୋଗ ଦେଇଛନ୍ତି। ସ୍କ୍ରିନିଂ କମିଟିରେ ମୁଖ୍ୟତଃ ଓଡ଼ିଶାର ୨୧ ଲୋକ ସଭା ଆସନ ଉପରେ ଆଲୋଚନା କରାଯାଇଛି। ଦଳ ଆଣିଥିବା ପ୍ରଗମନ ଆପ୍ ଜରିଆରେ ଉଭୟ ଲୋକ ସଭା ଏବଂ ବିଧାନସଭା ଆସନ ପାଇଁ ବହୁ ପ୍ରାର୍ଥୀ ଆବେଦନ କରିଛନ୍ତି। ଗତ ସପ୍ତାହରେ ଏହି ପ୍ରାର୍ଥୀମାନଙ୍କ ଆବେଦନକୁ ନେଇ ପ୍ରଥମେ ପ୍ରଦେଶ ନିର୍ବାଚନ କମିଟି(ପିଇସି) ବୈଠକ ଅନୁଷ୍ଠିତ ହେବାପରେ ମଙ୍ଗଳବାର ସ୍କ୍ରିନିଂ କମିଟି ବସିଛି। ଆସନ୍ତା ୯ ରେ ଆଉ ଥରେ ସ୍କ୍ରିନିଂ କମିଟି ବୈଠକ ବସିବ ବୋଲି ଜଣାପଡିଛି।

# ନିର୍ବାଚନ ପୂର୍ବରୁ ୩୦ ପ୍ରଯୁକ୍ତିବିଦ୍ୟା ଜିଲା ନୋଡାଲ ଅଧିକାରୀଙ୍କୁ ନେଇ କର୍ମଶାଳା

ଭୁବନେଶ୍ୱର,୨୭।୨(ସୁନିତ୍ ମିଶ୍ର): ଆଗାମୀ ନିର୍ବାଚନ ପାଇଁ ପ୍ରଯୁକ୍ତିବିଦ୍ୟା ଜିଲା ନୋଡାଲ ଅଧିକାରୀଙ୍କ ଏକ ଦିନିକିଆ କର୍ମଶାଳା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟର ସବୁ ଜିଲାରୁ ଆସିଥିବା ୩୦ ଜଣ ପ୍ରଯୁକ୍ତିବିଦ୍ୟା ଜିଲା ନୋଡାଲ ଅଧିକାରୀ ଉପସ୍ଥିତ ଥିଲେ। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ବୈଠକରେ ଯୋଗଦେଇ ନିର୍ବାଚନରେ ସୁରକ୍ଷା ପ୍ରତି ଦୃଷ୍ଟି ଦେବାକୁ ପ୍ରଯୁକ୍ତିବିଦ୍ୟା ଜିଲା ନୋଡାଲ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ଓକାକ୍‌ରୁ ଆସିଥିବା ସାଇବର ସୁରକ୍ଷା ବିଶେଷଜ୍ଞ ମନମୋହନ ମହାପାତ୍ର, ପ୍ରଭୁଦତ୍ତ ମହାପାତ୍ର ଓ ହିମାଂଶୁ ଶେଖର ସାହୁ ପ୍ରମୁଖ ଏହି କର୍ମଶାଳାରେ ଉପସ୍ଥିତ ଥିବା ଜିଲା ପ୍ରଯୁକ୍ତିବିଦ୍ୟା ଅଧିକାରୀଙ୍କୁ ବିସ୍ତୃତ ଭାବେ ପ୍ରଶିକ୍ଷଣ ପ୍ରଦାନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଏନ୍. ତିରୁମାଲା ନାୟକ, ଉପମୁଖ୍ୟ ନିର୍ବାଚନ ଅଧିକାରୀ ପଦ୍ମଜା ଦାଶଙ୍କ ସହ ପ୍ରଯୁକ୍ତି ବିଦ୍ୟା ନୋଡାଲ ଅଧିକାରୀ ଦେବରାଜ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ଭାରତୀୟ ରାଜନୀତିରେ ୨୦୨୪

ସମରେଶ ପଟ୍ଟନାୟକ

ଚଳିତ ବର୍ଷ ବିଶ୍ୱର ପ୍ରାୟ ୫୦ଟି ଦେଶରେ ଜାତୀୟ ନିର୍ବାଚନ ହେବାର କାର୍ଯ୍ୟସୂଚୀ ସ୍ଥିର ହୋଇଥିବା ବେଳେ ପାକିସ୍ତାନରେ ଏହା ସଦ୍ୟ ସମାପ୍ତ ହୋଇଛି। ଏବେ ଭାରତରେ ନିର୍ବାଚନ ହେବାକୁ ଯାଉଛି। ୨୦୨୪ ଲୋକ ସଭା ନିର୍ବାଚନ କେଉଁ ଧରଣର ଭାରତୀୟ ରାଜନୈତିକ ଦୃଶ୍ୟପଟ ଆଣିବ ତା' ଉପରେ କେବଳ ଦେଶ ନୁହେଁ, ବିଦେଶ ରାଷ୍ଟ୍ରଗୁଡ଼ିକ ମଧ୍ୟ ଅପେକ୍ଷା ରଖିଛନ୍ତି। ଏ ଦେଶରେ ବହୁ ରାଜନୈତିକ ଦଳ ଥିଲେ ହେଁ ତନ୍ମଧ୍ୟରୁ ହାତଗଣତି ଦଳ ମୁଖ୍ୟ ଭୂମିକା ଗ୍ରହଣ କରିଥାଆନ୍ତି। ସେଥିମଧ୍ୟରୁ ଯିଏ ଅଙ୍କ ଖେଳରେ ସଂଖ୍ୟାଧିକ ଭୋଟରଙ୍କ ସ୍ୱୀକୃତି ପାଇବ, ସେ ଆଗାମୀ ୫ ବର୍ଷ ପାଇଁ ଭାରତର ଭାଗ୍ୟବିଧାତା ପାଲଟିଯିବ।

ଭାରତୀୟ ଜନତା ପାର୍ଟି (ଭାଜପା) ଦକ୍ଷିଣପନ୍ଥୀ (ରାଇଟିଷ୍ଟ) ଚିନ୍ତାଧାରା ରଖି ଆଗେଇ ଚାଲିଛି। ନରମପନ୍ଥୀ ଆଦର୍ଶ ଉପରେ କଂଗ୍ରେସ ଆଧାରିତ। ତା'ର ଗୁଣାବଳୀକୁ ଅଧିକ ତର୍ଜମା କଲେ ତାହା ବାମପନ୍ଥୀ ସମାଜବାଦ ଆଡ଼କୁ ଢଳି ରହିଛି। ଅନ୍ୟପକ୍ଷରେ ବାମପନ୍ଥୀ ତଥା କମ୍ୟୁନିଷ୍ଟ ଭାବନାକୁ ବାମପନ୍ଥୀ ଦଳଗୁଡ଼ିକ ସମ୍ପୂର୍ଣ୍ଣ ଭାବେ ଭିଡ଼ି ଧରିଛନ୍ତି। ତେବେ ଭାଜପାର ଆକାର ଓ ପଦଧାରଣକୁ ଲକ୍ଷ୍ୟ କଲେ ତାହାକୁ ଏହିକ୍ଷଣି ହଟେଇବା ଏକପ୍ରକାର ଅସମ୍ଭବ। ବର୍ତ୍ତମାନର ନବ୍ୟଉଦାର ବିଶ୍ୱ ପରିପ୍ରେକ୍ଷୀକୁ ଦେଖିଲେ ବାମପନ୍ଥୀ ଚିନ୍ତାଧାରା ସମୟ ସହ ତାଳ ମିଳାଇ ଯାଇପାରୁ ନ ଥିବାରୁ ଘୁଞ୍ଚୁଛି। କଂଗ୍ରେସ ସ୍ଥଳବିଶେଷରେ ନରମ ହିନ୍ଦୁତ୍ୱ ଆପଣାଉଥିବାରୁ ରାଜନୀତିର କେନ୍ଦ୍ରସ୍ଥଳ ଛୁଇଁପାରୁ ନାହିଁ। ତେଣୁ ଏବର ସ୍ଥିତିରେ ଯେଉଁ ରାଜନୈତିକ ଶୂନ୍ୟତା ସୃଷ୍ଟି ହୋଇଛି, ତାହାକୁ ପୂରଣ କରିବା ଲାଗି ନୂଆ ଦଳ ପାଖରେ ସୁଯୋଗ ରହିଛି। ଏପରିକି ସେହି ଜାତୀୟ ଶୂନ୍ୟତା ପୂରଣ କରିବା ଲାଗି ଦୁଇ ଦଳ ଅରବିନ୍ଦ କେଜ୍‌ରିୱାଲଙ୍କ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଓ ପ୍ରଶାନ୍ତ କିଶୋର ପାଣ୍ଡେଙ୍କ 'ସୂରଜ ଅଭିଯାନ' ଦାବିଦାର ଅଛନ୍ତି। ଉଭୟ ଦଳ ଜାତୀୟ ସ୍ୱପ୍ନ ଦେଖିବାରେ ବିଭୋର।

ଏଠାରେ ସମାଜବାଦୀ ପାର୍ଟି (ଏସ୍‌ପି), ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି), ବିଜୁ ଜନତା ଦଳ(ବିଜେଡି), ଦ୍ରାବିଡ ମୁନେତ୍ରା କାଜ୍‌ଗମ୍ (ଡିଏମ୍‌କେ), ରାଷ୍ଟ୍ରୀୟ ଲୋକଦଳ (ଆର୍‌ଏଲ୍‌ଡି), ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଭଳି ଆଞ୍ଚଳିକ ଦଳଗୁଡ଼ିକର କୌଣସି ଜାତୀୟ ଆଭିମୁଖ୍ୟ ଜଣାପଡୁ ନାହିଁ। ସେଗୁଡ଼ିକ ନିଜ ରାଜ୍ୟରେ ଦୃଢ଼ତାର ସହିତ ରହିବା ପାଇଁ ଚେଷ୍ଟା କରିଆସୁଛନ୍ତି। କିନ୍ତୁ ଟିଏମ୍‌ସି ଗୋଆରେ ଲଢ଼ିବା ଏବଂ ଆପ୍ ଗୁଜରାଟ ଓ ପଞ୍ଜାବରେ ନିର୍ବାଚନ ଲଢ଼ିବା ଫଳରେ କଂଗ୍ରେସର କ୍ଷତି ଘଟିଥିବା ସ୍ପଷ୍ଟ ଦେଖାଗଲା। ଅନ୍ୟପଟେ ଏହାର ସମ୍ପୂର୍ଣ୍ଣ ଲାଭ ଭାଜପା ଉଠାଇଲା।



ଅରବିନ୍ଦଙ୍କ ଏଏପି ଏବଂ ପ୍ରଶାନ୍ତଙ୍କ ସୂରଜ ଅଭିଯାନ କଥା ଦେଖିଲେ ଭିନ୍ନ ଚିତ୍ର ପଦାକୁ ଆସୁଛି। ଏଏପି ଦକ୍ଷିଣପନ୍ଥୀଙ୍କ ଆଡ଼କୁ ଢଳି ଭାରତୀୟ ରାଜନୀତିରେ କଂଗ୍ରେସ ନିଜର ଯେଉଁ ଜାଗା ସୃଷ୍ଟି କରିଥିଲା, ତାହାକୁ ଦଖଲ କରିବାକୁ ଚାହୁଁଛି। ଏଥିସହିତ ସଂଖ୍ୟାଲଘୁ ଓ ବିଶେଷକରି ମୁସଲମାନ ସମ୍ପର୍କିତ ପ୍ରସଙ୍ଗରେ ନୀରବ ରହୁଛି। ଅର୍ଥାତ୍ କଂଗ୍ରେସ ଭଳି ଏଏପି ମଧ୍ୟ ନରମ ହିନ୍ଦୁତ୍ୱ ଆପଣାଉଛି। ବର୍ତ୍ତମାନ ଏଏପି ସହରୀ ମାନସିକତାକୁ କାବୁ କରିବାକୁ ବସିଲାଣି। କୁହାଯାଇପାରେ ଯେ, ସଂରକ୍ଷଣ ବିରୋଧୀ ଓ ବିହାର ଜାତିଗତ ସର୍ଭେକୁ ନେଇ ଜନସ୍ୱାର୍ଥ ମାମଲା ଦାୟର କରିଥିବା 'ୟୁଥ୍ ଫର୍ ଇକ୍ୱାଲିଟି' ପଛରେ ଏଏପି ମୁଖ୍ୟ ଅରବିନ୍ଦ କେଜ୍‌ରିୱାଲ ଅଛନ୍ତି।

୨୦୧୩-୧୪ ବେଳକୁ ମୋଦିଙ୍କୁ ଜାତୀୟ ସ୍ତରକୁ ଆଣିବାରେ ପ୍ରଶାନ୍ତଙ୍କ ପ୍ରମୁଖ ଭୂମିକା ଥିଲା। ନିର୍ବାଚନ ରଣନୀତିକାର ଭାବେ ଜଣାଶୁଣା ପ୍ରଶାନ୍ତ ଏବେ ଗାନ୍ଧୀ ଦର୍ଶନକୁ ନେଇ ବିହାରର ଗାଁକୁ ଗାଁ ବୁଲୁଛନ୍ତି। ପୂର୍ବରୁ ଏହାକୁ କଂଗ୍ରେସ କରୁଥିଲା, ଯାହାକୁ ଏବେ ବନ୍ଦ କରିଦେଇଛି। ପ୍ରଶାନ୍ତ ତାଙ୍କ ଲକ୍ଷ୍ୟରେ ଚାଲିଲେ ଆଗାମୀ ବିହାର ନିର୍ବାଚନରେ ସେ ୩ରୁ ୫ଟି ଆସନ ପାଇପାରନ୍ତି ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଉଛନ୍ତି। ଅବଶ୍ୟ ସମୟ ଏମିତି ଆସିପାରେ ଯେତେବେଳେ ସେ ସମଗ୍ର ବିହାର ଓ ଉତ୍ତରପ୍ରଦେଶରେ ପହଞ୍ଚିଯାଇପାରନ୍ତି।

ଏଠାରେ ମନେରଖିବା ଦରକାର ଯେ, ଉଭୟ ଅରବିନ୍ଦ ଓ ପ୍ରଶାନ୍ତ ହେଉଛନ୍ତି ଭାରତୀୟ ଦକ୍ଷିଣପନ୍ଥୀ ଚିନ୍ତାଧାରାରୁ ସୃଷ୍ଟି। ଯେତେବେଳେ ନରେନ୍ଦ୍ର ମୋଦି ଦୃଶ୍ୟପଟରୁ ଅନ୍ତର ହୋଇଯିବେ ସେତେବେଳେ ପ୍ରଶାନ୍ତ ଓ ଅରବିନ୍ଦଙ୍କ ଭଳି ଶକ୍ତି ନିର୍ଦ୍ୱନ୍ଦ୍ୱରେ ସମର୍ଥନ ପାଇପାରନ୍ତି।

ଅତଏବ କଂଗ୍ରେସକୁ ତିଷ୍ଠି ରହିବାକୁ ହେଲେ ଗାନ୍ଧୀ-ନେହେରୁ ତତ୍ତ୍ୱକୁ ପାଥେୟ କରି ନରମପନ୍ଥୀ ଚିନ୍ତାଧାରାକୁ ମଜଭୁତ କରିବାକୁ ପଡ଼ିବ। ସେଥିପାଇଁ ଦଳୀୟ ନେତା ଓ କର୍ମୀ ତତ୍ପରତାର ସହ କାର୍ଯ୍ୟ କରିବା ଦରକାର। ଏବେଠାରୁ ଦଳ ପ୍ରସ୍ତୁତ ନ ହେଲେ ୨୦୩୪ ବେଳକୁ କଂଗ୍ରେସର ସ୍ଥିତି ସମ୍ପୂର୍ଣ୍ଣ ଧୂଳିସାତ୍ ହୋଇଯାଇଥିବ।

ଆଜିର ସ୍ଥିତିରେ କୌଣସି ଦଳ ଦେଶରେ ଉଚ୍ଚ ଧରଣର ନିଯୁକ୍ତି ସୃଷ୍ଟି କଲା ଭଳି ବଡ଼ ସମସ୍ୟାକୁ ଗମ୍ଭୀରତାର ସହ ଦେଖିନାହାନ୍ତି। କ୍ଷମତାକୁ ଆସିବା ପରେ ବଡ଼ ପ୍ରତିଶ୍ରୁତି ଦେଉଛନ୍ତି। କାହାର ଗୋଟେ ବଡ଼ ଦୂରଦୃଷ୍ଟି ଥିଲା ଭଳି ମନେ ହେଉନାହିଁ। କେବଳ ଧର୍ମ ବିଷୟରେ ଆଲୋଚନା କରି ସାଧାରଣ ଭାରତୀୟଙ୍କୁ ଗୋଟିଏ ସ୍ରୋତରେ ପକାଇ ଦେବାର ଉଦ୍ୟମ ଦୀର୍ଘ ଏକ ଦଶନ୍ଧି ଧରି ସଫଳ ହୋଇଛି। ଏହା ସ୍ୱୀକାରଯୋଗ୍ୟ ଯେ, ଭାରତ ଭଳି ଦେଶରେ ଶାସନ କରିବା ପାଇଁ ଧର୍ମକୁ ପନ୍ଥା ଭାବରେ ନେବା ସହଜ। ଅନ୍ୟପଟେ ପୃଥିବୀବ୍ୟାପୀ ଅର୍ଥନୈତିକ ସ୍ଥିତି ଯେଉଁଭଳି ଭାବେ ସବୁ ଦେଶକୁ ଅସ୍ଥିର କରୁଛି ସେଥିରୁ ବୁଝାପଡୁଛି ଯେ, କୌଣସି ବୃହତ୍ ରାଷ୍ଟ୍ର ଦୀର୍ଘକାଳ ପର୍ଯ୍ୟନ୍ତ ଏକାକୀ ବଞ୍ଚି ରହିପାରିବ ନାହିଁ। ଭାରତୀୟମାନଙ୍କ ଭିତରେ ଉପୁଜିଥିବା ଧାର୍ମିକ ଚିନ୍ତାଧାରା ଯୋଗୁ ଦେଶର ଅର୍ଥନୈତିକ ଉନ୍ନତି ଉପରୁ ଦୃଷ୍ଟି ଦୂରେଇ ଯାଉଛି। ପେଟରେ ଦାନା ପଡ଼ି ନ ଥିଲେ ମନ୍ଦିରକୁ ଯାଇ ଠାକୁରଙ୍କୁ ଡାକିବା କେତେଦୂର ସାମାଜିକ ସ୍ଥିରତା ବଜାୟ ରଖିବ ତାହା ଭବିଷ୍ୟତ କହିବ।

## କୁକୁଡ଼ା ପାଳନ ସମ୍ପର୍କରେ



ବାର୍ଡ ଫ୍ଲୁ ରୋଗ ଦମନ ପାଇଁ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରନ୍ତୁ । ଦିନରେ ବାୟୁମଣ୍ଡଳର ଉତ୍ତାପ ଅଧିକ ଥିବାରୁ ବ୍ରଏଲର କୁଡ଼ା ଛୁଆ ପାଳନ ପାଇଁ କମ୍ ଉତ୍ତାପ ଦିଅନ୍ତୁ (ଆବଶ୍ୟକ ୩୫୦ ସେଣ୍ଟିଗ୍ରେଡ୍) । କୁକୁଡ଼ା ଛୁଆମାନେ ଉତ୍ତାପ ଉତ୍ସ ତଳେ ରହିଲେ ଉତ୍ତାପ ବଢ଼ାନ୍ତୁ ଓ ଉତ୍ତାପ ଉତ୍ସଠାରୁ ଦୂରରେ ରହିଲେ ଉତ୍ତାପ କମ୍ ଦିଅନ୍ତୁ। ୭ ଦିନର କୁକୁଡ଼ା ଛୁଆକୁ ରାଣୀକ୍ଷେତ ରୋଗ ଓ ୧୫ ଦିନର ଛୁଆକୁ ଆଇବିଡି ରୋଗ ଟିକା ଦିଅନ୍ତୁ। ବାର୍ଡ ଫ୍ଲୁ ରୋଗ ହେଲେ କୁକୁଡ଼ା ଦୁର୍ବଳ ଦେଖାଯାଏ, ପର ଅସଜଡ଼ା ପରି ଲାଗେ, ଅଣ୍ଡାଦିଆ କୁକୁଡ଼ା ଅଣ୍ଡା ଦେବା କମ୍ କରିଦିଏ, ନାକରୁ ପତଳା ସିଘାଂଣି ବାହାରିବା ସହ ଛିଙ୍କ ତଥା ପତଳା ପାଣି ପରି ଝାଡ଼ା ହୁଏ, ପ୍ରାପ୍ତ ବୟସ୍କ କୁକୁଡ଼ାଙ୍କ ଚୂଳ, ୱାଟଲ୍ ଓ ଆଖି ଚାରିପାଖ ଫୁଲିଯାଏ, ଚୂଳ ନୀଳ ପଡ଼ିବା ସହ ରକ୍ତଛିଟା ଚିହ୍ନ ଦେଖାଦେଲେ କିମ୍ବା ମୁହଁ ବା ମୁଣ୍ଡ ଫୁଲିଯିବା ଆଦି ଉପସର୍ଗ ମାନ ଦେଖାଦେଲେ ତୁରନ୍ତ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ ।

## ରଜନୀଗନ୍ଧାର ଉନ୍ନତ କିସମ



ରଜନୀଗନ୍ଧା ଫୁଲ ଚାଷ କରୁଥିଲେ ଏହାର ଉନ୍ନତ କିସମ ଉପରେ ଧ୍ୟାନ ଦିଅନ୍ତୁ। କୋଲକାତା ସିଙ୍ଗଲ, ଶ୍ରୀଙ୍ଗାର,କୋଏମ୍ବାଟୋର ସିଙ୍ଗଲ ଓ ସୁହାସିନୀ(ଡବଲ)ଆଦି କିସମ ଲଗାନ୍ତୁ। ବୁଣିବା ପୂର୍ବରୁ ଅନୁମୋଦିତ ସାରର (ଏକର ପ୍ରତି ୮୦କି.ଗ୍ରା. ଯବକ୍ଷାରଜାନ,୮୦କି.ଗ୍ରା. ଫସ୍‌ଫରସ୍ ଓ ୮୦କି.ଗ୍ରା. ପଟାସ ସାର)ର ଏକ ତୃତୀୟାଂଶ ଯବକ୍ଷାରଜାନ ଓ ସବୁତକ ଫସ୍‌ଫରସ୍ ଓ ପଟାସ ସାର ପ୍ରୟୋଗ କରନ୍ତୁ। ଏକର ପ୍ରତି ପ୍ରାୟ ୪୦,୦୦୦କନ୍ଦା ଆବଶ୍ୟକ ହୋଇଥାଏ। କନ୍ଦାଗୁଡ଼ିକୁ ୨.୫ସେ.ମି. ବ୍ୟାସ ବିଶିଷ୍ଟ ହୋଇଥିବା ଦରକାର। ଶୀତଳ ଭଣ୍ଡାରରେ ୪-୫ଡିଗ୍ରୀ ସେଲ୍‌ସିଅସ୍‌ରେ ରହିଥିବା କନ୍ଦାଗୁଡିକ ଭଲ ଗଜା ହୋଇଥାଏ। ସୂତ୍ରଜୀବପ୍ରବଣ ଅଞ୍ଚଳରେ ଲଗାଇବା ପୂର୍ବରୁ ଏକର ପ୍ରତି ୧୬୦କେ.ଜି ନିମ୍ବପିଡ଼ିଆ ପ୍ରୟୋଗ କରନ୍ତୁ। କନ୍ଦାଗୁଡ଼ିକୁ ଲଗାଇବା ପୂର୍ବରୁ ଚେରଗୁଡ଼ିକୁ କାଟିଦିଅନ୍ତୁ। ଧାଡ଼ିକୁ ଧାଡ଼ି ୩୦ସେ.ମି. ଓ କନ୍ଦାକୁ କନ୍ଦା ୩୦ସେ.ମି. ବ୍ୟବଧାନରେ ଲଗାନ୍ତୁ।

# ଡାଲୁଅ ଧାନରେ କାଣ୍ଡବିନ୍ଧା ପୋକ ଦମନ

ଡାଲୁଅ ଧାନଜମିରେ କାଣ୍ଡ ବିନ୍ଧାପୋକ ଆକ୍ରମଣ କରିଥିଲେ ହେକ୍ଟର ପ୍ରତି ୧୨.୫ କି.ଗ୍ରା. ଫିପ୍ରୋନିଲ୍ ୦.୩ ଦାନାଦାର ବିଷ ଅଳ୍ପ ପାଣି ରଖି ପ୍ରୟୋଗ କରନ୍ତୁ ଅଥବା ଏକ ଲିଟର କ୍ଲୋରୋପାଇରିଫସ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ମାଟିଆଗୁଣ୍ଡି ପୋକ ଆକ୍ରମଣ ଆରମ୍ଭ ହେବା ଆଶଙ୍କା ଅଛି। ଏହି ପୋକ ଲାଗିଲେ, ଜଳସେଚନର ସୁବିଧା ଥିଲେ ପ୍ରଥମେ ଜମିରୁ ପାଣି ନିଷ୍କାସନ କରନ୍ତୁ। ୧-୨ ଦିନ ଶୁଖିଲା ରଖି ପୁଣି ବିଲରେ ପାଣି ମଡ଼ାନ୍ତୁ। ବୁଦା ପ୍ରତି ୮-୧୦ ଟି ପୋକ ଲାଗିଲେ ଇମିଡାକ୍ଲୋପ୍ରିଡ୍ ୩ ମି.ଲି./୧ ଲିଟର ବା ବୁପ୍ରୋଫେଜିନ୍ ୧ ମି.ଲି./୧ ଲିଟର ପାଣିରେ ହିସାବରେ ଗୋଳାଇ ଗଛ ମୂଳକୁ ସିଞ୍ଚନ କରନ୍ତୁ। ପ୍ରତି ବୁଦାରେ ୨/୩ ଟି ବୁଢ଼ିଆଣୀ ଥିଲେ ପୋକ ସଂଖ୍ୟା ବଢ଼ିବ ନାହିଁ। ପତ୍ରପୋଡ଼ା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୫୦ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ଓ ୧୨୫୦ ଗ୍ରାମ୍ ବ୍ଲାଇଟକ୍ସ-୫୦ ସେଚିତ ଗୁଣ୍ଡକୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ଓ ମହିଷା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୩୦୦ ଗ୍ରାମ୍ ବା ୦.୬ ଗ୍ରାମ୍ ଟ୍ରାଇସାଇକ୍ଲାଜୋଲ୍‌କୁ ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଗଛ ୩୦ଦିନର ହୋଇଥିଲେ ଟ୍ରାଇକୋଗାମା ଜାପୋନିକମ୍ ପରାଶ୍ରୟୀ କୀଟର ଟ୍ରାଇକୋକାର୍ଡକୁ ଏକର ପ୍ରତି ୨ଟି କାର୍ଡ ହିସାବରେ ପ୍ରତି ସପ୍ତାହ ଅନ୍ତରରେ ଜମିରେ ପ୍ରୟୋଗ କରନ୍ତୁ ।

**ଗହମ :** ଗହମ ଗଛ ସମ୍ପୂର୍ଣ୍ଣ ହଳଦିଆ ପଡ଼ି ଶୁଖିଗଲେ ବା କେଣ୍ଡାରେ ଗହମ ଦାନା ଝଣ ଝଣ ଶବ୍ଦ କଲେ ସେଗୁଡ଼ିକ କାଟିଆଣି ଅମଳ କରି ୩/୪ ଟି ଟାଣ ଖରାରେ ଶୁଖାଇ ସାଇତି ରଖନ୍ତୁ।

**ଡାଲିଜାତୀୟ ଫସଲ :** ଜଳସେଚନର ସୁବିଧା ଥିଲେ ମୁଗ ଓ ବିରି ଫସଲରେ ୨୦-୨୫ ଦିନ ବେଳକୁ ଥରେ ଜଳସେଚନ କରନ୍ତୁ । ଜଳସେଚନ ପୂର୍ବରୁ ଟାର୍ଗା ସୁପର ୨ ମି.ଲି.କୁ ୧ ଲିଟର ପାଣିରେ ମିଶାଇ ଫସଲକୁ ୧୫-୨୦ ଦିନ ବେଳକୁ ସିଞ୍ଚନ କଲେ ଏକ ବୀଜପତ୍ରୀ ଅନାବନା ଘାସ ଦାଉରୁ ସମ୍ପୂର୍ଣ୍ଣ ରକ୍ଷା ମିଳିଥାଏ ।



## ମାର୍ଚ୍ଚ ମାସର କୃଷି ସୂଚନା

**ତୈଳବୀଜ ଜାତୀୟ ଫସଲ**

**ଚିନାବାଦାମ :** ଚିନାବାଦାମ ଅମଳ ଯୋଗ୍ୟ ହେଲେ ଅର୍ଥାତ୍ ଗଛ ହଳଦିଆ ପଡ଼ି ଶୁଖି ଆସିଲେ, ଚିନାବାଦାମ ଖୋସା ଭିତର ପଟେ କଳାଦାଗ ପଡ଼ିଲେ ଓ ଚିନାବାଦାମ ମଞ୍ଜି ଚୋପା ଗୋଲାପି ପଡ଼ିଆସିଲେ ଚିନାବାଦାମ ଅମଳ କରନ୍ତୁ। ଅମଳ ଚିନାବାଦାମକୁ ୩/୪ଟି ଟାଣ ଖରାରେ ଶୁଖାଇ ସାଇତି ରଖନ୍ତୁ ।

**ରାଶି :** ଖରାଦିନିଆ ରାଶି ଫସଲ ୩ ସପ୍ତାହର ହୋଇଗଲେ ପ୍ରଥମେ ଜଳସେଚନ କରି କୋଡ଼ାଖୁସା କରନ୍ତୁ ଓ ଘାସ ବାଛଦିଅନ୍ତୁ ।

**ସୂର୍ଯ୍ୟମୁଖୀ :** ଫସଲରେ ଧଳାମାଛି ବା ପତ୍ର ଉକୁଣି ପୋକ ଲାଗିଲେ ହେକ୍ଟର ପ୍ରତି ୧୨୫ ଗ୍ରାମ୍ ଆସିଟାମିପ୍ରିଡ୍ ବା ୧୨୫ ଗ୍ରାମ୍ ଥାଇଓମେଥୋକ୍‌ଜାମ୍ ଔଷଧକୁ ୫୦୦ ଲିଟର ପାଣି ସହ ମିଶାଇ ସିଞ୍ଚନ କରିବା ଆବଶ୍ୟକ ।

**ଆଖୁ :** ଆଖୁ ଲଗାଇବା କାର୍ଯ୍ୟ ଶେଷ କରନ୍ତୁ । ପୂର୍ବରୁ ଲଗାଯାଇଥିବା ଆଖୁ ଫସଲରେ ସଅଳ କିସମରେ ୪୫ ଓ ୯୦ଦିନରେ ଏବଂ ମଧ୍ୟମ ଓ ବିଳମ୍ବ କିସମରେ ୪୫, ୯୦ ଓ ୧୨୦ ଦିନରେ ହେକ୍ଟର ପ୍ରତି ୩୦୦ କି.ଗ୍ରା. ଯବକ୍ଷାରଜାନ ସାର ସମାନ କିସ୍ତିରେ ପ୍ରୟୋଗ କରନ୍ତୁ। ୧୨୦ ଦିନ ପରେ ଆଖୁ ଫସଲରେ ଯବକ୍ଷାରଜାନ ସାର ପ୍ରୟୋଗ କରିବା ଉଚିତ ନୁହେଁ। କଳାଛଟା ରୋଗ ଆଖୁ ଗଛରେ ଦେଖାଦେଲେ ଆକ୍ରାନ୍ତ ଗଛକୁ ମୂଳରୁ ଉପାଡ଼ି କିଆରି ବାହାରେ ପୋଡ଼ି ଦିଅନ୍ତୁ । ଆକ୍ରାନ୍ତ କିଆରିରେ କାର୍ବେକ୍ସିନ୍ ୩୭.୫% x ଥିରାମ୍ ୩୭.୫% ୩ ଗ୍ରାମ୍, ୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ସହଳ କାଣ୍ଡବିନ୍ଧା ପୋକ ଦମନ ପାଇଁ ଏକର ପ୍ରତି ୨ଟି ଟ୍ରାଇକୋକାର୍ଡ ପ୍ରତି ସପ୍ତାହ ଅନ୍ତରରେ କିଆରିରେ ଲଗାନ୍ତୁ ।

**ଆଳୁ :** ବର୍ତ୍ତମାନ ଆଳୁ ଅମଳ ସମୟ। ଏ ସମୟରେ ଚାଷୀଭାଇ କେତୋଟି ଦିଗ ପ୍ରତି ଯତ୍ନଶୀଳ ହେଲେ ଉତ୍କୃଷ୍ଟମାନର ଆଳୁ ଅମଳ କରିବା ସହ ପରବର୍ତ୍ତୀ ସମୟରେ ଆଳୁ ପଚିଯିବା ସମସ୍ୟାକୁ ରୋକାଯାଇପାରିବ। ଆଳୁ ଅମଳ କରିବାର ୧୦-୧୫ ଦିନ ପୂର୍ବରୁ ଜମିରେ ଜଳସେଚନ ବନ୍ଦ କରିଦେବା ଆବଶ୍ୟକ। ଏହାଦ୍ୱାରା ଆଳୁର ଉପର ଚୋପା ଟାଣ ହୁଏ ଏବଂ ଅମଳ ସମୟରେ ଓ ଅମଳ ପରେ ଶଢ଼ିବାର ଆଶଙ୍କା କମ୍ ରହେ। ଆଳୁ ଅମଳ ସମୟରେ ଚାଷୀଭାଇ ଯତ୍ନର ସହ ହୁଡ଼ା ଭାଙ୍ଗି ଆଳୁ ଖୋଳିବା ଆବଶ୍ୟକ ଯେପରିକି ଆଳୁ କଟି ନ ଯାଏ। ଯଦି କିଛି ଆଳୁ କଟିଯାଏ ବା ଖଣ୍ଡିଆ ହୋଇଯାଏ, ସେଗୁଡ଼ିକୁ ଅଲଗାକରି ଶୀଘ୍ର ଖାଇବା ପାଇଁ ବ୍ୟବହାର କରିଦେବା ଆବଶ୍ୟକ। ଆଳୁ ଖୋଳିବା ପରେ ତାହାକୁ ପବନ ଚଳାଚଳ କରୁଥିବା ଛାଇ ଜାଗାରେ (ଖୋଲା ଘର, ଛାତ ଥିବା ଖଳା ପ୍ରଭୃତି) ପତଳା ସ୍ତରରେ ୬-୮ ଦିନ ରଖି ୩-୪ ଦିନ ଅନ୍ତରରେ ପଚା ଆଳୁକୁ ଅଲଗା କରିବା ଆବଶ୍ୟକ ।

-କୃଷି ବୈଷୟିକ ସୂଚନା କେନ୍ଦ୍ର,
ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ,
ଓୟୁଏଟି, ଭୁବନେଶ୍ୱର-୩

## ନଳିତା ବୁଣିବା ପୂର୍ବରୁ...



ଯେଉଁ ଅଞ୍ଚଳରେ କେନାଲ କିମ୍ବା ଉଠା ଜଳସେଚନର ସୁବିଧା ଅଛି ସେଠାରେ ମାର୍ଚ୍ଚ ୧୫ଠାରୁ ପିତା ନଳିତା ବୁଣାବୁଣି କାର୍ଯ୍ୟ ଆରମ୍ଭ କରାଯାଇପାରିବ । ନଳିତା ବୁଣିବା ପାଇଁ ଜମି ପ୍ରସ୍ତୁତ କରନ୍ତୁ। ମାଟିକୁ ଭଲଭାବରେ ଗୁଣ୍ଡକରି ହେକ୍ଟର ପ୍ରତି ୧୨ ଶଗଡ଼ ଶଢ଼ା ଗୋବର ଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ। ହେକ୍ଟର ପ୍ରତି ପିତା ନଳିତା ପାଇଁ ୮୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ସାର, ମଧୁର ନଳିତାରେ ୬୦ କି.ଗ୍ରା. ଯବକ୍ଷାରଜାନ, ୩୦ କି.ଗ୍ରା. ଫସ୍‌ଫରସ୍ ଓ ୨୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ । ଶେଷ ଓଡ଼ ଚାଷ ସମୟରେ ସମୁଦାୟ ଫସ୍‌ଫରସ୍ ଓ ପଟାସ୍ ସାରକୁ ମାଟିରେ ମିଶାଇ ଦିଅନ୍ତୁ । ଯବକ୍ଷାରଜାନ ସାରର ଅର୍ଦ୍ଧେକ ବୁଣିବାର ୨୦-୨୫ ଦିନ ପରେ ଘାସ ବଛା ଓ କୋଡ଼ାଖୁସା ସମୟରେ ପ୍ରୟୋଗ କରନ୍ତୁ। ଅବଶିଷ୍ଟ ଅର୍ଦ୍ଧେକ ଏହାର ୧୫ଦିନ ପରେ ପ୍ରୟୋଗ କରନ୍ତୁ । ଧାଡ଼ିବୁଣା ପାଇଁ ହେକ୍ଟର ପ୍ରତି ୫ କିଲୋଗ୍ରାମ୍ ଓ ଛଟାବୁଣା ପାଇଁ ୭.୫ କିଲୋଗ୍ରାମ୍ ବିହନ ଆବଶ୍ୟକ। ୧ କି.ଗ୍ରା. ବିହନ ବିଶୋଧନ ପାଇଁ ୨ ଗ୍ରାମ୍ କାର୍ବେଣ୍ଡାଜିମ୍ କିମ୍ବା ୩ ଗ୍ରାମ୍ ଥିରାମ୍ ଆବଶ୍ୟକ । ମଧୁର ନଳିତା କିସମଗୁଡ଼ିକ ହେଲା ରେବତୀ, ମହାଦେବ, ବୈଶାଖୀ ତୋଷା, ଚୈତାଳି ତୋଷା, ନବୀନ ଶକ୍ତି, ସୂର୍ଯ୍ୟ, ସୁରେନ୍ ଏବଂ ପିତା ନଳିତା କିସମଗୁଡ଼ିକ ହେଲା ବଳଦେବ, ଜୟଦେବ, ଶ୍ରେଷ୍ଠା, ସବୁଜସୁନା, ଶ୍ୟାମଳୀ, ଶ୍ରାବନ୍ତୀ ।

## ଭାକୁର ମାଛର ରୋଗ ନିୟନ୍ତ୍ରଣ

ଭାକୁର ମାଛରେ ସାଧାରଣତଃ ଆଖିରୋଗ ଦେଖାଯାଇଥାଏ । ଏହାର ପ୍ରାଥମିକ ଲକ୍ଷଣରେ ଆଖିର ସ୍ୱଚ୍ଛପଟଳ ରକ୍ତବର୍ଣ୍ଣ ହୋଇଯାଏ ଓ କିଛିଦିନ ପରେ ଏହା ଅସ୍ୱଚ୍ଛ ହୋଇ କ୍ରମେ ପଚିଯାଇ ଆଖି ନଷ୍ଟ ହୋଇଯାଏ । ତେଣୁ ଏହାର ପ୍ରତିକାର ପାଇଁ ୧୦ ମିଲିଗ୍ରାମ୍ ହିସାବରେ କ୍ଲୋରୋମାଇସିଟିନ୍‌କୁ ୧ ଲିଟର ପାଣିରେ ଦ୍ରବଣ ପ୍ରସ୍ତୁତକରି ମାଛଗୁଡ଼ିକ ୫-୭ ମିନିଟ୍ ପର୍ଯ୍ୟନ୍ତ ବୁଡ଼ାଇ ରଖନ୍ତୁ । ଏହା ବ୍ୟତୀତ ପୋଟାସିୟମ ପରମାଙ୍ଗାନେଟ୍ ଦ୍ରବଣରେ (୫ ମିଲିଗ୍ରାମ୍ ୧ ଲିଟର ପାଣିରେ) ମାଛକୁ ପ୍ରାୟ ୫ ରୁ ୭ ମିନିଟ୍ ପର୍ଯ୍ୟନ୍ତ ବୁଡ଼ାଇ ରଖାଯାଇପାରେ। ଏହି ପ୍ରକ୍ରିୟା ୩-୪ ଦିନ ପର୍ଯ୍ୟନ୍ତ କଲେ ଭାକୁର ମାଛର ଆଖିରୋଗ ହେବା ସମ୍ଭାବନା ନ ଥାଏ । ଏକ ହେକ୍ଟର ବିଶିଷ୍ଟ ମାଛଚାଷ ପୋଖରୀ ପାଇଁ ଦୈନିକ ୭ କି.ଗ୍ରା. କାଣ୍ଡିଆକୁଣ୍ଡା, ୭ କି.ଗ୍ରା. ଚିନାବାଦାମ ପିଡ଼ିଆ ବ୍ୟବହାର କରନ୍ତୁ ।



## ମାଣ୍ଡିଆ ତଳି ୩ ସପ୍ତାହର ହୋଇଗଲେ...

ମାଣ୍ଡିଆ ତଳି ୩ ସପ୍ତାହର ହୋଇଗଲେ ତଳିକୁ ଧାଡ଼ିକୁ ଧାଡ଼ି ୨୦ସେ.ମି. ଓ ଗଛକୁ ଗଛ ୧୦ସେ.ମି. ବ୍ୟବଧାନରେ ରୁଅନ୍ତୁ। ମାଟି ପରୀକ୍ଷା ପରେ ଅନୁମୋଦିତ ସାର ପ୍ରୟୋଗ କରନ୍ତୁ। ମାଟି ପରୀକ୍ଷା ହୋଇ ନ ଥିଲେ ଏକର ପ୍ରତି ୨୪:୧୬:୧୨ଅନୁପାତରେ ଯବକ୍ଷାରଜାନ,ଫସ୍‌ଫରସ୍ ଓ ପଟାସ ସାର ପ୍ରୟୋଗ କରନ୍ତୁ। ରୋଇବା ସମୟରେ ଅଧା ଯବକ୍ଷାରଜାନ ସାର ସହ ସମସ୍ତ ଫସ୍‌ଫରସ୍ ଓ ପଟାସ ପ୍ରୟୋଗ କରନ୍ତୁ। ସଅଳ ରୁଆ ଯାଇଥିବା ମାଣ୍ଡିଆ ଲଗାଇବାର ୩-୪ସପ୍ତାହ ହୋଇଯାଇଥିଲେ ଏକର ପ୍ରତି ୧୨କି.ଗ୍ରା. ଯବକ୍ଷାରଜାନ ସାର ପ୍ରୟୋଗକଲେ ଭଲ।



## ସେରିକଲ ଗେଣ୍ଡୁଫୁଲ ଚାଷ

ସେରାକଲ କିସମର ଗେଣ୍ଡୁଫୁଲ ଚାଷ କରୁଥିଲେ ହେକ୍ଟର ପ୍ରତି ୨୦ ଗାଡ଼ି ଭଲ ଶଢ଼ା ଗୋବରଖତ ସହ ୧୫୦ କି.ଗ୍ରା. ଯବକ୍ଷାରଜାନ, ୧୫୦ କି.ଗ୍ରା. ଫସ୍‌ଫରସ୍ ଏବଂ ୧୫୦ କି.ଗ୍ରା. ପଟାସ୍ ଆବଶ୍ୟକ । ଲଗାଇବା ସମୟରେ ମୂଳସାର ହିସାବରେ ଅର୍ଦ୍ଧେକ ଯବକ୍ଷାରଜାନ ଏବଂ ସମସ୍ତ ପଟାସ୍ ଓ ଫସ୍‌ଫରସ୍ ଖତ ସହିତ ମାଟିରେ ପ୍ରୟୋଗ କରନ୍ତୁ। - ମଲ୍ଲୀଫୁଲ ଚାଷ କରୁଥିଲେ ଗଛ ପ୍ରତି ୭୫ ଗ୍ରାମ୍ ଯବକ୍ଷାରଜାନ, ୭୫ ଗ୍ରାମ୍ ଫସ୍‌ଫରସ୍ ଏବଂ ୫୦ ଗ୍ରାମ୍ ପଟାସ୍ ସାର ପ୍ରୟୋଗ କରନ୍ତୁ। ଗୋଡ଼ିଫୁଲ, ସୂର୍ଯ୍ୟମୁଖୀ ଏବଂ ଜିନିଆ ଚାଷ କରିପାରିବେ । ଗୋଲାପ ଗଛରେ ଶୋଷକ ପୋକ ନିୟନ୍ତ୍ରଣ ପାଇଁ ୧ ଲିଟର ପାଣିରେ ୦.୩ ମି.ଲି. ହିସାବରେ ଇମିଡାକ୍ଲୋପ୍ରିଡ୍ କୀଟନାଶକ ମିଶାଇ ଗଛରେ ଭଲ ଭାବରେ ସିଞ୍ଚନ କରନ୍ତୁ। ପାଉଁଶିଆ ରୋଗ (ପାଉଡରି ମିଲ୍‌ଡିଉ) ଦେଖାଦେଲେ ୧ ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ସଲ୍‌ଫର୍ ସେଚିତ ଗୁଣ୍ଡ ପ୍ରୟୋଗ କରନ୍ତୁ ।



## ସବୁଜ ଗୋଖାଦ୍ୟ ଫସଲ



ମକା ଓ ବରଗୁଡ଼ିର ମିଶ୍ରିତ ଫସଲ ସବୁଜ ଗୋଖାଦ୍ୟ ଲାଗି ଉପଯୁକ୍ତ । ଶେଷଓଡ଼ ଚାଷରେ ଏକର ପ୍ରତି ୫ ଗାଡ଼ି ଶଢ଼ା ଗୋବର ଖତ,୪୦କି.ଗ୍ରା. ଯବକ୍ଷାରଜାନ ,୪୦କି.ଗ୍ରା. ଫସ୍‌ଫରସ୍ ଓ ୪୦କି.ଗ୍ରା. ପଟାସ ସାର ପ୍ରୟୋଗ କରନ୍ତୁ। ଉଇ ଲାଗିବା ସମ୍ଭବନା ଥିଲେ ଶେଷ ଓଡ଼ ଚାଷରେ ଏକର ପ୍ରତି ୧୦କି.ଗ୍ରା. ଶତକଡା ୧.୫ଭାଗ କ୍ଲୋରୋପାଇରିଫସ୍ ଗୁଣ୍ଡ ପ୍ରୟୋଗକରି ଭଲଭାବେ ମିଶାଇ ଦିଅନ୍ତୁ। ମକାର ଉପଯୁକ୍ତ ବିହନ କିସମ ହେଲା ଆଫ୍ରିକାନ୍ ଟଲ୍ ଓ ବରଗୁଡ଼ିର ଇସି ୪୨୧୬। ମିଶ୍ରିତ ଫସଲ ପାଇଁ ଏକର ପିଛା ୪୦କି.ଗ୍ରା. ମକା ବିହନ ଓ ୨୦କି.ଗ୍ରା. ବରଗୁଡ଼ି ବିହନ ଦରକାର ହୋଇଥାଏ। ଜମି ପ୍ରସ୍ତୁତ ହେଲା ପରେ ସିଆର ପଛରେ ପ୍ରତି ୨ଧାଡ଼ି ମକା ପରେ ୨ଧାଡ଼ି ବରଗୁଡ଼ି ବୁଣନ୍ତୁ। ବୁଣିବା ପରେ ଜମିରେ ହାଲୁକା ଜଳସେଚନ କରନ୍ତୁ।

# ବୈଜ୍ଞାନିକ ପଦ୍ଧତିରେ ଲାଭଜନକ ବତକ ପାଳନ

ଆମ ରାଜ୍ୟର ଗାଁ ଗହଳିରେ ପଶୁପାଳକମାନେ ବହୁଶତାବ୍ଦୀ ଧରି ବତକ ପାଳନକରି ଆସୁଛନ୍ତି। କୌଣସି ବି ସାମାଜିକ ବାଧାବିଘ୍ନ ବିନା, ସବୁ ଧର୍ମ, ଜାତି, ବୟସର ପୁରୁଷ ତଥା ମହିଳା ବତକ ପାଳନକରି ଲାଭାନ୍ୱିତ ହୋଇପାରିବେ। ଯଦି ଚାଷୀଭାଇମାନେ ସ୍ୱଳ୍ପ ବିଜ୍ଞାନ କୌଶଳ ବ୍ୟବହାରକରି ବତକ ପାଳନ କରିବେ, ତା' ହେଲେ ବତକ ଚାଷରୁ ଅଧିକ ଲାଭ ମିଳିପାରିବ।

**ବତକ ପାଳନ :** ଓଡ଼ିଶାର ଗ୍ରାମାଞ୍ଚଳରେ ଥିବା ନଈ, ନାଳ, ପୋଖରୀ, ଜୋର, ଗାଡ଼ିଆ ଆଦିରେ ଖୁବ୍ ସହଜରେ ବତକ ପାଳନ କରାଯାଇପାରିବ। ଘରର ନିତିଦିନିଆ କାମ ସହ ନିଜ ବାଡ଼ିରେ ଅଳ୍ପ ଖର୍ଚ୍ଚରେ ବତକ ଚାଷକରି ଉଭୟ ପୁରୁଷ ଏବଂ ମହିଳା ଅର୍ଥ ଉପାର୍ଜନ କରିପାରିବେ। ବତକ ଅଣ୍ଡା, କୁକୁଡ଼ା ଅଣ୍ଡାରୁ ହାରାହାରି ୧୫-୨୫ ଗ୍ରାମ ଅଧିକ ଓଜନ (ଅଣ୍ଡାର ହାରାହାରି ଓଜନ ୬୦-୭୦ ଗ୍ରାମ) ତଥା ବାର୍ଷିକ ଅଣ୍ଡା ଉତ୍ପାଦନରେ କୁକୁଡ଼ାମାନଙ୍କଠାରୁ ବତକ ଅନେକ ଆଗରେ (ବର୍ଷ ପିଛା ପ୍ରାୟ ୪୦-୫୦ ଅଧିକ ଅଣ୍ଡା) ଥାଆନ୍ତି। ବତକମାନେ କୁକୁଡ଼ାମାନଙ୍କଠାରୁ ଅଧିକ ରୋଗ ସହିଷ୍ଣୁ। ସାଧାରଣତଃ ବତକମାନେ ସକାଳ ୯ଟା ପୂର୍ବରୁ ହିଁ ଅଣ୍ଡା ଦେଇଥାଆନ୍ତି, ଯାହାଦ୍ୱାରା ଅଣ୍ଡା ସଂଗ୍ରହ ସୁବିଧାରେ ହୋଇଯାଏ। କୃଷିଜୀବୀମାନେ ସମୟ ନଷ୍ଟ ବିନା ଜମିବାଡ଼ିରେ କାମକୁ ସହଜରେ କରିପାରନ୍ତି। ମାଛଚାଷ ଏବଂ ଧାନଚାଷ ସହ ସମନ୍ୱିତ ଭାବରେ ମଧ୍ୟ ବତକ ପାଳନ କରିହେବ। ବତକମାନେ ଚରିବୁଲି ନିଜର ଖାଦ୍ୟ ସଂଗ୍ରହ କରିଥାଆନ୍ତି। ଯେପରି କି ବାଡ଼ି ଅଗଣାରୁ ଏବଂ ପୋଖରୀରୁ ଜିଆ, ପୋକଜୋକ, ବେଙ୍ଗଫୁଲା ଇତ୍ୟାଦି ସେମାନେ ଖାଇଥାଆନ୍ତି।

"ସ୍ୱଳ୍ପ ବୈଜ୍ଞାନିକ କୌଶଳର ସମନ୍ୱୟରେ ବତକ ପାଳନକୁ ଅଧିକ ଲାଭକ୍ଷମ ବ୍ୟବସାୟ ରୂପେ ବିବେଚିତ କରିପାରିବ। ବୈଜ୍ଞାନିକ ପଦ୍ଧତିରେ ବତକ ପାଳନର ବିଭିନ୍ନ ଦିଗ ମଧ୍ୟରେ ବତକର ପ୍ରଜାତି ଚୟନ, ଠିକ୍ ରୂପେ ବତକ ଚିଆଁର ବ୍ରୁଡିଂ ଓ ଲାଳନପାଳନ, ବାସଗୃହ ନିର୍ମାଣ, ଖାଦ୍ୟ ବ୍ୟବସ୍ଥା, ବୈଜ୍ଞାନିକ ପଦ୍ଧତିରେ ବତକ ପ୍ରଜନନ, ସ୍ୱାସ୍ଥ୍ୟର ଯତ୍ନ ଏବଂ ଟିକାକରଣ ଆଦି ଅନ୍ୟତମ।"



**ବତକ ପାଳନରେ ଆଧୁନିକ ବୈଜ୍ଞାନିକ ଜ୍ଞାନକୌଶଳର ପ୍ରୟୋଗ :** ସ୍ୱଳ୍ପ ବୈଜ୍ଞାନିକ କୌଶଳର ସମନ୍ୱୟରେ ବତକ ପାଳନକୁ ଅଧିକ ଲାଭକ୍ଷମ ବ୍ୟବସାୟ ରୂପେ ବିବେଚିତ କରିପାରିବ। ବୈଜ୍ଞାନିକ ପଦ୍ଧତିରେ ବତକ ପାଳନର ବିଭିନ୍ନ ଦିଗ ମଧ୍ୟରେ ବତକର ପ୍ରଜାତି ଚୟନ, ଠିକ୍ ରୂପେ ବତକ ଚିଆଁର ବ୍ରୁଡିଂ ଓ ଲାଳନପାଳନ, ବାସଗୃହ ନିର୍ମାଣ, ଖାଦ୍ୟ ବ୍ୟବସ୍ଥା, ବୈଜ୍ଞାନିକ ପଦ୍ଧତିରେ ବତକ ପ୍ରଜନନ, ସ୍ୱାସ୍ଥ୍ୟର ଯତ୍ନ ଏବଂ ଟିକାକରଣ ଆଦି ଅନ୍ୟତମ।



**ବତକ ପ୍ରଜାତି :** ବତକ ପ୍ରଜାତି ମୁଖ୍ୟତଃ ୨ପ୍ରକାର-ଅଣ୍ଡାଦିଆ ବତକ ଏବଂ ମାଂସ ପାଇଁ ବତକ। ଆବଶ୍ୟକତା ଏବଂ ବଜାର ଚାହିଦା ଅନୁଯାୟୀ ବତକ ପ୍ରଜାତିର ପାଳନ କଲେ ଅଧିକ ଲାଭ ମିଳିପାରିବ। ଆମ ରାଜ୍ୟର ଗ୍ରାମାଞ୍ଚରେ ମୁଖ୍ୟତଃ ଦେଶଜ ବତକ ପ୍ରଜାତି ପାଳନ କରାଯାଉଛି। ଏହି ବତକଗୁଡିକ ଲୋକପ୍ରିୟ ଥିଲେ ମଧ୍ୟ ଉତ୍ପାଦନ କ୍ଷମତା ଖୁବ୍ କମ୍। ଏଣୁ ନିମ୍ନଲିଖିତ ଉନ୍ନତମାନର ବତକ ପ୍ରଜାତି ପାଳନକରି ଚାଷୀଭାଇମାନେ ଲାଭାନ୍ୱିତ ହୋଇପାରିବେ।

**(କ)** ଅଣ୍ଡାଦିଆ ବତକ ମଧ୍ୟରେ ଖାକି କ୍ୟାମ୍ପବେଲ୍ ଏବଂ ଇଣ୍ଡିଆନ୍ ରନ୍‌ର ପ୍ରଜାତି ଅଧିକ ଲୋକପ୍ରିୟ। ଫାର୍ମ କ୍ଷେତ୍ରରେ ଖାକି କ୍ୟାମ୍ପବେଲ୍ ବତକ ବାର୍ଷିକ ୨୫୦-୩୦୦ ଅଣ୍ଡା ଦେଇପାରେ ତଥା ବାଡ଼ି ଅଗଣାରେ ଏବଂ ଆଖପାଖରେ ୧୬୦-୧୮୦ ଅଣ୍ଡା ଦେଇପାରେ। ଇଣ୍ଡିଆନ୍ ରନ୍‌ର ବତକ ପ୍ରଜାତି ମଧ୍ୟ ବାର୍ଷିକ ୨୦୦-୨୫୦ ପର୍ଯ୍ୟନ୍ତ ଅଣ୍ଡା ଦେଇପାରେ।

**(ଖ)** ମାଂସ ପ୍ରଜାତିର ବତକ ମଧ୍ୟରେ ଧଳା ପେକିନ୍ ମସ୍‌କୋଭି ପ୍ରଜାତି ସମଗ୍ର ବିଶ୍ୱରେ ଆଗୁଆ। ଧଳା ପେକିନ୍ ଚାଇନାରୁ ଉତ୍ପତ୍ତି ଏବଂ ଏହି ପ୍ରଜାତି ବତକ ଯାହା ଖୁବ୍ ସଅଳ ବଢ଼ିପାରେ। ୬-୮ ସପ୍ତାହରେ ଏହି ବତକର ହାରାହାରି ଓଜନ ୧-୫ରୁ ୨ କି.ଗ୍ରା.। ଅନ୍ୟ ଏକ ଦେଶୀ ପ୍ରଜାତି କୁଟନାଡ ବତକ ଯାହାର ବାର୍ଷିକ ଅଣ୍ଡା ଦେବା କ୍ଷମତା ୧୮୦-୨୦୦ ତଥା ବୟସ୍କ ବତକର ଓଜନ ୧.୫ ରୁ ୨ କି.ଗ୍ରା.। ଚାଷୀଭାଇମାନେ ଦେଶଜ ବତକ ବ୍ୟତୀତ ଅଧିକ ଉତ୍ପାଦନକ୍ଷମ ବତକ ଚିଆଁ ଭା.କୃ.ଅନୁ.ପ-ଡି.ପି.ଆର୍. ଆଞ୍ଚଳିକ କେନ୍ଦ୍ର, ଭୁବନେଶ୍ୱର କିମ୍ବା ସି.ପି.ଡି.ଓ., ବାଙ୍ଗାଲୋରରୁ ଆଣିପାରିବେ।

ବ୍ରୁଡିଂ ନିମନ୍ତେ ଉଷୁମ ପରିବେଶରେ ନବଜାତ ଚିଆଁମାନଙ୍କୁ ୩-୪ ସପ୍ତାହ ପାଇଁ ଯେ କୌଣସି କୋଠରିରେ ବ୍ୟବହାର କରାଯାଇପାରେ। ଥଣ୍ଡାରୁ ରକ୍ଷା ପାଇବା ନିମନ୍ତେ ବତକ ଚିଆଁ ରଖିବା ପୂର୍ବରୁ ଚଟାଣ ଉପରେ ୬ଇଞ୍ଚର କରତଗୁଣ୍ଡ ବିଛାଇ ଲିଟର ପ୍ରସ୍ତୁତ କରାଯାଏ। ସାଧାରଣତଃ ଗୋଟିଏ ୧୦୦-୨୦୦ ୱାଟ୍‌ର ଇଲେକ୍ଟ୍ରିକ ବଲ୍‌ବ ବ୍ୟବହାରକରି ୧୦-୩୦ ଚିଆଁ ବ୍ରୁଡିଂ କରାଯାଇପାରିବ। ପ୍ରାୟ ୧ମାସ ପରେ ବତକମାନଙ୍କୁ ପୋଖରୀରେ ଛାଡ଼ିହେବ। କିନ୍ତୁ ତା' ପୂର୍ବରୁ ପ୍ରଥମ ୨ଦିନ ବତକ ପହଁରିବାକୁ ଲକ୍ଷ୍ୟ କରିବା ଉଚିତ। (କ୍ରମଶଃ...)

-ଡା. ସୂର୍ଯ୍ୟକାନ୍ତ ମିଶ୍ର,
ଡା. ରାଜଲକ୍ଷ୍ମୀ ବେହେରା,
ଡା. ଧୀରେନ୍ଦ୍ର କୁମାର, ବୈଜ୍ଞାନିକ,
ଆଇସିଏଆର୍, ଡିରେକ୍ଟୋରେଟ୍ ଅନ୍ ପଲ୍ଟ୍ୟାଟାରି ରିସର୍ଚ୍ଚ, ରିଜିଓନାଲ ଷ୍ଟେଶନ,
ଭୁବନେଶ୍ୱର-୩

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ବୁଧବାର, ଫେବୃଆରୀ ୨୮/୨୦୨୪ Bhubaneswar, Wednesday, February 28/ 2024

# ହକି ଇଣ୍ଡିଆ ସିଇଓଙ୍କ ଇସ୍ତଫା



ଏଲେନା ନର୍ମାନ

**ନୂଆଦିଲ୍ଲୀ,୨୭।୨(ପି.ଟି.)**

ହକି ଇଣ୍ଡିଆର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ(ସିଇଓ) ଏଲେନା ନର୍ମାନ ମଙ୍ଗଳବାର ଇସ୍ତଫା ପ୍ରଦାନ କରିଛନ୍ତି। ହକି ଇଣ୍ଡିଆ ପକ୍ଷରୁ ତାଙ୍କର ବେତନ ଦିଆଯାଇ ନ ଥିବା ଅଭିଯୋଗ କରିବା ସହ ସେ ନିଜ ପଦରୁ ଓହରି ଯାଇଛନ୍ତି। ୪୯ ବର୍ଷୀୟ ଏହି ଅଷ୍ଟ୍ରେଲୀୟ ଜଣଙ୍କ ଦୀର୍ଘ ବର୍ଷ ଧରି ଭାରତୀୟ ହକି ପାଇଁ କାମ କରି ଆସୁଛନ୍ତି। ଦୀର୍ଘ ୧୩ ବର୍ଷ ହେବ ସେ ସିଇଓ ପଦରେ ରହିଥିବା ବେଳେ ଭାରତୀୟ ହକି ସଫଳତାର ନୂଆ ଶିଖର ଛୁଇଁଥିଲା। ବିଗତ ୩ ମାସ ଧରି ମୋର ବେତନ ମିଳି ନ ଥିବା ବେଳେ ବିଗତ ସପ୍ତାହରେ ଏହା ମିଳିଥିଲା। ଏହାପରେ ଏଲେନା ଇସ୍ତଫା ଦେଇଥିବା କୁହାଯାଇଛି। ଇସ୍ତଫା ଦେବା ସହ ହକି ଇଣ୍ଡିଆରେ ଗୋଷ୍ଠୀ ବିବାଦ ଚାଲିଥିବା ନେଇ ସେ ଅଭିଯୋଗ କରିଛନ୍ତି । ସେ କହିଛନ୍ତି ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ଓ ମୁଁ ଗୋଟିଏ ଗୋଷ୍ଠୀରେ ଥିବା ବେଳେ ମହାସଚିବ ଭୋଲାନାଥ ସିଂ, କାର୍ଯ୍ୟକାରୀ ନିର୍ଦ୍ଦେଶକ କମୋଡର ଆର୍. କେ. ଶ୍ରୀବାସ୍ତବ ଓ କୋଷାଧ୍ୟକ୍ଷ ଜେ. ମନୋହରନ ଅନ୍ୟ ଏକ ଗୋଷ୍ଠୀରେ ରହିଥିଲେ। ଦୁଇଟି ଗୋଷ୍ଠୀ ମଧ୍ୟରେ ଦ୍ୱନ୍ଦ୍ୱ ରହିଥିବା ବେଳେ ଆବଶ୍ୟକ ଫଳାଫଳ ମିଳିବା କଷ୍ଟକର ବୋଲି କହିଛନ୍ତି ଏଲେନା। ୨୦୦୭ରେ ଅଷ୍ଟ୍ରେଲିଆ ଛାଡି ଏକ ସ୍ପୋର୍ଟ୍ସ ମ୍ୟାନେଜମେଣ୍ଟ କମ୍ପାନୀରେ କାମ କରିବା ପାଇଁ ଭାରତ ଆସିଥିଲେ ଏଲେନା । ୨୦୧୧ରେ ହକି ଇଣ୍ଡିଆର ପ୍ରଥମ ସିଇଓ ଭାବରେ କାର୍ଯ୍ୟଭାର ଗ୍ରହଣ କରିବା ସହ ସଫଳତା ହାସଲ କରିଥିଲେ। ପୂର୍ବରୁ ଭାରତୀୟ ମହିଳା ହକି ଦଳର ମୁଖ୍ୟ କୋଚ୍ ଜାନେକ ସ୍କୁପମାନ ମଧ୍ୟ ନିଜ

## ଗୋଷ୍ଠୀ ବିବାଦର ଅଭିଯୋଗ ଆଣିଲେ

ପଦରୁ ଇସ୍ତଫା ଦେଇଥିଲେ। ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ତାଙ୍କ ଇସ୍ତଫା ଗ୍ରହଣ କରିଥିବା ବେଳେ ତାଙ୍କୁ ଧନ୍ୟବାଦ ଦେଇଛନ୍ତି। କେବଳ ହକି ଇଣ୍ଡିଆର ସଭାପତି ଭାବେ ନୁହେଁ ବରଂ ଜଣେ ପୂର୍ବତନ ଖେଳାଳି ଭାବରେ ମୁଁ ଏଲେନାଙ୍କୁ ଧନ୍ୟବାଦ ଜଣାଇବାକୁ ଚାହିଁବି। ବିଗତ ୧୨-୧୩ ବର୍ଷ ମଧ୍ୟରେ ଭାରତୀୟ ହକି ପ୍ରତି ତାଙ୍କର ଅବଦାନ ଉଲ୍ଲେଖନୀୟ। ଭାରତରେ ହକିର ବିକାଶରେ ସେ ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହୋଇଥିବା ବେଳେ ଭବିଷ୍ୟତ ପାଇଁ ମୁଁ ତାଙ୍କୁ ଶୁଭେଚ୍ଛା ଜଣାଉଛି ବୋଲି କହିଛନ୍ତି ତିର୍କୀ। ନର୍ମାନଙ୍କ କାର୍ଯ୍ୟକାଳ ସମୟରେ ଭାରତୀୟ ପୁରୁଷ ଦଳ ୪୧ ବର୍ଷ ପ୍ରତୀକ୍ଷାର ଅନ୍ତ ଘଟାଇ ବ୍ରୋଞ୍ଜ ପଦକ ହାସଲ କରିଥିବା ବେଳେ ମହିଳା ଦଳ ଚତୁର୍ଥ ସ୍ଥାନରେ ରହିଥିଲା। ଏହା ବ୍ୟତୀତ ଭାରତରେ ୨୦୧୮ ଓ ୨୦୨୩ରେ ପୁରୁଷ ହକି ବିଶ୍ୱକପ ଓ ୨୦୧୬, ୨୧ରେ ଜୁନିୟର ପୁରୁଷ ହକି ବିଶ୍ୱକପ ଆୟୋଜନ କରିବାରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା। ସେହିପରି ଫ୍ରାଞ୍ଚାଇଜ ବେସ୍‌ଡ ହକି ଇଣ୍ଡିଆ ଲିଗ୍‌ର ୫ଟି ସଂସ୍କରଣ ସେ ସଫଳତାର ସହ ଆୟୋଜନ କରିଥିଲେ। ଏହା ବ୍ୟତୀତ ୨୦୧୫ ଓ ୧୭ରେ ହକି ୱାର୍ଲ୍ଡ ଲିଗ୍‌ର ଫାଇନାଲ ଆୟୋଜନ କରିବା ସହ୨୦୧୯ ଓ ୨୪ରେ ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟ କରିଥିଲେ। ଭାରତରେ ମହିଳା ହକିକୁ ଲୋକପ୍ରିୟ କରିବା ପଛରେ ନର୍ମାନଙ୍କ ବଡ ଭୂମିକା ରହିଥିବା ହକି ଇଣ୍ଡିଆ ପକ୍ଷରୁ ଏକ ବିବୃତି ଜାରି କରାଯାଇ କୁହାଯାଇଛି।



ଜାତୀୟ ଜୁ ଜିତ୍‌ସୁରେ ପଦକ ହାସଲକାରୀ ଓଡ଼ିଆ ଖେଳାଳି।

# ଓଡ଼ିଶା ଦଳର ବଡ଼ ସଫଳତା

**ଜାତୀୟ ଜୁ ଜିତ୍‌ସୁ ପ୍ରତିଯୋଗିତା**

**ଭୁବନେଶ୍ୱର, ୨୭।୨**
**(ବିଜୟ ରଣା)**

ଉତ୍ତରାଖଣ୍ଡର ଡେରାଡୁନ୍‌ଠାରେ ଜାତୀୟ ଜୁ-ଜିତ୍‌ସୁ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ଜୁ ଜିତ୍‌ସୁ ସଂଘ ତରଫରୁ ୨୪ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ଅନୁପମା ସ୍ୱାଇଁ ଓ ଲୋମା ସ୍ୱାଇଁ ୨ଟି ଲେଖାଏଁ ସ୍ୱର୍ଣ୍ଣ ଜିତିଥିବା ବେଳେ ଅମରେଶ୍ୱର ସ୍ୱାଇଁ ଗୋଟିଏ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ଏମ୍. ଶ୍ରୀକାନ୍ତ ଶେଖର ଓ ଜି. ଉଦୟ କିରନ ଗୋଟିଏ ଲେଖାଏଁ ରୌପ୍ୟ ପଦକ ପାଇଛନ୍ତି। ଏହାଛଡ଼ା ଜୟ ପ୍ରକାଶ ବେହେରା, ମାଳିନି ପଣ୍ଡା, ଅଜିଜା ବେଗମ, ରୋଜାଲିନ୍ ପାଲ୍, ଡି. ଉଦୟ କିରନ, ଦିପ୍ତୀମୟୀ ସ୍ୱାଇଁ, ସନ୍ତୋଷ ସିଂ, କିରଣ ଦଳାଇ, ଲୋମା ସ୍ୱାଇଁ, ସିଦ୍ଧାର୍ଥ ଶଙ୍କର ମହନ୍ତ ଏବଂ ଆଦିତ୍ୟ କୁମାର ଜେନାଙ୍କୁ ଗୋଟିଏ ଲେଖାଏଁ ବ୍ରୋଞ୍ଜ ପଦକ ମିଳିଛି। ପ୍ରତିଯୋଗିତାରେ ଭାଗ ନେବା ଲାଗି ରାଜ୍ୟ କ୍ରୀଡ଼ା ବିଭାଗ ପକ୍ଷରୁ ସହାୟତା ପ୍ରଦାନ କରାଯାଇଥିଲା। ପ୍ରତିଯୋଗିତାରେ ସମଗ୍ର ଦେଶରୁ ୧୨୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଥିଲେ। ଓଡ଼ିଶା ଦଳ ସହ ସ୍ୱରାଜ ଜାନି ମ୍ୟାନେଜର ଭାବେ ଗସ୍ତ କରିଥିଲେ। ପଦକ ବିଜେତାଙ୍କୁ ରାଜ୍ୟ ସଂଘ ସଭାପତି ଇଂ ଚିତ୍ତରଞ୍ଜନ ସ୍ୱାଇଁ ଓ ସମ୍ପାଦକ ହରିପ୍ରସାଦ ପଟ୍ଟନାୟକ ଅଭିନନ୍ଦନ ଜଣାଇଛନ୍ତି। ଚଳିତବର୍ଷ ଡେରାଡୁନ୍‌ରେ ହେବାକୁଥିବା ଜାତୀୟ କ୍ରୀଡ଼ାରେ ଜୁ ଜିତ୍‌ସୁ ସ୍ଥାନ ପାଇବା ନିଶ୍ଚିତ ହୋଇଛି।

**ତୁର୍କୀଶ ଓମେନ୍ସ କପ୍ ଫୁଟ୍‌ବଲ**

# ଭାରତୀୟ ମହିଳା ଦଳ ରନରଅପ୍



ରନରଅପ୍ ଟ୍ରଫି ସହ ଭାରତୀୟ ମହିଳା ଫୁଟବଲ ଦଳ।

**ଆଲାନ୍ୟା(ତୁର୍କୀ), ୨୭।୨(ପି.ଟି.)**

ତୁର୍କୀଶ ଓମେନ୍ସ କପ୍‌ର ଅନ୍ତିମ ରାଉଣ୍ଡ ରବିନ ମ୍ୟାଚରେ ଭାରତୀୟ ମହିଳା ଦଳ ଏହାଠାରୁ ନିମ୍ନ ର୍‍ୟାଙ୍କିଙ୍ଗପ୍ରାପ୍ତ କୋସୋଭୋଠାରୁ ଏକମାତ୍ର ଗୋଲରେ ପରାସ୍ତ ହୋଇ ରନରଅପ୍ ହୋଇଛି। ଫଳରେ ଦକ୍ଷିଣ ଏସିଆ ଅଞ୍ଚଳ ବାହାରେ ସିନିୟର ସ୍ତରରେ ପ୍ରଥମ ଥର ଟାଇଟଲ ଜିତିବା ଲାଗି ଭାରତ ଯେଉଁ ଆଶା କରିଥିଲା ତାହା ଅଧୁରା ରହିଗଲା। ମଙ୍ଗଳବାର ଖେଳାଯାଇଥିବା ଏହି ମ୍ୟାଚରେ ଏରିଲେଟା ମେମେଟି ଇଞ୍ଜୁରୀ ଟାଇମ୍ (୯୦+୨)ରେ ବିଜୟ ସୂଚକ ଗୋଲ୍‌ଟିକୁ ସ୍କୋର କରିଥିଲେ। ୧୦୦ ର୍‍ୟାଙ୍କିଙ୍ଗପ୍ରାପ୍ତ କୋସୋଭୋ ୩ଟି ମ୍ୟାଚରୁ ୯ ପଏଣ୍ଟ ହାସଲ କରି କ୍ରମାଗତ ଦ୍ୱିତୀୟ ଥର ପାଇଁ ଟାଇଟଲ ବିଜୟୀ ହୋଇଥିଲା। ଅନ୍ୟପକ୍ଷରେ ଫିଫା ତାଲିକାରେ ପ୍ରତିଦ୍ୱନ୍ଦ୍ୱୀ ଦଳଠାରୁ ୩୫ ସ୍ଥାନ ଉପରେ ରହିଥିବା ଭାରତ ୬ ପଏଣ୍ଟ ସହ ରନରଅପ୍ ହୋଇଥିଲା। ପ୍ରତିଯୋଗିତାରେ ଭାରତୀୟ ଦଳ ତୃତୀୟ ଥର ଭାଗ ନେଇଥିଲା। ତନ୍ମଧ୍ୟରେ ଦଳର ଏହାଥିଲା ଶ୍ରେଷ୍ଠ ପ୍ରଦର୍ଶନ। ଟୁର୍ନାମେଣ୍ଟ ସାରା ଉତ୍ତମ ପ୍ରଦର୍ଶନ କରି ଭାରତର ମନୀଷା କଲ୍ୟାଣ ଶ୍ରେଷ୍ଠ ମିଡ୍‌ଫିଲ୍ଡର ବିବେଚିତ ହୋଇଥିଲେ। ଭାରତ ପାଇଁ ଏହା କର ଅବା ମର ମ୍ୟାଚ ଥିଲା। ଅନ୍ୟପକ୍ଷରେ ଚାମ୍ପିୟନ ହେବା ଲାଗି କୋସୋଭୋ ଏହି ମ୍ୟାଚରେ ଅତି କମ୍‌ରେ ଏକ ଡ୍ର ଆବଶ୍ୟକ କରୁଥିଲା। ସୂଚନାଯୋଗ୍ୟ, କୋସୋଭୋ ଗତଥର ୨୦୨୨ ନଭେମ୍ବରରେ ସ୍ଲୋଭେନିଆଠାରୁ ୧-୩ ଗୋଲ୍‌ରେ ପରାଜିତ ହୋଇଥିଲା।

## ଅରୁନ୍ଧତୀଙ୍କୁ ଜରିମାନା

**ବେଙ୍ଗାଲୁରୁ, ୨୭।୨ (ପି.ଟି.):** ଦିଲ୍ଲୀ କ୍ୟାପିଟାଲ୍ସ ପେସ୍ ବୋଲର ଅରୁନ୍ଧତୀ ରେଡ୍ଡୀଙ୍କୁ ତାଙ୍କ ମ୍ୟାଚ ଫି’ର ୧୦ ପ୍ରତିଶତ ଜରିମାନା କରାଯାଇଛି। ସେ ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ର ଖେଳାଳି ଆଚରଣ ବିଧି ଉଲ୍ଲଂଘନ କରିଛନ୍ତି। ସୋମବାର ରାତିରେ ସ୍ଥାନୀୟ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ୟୁପି ୱାରିଅର୍ଜ ବିପକ୍ଷ ମ୍ୟାଚ ବେଳେ ପଡ଼ିଆରେ ଦୁର୍ବ୍ୟବହାର ପାଇଁ ତାଙ୍କୁ ଏହି ଦଣ୍ଡବିଧାନ କରାଯାଇଛି। ମ୍ୟାଚ ବେଳେ ଉଇକେଟ ପତନ ସମୟରେ ଆକ୍ରମଣାତ୍ମକ ପ୍ରତିକ୍ରିୟା ପ୍ରକାଶ କରିଥିଲେ। ଡବ୍ଲ୍ୟୁପିଏଲ୍‌ର ଧାରା ୨.୫ ଅଧୀନରେ ସେ ଲେଭଲ-୧ ଅପରାଧ କରିଛନ୍ତି। ସେ ତାଙ୍କ ଦୋଷ ସ୍ୱୀକାର କରିବା ଦ୍ୱାରା ଆନୁଷ୍ଠାନିକ ଶୁଣାଣିର ଆବଶ୍ୟକତା ପଡ଼ି ନ ଥିଲା। ଅରୁନ୍ଧତୀ ଲୋୟର ଅର୍ଡର ବ୍ୟାଟର ପୁନମ ଖେମ୍‌ନାରଙ୍କ ଉଇକେଟ ନେଇଥିଲେ। ରାଧା ଯାଦବ (୪/୨୦)ଙ୍କ ଚମତ୍କାର ବୋଲିଂ ଯୋଗୁ ୱାରିଅର୍ଜର ସ୍କୋର ୧୧୯/୯ରେ ସୀମିତ ହୋଇଯାଇଥିଲା।

# ଟି୨୦ରେ ଦ୍ରୁତତମ ଶତକ ରେକର୍ଡ



ଶତକ ହାସଲ ପରେ ନିକୋଲ ଲଫ୍ଟି।

**କୀର୍ତ୍ତିପୁର,୨୭।୨(ପି.ଟି.)**

ଅନ୍ତର୍ଜାତୀୟ ଟି୨୦ କ୍ରିକେଟରେ ଦ୍ରୁତତମ ଶତକ ରେକର୍ଡ କରିଛନ୍ତି ନାମ୍ବିଆର ଜାନ ନିକୋଲ ଲଫ୍ଟି ଇଟନ୍। ନେପାଳ ବିପକ୍ଷ ମ୍ୟାଚ୍‌ରେ ସେ ମାତ୍ର ୩୩ ବଲ୍‌ରେ ଶତକ ହାସଲ କରିଛନ୍ତି। ମଙ୍ଗଳବାର ତ୍ରିରାଷ୍ଟ୍ରୀୟ ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ଲଫ୍ଟି ଇଟନ୍ ଶତକ ହାସଲ କରିବା ସହ ନେପାଳର କୁଶାଲ ମଲ୍ଲଙ୍କ ରେକର୍ଡ ଭାଙ୍ଗିଛନ୍ତି। କୁଶାଲ ହାଙ୍ଗଝୋ ଏସିଆନ୍ ଗେମ୍ସରେ ମଙ୍ଗୋଲିଆ ବିପକ୍ଷରେ ୩୪ ବଲ୍‌ରେ ଶତକ ରେକର୍ଡ କରିଥିଲେ। ମଙ୍ଗଳବାର ଲଫ୍ଟି ଇଟନ ୩୬ ବଲ୍ ଖେଳି ୧୦୧ ରନ୍ ସ୍କୋର କରିଥିଲେ। ଏହି ଇନିଂସରେ ୧୧ ଚୌକା ଓ ୮ ଛକା ସାମିଲ ଥିଲା। ନାମ୍ବିଆ ପ୍ରଥମେ ବ୍ୟାଟିଂ କରି ୪ ଉଇକେଟରେ ୨୦୬ ରନ୍ କରିଥିବା ବେଳେ ନେପାଳ ୧୮୬ ରନ୍‌ରେ ଅଲଆଉଟ ହୋଇଥିଲା। ଜାନ ନିକୋଲଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ ଘୋଷଣା କରାଯାଇଥିଲା।

# ଟେଷ୍ଟରୁ ଅବସର ନେଲେ ୱାଗନର

**ୱେଲିଂଟନ (ନ୍ୟୁଜିଲାଣ୍ଡ), ୨୭।୨:** ନ୍ୟୁଜିଲାଣ୍ଡ ଫାଷ୍ଟ ବୋଲର ନିଲ୍ ୱାଗନର ୩୭ବର୍ଷ ବୟସରେ ଟେଷ୍ଟ କ୍ରିକେଟରୁ ତାଙ୍କର ଅବସର ଘୋଷଣା କରିଛନ୍ତି। ଦକ୍ଷିଣ ଆଫ୍ରିକାରେ ଜନ୍ମିତ ୱାଗନର ନ୍ୟୁଜିଲାଣ୍ଡ ପାଇଁ ୬୪ଟେଷ୍ଟ ମ୍ୟାଚ ଖେଳିଛନ୍ତି। ନ୍ୟୁଜିଲାଣ୍ଡର ଅଲଟାଇମ୍ ଟେଷ୍ଟ ଉଇକେଟ ହାସଲକାରୀ ବୋଲର ତାଲିକାରେ ସେ ୫ମ ସ୍ଥାନରେ ଅଛନ୍ତି। ସେ ୩୭ ଆଭରେଜରେ ୨୬୦ଟେଷ୍ଟ ଉଇକେଟ ଅକ୍ତିଆର କରିଛନ୍ତି। ୱେଲିଂଟନର ରିଜର୍ଭ ବେସିନଠାରେ ଗୁରୁବାରଠାରୁ ଆରମ୍ଭ ହେବାକୁଥିବା ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ଟେଷ୍ଟ ପାଇଁ ନ୍ୟୁଜିଲାଣ୍ଡ ଲାଇନ୍‌ଅପ୍‌ରେ ଏହି ବାମହାତୀ ଖେଳାଳିଙ୍କୁ ଦଳରେ ନିଆଯିବ ନାହିଁ। ଏଥିପାଇଁ ସେ ୫ ଦିନିଆ ଗେମ୍‌ରୁ ଅବସର ନେବାକୁ ନିଷ୍ପତ୍ତି ନେଇଥିବା କୁହାଯାଉଛି। ୱାଗନର ତାଙ୍କ ଟେଷ୍ଟ ଡେବ୍ୟୁ ୨୦୧୨ରେ କରିଥିଲେ। ନ୍ୟୁଜିଲାଣ୍ଡ କ୍ରିକେଟର ଶ୍ରେଷ୍ଠ ସମୟରେ ସେ ଦଳର ଅନ୍ୟତମ ପ୍ରମୁଖ ସଦସ୍ୟ ରହିଥିଲେ।

**ସାଇ ନ୍ୟାଶନାଲ ସେଣ୍ଟର ଅଫ୍ ଏକ୍ସଲେନ୍ସ**

# ସାମିଲ ହେବେ ୨୦୦ ପାରା ଆଥ୍‌ଲେଟ

**ନୂଆଦିଲ୍ଲୀ, ୨୭।୨(ପି.ଟି.)**

ଦେଶର ପାରା ଆଥ୍‌ଲେଟମାନଙ୍କୁ ସ୍ୱତନ୍ତ୍ର ଟ୍ରେନିଂ ଦେବାର ବ୍ୟବସ୍ଥା କରାଯାଉଛି। କେନ୍ଦ୍ର କ୍ରୀଡ଼ା ମନ୍ତ୍ରୀ ଅନୁରାଗ ଠାକୁର ମଙ୍ଗଳବାର ଏ ବିଷୟ ଘୋଷଣା କରିଛନ୍ତି। ସେ କହିଛନ୍ତି ୧୦ଟି ବିଭାଗରେ ୯୭ ମହିଳାଙ୍କ ସମେତ ଏଭଳି ୨୦୦ ଆଥ୍‌ଲେଟଙ୍କୁ ସାଇ ନ୍ୟାଶନାଲ ସେଣ୍ଟର ଅଫ୍ ଏକ୍ସଲେନ୍ସ (ଏନ୍‌ସିଓଇ)ରେ ସାମିଲ କରିବା ଲାଗି ସରକାର ନିଷ୍ପତ୍ତି ନେଇଛନ୍ତି। ୨୦୦ ଆଥ୍‌ଲେଟଙ୍କ ମଧ୍ୟରୁ ୬୮ ଜଣ ତୀରନ୍ଦାଜ ଆଥ୍‌ଲେଟ (୩୫ ପୁରୁଷ, ୩୩ ମହିଳା) ଏବଂ ୩୬ଜଣ (୧୮,୧୮) ଆଥ୍‌ଲେଟିକ୍ସରେ ଟ୍ରେନିଂ ନେବେ। ସାଇକ୍ଲିଂରେ ମଧ୍ୟ ୧୦ ପୁରୁଷ ଏବଂ ସମାନ ସଂଖ୍ୟକ ମହିଳାଙ୍କୁ ସୁଯୋଗ ମିଳିବ। ଠାକୁର କହିଛନ୍ତି, ନୂଆଦିଲ୍ଲୀରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ପାରା ଗେମ୍ସରେ ସମସ୍ତ ଆଥ୍‌ଲେଟଙ୍କୁ ସମାନ ସୁବିଧା ଯୋଗାଇ ଦେବା ଲାଗି ସରକାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ଏନ୍‌ସିଓଇରେ ବିଜ୍ଞ କୋଚ୍ ଏବଂ ଉନ୍ନତ ଟ୍ରେନିଂ ଉପକରଣ ରହିବ। ନିକଟରେ ଅନୁଷ୍ଠିତ ହୋଇଯାଇଥିବା ପାରାଲିମ୍ପିକ ଗେମ୍ସ ଓ ଏସିଆନ ପାରା ଗେମ୍ସରେ ଭାରତ ଏହାର ଶ୍ରେଷ୍ଠ ପ୍ରଦର୍ଶନ କରିପାରିଛି।

# ଶାମିଙ୍କ ଅସ୍ତ୍ରୋପଚାର ସଫଳ



ଗୋଇଠିରେ ସଫଳ ଅସ୍ତ୍ରୋପଚାର ପରେ ହସ୍ପିଟାଲ ବେଡ୍‌ରେ ମହମ୍ମଦ ଶାମି।

**ନୂଆଦିଲ୍ଲୀ,୨୭।୨(ପି.ଟି.)**

ଭାରତର ସିନିୟର ପେସ୍ ବୋଲର ମହମ୍ମଦ ଶାମି ଆହତ ହୋଇ ଆଇପିଏଲ୍ ୨୦୨୪ରୁ ଓହରି ଯାଇଥିବା ବେଳେ ମଙ୍ଗଳବାର ତାଙ୍କର ଅସ୍ତ୍ରୋପଚାର ହୋଇଛି। ଦିନିକିଆ ବିଶ୍ୱକପ୍ ସମୟରେ ଶାମିଙ୍କ ବାମ ଗୋଡରେ ଆଘାତ ଲାଗିଥିଲା। ଏହି ବିଶ୍ୱକପ୍‌ରେ ସର୍ବାଧିକ ଉଇକେଟ ହାସଲକାରୀ ବୋଲର ଶାମି ଏହା ପରଠାରୁ ଭାରତ ପାଇଁ ଖେଳିନାହାନ୍ତି। ଦିନିକିଆ ବିଶ୍ୱକପ୍‌ରେ ସେ ଚମତ୍କାର ବୋଲିଂ କରି ୨୪ ଉଇକେଟ ନେଇଥିଲେ। ଏହା ପରଠାରୁ ସେ ଆକ୍ସନରୁ ଦୂରରେ ରହିଛନ୍ତି। ଶାମି ଦକ୍ଷିଣ ଆଫ୍ରିକା ସିରିଜ୍ ପାଇଁ ଭାରତୀୟ ଦଳରେ ସ୍ଥାନ ପାଇ ନ ଥିବା ବେଳେ ନିକଟରେ ଇଂଲଣ୍ଡ ବିପକ୍ଷ ସିରିଜରୁ ମଧ୍ୟ ବାଦ୍ ପଡିଥିଲେ। ମଙ୍ଗଳବାର ଲଣ୍ଡନରେ ଶାମିଙ୍କ ଅସ୍ତ୍ରୋପଚାର ସଫଳ ହୋଇଥିବା କୁହାଯାଇଛି। ତେବେ ମାର୍ଚ୍ଚ ୨୨ରୁ ମେ’ ୨୬ ମଧ୍ୟରେ ଖେଳାଯିବାକୁଥିବା ଆଇପିଏଲ୍ ୨୦୨୪ରୁ ସେ ଓହରି ଯାଇଛନ୍ତି। ଏପରିକି ଆମେରିକା ଓ ୱେଷ୍ଟଇଣ୍ଡିଜ୍‌ରେ ହେବାକୁ ଥିବା ବିଶ୍ୱକପ୍‌ରେ ମଧ୍ୟ ତାଙ୍କର ଅଂଶଗ୍ରହଣକୁ ନେଇ ଆଶଙ୍କାପ୍ରକାଶ ପାଉଛି। ଜାନୁଆରୀରେ ଲଣ୍ଡନ ଗସ୍ତ କରିବା ସହ ଯନ୍ତ୍ରଣା କମ କରିବା ପାଇଁ ଇଞ୍ଜେକ୍ସନ ନେଇ ଖେଳିଥିଲେ ଶାମି। ଗୋଡରେ ଯନ୍ତ୍ରଣା ସତ୍ତ୍ୱେ ସମଗ୍ର ବିଶ୍ୱକପ୍ ଖେଳିଥିଲେ। ଭାରତ ପାଇଁ ସେ ଟେଷ୍ଟରେ ୨୨୯, ଦିନିକିଆରେ ୧୯୫ ଓ ଟି୨୦ରେ ୨୪ ଉଇକେଟ ନେଇଛନ୍ତି।

# ସେମିଫାଇନାଲ ଲାଇନ୍‌ଅପ୍ ଚୂଡ଼ାନ୍ତ

**ରଣଜୀ ଟ୍ରଫି**



ବରୋଦା ବିପକ୍ଷରେ ଶତକ ହାସଲ ପରେ ତୁଷାର ଦେଶପାଣ୍ଡେ ଓ ତନୁଷ କୋଟିଆନ।

**ନୂଆଦିଲ୍ଲୀ,୨୭।୨**

ରଣଜୀ ଟ୍ରଫି ୨୦୨୪ର ସେମିଫାଇନାଲ ଲାଇନଅପ୍ ଚୂଡ଼ାନ୍ତ ହୋଇଛି। ମାର୍ଚ୍ଚ ୨ ତାରିଖରେ ବିଦର୍ଭ ଓ ମଧ୍ୟପ୍ରଦେଶ ମଧ୍ୟରେ ପ୍ରଥମ ସେମିଫାଇନାଲ ଓ ମୁମ୍ବାଇ ଓ ତାମିଲନାଡୁ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଖେଳାଯିବ। କ୍ୱାର୍ଟର ଫାଇନାଲରେ ବିଦର୍ଭ ୧୨୭ ରନ୍‌ରେ କର୍ଣ୍ଣାଟକକୁ ପରାସ୍ତ କରିଥିବା ବେଳେ ବରୋଦା ବିପକ୍ଷରେ ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ମୁମ୍ବାଇ ସେମିରେ ପ୍ରବେଶ କରିଥିଲା। ଅନ୍ୟପକ୍ଷରେ ତାମିଲନାଡୁ ଏକ ଇନିଂସ ଓ ୩୩ ରନ୍‌ରେ ସୌରାଷ୍ଟ୍ରକୁ ହରାଇଥିବା ବେଳେ ମଧ୍ୟପ୍ରଦେଶ ୪ ରନ୍‌ରେ ହରାଇ ଫାଇନାଲରେ ପ୍ରବେଶ କରିଥିଲା।

### ମୁମ୍ବାଇ ବନାମ ବରୋଦା

ମୁଶିର୍ ଖାନଙ୍କ ଦ୍ୱିଶତକ ଓ ଶାମ୍ସ ମୁଲାନୀଙ୍କ ୪ ଉଇକେଟ ସଫଳତା ବଳରେ ପ୍ରଥମ ଇନିଂସ ଅଗ୍ରଣୀ ହାସଲ କରିଥିବା ମୁମ୍ବାଇ ସେମି ଫାଇନାଲରେ ପ୍ରବେଶ କରିଛି। ମୁମ୍ବାଇ ପ୍ରଥମ ଇନିଂସରେ ୩୮୪ ରନ୍ କରିଥିବା ବେଳେ ବରୋଦା ୩୪୮ ରନ୍‌ରେ ସୀମିତ ରହିଥିଲା। ଦ୍ୱିତୀୟ ଇନିଂସରେ ହାର୍ଦ୍ଦିକ ତାମୋରଙ୍କ ୧୧୪, ତନୁଷ କୋଟିଆନଙ୍କ ଅପରାଜିତ ୧୨୦ ଓ ତୁଷାର ଦେଶପାଣ୍ଡେଙ୍କ ୧୨୩ ରନ୍ ବଳରେ ମୁମ୍ବାଇ ୫୬୯ ରନ୍ ସ୍କୋର କରିଥିଲା। ୩୦ ଓଭରରେ ବରୋଦା ୩ ଉଇକେଟରେ ୧୨୧ ରନ୍ କରିଥିବା ବେଳେ ମ୍ୟାଚ୍ ଅମୀମାଂସିତ ରହିଥିଲା।

### କର୍ଣ୍ଣାଟକ ବନାମ ବିଦର୍ଭ

ଆଦିତ୍ୟ ସରୱତେ ଓ ହର୍ଷ ଦୁବେଙ୍କ ବୋଲିଂ ସଫଳତା ବଳରେ କର୍ଣ୍ଣାଟକକୁ ୧୨୭ ରନ୍‌ରେ ପରାସ୍ତ କରିଛି ବିଦର୍ଭ। ୩୭୧ ରନ୍ ଲକ୍ଷ୍ୟର ପିଛା କରୁଥିବା କର୍ଣ୍ଣାଟକ ୨୪୩ ରନ୍‌ରେ ଅଲଆଉଟ ହୋଇଥିଲା। ଅଧିନାୟକ ମୟଙ୍କ ଅଗ୍ରୱାଲ ୭୦ ରନ୍ ସ୍କୋର କରିଥିବା ବେଳେ ଆଦିତ୍ୟ ସରୱତେ ଓ ହର୍ଷ ଦୁବେ ୪ଟି ଲେଖାଏ ଉଇକେଟ ନେଇଥିଲେ।

### ମଧ୍ୟପ୍ରଦେଶ ବନାମ ଆନ୍ଧ୍ରପ୍ରଦେଶ

ଆନ୍ଧ୍ରପ୍ରଦେଶ ବିପକ୍ଷରେ ସଂଘର୍ଷପୂର୍ଣ୍ଣ ୪ ରନ୍‌ରେ ବିଜୟୀ ହେବା ସହ ସେମିରେ ପ୍ରବେଶ କରିଛି ମଧ୍ୟପ୍ରଦେଶ। ଅନୁଭବ ଅଗ୍ରୱାଲଙ୍କ ୬ ଉଇକେଟ ସଫଳତା କାରଣରୁ ଆନ୍ଧ୍ର ପ୍ରଦେଶ ୧୬୫ ରନ୍‌ରେ ଅଲଆଉଟ ହୋଇଥିଲା। ହନୁମା ବିହାରୀ ଆନ୍ଧ୍ର ପକ୍ଷରୁ ସର୍ବାଧିକ ୫୫ ରନ୍ ସ୍କୋର କରିଥିଲେ।

### ସୌରାଷ୍ଟ୍ର ବନାମ ତାମିଲନାଡୁ

ସୌରାଷ୍ଟ୍ରକୁ ଏକ ଇନିଂସ ଓ ୩୩ ରନ୍‌ରେ ପରାସ୍ତ କରି ସେମି ଫାଇନାଲରେ ସ୍ଥାନ ସୁରକ୍ଷିତ କରିଛି ତାମିଲନାଡୁ। ସୌରାଷ୍ଟ୍ର ପ୍ରଥମ ଇନିଂସରେ ୧୮୩ ରନ୍ କରିଥିବା ବେଳେ ତାମିଲନାଡୁ ୩୩୮ ରନ୍ କରିଥିଲା। ସୌରାଷ୍ଟ୍ର ଦ୍ୱିତୀୟ ଇନିଂସ ମାତ୍ର ୧୨୨ରେ ସୀମିତ ରହିଥିଲା। ଚେତେଶ୍ୱର ପୂଜାରା ପ୍ରଥମ ଇନିଂସ୍‌ରେ ମାତ୍ର ୨ ରନ୍ କରିଥିଲେ।

1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ